ଧରିତ୍ରୀ DHARITRI ୫୧
ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୧/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 21/2024 Page 18 ₹ 7.00 BALASORE
୫୧ଶ ଭାଗ ୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 28 ମୂଲ୍ୟ ₹୭/-

# ବଦଳିବ ପରିକ୍ରମା ପ୍ରକଳ୍ପ ଡିଜାଇନ

## ନିର୍ମାଣ ହେବ ବିଭିନ୍ନ ମଣ୍ଡପ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଡିଜାଇନକୁ ନେଇ ବିଜେଡି ସରକାର ସମୟରେ ବିଭିନ୍ନ ପ୍ରକାର ଅସ୍ୱାଭାବିକ ସ୍ଥିତି ଉପୁଜିଥିଲା। ସେତେବେଳେ ବାରମ୍ବାର ଡିପିଆର୍ ପରିବର୍ତ୍ତନ ନେଇ ନ୍ୟାଶନାଲ ମନ୍ୟୁମେଣ୍ଟ ଏଜେନ୍ସି (ଏନ୍ଏମ୍ଏ) ଓ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ଭେକ୍ଷଣ ସଂସ୍ଥା(ଏଏସ୍ଆଇ) ଅନୁମତି ବିବାଦରେ ପ୍ରକଳ୍ପ ଛନ୍ଦି ହୋଇପଡ଼ିଥିଲା। ବିରୋଧୀ ଦଳରେ ଥିବା ଭାଜପା ତତ୍କାଳୀନ ବିଜେଡି ସରକାରଙ୍କୁ ଏହି ପ୍ରସଙ୍ଗରେ ଘେରିଥିଲା। ଭାଜପା କ୍ଷମତାକୁ ଆସିବା ପରେ ଏବେ ପ୍ରକଳ୍ପ ଡିଜାଇନରେ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ହୋଇଛି। ଲୋକଙ୍କ ଧର୍ମୀୟ ଭାବନାକୁ ସମ୍ମାନ ଦେଇ ଆସନ୍ତା ୩ ମାସ ମଧ୍ୟରେ ପୁରୁଣା ସହିତ ନୂଆ ଡିଜାଇନ ପ୍ରସ୍ତୁତ କରାଯିବ ବୋଲି ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଡିଜାଇନ୍ ବଦଳିବ। ପୁରୁଣା ପରିକ୍ରମା ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ପରିବର୍ତ୍ତନ କରାଯିବା ସହ ଲୋକଙ୍କ ଧର୍ମୀୟ ଭାବନାକୁ ନେଇ ନୂତନ ଭାବେ ଘୃତଯଜ୍ଞ ମଣ୍ଡପ, ଅନ୍ନଯଜ୍ଞ ମଣ୍ଡପ ଏବଂ ଜ୍ଞାନଯଜ୍ଞ ମଣ୍ଡପ ଆଦି ସଂଯୋଗ କରାଯିବ। ଆସନ୍ତା ୩ମାସ ମଧ୍ୟରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ। ପରିକ୍ରମା ପ୍ରକଳ୍ପ ମଧ୍ୟରେ ଆଉ କ'ଣ ରୂପରେଖ ହେବ ସେ ନେଇ ଖୁବ୍‌ଶୀଘ୍ର ସ୍ପଷ୍ଟତା ଆସିବ। ନୂତନ ଡିଜାଇନ୍ ନେଇ ଆଲୋଚନା ଚାଲିଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଆଇନମନ୍ତ୍ରୀଙ୍କ ଏହି ସୂଚନା ପରେ ପରିକ୍ରମା ପ୍ରକଳ୍ପର ନୂତନ ରୂପରେଖକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିବାବେଳେ ଜଗନ୍ନାଥପ୍ରେମୀଙ୍କ ମନରେ ଆଶା ବଢ଼ିଛି।

ସୂଚନା ଅନୁଯାୟୀ, ପରିକ୍ରମା ପ୍ରକଳ୍ପରେ ବିଭିନ୍ନ ଯଜ୍ଞମଣ୍ଡପ, ସଂସ୍କୃତି ମଣ୍ଡପ, ଧର୍ମପରାୟଣ ମଣ୍ଡପ ଆଦି ସ୍ଥାନିତ କରିବାକୁ ତତ୍କାଳୀନ ରାଜ୍ୟ ସରକାରଙ୍କୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରସ୍ତାବ ଦେଇଥିଲେ। ଏ ନେଇ କାର୍ଯ୍ୟ କରାଯିବାକୁ ଚିନ୍ତା କରାଯାଇଥିଲା। ତେବେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କରାଯାଇଥିଲେ ମଧ୍ୟ ☞ପୃଷ୍ଠା-୪




ରାଜସ୍ଥାନର ଜୟପୁର-ଅଜମେର ରାଜପଥରେ ଏଲ୍‌ପିଜି ସିଲିଣ୍ଡର ଅନ୍ୟ ଗାଡ଼ିଗୁଡ଼ିକୁ ଧକ୍କା ଦେବା ପରେ ଗ୍ୟାସ୍ ଲିକ୍ ହୋଇଛି। ଏଥିରେ ପ୍ରାୟ ୪୦ ଗାଡ଼ି ଜଳିଯିବା ସହ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ବେଳର ଦୃଶ୍ୟ। (ରିପୋର୍ଟ: ପୃଷ୍ଠା-୪)

# ମନ୍ଦିର-ମସ୍‌ଜିଦ ବିବାଦ ଗ୍ରହଣୀୟ ନୁହେଁ

## ରାମମନ୍ଦିର ନିର୍ମାଣ ଦ୍ୱାରା କେହି ହିନ୍ଦୁ ନେତା ହୋଇଯାଆନ୍ତି ନାହିଁ: ମୋହନ ଭାଗବତ

ପୁଣେ,୨୦।୧୨

ରାମ ମନ୍ଦିର ନିର୍ମାଣ କରି କେହି ହିନ୍ଦୁ ନେତା ହୋଇଯାଆନ୍ତି ନାହିଁ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ଗୁରୁବାର ପୁଣେଠାରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। 'ବିଶ୍ୱଗୁରୁ ଭାରତ' ଶୀର୍ଷକ ବକ୍ତୃତାମାଳାରେ ଉଦ୍‌ବୋଧନ ଦେବାବେଳେ ଭାଗବତ କହିଥିଲେ, ରାମମନ୍ଦିର ହିନ୍ଦୁମାନଙ୍କ ବିଶ୍ୱାସର ଏକ ବିଷୟ। ରାମମନ୍ଦିର ନିର୍ମାଣ ହେବା ଉଚିତ



ମୋହନ ଭାଗବତ

ବୋଲି ହିନ୍ଦୁମାନେ ବିଶ୍ୱାସ କରୁଥିଲେ। ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପରେ କେତେଜଣ ବ୍ୟକ୍ତି ହିନ୍ଦୁମାନଙ୍କ ନେତା ହୋଇପାରିଛନ୍ତି ବୋଲି ଏକ ଧାରଣା ସୃଷ୍ଟି କରିଛନ୍ତି। ତେବେ ତାହା କରି, କେହି ହିନ୍ଦୁ ନେତା ହୋଇଯିବେ ନାହିଁ।

ଦେଶର ବିଭିନ୍ନ ଭାଗରେ ମନ୍ଦିର-ମସ୍‌ଜିଦ ବିବାଦ ବଢ଼ିବାରେ ଲାଗିଥିବାରୁ ଭାଗବତ ଚିନ୍ତାବ୍ୟକ୍ତ କରିଛନ୍ତି। ନୂଆ ନୂଆ ସ୍ଥାନରେ ମନ୍ଦିର-ମସ୍‌ଜିଦ ବିବାଦ ଛିଡ଼ା କରାଯାଉଛି। ଏହା ଗ୍ରହଣୀୟ ନୁହେଁ ବୋଲି ଆର୍‌ଏସ୍ଏସ୍ ମୁଖ୍ୟ କହିଛନ୍ତି। ସବୁଦିନ ଏଭଳି ବିବାଦ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ନିର୍ଦ୍ଦେଶକୁ ଅଣଦେଖା




# ଚିନ୍ତା ବଢ଼ାଇଲା ଅଦିନିଆ ବର୍ଷା

ଭୁବନେଶ୍ୱର,୨୦।୧୨
(ଅନୁରାଧା ମହାରଣା)

ଉପକୂଳ ଓଡ଼ିଶାରେ ଦିନ ତମାମ ତୁହାକୁ ତୁହା ବର୍ଷା ଲାଗି ରହିଛି। କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ଚାଷୀଙ୍କୁ ବ୍ୟଥିତ କରିଛି। ବିଲରେ ପାଚିଲା ଧାନ ଲହଡି ମାରୁଛି। ଖଳାକୁ ଆସିବା ଆଗରୁ ଅଦିନିଆ ବର୍ଷା ଭିଜାଇ ଦେଇଛି । ବିଲରେ, ଖଳାରେ ଓ ମଣ୍ଡିରେ ଧାନ ପଡ଼ିରହିଛି। ଅମଳ ହେବ କି ନାହିଁ ଏବେ ଏଇ ଚିନ୍ତା ଉପକୂଳ ଚାଷୀଙ୍କୁ ଘାରିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ବର୍ଷା ଆହୁରି ୨୪ ଘଣ୍ଟା ଜାରି ରହିବ। ବର୍ଷା ପାଣିରେ ଭିଜୁଥିବାରୁ ପାଚିଲା ଧାନ ଗଜା ହେବା ଆଶଙ୍କା ମଧ୍ୟ ବଢି ଯାଇଛି। ବର୍ଷା ସତ୍ତ୍ୱେ ଉପକୂଳ ଜିଲାର କେତେକ ସ୍ଥାନରେ ☞ପୃଷ୍ଠା-୪






ADVERTORIAL

“ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ ହେବା ପରେ ହିଁ ଦାୟିତ୍ୱଶୀଳ ପ୍ରଚାରର ଶୁଭାରମ୍ଭ ହୁଏ”

– ତାନିଖେଲି ଭରଣୀ

ଫ୍ରିଡମ ସନଫ୍ଲାୱାର ଅଏଲର୍ ନବୀନତମ ଟିଭି ବିଜ୍ଞାପନରେ ବିଚାରପତି ଭୂମିକାରେ ଅଭିନୟ କରିଛନ୍ତି ଶ୍ରୀ ଭରଣୀ । ତାଙ୍କ ମତରେ ଶୁଦ୍ଧତା ଏବଂ ସ୍ୱାଦର କ୍ଷେତ୍ରରେ ଭାରତର ନଂ 1* ବିକ୍ରି ହେବାରେ ଫ୍ରିଡମ ସନଫ୍ଲାୱାର ଅଏଲ ସର୍ବଶ୍ରେଷ୍ଠ । ତଥାପି, ଜଣେ ଦାୟିତ୍ୱଶୀଳ ସେଲିବ୍ରିଟି ହିସାବରେ, ସେ କେବଳ ମାତ୍ର ବିଜ୍ଞାପନରେ ଅଭିନୟ ମଧ୍ୟରେ ନିଜକୁ ସୀମିତ ରଖି ନାହାନ୍ତି । ବ୍ରାଣ୍ଡ ନିଜର ପ୍ରତିଶ୍ରୁତି ଭଳି କାର୍ଯ୍ୟ କରେ କି ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ସେ ନିଜେ ଆବଶ୍ୟକ ପରୀକ୍ଷଣ କରିଛନ୍ତି ।

*କେମିନି ଏଡିବୁଲ୍ ଏଣ୍ଡ ଫ୍ୟାଟ୍ ଇଣ୍ଡିଆ ଲିମିଟେଡ୍ ସୂର୍ଯ୍ୟମୁଖୀ ଅଏଲ୍ ବିଭାଗ, ରିଫାଇଣ୍ଡ ଅଏଲ୍ ଉପଭୋକ୍ତା ପ୍ୟାକ (ROCP) ଶ୍ରେଣୀରେ ଅଲ୍ ଇଣ୍ଡିଆ (U+R) ବଜାର ପାଇଁ MAT ଫେବୃଆରୀ 2024 ଅବଧି ପାଇଁ ଏକ NIQ ରିଟେଲ୍ ସୂଚକ ତଥ୍ୟ ଅନୁସାର ଦାବି କରିଛନ୍ତି ।





• **ଶ୍ରୀ ଭରଣୀ ଦୟାକରି କହିବେ କାହିଁକି ଆପଣ କାକିନାଡ଼ାରେ ଫ୍ରିଡମ ସନଫ୍ଲାୱାର ଅଏଲର ଫ୍ୟାକ୍ଟ୍ରି ପରିଦର୍ଶନ କରିଛନ୍ତି?**

ଶ୍ରୀ ଭରଣୀ: "ମୁଁ ଦୃଢ଼ ଭାବେ ବିଶ୍ୱାସ କରେ ଯେ ଦାୟବଦ୍ଧତାର ସହିତ କୌଣସି ପ୍ରଚାର କରିବା ପୂର୍ବରୁ ନିଜେ ସବୁ ବିଷୟରେ ସୁନିଶ୍ଚିତ ହେବା ଉଚିତ । ତେଣୁ ମୁଁ କାକିନାଡ଼ା ଫ୍ୟାକ୍ଟ୍ରି ପରିଦର୍ଶନ କରିବାର ସିଦ୍ଧାନ୍ତ ନିଏ। କି ଭାବେ ତେଲ ଉତ୍ପାଦନ କରା ହୁଏ ତାହା ମୋର ପ୍ରତ୍ୟକ୍ଷ ଭାବେ ଦେଖିବାର ଏବଂ ଏହା ଫ୍ରିଡମର ପ୍ରତିଶ୍ରୁତି ଭଳି ଉଚ୍ଚ ମାନଦଣ୍ଡ ସୁନିଶ୍ଚିତ କରୁଛି କି ନାହିଁ ତାହା ଜାଣିବାର ଇଚ୍ଛା ଥିଲା ।"

• **ଫ୍ୟାକ୍ଟ୍ରି ଦେଖିବା ପରେ ଆପଣଙ୍କ ମନରେ ପ୍ରଥମେ କି ଧାରଣା ହୋଇଥିଲା?**

ଶ୍ରୀ ଭରଣୀ: "ଫ୍ୟାକ୍ଟ୍ରି ମଧ୍ୟରେ ଏତେ ବୃହତ୍ତମ ଉତ୍ପାଦନ ପ୍ରକ୍ରିୟା ଦେଖି ମୁଁ ଅବାକ ହୋଇ ଯାଇଥିଲି। ପ୍ଲାଣ୍ଟର ଆକାର ବିଶାଳ, ସମସ୍ତ ମେଶିନ୍ ଅତ୍ୟାଧୁନିକ ଏବଂ ପରିଷ୍କାର-ପରିଚ୍ଛନ୍ନତାର ଉପଯୁକ୍ତ ବ୍ୟବସ୍ଥା ଥିଲା। ଗୁଣମାନ ପ୍ରତି ଫ୍ରିଡମର ପ୍ରତିଶ୍ରୁତିର ବିଷୟଟି ମୋ ନିକଟରେ ପ୍ରଥମରେ ହିଁ ସ୍ପଷ୍ଟ ହୋଇ ଯାଇଥିଲା ।"

• **ଉତ୍ପାଦନ ପ୍ରକ୍ରିୟା ସମ୍ପର୍କରେ ଆପଣ କେଉଁ ସମସ୍ତ ବିଷୟ ଜାଣି ପାରିଛନ୍ତି ?**

ଶ୍ରୀ ଭରଣୀ: "ସମସ୍ତ ପ୍ରକ୍ରିୟାଟି କମ୍ପ୍ୟୁଟର ମାଧ୍ୟମରେ କେନ୍ଦ୍ରୀୟ ଭାବରେ ନିୟନ୍ତ୍ରିତ । ସମସ୍ତ କାର୍ଯ୍ୟ ଅଟୋମ୍ୟାଟିକ୍ ଅଟେ - ତେଲ ଭରିବା ଠାରୁ ଠିପି ଲଗେଇବା ଏବଂ ଲେବେଲିଙ୍ଗ ଠାରୁ ପ୍ୟାକିଙ୍ଗ, ଏହି ସବୁ କିଛି ମେଶିନ୍ ସାହାଯ୍ୟରେ କରାହୁଏ । ଫୁଡ୍ ସେଫ୍ଟି ଏଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ (FSSAI)ର ନିୟମ ଅନୁସାରେ ଏକସମାନ ଏବଂ ସର୍ବୋତ୍କୃଷ୍ଟ ଗୁଣମାନ ସୁନିଶ୍ଚିତ କରିବା ପାଇଁ ସେମାନେ ରିଫାଇନିଙ୍ଗ ପ୍ରକ୍ରିୟାରେ ଅତ୍ୟାଧୁନିକ ନ୍ୟାନୋ ପ୍ରଯୁକ୍ତି ବ୍ୟବହାର କରନ୍ତି ।"

• **ପ୍ରଡକ୍ଟର ଗୁଣମାନକୁ ଅଟୋମେସନ୍ କିଭଳି ପ୍ରଭାବିତ କରେ?**

ଶ୍ରୀ ଭରଣୀ: "ହାତର କୌଣସି ରକମର ବ୍ୟବହାର ଛଡ଼ା, ଅଟୋମେଟେଡ୍ ପ୍ରକ୍ରିୟାର ଉତ୍ପାଦନ ସୁନିଶ୍ଚିତ କରେ ଯେ ଉତ୍ପାଦନର ସମସ୍ତ ସ୍ତରରେ କୌଣସି ରକମ ସଂକ୍ରମଣ ନ ଘଟେ । ଏହା ସହିତ ତାଙ୍କ ପାଖରେ ଅତ୍ୟାଧୁନିକ କ୍ୱାଲିଟି ଲ୍ୟାବ୍ ରହିଛି ଯେଉଁଠାରେ 101ଟି ଗୁଣମାନ ପରୀକ୍ଷଣ କରାହୁଏ।"

• **ସର୍ବମୋଟ ଆପଣଙ୍କ ଏହି ପରିଦର୍ଶନ ସମ୍ପର୍କରେ ଆପଣ କ'ଣ କହିବେ ?**

ଶ୍ରୀ ଭରଣୀ: "ମୁଁ ଅତ୍ୟନ୍ତ ଆନନ୍ଦର ସହିତ ଜଣାଉଛି ଯେ ଫ୍ରିଡମ ପ୍ରକୃତ ଅର୍ଥରେ ଉପଭୋକ୍ତା ମାନଙ୍କ ପାଇଁ ପ୍ରଡକ୍ଟର ଗୁଣମାନ ଉପରେ ବିଶେଷ ଗୁରୁତ୍ୱ ଦିଏ । ତାଙ୍କର ଅଙ୍ଗୀକାର ପ୍ରକୃତରେ ଅସାଧାରଣ ଏବଂ ତେଣୁ ସେମାନେ ଭାରତର ନଂ 1* ସେଲିଙ୍ଗ ସନଫ୍ଲାୱାର ଅଏଲ ବ୍ରାଣ୍ଡ।"


A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




## ୨୩ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର,୨୦।୧୨(ଅନିଲ ଦାସ)

ଆସନ୍ତା ଡିସେମ୍ବର ୨୩ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ସରକାରୀ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଡିସେମ୍ବର୨୩ରେ ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସମ୍ପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି।

# ନିରଞ୍ଜନ ପଟ୍ଟନାୟକଙ୍କ ଘରେ ୧୦ ଘଣ୍ଟାର ଇଡି ଚଢ଼ାଉ

ଭୁବନେଶ୍ୱର,୨୦।୧୨ (ସୂର୍ଯ୍ୟକାନ୍ତ ବେହେରା)

ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ତଥା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ନିରଞ୍ଜନଙ୍କ ବାସଭବନ ସମେତ ରାଜ୍ୟର ୫ଟି ସ୍ଥାନରେ ଇଡିର ଏକାଧିକ ଟିମ୍ ଏକକାଳୀନ ଚଢ଼ାଉ ସହ ଯାଞ୍ଚ କରିଛି। ଏହି ସ୍ଥାନ ମଧ୍ୟରେ ନିରଞ୍ଜନଙ୍କ ଭାଇ ଓ ଜଣେ ସମ୍ପର୍କୀୟଙ୍କ ଘର, ମଞ୍ଚେଶ୍ୱରସ୍ଥିତ ଏକ ବ୍ୟବସାୟିକ ସଂସ୍ଥା, ଶିଶୁପାଳଗଡ଼ସ୍ଥିତ ଫାର୍ମ ହାଉସ୍ ଏବଂ ରାଉରକେଲାସ୍ଥିତ ଏକ କାର୍ଯ୍ୟାଳୟ ରହିଥିବା ଜଣାପଡିଛି। ସକାଳ ପ୍ରାୟ ସାଢ଼େ ୯ଟାରେ ଇଡିର ୫ରୁ ଅଧିକ ଅଧିକାରୀ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ନିରଞ୍ଜନଙ୍କ

### ମୋର କୌଣସି ବ୍ୟବସାୟ ନାହିଁ: ନିରଞ୍ଜନ



ବାସଭବନରେ ପହଞ୍ଚି ପଚରାଉଚରା କରିଥିଲେ। ଭିତରେ ଯାଞ୍ଚ ଚାଲିଥିବାବେଳେ ସୁରକ୍ଷା ଦୃଷ୍ଟିରୁ ଘର ବାହାରେ ସିଆର୍‌ପିଏଫ୍ ଫୋର୍ସ ମୁତୟନ କରାଯାଇଥିଲା। ପ୍ରାୟ ୧୦ ଘଣ୍ଟା କାଳ ନିରଞ୍ଜନଙ୍କୁ ଇଡି ଅଧିକାରୀମାନେ ପଚରାଉଚରା କରିବା ସହ ବହୁ କାଗଜପତ୍ର ଜବତ କରିଥିବା ଜଣାପଡିଛି। ତେବେ କେଉଁ ଘଟଣାକୁ ନେଇ ଏହି ରେଡ୍ କରାଯାଉଛି ସେନେଇ ଇଡି ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ବେଆଇନ ଆର୍ଥିକ କାରବାର କିମ୍ବା ଖଣି ସମ୍ପର୍କିତ ମାମଲାକୁ ନେଇ ଚଢ଼ାଉ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଏ ସମ୍ପର୍କରେ ନିରଞ୍ଜନ କହିଛନ୍ତି, ଇଡିକୁ ପଚାରନ୍ତୁ ରେଡ୍‌ରେ କ'ଣ ସବୁ ପାଇଲେ। କେତେ ଟଙ୍କା ବାହାରିଲା। ମୋର କୌଣସି ମାଇନିଂ ବ୍ୟବସାୟ କି ଅନ୍ୟ ଧନ୍ଦା ନାହିଁ। ମୁଁ ଦୀର୍ଘଦିନରୁ ରାଜନୀତି କରି ଆସୁଛି। ମୋ ଭାଇମାନେ ବ୍ୟବସାୟ କରିବେନି ଆଉ କ'ଣ କରିବେ? ଏହାସହିତ ମୋର କ'ଣ ସମ୍ପର୍କ ଅଛି। ମୋ ନାଁରେ ୱାରେଣ୍ଟ ଥିଲା କି? କାହିଁକି ଇଡି ରେଡ୍ କଲା, ତାକୁ ପଚାରନ୍ତୁ। ତା'ପରେ ମୁଁ ଯାଇ ଅଧିକ ପ୍ରତିକ୍ରିୟା ଦେବି ବୋଲି ନିରଞ୍ଜନ କହିଛନ୍ତି।

# ଓଡ଼ିଶା ପାଇଁ ସ୍ୱତନ୍ତ୍ର ସହାୟତା ଦାବି କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୨(ଅନିଲ ଦାସ)

### କେନ୍ଦ୍ର ପ୍ରାକ୍ ବଜେଟ ପରାମର୍ଶ ବୈଠକ



୨୦୨୫-୨୬ ଆର୍ଥିକବର୍ଷ ପାଇଁ କେନ୍ଦ୍ର ସରକାର ବଜେଟ ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଏ ନେଇ ରାଜସ୍ଥାନର ଜୟସାଲମେରଠାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ବଜେଟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳ୍ପ, ପର୍ଯ୍ୟଟନ, ସହରାଞ୍ଚଳ ବିକାଶ ଓ ଭିତ୍ତିଭୂମି ପାଇଁ ଆସନ୍ତା ବଜେଟରେ ଓଡ଼ିଶା ଲାଗି ସ୍ୱତନ୍ତ୍ର ସହାୟତା ଦାବି କରିଛନ୍ତି। ଏଥିସହିତ ରାଜ୍ୟରେ ଚାଲୁ ରହିଥିବା ଓ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ଲାଗି ବ୍ୟୟ ବରାଦ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି।

କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ପାଇଁ ରାଜ୍ୟଗୁଡ଼ିକୁ ଦିଆଯାଉଥିବା ସ୍ୱତନ୍ତ୍ର ସହାୟତା ରାଶି(ଏସ୍‌ଏସିଆଇ)କୁ ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି। ୨୦୨୪-୨୫ ବଜେଟରେ ଏସ୍‌ଏସିଆଇକୁ ୧.୫୦ ଲକ୍ଷ କୋଟିକୁ ବୃଦ୍ଧି କରାଯାଇଛି, ଯାହାକି ଓଡ଼ିଶା ସମେତ ଅନ୍ୟ ସମସ୍ତ ରାଜ୍ୟକୁ ଫାଇଦା ମିଳିଛି। ତେବେ ଏସ୍‌ଏସିଆଇ ପାର୍ଟ-୧ ଅନୁଦାନ ସମୁଦାୟ ବ୍ୟୟବରାଦର ମାତ୍ର ୩୭ ପ୍ରତିଶତ ଏବଂ ଅବଶିଷ୍ଟ ୬୩ ପ୍ରତିଶତ ସେକ୍ଟରାଲ ରିଫର୍ମସ ପାଇଁ ବିନିଯୋଗ କରାଯାଇଛି। ୨୦୨୫-୨୬ ବଜେଟରେ ଏସ୍‌ଏସିଆଇ ପାର୍ଟ-୧ ରାଶି ଅତିକମ୍‌ରେ ୬୦ ପ୍ରତିଶତକୁ ବୃଦ୍ଧି କରିବା ସହ ବାକି ସେକ୍ଟରାଲ ରିଫର୍ମ ପାଇଁ ବଜେଟରେ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଜାତୀୟ ହାର ତୁଳନାରେ ଓଡ଼ିଶାରେ ସହରୀକରଣ କମ୍ ରହିଛି। ସହରଗୁଡ଼ିକ ବିକାଶର ଇଞ୍ଜିନ୍ ଭାବେ କାର୍ଯ୍ୟ କରୁଥିବା ବେଳେ ରାଜ୍ୟର ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ଲୋକେ ସହରାଭିମୁଖୀ ହେଉଛନ୍ତି। ଏଥିପାଇଁ ବହୁ ପୁଞ୍ଜିନିବେଶର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହଯୋଗ ଆବଶ୍ୟକ। ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟର ସହରୀକରଣକୁ ସହାୟତା କରିବା ପାଇଁ ଆଗାମୀ ବିଜେଟରେ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି।

ସେହିପରି ଆସନ୍ତା ବଜେଟରେ ରାଜ୍ୟରେ ନୂତନ ଶିଳ୍ପଭିତ୍ତିକ ସହରାଞ୍ଚଳ ବିକାଶ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଗୋପାଳପୁର (ସଲ୍ଟ ପାନ ଲ୍ୟାଣ୍ଡ) ଓ ଝାରସୁଗୁଡ଼ା ସହରାଞ୍ଚଳର ବିକାଶ ପାଇଁ ଅନୁଦାନ ପ୍ରଦାନ କରାଗଲେ ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆସନ୍ତା ବର୍ଷଗୁଡ଼ିକରେ ଓଡ଼ିଶା ଦେଶ ବିକାଶର ଇଞ୍ଜିନ୍ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ରାଜ୍ୟରେ ଶିଳ୍ପ ପାର୍କ ଓ କରିଡର, ବିଦ୍ୟୁତ୍ ଗ୍ରୀଡ୍, ରେଲୱେ ଭିତ୍ତିଭୂମି, ସଡ଼କ ଓ ଏକ୍ସପ୍ରେସ୍‌ୱେ, ବନ୍ଦର ଏବଂ ବିମାନବନ୍ଦର ଭଳି ପ୍ରକଳ୍ପ ପାଇଁ ବୃହତ୍ ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି।

ସାଗରମାଳା ପ୍ରକଳ୍ପ, ପୂର୍ବତଟ ଅର୍ଥନୈତିକ କରିଡର ଏବଂ ଜାତୀୟ ଜଳପଥ-୫ ଆଦି ପ୍ରକଳ୍ପ ପ୍ରତିଷ୍ଠା ହେଲେ ଓଡ଼ିଶାର ଶିଳ୍ପ ବିକାଶ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଏସବୁ କ୍ଷେତ୍ରକୁ ଦୃଷ୍ଟିଦେବାକୁ ବୈଠକରେ ମୁଖ୍ୟମନ୍ତ୍ରୀ ଅର୍ଥମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ପାରାଦୀପ ବନ୍ଦରର ଦକ୍ଷତା ଓ ବୈଷୟିକ କ୍ଷମତା ବୃଦ୍ଧି କରିବା ସହ କଣ୍ଟେନର ହ୍ୟାଣ୍ଡଲିଂ ଭିତ୍ତିଭୂମିର ସମ୍ପ୍ରସାରଣ, ଶିଳ୍ପ ପ୍ରକଳ୍ପଗୁଡ଼ିକର ପରିବେଶ ମଞ୍ଜୁରୀ ପାଇଁ ଫାଷ୍ଟ ଟ୍ରାକିଂ ସହାୟତା, ଆକାଂକ୍ଷୀ ଜିଲାଗୁଡ଼ିକରେ ଶିଳ୍ପାୟନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଏବଂ ଓଡ଼ିଶାରେ ରେୟାର ଆର୍ଥ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି।

ସେହିପରି ଓଡ଼ିଶାରେ ବିଶ୍ୱସ୍ତରୀୟ ପର୍ଯ୍ୟଟନର ବିକାଶ କରିବା ପାଇଁ ରାଜ୍ୟ ସରକାର ଆଗାମୀ ଦିନରେ ୧୦ ହଜାର କୋଟି ଟଙ୍କା ବିନିଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଆସନ୍ତା ବଜେଟରେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଦେଇଛନ୍ତି।

ଏଥିସହିତ ଜଳ ଜୀବନ ମିଶନ (ଜେଏମ୍‌ଏମ୍) ପାଇଁ ଚଳିତ ଆର୍ଥିକ ବର୍ଷର କେନ୍ଦ୍ରୀୟ ସହାୟତା ରାଶି ଦେବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥାପନ କରିଛନ୍ତି।

# ହିଟ୍ ଆଣ୍ଡ୍ ରନ୍: ଅବସରପ୍ରାପ୍ତ ଶିକ୍ଷକ ମୃତ, ୨ ଗୁରୁତର


ଭବାନୀପାଟଣା,୨୦।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅଧୀନ ବନ୍ଧୋପଲା ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ସକାଳେ ରାସ୍ତାରେ ଠିଆ ହୋଇଥିବା ଲୋକଙ୍କ ଉପରେ ହଠାତ୍ ଏକ ମିନି ପିକ୍‌ଅପ୍ ଭ୍ୟାନ ମାଡ଼ିଯିବା ପରେ ଚମ୍ପଟ ମାରିଥିଲା। ଏହି ହିଟ୍ ଆଣ୍ଡ୍ ରନ୍ ଘଟଣାରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭବାନୀପାଟଣା ସହର କୁମାରପଡ଼ା ନକଟିଗୁଡ଼ାର ରେହମତ ତୁଲ୍ଲା ଖାଁ। ଗୁରୁତର ଆହତ ଅଶୋକ ମହାରଣା ଓ ମୁରଲୀ ହଂସଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଭବାନୀପାଟଣା ସଦର ଥାନା ପୋଲିସ ଏକ ମାମଲା ରୁଜୁକରିବା ସହ ମୃତଦେହ ଜବତ କରିଛି। ଘଟଣାସ୍ଥଳର ଏକ ସିସିଟିଭିରେ କଏଦ ହୋଇଥିବା ଗାଡ଼ି ମଡ଼ାଇବାର ଦୃଶ୍ୟ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓକୁ ଦେଖିଲେ ଏହା ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ଘଟଣାର କିଛି ଘଣ୍ଟା ପରେ ମିନିପିକ୍‌ଅପ୍‌କୁ ସଦର ଥାନା ନିକଟରୁ ପୋଲିସ ଜବତ କରିଛି। ହେଲେ ଏହା ପୂର୍ବରୁ ଚାଳକ ଫେରାର ମାରିଛନ୍ତି। ମିନିପିକ୍‌ଅପ୍‌ର ନମ୍ବର (ଡବ୍ଲୁବି୧୯ଏଲ୍-୩୯୪୬)କୁ ଦେଖିଲେ ଏହା ପଶ୍ଚିମବଙ୍ଗର ଗାଡ଼ି ବୋଲି ଜଣାପଡ଼ିଛି।

### ସିସିଟିଭିରେ କଏଦ ହେଲା ଗାଡ଼ି ମଡ଼ାଇବାର ଦୃଶ୍ୟ



ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶାନ୍ତିଧାମ ଫାଉଣ୍ଡେଶନ ପକ୍ଷରୁ ଝୁମ ଇଣ୍ଟରନ୍ୟାଶନାଲର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ବିଜେଇଏମ୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଏମ୍-୧୫, ବିଜେବି ନଗର, ସମୟ: ଅପରାହ୍ନ ୪ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଭୀମଟାଙ୍ଗୀ, ସମୟ: ଅପରାହ୍ନ ୫ଟା।
- କଥକ ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'କଥା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ସାଇ କିଡ୍‌ସର ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ମ୍ୟୁଜିକ୍ ଇନ୍ ଦି ପାର୍କ, ସ୍ଥାନ: ଇନ୍ଦିରା ଗାନ୍ଧୀ ପାର୍କ, ସମୟ: ଅପରାହ୍ନ ୫ଟା।

## କଟକ

- ରେଭେନ୍‌ଶା କଲିଜିଏଟ୍ ସ୍କୁଲ ୧୯୭୪ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ନେତାଜୀ ଅଡିଟୋରିୟମ, ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ୩୦।
- ଶ୍ରୀଦୁର୍ଗା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ସିଦ୍ଧିଦୁର୍ଗା ମଣ୍ଡପ, ଖପୁରିଆ ଶିଳ୍ପାଞ୍ଚଳ, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର

- ରୋଟାରୀ କ୍ଲବ ପକ୍ଷରୁ ମେଗା ସ୍ୱାସ୍ଥ୍ୟମେଳା, ସ୍ଥାନ: କୁପାରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା, ସମୟ: ସକାଳ ୯ଟା ୩୦।
- ସଚେତନଧର୍ମୀ ନାଟକ ପରିବେଷଣ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ମେଗା କୁଇଜ୍ ପ୍ରତିଯୋଗିତା, ସ୍ଥାନ: ମଡର୍ନ ପବ୍ଲିକ ସ୍କୁଲ, ମେଡ଼ଡମ୍ବରୁ କ୍ୟାମ୍ପସ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଜବାଟୀ ଛକ, ମାଣିଖମ୍ବ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବିଶିଷ୍ଟ କଳାକାର ନବକିଶୋର ନାଥଙ୍କ ସ୍ମୃତିଚାରଣ ସଭା, ସ୍ଥାନ: କୁଆଗଡ଼ିଆ, ସିମୁଳିଆ, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଧାମନଗର ବାର୍ ଆସୋସିଏଶନର ୧୦ମ ବାର୍ଷିକୋତ୍ସବ, ସ୍ଥାନ: ଧାମନଗର କୋର୍ଟ ପରିସର, ସମୟ: ଅପରାହ୍ନ ୪ଟା।
- ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର କେଶବ ଚନ୍ଦ୍ରଙ୍କର ସତ୍‌ସଙ୍ଗ ଓ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କୋଣାର୍କ ବରଫ କାରଖାନା ପାଖ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଏଏମ୍‌ବି ସ୍କୁଲର ୧୬ତମ ବାର୍ଷିକୋତ୍ସବ, ସ୍ଥାନ: ଦୋବଲ କାଳୀପଡ଼ିଆ, ଧାମନଗର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ପୂଜା, ମେଳା ଏବଂ ଭଜନ, କୀର୍ତ୍ତନ ସମାରୋହ, ସ୍ଥାନ: ମୋଟରାଗଡ଼ିଆ, ଛେନାପଦୀ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୬ ଟା।
- ରବୀନ୍ଦ୍ର ବିଦ୍ୟା ନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ : ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, ଶଙ୍କରପୁର, କେନ୍ଦୁଝର, ସମୟ : ସକାଳ୯ଟା।
- କେନ୍ଦୁଝର ଗୋନାସିକା ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ସାଂସ୍କୃତିକ କର୍ଯ୍ୟକ୍ରମ, ସ୍ଥାନ: କେନ୍ଦୁଝର କାଳୀ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଧ୍ୟାନ ଶିବିର,ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା, ସମୟ: ସକାଳ ୭ଟା।
- ବିଦ୍ୟାଳୟର ବାର୍ଷିକୋତ୍ସବ,ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୈଶିଙ୍ଗା, ବେତନଟୀ ବ୍ଲକ,ସମୟ: ଅପରାହ୍ନ ୨ଟା।
- ମୟୂରଭଞ୍ଜ ପୁସ୍ତକ ମେଳା. ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟାରୁ ରାତି ୧୦ଟା।
- ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ,ସ୍ଥାନ:ଉଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର,ସମୟ: ଅପରାହ୍ନ ୫ଟା ୩୦।

## ବ୍ରହ୍ମପୁର

- ବାଲିପଦର ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।

## ଢେଙ୍କାନାଳ

- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ବିଶ୍ୱ ଧ୍ୟାନ ଦିବସ, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ ପରିସର, ସମୟ: ସକାଳ ୭ଟା୩୦।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କାମାକ୍ଷାନଗର ସାରଙ୍ଗଧର ଉଚ୍ଚବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ବିଦ୍ୟାମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ତାଳଚେର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ନୂଆବଜାର, କଲେଜ ରୋଡ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଧନୁଯାତ୍ରା ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।

## ଯାଜପୁର

- ମେଗା ଫୁଡ୍ ଫିଏଷ୍ଟାର ଦ୍ୱିତୀୟ ଦିନ, ସ୍ଥାନ: ଯାଜପୁର ରୋଡ୍, ତରାପୁର କଳିଙ୍ଗ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଅଭିରାମ ପରମହଂସ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଟିବି ଉପରେ ଡାକ୍ତରଙ୍କ ତାଲିମ ଶିବିର, ସ୍ଥାନ: ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକର ନନ୍ଦିଘୋର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ସୃଜନ – ୩ କାର୍ଯ୍ୟକ୍ରମ, ସ୍ଥାନ: ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ଜି ଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ମାଝୀଗୁଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲା ବ୍ୟାଙ୍କର୍ସ କୋର କମିଟି ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ଏସ୍‌ୟୁଜେର ସମ୍ବଲପୁର ଜିଲା ଶାଖାର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ପର୍କ ଫାଉଣ୍ଡେସନ ପକ୍ଷରୁ ଯୋଗ ଓ ଫିଜିଓଥେରାପି କର୍ମଶାଳା, ସ୍ଥାନ: ଧନକଉଡା ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଏସ୍‌ଏମ୍‌ଇ ପକ୍ଷରୁ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ନିକଟସ୍ଥ ଡଲଫିନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମାନେଶ୍ୱର ବ୍ଲକ ପୁରୁଣା ବଲାରଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ଦିଲ୍ଲୀ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଶାସନସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।
- ବ୍ରାଇଟ ଫ୍ୟୁଚର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଉତ୍କର୍ଷ –୨୦୨୪, ସ୍ଥାନ: ନକ୍ସାପାଲି ସ୍ଥିତ ସ୍କୁଲ ପରିସର, ସମୟ : ଅପରାହ୍ନ ୪ଟା ୩୦ ।
- ଅଭୟ ଆର୍ଟ ଏକାଡ଼େମୀ ପକ୍ଷରୁ କୁଚିଣ୍ଡାରେ ମେରୁ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ଷ୍ଟାଡ଼ିୟମ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: କୋଶଳ କଳା ମଣ୍ଡଳ ପଡ଼ିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୦ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ୧୫।

## ସୁବର୍ଣ୍ଣପୁର

- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଯାପନୀ, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡାର ଉଦ୍‌ଯାପନୀ, ସ୍ଥାନ: ମୁର୍ଷୁଣ୍ଡି ରଘୁନାଥ ହାଇସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ ଟା।
- ବୀରମହାରାଜପୁର କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ବୀରମହାରାଜପୁର କଲେଜ, ସମୟ: ଅପରାହ୍ନ ୨ ଟା।
- ୧୧ତମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ, ସ୍ଥାନ: କମିରା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୨ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁତୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ ଟା।
- ଧନୁଯାତ୍ରା ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା, ସମୟ: ସନ୍ଧ୍ୟା ୭ ଟା ।

## ବରଗଡ଼

- ରାଜ୍ୟସ୍ତରୀୟ ଟୁନୁ ପଣ୍ଡା ସ୍ମାରକୀ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ଖେଳ ଭବନ, ଅତାବିରା, ସମୟ: ସନ୍ଧ୍ୟା ୫ଟା।

## ଝାରସୁଗୁଡ଼ା

- ସେଣ୍ଟମେରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବିଟିଏମ୍ ପଡ଼ିଆ ସମୟ: ସକାଳ ୭ଟା।
- ପଞ୍ଚ ଉପଚାର ପୂଜା ଓ ଆଳତି, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ୧୦୮ ମୃତ୍ୟୁଞ୍ଜୟଜପ ଓ ପଞ୍ଚ ଉପଚାର ପୂଜା, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ସକାଳ ୮ଟା।
- ସର୍ବଭାରତୀୟ କରାଟେ ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ମଙ୍ଗଳବଜାର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ବ୍ଲକ ସ୍ତରୀୟ ଯତରା ମହୋତ୍ସବ,ସବଡେଗା ନିଉ ଓଡ଼ିଶା ସ୍କୁଲ ଗାଈବିରା ପଡିଆ,ସମୟ :ପୂର୍ବାହ୍ନ୧୦ଟା।
- ଜିଲା ସ୍ତରୀୟ ଯୁବ ଉତ୍ସବ,ସ୍ଥାନ: ସଂସ୍କୃତି ଭବନ,ସମୟ, ପୂର୍ବାହ୍ନ ୧୦ଟା୩୦।

## ରାଉରକେଲା

- ଯୋଗ ଶିବିର, ସ୍ଥାନ: ଉଦିତନଗର ପରେଡ ପଡିଆ, ସମୟ: ପ୍ରାତଃ ୫ଟା୩୦।
- ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ରାଉରକେଲା ଏନ୍‌ଆଇଟି, ସମୟ: ପୂର୍ବାହ୍ନ ୧୦ଟା।
- ସମତା ଫାଉଣ୍ଡେଶନ ପକ୍ଷରୁ ବନ୍ଧୁମିଳନ, ସ୍ଥାନ : ଝିରପାଣି, ସମୟ: ସକାଳ ୧୦ଟା।
- ବାଣିଜ୍ୟ ଉଦ୍ୟୋଗ ସମ୍ମେଳନ ସମାରୋହର ଦ୍ୱିତୀୟ ଦିବସ, ସ୍ଥାନ: ବିମାନ ବନ୍ଦର ନିକଟ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିମ୍ନାଷ୍ଟିକ ପରୀକ୍ଷା, ସ୍ଥାନ: କଳିଙ୍ଗ ବିହାର ଜିମ୍ନାଷ୍ଟିକ, ସମୟ: ପୂର୍ବାହ୍ନ ୧୧ଟା।
- ଆମ୍ ଆଦ୍‌ମୀ ପାର୍ଟି ବୈଠକ, ସ୍ଥାନ: ବାସନ୍ତୀ କଲୋନୀ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଆର୍‌ଆର୍‌ଆର୍‌ସିସିର ବାର୍ଷିକୋତ୍ସବ, ସ୍ଥାନ: ଭଗବତୀ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ୩ୟ ପଲଟନ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପଲଟନ ପଡ଼ିଆ, ଦେବଗଡ଼, ସମୟ: ସକାଳ ୮ଟା।
- ଜିଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଜଣାଅଜଣା ପ୍ରତିଯୋଗିତା, ସ୍ଥାନ: ସୂଚନାକେନ୍ଦ୍ର, ପାଠାଗାର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଦୃଷ୍ଟି ବ୍ୟାୟାମ ନେଇ ୫ ଦିନିଆ ପ୍ରଶିକ୍ଷଣ ଶିବିର, ସ୍ଥାନ: ରିଆମାଳ ବ୍ଲକ, ଖିଲେଇ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ରୀଙ୍କ ନିମନ୍ତେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଦଳିପାଳ, ବ୍ଲକ ତିଲେଇବଣି, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଓଡ଼ିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲ। ସକାଳୁ କୌଣସି ଶୁଭ ଖବର ପାଇ ଖୁସି ହେବେ। ଶନିକ୍ଷେତ୍ରସ୍ଥ ଶୁକ୍ର ଯୋଗୁ କାର୍ଯ୍ୟ ତ୍ୱରାନ୍ୱିତ ହେବା ବଦଳରେ ହଠାତ୍ ଅଟକିଯାଇପାରେ। ଶିଳ୍ପ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ପରିବାରର ନିର୍ଦ୍ଦେଶକ୍ରମେ ଗୃହକୁ ଧାତୁ, ଅଳଙ୍କାର ଆଦି ପଦାର୍ଥ କିମ୍ବା ମୂଲ୍ୟବାନ ଜିନିଷ ଆଣିପାରନ୍ତି।

**ବୃଷ** କେନ୍ଦ୍ରସ୍ଥ ବୁଧ ହେତୁ ଆଜି ଯେମିତି ଚାହୁଁଛନ୍ତି, ସେମିତି ହିଁ ପାଇବେ। ପିଲାମାନଙ୍କ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହୋଇପାରନ୍ତି। କର୍ମ କ୍ଷେତ୍ର, ଯାନବାହନ, ଦୋକାନ ବାଡ଼ି, ସଭା ସମିତିରେ ଟେନ୍‌ସନ୍ ଲାଗିରହିବ। ଅତି ନିକଟରେ ରହି ଆତ୍ମୀୟତା ଦେଖାଉଥିବା ଲୋକମାନେ ପରୋକ୍ଷଭାବେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** କର୍ମସ୍ଥାନରେ ରାହୁ ନେଇ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେଇପାରେ। ବିଭିନ୍ନ କାମରେ ବ୍ୟସ୍ତ ରହିବା କାରଣରୁ ମନ ଠିକ୍ ରହିବ ନାହିଁ। କୌଣସି ବ୍ୟକ୍ତି ଦ୍ୱାରା ବାଧବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ୍ କାମରେ ଆଲୋଚନା ସରଗରମରେ ଅସମାପ୍ତ ରହିବ।

**କର୍କଟ** ନିଜ ରାଶିରେ କେନ୍ଦ୍ରସ୍ଥ ମଙ୍ଗଳଙ୍କ ସୁପ୍ରଭାବରେ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥାକହି ଜଟିଳ ପରିସ୍ଥିତିକୁ ସୁଧାରି ନେବେ। ଟଙ୍କା ପଇସା, ନେବା ଆଣିବା, କ୍ଷେତ୍ରରେ ସତର୍କ ନ ରହିଲେ ଅନୁତାପ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ର, ଯାନବାହନ ଚଳାଚଳ, ଦୋକାନବାଡ଼ିରେ ସମସ୍ୟା ଦେଖାଦେବ।

**ସିଂହ** ଶନିଙ୍କ ଦୃଷ୍ଟିରେ ରାଶ୍ୟାଧିପ ବୁଧ ରହିଥିବା ହେତୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣରେ ରହି ନ ପାରେ। ଅତ୍ୟଧିକ ଲୋଭ ଏବଂ ସନ୍ଦେହ, ପାରିପାର୍ଶ୍ୱିକ ପରିସ୍ଥିତିକୁ ଅସ୍ୱାଭାବିକ କରିପାରେ। ଅପରାହ୍ନେ ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**କନ୍ୟା** ଭାଗ୍ୟସ୍ଥାନକୁ ବୁଧ ଦେଖୁଥିବାରୁ ଆଜିର ସବୁ କାମ ବନ୍ଧୁଙ୍କ ସାହାଯ୍ୟରେ ସମ୍ପନ୍ନ ହେବ। ଋଣ ପରିଶୋଧ କରିବେ, ଶତ୍ରୁତାର ଅବସାନ ଘଟିବ, ରୋଗପୀଡ଼ା ଉପଶମ ହେବ। ବହୁତ ଦିନ ହେଲା ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନବଳାଇବେ। ସାଙ୍ଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧିପାଇବ।

**ତୁଳା** ଆଜି ଶୁକ୍ରଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ଥିତି ଭଲ ରହିବ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳ ହେବେ। ବୁଦ୍ଧିଜୀବୀଙ୍କ ସୁନଜରରେ ଆସିବେ। ସାହିତ୍ୟସଭା, ଆନୁଷ୍ଠାନିକ କାମ, ରାଜନୈତିକ ସଂଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନରେ ଚେଷ୍ଟା ସଫଳ ହେବ।

**ବିଛା** ଭାଗ୍ୟାଧିପ କର୍ମସ୍ଥାନରେ ଅବସ୍ଥାନ କରି ଅଭିଳାଷ ପୂରଣ କରିବାରେ ତତ୍ପରତା ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟରେ ମାଲପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ କିନ୍ତୁ ସମୟାନ୍ତରେ ସମାଧାନ ମଧ୍ୟ ହୋଇଯିବ। ପାରିବାରିକ ଜୀବନ ଉତ୍ତମ ବୁଝାମଣାରେ ସୁଖସନ୍ତୋଷ ପାଇପାରିବେ।

**ଧନୁ** ଷଷ୍ଠାଧିପ ଶୁକ୍ର ଦ୍ୱିତୀୟ ଅବସ୍ଥାନ କରିଥିବାରୁ କାର୍ଯ୍ୟରେ ସଫଳତା କଷ୍ଟକର ହୋଇପାରେ। ଯାହା ଭାବୁଛନ୍ତି ଶୀଘ୍ର ନ କଲେ ପରିସ୍ଥିତି ବଦଳି ଯାଇପାରେ। ବନ୍ଧୁଙ୍କୁ ମନକଥା କହି ନ ପାରିଲେ ପରେ ପସ୍ତେଇବେ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ।

**ମକର** ସ୍ୱଗୃହୀ ରାଶ୍ୟାଧିପତି କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବ। ନିଜର ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରନ୍ତି। ଆଜି ବ୍ୟବସାୟୀମାନେ ଭଲ ବ୍ୟବସାୟ ହେବା କାରଣରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ଭାଗ୍ୟାଧିପ ବ୍ୟୟଭାବସ୍ଥ ଯୋଗୁ ବିଦ୍ୟମାନ ସ୍ଥିତି ସମାଧାନ ଦିଗକୁ ଗତି କରି ନ ପାରେ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥ ଅପରିହାର୍ଯ୍ୟ ହୋଇପାରେ। ସକାଳୁ ମାଙ୍ଗଳିକ କାମ କିମ୍ବା ଧର୍ମାନୁଷ୍ଠାନ ସକାଶେ ଖିଆପିଆ ଛାଡି ବୁଲିବେ। ପରିସ୍ଥିତିକୁ ଆଖି ଆଗରେ ରଖି ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିପାରିଲେ କାର୍ଯ୍ୟ ସାଧନ କରିପାରିବେ।

**ମୀନ** ଆଜିର ଗ୍ରହସ୍ଥିତିରୁ ମନଭୁଲାଣିଆ କଥାରେ ଶତ୍ରୁମାନେ ମିତ୍ର ପାଲଟିଯିବେ। ଅସାବଧାନତା କିମ୍ବା ସତର୍କତା ଅଭାବରୁ ଧନ ହାନି ଘଟିପାରେ। ପରିବାରରେ, ପରିବହନରେ, ଗୃହ ନିର୍ମାଣରେ, ସଭା ସମିତିରେ କ୍ରମଶଃ ସ୍ଥିରତା ଫେରିଆସିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ଡିସେମ୍ବର ୨୧ ତାରିଖ, ପୌଷ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ, ଶନିବାର, ରାଶିନକ୍ଷତ୍ର-ପୂର୍ବଫାଲ୍‌ଗୁନୀ/ସିଂହ, ସପ୍ତମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୪୭ ଗତେ ଘ.୦୯।୦୨ ମଧ୍ୟେ, ଘ.୧୨।୦୬ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୯।୦୨ ଗତେ ଘ.୧୦।୨୩ ମଧ୍ୟେ ରାହୁକାଳ॥

# ଏଲ୍‌ପିଜି ଟ୍ୟାଙ୍କର ଧକ୍କାରେ ୧୧ ମୃତ, ୩୫ ଆହତ

**ଜୟପୁର,୨୦।୧୨(ପି.ଟି.)**

ଜୟପୁର-ଅଜମେର ଜାତୀୟ ରାଜପଥରେ ଶୁକ୍ରବାର ଭୋର ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିବା ସହ ୩୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୧୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏଲ୍‌ପିଜି ଟ୍ୟାଙ୍କର ଏକ ଟ୍ରକ୍‌କୁ ଧକ୍କା ଦେଇ ଜଳିଯିବାରୁ ରାଜପଥରେ ବିଶାଳ ନିଆଁ ପିଣ୍ଡୁଳା ସୃଷ୍ଟି ହୋଇଥିଲା। ଏହି ନିଆଁରେ ପାଖାପାଖି ୪୦ ଗାଡ଼ି ଜଳିଯାଇଛି। ଅଳ୍ପ କିଛି ମିନିଟ୍ ମଧ୍ୟରେ ନିଆଁ ବହୁ ଦୂରକୁ ବ୍ୟାପିଯାଇଥିଲା, ଯାହା ସିସିଟିଭି ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଏହି ନିଆଁରେ ରାଜପଥ ପାର୍ଶ୍ୱରେ ଥିବା କେତେକ ଘର ମଧ୍ୟ ଜଳିଯାଇ ବ୍ୟାପକ କ୍ଷୟକ୍ଷତି କରିଛି। ବିସ୍ଫୋରଣ ଓ ଅଗ୍ନିକାଣ୍ଡ ପରେ ଜାତୀୟ ରାଜପଥ ଦୀର୍ଘ ସମୟ ପର୍ଯ୍ୟନ୍ତ ଧୂମାଚ୍ଛାଦିତ ରହିଥିଲା। ଫଳରେ ଗୋଟିଏ କିଲୋମିଟର ପର୍ଯ୍ୟନ୍ତ ଦୃଶ୍ୟ ହୋଇ ନ ଥିଲା। ଦୁର୍ଘଟଣା ଯୋଗୁ ରାଜପଥର ପ୍ରାୟ ୩୦୦ ମିଟର ପର୍ଯ୍ୟନ୍ତ ପ୍ରଭାବିତ ହୋଇଛି। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଅନେକ ହଜାର ଗାଡ଼ି ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ାହୋଇ ରହିଥିଲା।

ଦୁର୍ଘଟଣାସ୍ଥଳରେ ଜୟପୁର ପୋଲିସ କମିଶନର ବିଜୁ ଜର୍ଜ ଜୋସେଫ୍‌ଙ୍କ ସମେତ ତାଙ୍କ ବିଭାଗର ବହୁ ଅଧିକାରୀ ଉପସ୍ଥିତ ରହି ସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ ଚଳାଇଛନ୍ତି। ଟ୍ରକ୍ ସହ ଧକ୍କା ହେବା ଫଳରେ ଏଲ୍‌ପିଜି ଟ୍ୟାଙ୍କରର ଆଉଟ୍‌ଲେଟ୍ ନୋଜଲ୍ ନଷ୍ଟ ହୋଇଯିବାରୁ ଗ୍ୟାସ୍ ଲିକ୍ ହୋଇ ଏତେବଡ଼ ଦୁର୍ଘଟଣା ଘଟିଲା ବୋଲି ପୋଲିସ କମିଶନର କହିଛନ୍ତି। ଭୋର ୫ଟା ୪୫ ମିନିଟ୍ ସମୟରେ ଏକ ସ୍କୁଲ୍ ସମ୍ମୁଖରେ ଦୁର୍ଘଟଣା ଘଟିଥିଲା। ଟ୍ୟାଙ୍କର ପଛରେ ଥିବା ଗାଡ଼ିଗୁଡ଼ିକ ଜଳିଯାଇଥିଲା। ବିପରୀତ ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକରେ ମଧ୍ୟ ନିଆଁ ଲାଗିଯାଇଥିଲା ଏବଂ ସେଗୁଡ଼ିକ ପରସ୍ପରକୁ ଧକ୍କା ଦେଇଥିଲେ। ଗାଡ଼ିରୁ ଲୋକମାନେ ବାହାରିଯିବାକୁ ସମୟ ପାଇ ନ ଥିଲେ। ଲୋକେ ଧାଉଁଥିବା ଓ ପୋଷାକ ଖୋଲିଦେଉଥିବା ଦେଖାଯାଇଥିଲା। ଆହତମାନଙ୍କୁ ୨୫ଟି ଆମ୍ବୁଲାନ୍ସ ଯୋଗେ ଜୟପୁରର ଏସ୍‌ଏମ୍‌ଏସ୍ ମେଡିକାଲ କଲେଜ ହସ୍ପିଟାଲ ପଠାଯାଇଥିଲା। ଗୁରୁତର ୭ ଜଣଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିବା ମେଡିକାଲ କଲେଜ ପ୍ରିନ୍ସିପାଲ୍ ଡ. ଦୀପକ ମାହେଶ୍ୱରୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବଦଳିବ ପରିକ୍ରମା ...

ଏସବୁ ପ୍ରକଳ୍ପରେ ସ୍ଥାନ ପାଇ ନ ଥିଲା। ନୂତନ ଭାଜପା ସରକାର ଏବେ ପୁରୁଣା ପରିକ୍ରମା ପ୍ରକଳ୍ପରେ କିଛି ପରିବର୍ତ୍ତନ କରିବାକୁ ଚିନ୍ତା କରୁଛନ୍ତି। ସାଧାରଣତଃ ସନାତନ ଧର୍ମର ମୂଳପିଣ୍ଡ ହେଉଛି ଯଜ୍ଞ। ବୈଦିକ ପରମ୍ପରାର ମୂଳ ଅଙ୍ଗ ଘୃତଯଜ୍ଞ ବା ହୋମଯଜ୍ଞ। ତେଣୁ ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଉତ୍କଳୀୟ କାରୁକାର୍ଯ୍ୟରେ ଭବ୍ୟ ଯଜ୍ଞଶାଳା ନିର୍ମାଣ କରାଯିବାର ଯୋଜନା ରହିଛି। ସେଥିରେ ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଯଜମାନଙ୍କ ଦାନରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ବିଶ୍ୱର ମଙ୍ଗଳ ପାଇଁ ଘୃତାହୁତି ଦିଆଯିବା ପାଇଁ ପ୍ରସ୍ତାବ ରହିଛି। ସେହିଭଳି ଜ୍ଞାନଯଜ୍ଞ ଆଧାରରେ ବାହାରୁ ଆସୁଥିବା ଭକ୍ତଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଉତ୍କଳର ଇତିହାସ ସମ୍ପର୍କରେ ଅବଗତ କରାଇବା ପାଇଁ ଡକ୍ୟୁମେଣ୍ଟାରି ପ୍ରସ୍ତୁତି ସହ ଅଡିଟୋରିୟମ ନିର୍ମାଣ କଥା ଚିନ୍ତା କରାଯାଉଛି। ଅପରପକ୍ଷରେ ଅନ୍ନଯଜ୍ଞ ମାଧମରେ ବିନାମୂଲ୍ୟରେ ଭକ୍ତଙ୍କୁ ପ୍ରତ୍ୟେକ ଦିନ ନିଃଶୁଳ୍କ ମହାପ୍ରସାଦ ପରଷା ଏବଂ ସ୍ୱଳ୍ପ ମୂଲ୍ୟରେ ପ୍ରସାଦ ବିକ୍ରି ପାଇଁ ପ୍ରସ୍ତାବ ରହିଛି। ପ୍ରକଳ୍ପ ଢାଞ୍ଚାରେ ମଧ୍ୟ ଅନେକ କିଛି ପରିବର୍ତ୍ତନ କରାଯିବ ବୋଲି ଜଣାପଡ଼ିଛି। ଏ ନେଇ ଶୁକ୍ରବାର ଆଇନମନ୍ତ୍ରୀ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପରିକ୍ରମା ପ୍ରକଳ୍ପର ନୂତନ ଡିଜାଇନ ପ୍ରସ୍ତୁତ କରାଯିବ। ପରିକ୍ରମା ପ୍ରକଳ୍ପ ସହ ଧର୍ମୀୟ ଭାବନା ଜଡ଼ିତ ହୋଇ ରହିଛି। ଘୃତ ଯଜ୍ଞ ମଣ୍ଡପ, ଅନ୍ନ ଯଜ୍ଞ ମଣ୍ଡପ ଓ ଜ୍ଞାନ ଯଜ୍ଞ ମଣ୍ଡପ ନିର୍ମାଣ ପାଇଁ ଚିନ୍ତା କରାଯାଇଛି। ଏନେଇ ବିଚାରବିମର୍ଶ ଚାଲିଛି। ଦୁଇରୁ ତିନି ମାସ ମଧ୍ୟରେ ନିଷ୍ପତ୍ତି ନିଆଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଇନମନ୍ତ୍ରୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରହିଥିବା ୧୯ଟି ମଠ କ୍ଷତିଗ୍ରସ୍ତ ହୋଇଥିଲା। ମଠ ଗାଦିଘରକୁ ଛାଡ଼ି ବାକି ଅଂଶକୁ ଭଙ୍ଗାଯାଇଥିଲା। ତନ୍ମଧ୍ୟରେ ଘୃତ, ଜ୍ଞାନ ଓ ଅନ୍ନ ଯଜ୍ଞ ମଣ୍ଡପ ମଧ୍ୟ ଲୋପ ପାଇଥିଲା, ଯାହାକୁ ନେଇ ମଠାଧୀଶ ଓ ସାଧୁସନ୍ଥ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ପ୍ରଥମରୁ ହିଁ ପରିକ୍ରମା ପ୍ରକଳ୍ପର ଡିଜାଇନ୍ ବା ଭିଜନରେ ଅସ୍ୱଚ୍ଛତା ରହିଥିଲା। ବାରମ୍ବାର ଡିପିଆର୍ ପରିବର୍ତ୍ତନ ସହ ରାଷ୍ଟ୍ରୀୟ ଐତିହ୍ୟ ସ୍ମାରକୀ କର୍ତ୍ତୃପକ୍ଷ (ଏନ୍‌ଏମ୍‌ଏ) ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଅନୁମତି ବିବାଦରେ ପ୍ରକଳ୍ପ ଛନ୍ଦି ହୋଇପଡ଼ିଥିଲା। ଏପରି କି ପ୍ରକଳ୍ପର ଶିଳାନ୍ୟାସ ପରେ ବି ପ୍ରକଳ୍ପ ଅନ୍ତର୍ଗତ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କେନ୍ଦ୍ର, ଶ୍ରୀଜଗନ୍ନାଥ ଅତିଥି କେନ୍ଦ୍ର, ଐତିହ୍ୟ ରଘୁନନ୍ଦନ ଲାଇବ୍ରେରି ଏବେ ସୁଦ୍ଧା ସମ୍ପୂର୍ଣ୍ଣ ରୂପରେଖ ନେଇପାରିନାହିଁ। ଏନେଇ ଏନ୍‌ଏମ୍‌ଏକୁ ନୂଆ ପ୍ରସ୍ତାବ ଦିଆଯାଇଛି। ତେବେ ସମ୍ପ୍ରତି ପରିକ୍ରମା ପ୍ରକଳ୍ପ ଡିଜାଇନ ପରିବର୍ତ୍ତନ ପ୍ରସ୍ତାବକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ବରିଷ୍ଠ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ପୂର୍ବ ସରକାରଙ୍କ ସମୟରେ ଏସବୁ ମଣ୍ଡପ ସ୍ଥାନ ପାଇବାକୁ ଥିବା ବେଳେ କୌଣସି କାର୍ଯ୍ୟ କରାଗଲା ନାହିଁ। ମାତ୍ର ଅନେକ କୋଟି ଟଙ୍କା ହରିଲୁଟ ହୋଇଛି। ରାଜ୍ୟ ସରକାର ଏହାର ସିବିଆଇ ଯାଞ୍ଚ କରିବା ଆବଶ୍ୟକ। ସରକାର ସବୁ କାମ ଦୀର୍ଘସ୍ଥାୟୀ ଭାବେ ନିର୍ମାଣ କରନ୍ତୁ ବୋଲି ଖୁଣ୍ଟିଆ କହିଛନ୍ତି। ସେହିପରି ମହନ୍ତ ନାରାୟଣ ରାମାନୁଜ ଦାସ କହିଛନ୍ତି, ଧର୍ମକୁ ରକ୍ଷା କରିବା ନେଇ ମନ୍ତ୍ରୀ ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହାକୁ ସ୍ୱାଗତ କରୁଛୁ। ପ୍ରତ୍ୟେକ ମନ୍ଦିରର ଚାରିପାଖରେ ଜ୍ଞାନ ଯଜ୍ଞ, ଅନ୍ନ ଯଜ୍ଞ ଓ ଘୃତ ଯଜ୍ଞ ମଣ୍ଡପ ହେବା ଆବଶ୍ୟକ। ଏହାଦ୍ୱାରା ବାହାରୁ ଯେଉଁ ଭକ୍ତ ଆସୁଛନ୍ତି ସେମାନେ ମହାପ୍ରଭୁଙ୍କ ପ୍ରସାଦ ପାଇପାରିବେ। ଏଥିସହ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଯେଉଁ ସବୁ ମଠର ଯଜ୍ଞ ମଣ୍ଡପ, ଜ୍ଞାନ ମଣ୍ଡପ, ସଭା ମଣ୍ଡପ ଭଙ୍ଗାଯାଇଥିଲା ସେଗୁଡ଼ିକର ପୁନଃ ନିର୍ମାଣ କରାଯାଉ। ଫଳରେ ମଠ ସମ୍ପର୍କରେ ଭକ୍ତ ଜାଣିପାରିବେ ବୋଲି ଦାସ ମହାରାଜ ମତବ୍ୟକ୍ତ କରିଛନ୍ତି। ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ପରିକ୍ରମା ପ୍ରକଳ୍ପ ମଧ୍ୟରେ ଥିବା ମଠଗୁଡ଼ିକର ପୁନରୁଦ୍ଧାର କାମ ସହ ସରକାରଙ୍କ ନିର୍ଦ୍ଦେଶ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅନ୍ତର୍ଗତ ନିୟମାବଳୀ ଅନୁଯାୟୀ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ।

### ମନ୍ଦିର-ମସ୍‌ଜିଦ ବିବାଦ ...

ମୁଣ୍ଡ ଟେକୁଛି। ସେଗୁଡ଼ିକୁ କିପରି ଅନୁମତି ଦିଆଯାଉଛି ବୋଲି ଭାଗବତ ପ୍ରଶ୍ନ କରିଛନ୍ତି। ଭାରତରେ ବହୁବର୍ଷ ଧରି ବିଭିନ୍ନ ଧର୍ମ, ଜାତି ଓ ବିଚାରଧାରାର ଲୋକମାନେ ସଦ୍‌ଭାବନାର ସହ ବସବାସ କରିଆସୁଛନ୍ତି। ସମାବେଶୀ ସମାଜ ସପକ୍ଷରେ ମତ ରଖି ଭାଗବତ କହିଥିଲେ, ଭାରତ ସଦ୍‌ଭାବନା ସହ ଏକତ୍ର ରହିପାରିଥିବା ବିଶ୍ୱକୁ ଦେଖାଇବାକୁ ହେବ। ବିଶ୍ୱ ଦ୍ୱାରା ଗୃହୀତ ହୋଇପାରିବା ଭଳି ଦେଶରେ ସଦ୍‌ଭାବନାର ଏକ ମଡେଲ ବିକଶିତ କରିବାକୁ ହେବ।

ସୂଚନାଯୋଗ୍ୟ, ବିଭିନ୍ନ ମସ୍‌ଜିଦ ହିନ୍ଦୁ ମନ୍ଦିର ଉପରେ ନିର୍ମାଣ କରାଯାଇଥିବା ଅଭିଯୋଗ କରି ସେଗୁଡ଼ିକର ସର୍ଭେ ପାଇଁ ଅଦାଲତରେ ଦାବି କରାଯାଉଛି। ଗତ ୧୨ ତାରିଖରେ ସୁପ୍ରିମକୋର୍ଟ ଦେଶବ୍ୟାପୀ ଏକ ନିର୍ଦ୍ଦେଶନାମା ଜାରି କରି ଏଭଳି ନୂଆ ମାମଲା ଗ୍ରହଣ ନ କରିବା ଏବଂ ମସ୍‌ଜିଦ ତଳେ ମନ୍ଦିର ଢାଞ୍ଚା ଥିଲା କି ନାହିଁ ସର୍ଭେ କରାଇବାକୁ ନିର୍ଦ୍ଦେଶ ନ ଦେବା ପାଇଁ ଅଦାଲତଗୁଡ଼ିକୁ କହିଥିଲେ।

### ଚିନ୍ତା ବଢ଼ାଇଲା ...

ଚାଷୀମାନେ କ୍ଷେତରୁ ଧାନ ଖଳାକୁ ନେଉଥିବା ଦେଖିବାକୁ ମିଳିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ମେଘୁଆ ପାଗ ଯୋଗୁ ଦିନର ତାପମାତ୍ରା ୫ରୁ ୬ ଡିଗ୍ରୀ ହ୍ରାସ ପାଇଛି। ଶୀତ ଓ ବର୍ଷାରେ ଜନଜୀବନ ପ୍ରଭାବିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରେ ଅଧିକାଂଶ ମଣ୍ଡିରେ ଅମଳ ଧାନ ଖୋଲା ଆକାଶ ତଳେ ଥିବାରୁ ନଷ୍ଟ ହେବା ଆଶଙ୍କା ଦେଖା ଦେଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଶୁକ୍ରବାର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ସେହିପରି ଗଞ୍ଜାମ, ଗଜପତି, ଫୁଲବାଣୀ, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ଼, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ, ବୌଦ୍ଧ ଆଦି ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ହୋଇଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪୦ ମିମି ବର୍ଷା ହୋଇଥିବାବେଳେ ପାରାଦୀପରେ ୨୭.୮, ଜଗତ୍‌ସିଂହପୁରରେ ୧୮.୧ ମିଲିମିଟର ରେକର୍ଡ କରାଯାଇଛି। ତେବେ ଶନିବାର ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ୨୨ ତାରିଖରେ ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଆଦି ଜିଲାରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଆଦି ଜିଲାରେ ମଧ୍ୟ ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇପାରେ। ଏହା ପରଠାରୁ ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ପ୍ରାୟ ଶୁଖିଲା ରହିବ। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ହେଲେ ମଧ୍ୟ ୨୪ ତାରିଖଠାରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ।

**ଆଜି ବି ବର୍ଷିବ, ଅମଳକୁ ନେଇ ଚନ୍ତାରେ ଚାଷୀ**

# ରାହୁଲ, ଖାର୍ଗେଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

**ନୂଆଦିଲ୍ଲୀ,୨୦।୧୨**

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ ଇଣ୍ଡିଆ ବ୍ଲକ୍ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଥିବାବେଳେ ଭାଜପା ପକ୍ଷରୁ ଶୁକ୍ରବାର କଂଗ୍ରେସ ନେତା ରାହୁଲଙ୍କ ଗାନ୍ଧୀଙ୍କ ବିରୋଧରେ ଅନୁରୂପ ପଦକ୍ଷେପ ନିଆଯାଇଛି। ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଗତ ପାଇଁ ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖିଛନ୍ତି। ଶାହାଙ୍କ ସମ୍ବିଧାନ ବିତର୍କ ସମ୍ପର୍କିତ ବିବୃତିକୁ ଏଡିଟ୍ କରି ଏକ୍ସ'ରେ ଶେୟାର କରିଥିବାରୁ ତତ୍କାଳ ରାହୁଲଙ୍କ ଲୋକ ସଭା ସଦସ୍ୟତା ରଦ୍ଦ କରାଯାଉ ବୋଲି ଏଥିରେ ନିଶିକାନ୍ତ ଦାବି କରିଛନ୍ତି। ରାଜ୍ୟ ସଭାରେ ମଧ୍ୟ




ଭାଜପା ଏମ୍‌ପି ନିଶିକାନ୍ତ ଦୁବେ। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିରୋଧରେ ଅନୁରୂପ ନୋଟିସ ଦିଆଯାଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସୂଚନା ଦେଇଛନ୍ତି। ଶାହାଙ୍କ ବିରୋଧରେ ଖାର୍ଗେ ସ୍ୱାଧିକାର ଭଙ୍ଗ ନୋଟିସ ଦେବାର ଦିନକ ପରେ ତାଙ୍କ ବିରୋଧରେ ଶାସକ ପକ୍ଷ ନୋଟିସ ଦେଇଛନ୍ତି। ନିଶିକାନ୍ତ କହିଛନ୍ତି, ରାହୁଲ ଏଭଳି ଲଜ୍ଜାଜନକ କାର୍ଯ୍ୟ ପାଇଁ ଷଡ଼ଯନ୍ତ୍ର ରଚିବାବେଳେ ଭୁଲିଯାଇଛନ୍ତି ଯେ, ଲୋକ ସଭାର ବିରୋଧୀ ଦଳ ନେତାଙ୍କଠାରୁ ଯେପରି ସମ୍ବେଦନଶୀଳ ବ୍ୟବହାର ଆଶା କରାଯାଏ, ରାହୁଲ ତାକୁ ଭୁଲି ସବୁ ସୀମା ଅତିକ୍ରମ କରିଛନ୍ତି। ସେ ସଂସଦୀୟ ସ୍ୱାଧିକାରକୁ ଭଙ୍ଗ କରିଛନ୍ତି। ତେଣୁ ତାଙ୍କ ବିରୋଧରେ ଗୃହରୁ ନିଲମ୍ବନ ଭଳି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ନିଶିକାନ୍ତ ଉକ୍ତ ନୋଟିସରେ ଉଲ୍ଲେଖ କରିଛନ୍ତି। ପାର୍ଲାମେଣ୍ଟରେ ଏହାର ତଦନ୍ତ ରିପୋର୍ଟ ଦାଖଲ ନ ହେବା ପର୍ଯ୍ୟନ୍ତ ରାହୁଲଙ୍କୁ ଗୃହକୁ ପ୍ରବେଶ କରିବାକୁ ଅନୁମତି ଦିଆ ନ ଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷେ ନିଶିକାନ୍ତ ଓ ପୁରୀ ଏମ୍‌ପି ସମ୍ବିତ ପାତ୍ରଙ୍କ ବିରୋଧରେ ପୂର୍ବରୁ ଦିଆଯାଇଥିବା ପ୍ରିଭିଲେଜ୍ ମୋଶନ ନୋଟିସ ଉପରେ ପ୍ରଥମେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି କଂଗ୍ରେସ ଏମ୍‌ପି ହିବି ଏଡେନ୍ ଦାବି କରିଛନ୍ତି।

ପ୍ରକାଶ ଯେ, ରାଜ୍ୟ ସଭାରେ ମଙ୍ଗଳବାର ସମ୍ବିଧାନ ସମ୍ପର୍କିତ ବିତର୍କ ବେଳେ ଶାହା ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ଏବେ ଏକ ଫ୍ୟାଶନ୍ ହୋଇଯାଇଛି, 'ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର। କଂଗ୍ରେସ ନେତାମାନେ ଯେତିକି ଥର 'ଆମ୍ବେଡକର ଆମ୍ବେଡକର' ଚିତ୍କାର କରୁଛନ୍ତି, ସେତେଥର ଭଗବାନଙ୍କ ନାମ ନେଇଥିଲେ ୭ ଜନ୍ମ ଧରି ସ୍ୱର୍ଗରେ ସ୍ଥାନ ପାଇଥାଆନ୍ତେ। କଂଗ୍ରେସ ଆମ୍ବେଡକରଙ୍କ ନାମ ଧରୁଥିବାରୁ ଭାଜପା ଖୁସି, କିନ୍ତୁ ବିରୋଧୀ ଦଳ ତାଙ୍କ ପ୍ରତି ଥିବା ନିଜ ମନୋଭାବର ମଧ୍ୟ ପରିପ୍ରକାଶ କରିବା ଉଚିତ ବୋଲି ସେ କହିଥିଲେ। ଶାହାଙ୍କ ଏହି ବକ୍ତବ୍ୟ ସମ୍ବଳିତ ଭିଡିଓକୁ ଏଡିଟ୍ କରି ସୋସିଆଲ ମିଡିଆରେ ପ୍ରସାର କରାଯାଇଥିବା ଭାଜପା ଅଭିଯୋଗ ଆଣିଛି।

# ବୀଭତ୍ସ ଉପହାର



## ସଂସଦରେ ପ୍ରିୟଙ୍କାଙ୍କୁ '୧୯୮୪' ଲେଖାଥିବା ବ୍ୟାଗ୍ ଦେଲେ ଅପରାଜିତା

**ନୂଆଦିଲ୍ଲୀ,୨୦।୧୨**

କଂଗ୍ରେସର ନବନିର୍ବାଚିତ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ୩ ଦିନ ପୂର୍ବରୁ ପାର୍ଲାମେଣ୍ଟକୁ 'ପାଲେଷ୍ଟାଇନ' ଲେଖାଥିବା ଏକ ବ୍ୟାଗ୍ କାନ୍ଧରେ ପକାଇ ଆସିଥିଲେ। ଗାଜା ଯୁଦ୍ଧରେ ନିର୍ଯାତନାର ସମ୍ମୁଖୀନ ହୋଇଥିବା ପାଲେଷ୍ଟିନୀୟଙ୍କ ସମର୍ଥନରେ ସେ ଏହି ବ୍ୟାଗ୍ ଆଣିଥିବା କହିଥିବାବେଳେ ଏହାକୁ ନେଇ ସମାଲୋଚିତ ହୋଇଥିଲେ। ତା' ପରଦିନ ବାଂଲାଦେଶରେ ନିର୍ଯାତନାର ସମ୍ମୁଖୀନ ହୋଇଥିବା ସଂଖ୍ୟାଲଘୁ ହିନ୍ଦୁଙ୍କ ସମର୍ଥନରେ ସେ ଆଉ ଏକ ବ୍ୟାଗ୍ ପକାଇ ଆସିଥିଲେ। ଶୀତ ଅଧିବେଶନର ଶେଷ ଦିନରେ ଭୁବନେଶ୍ୱରର ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ୧୯୮୪ ଶିଖ୍ ଦଙ୍ଗା ସମ୍ପର୍କରେ ମନେପକାଇଦେବା ପାଇଁ ପ୍ରିୟଙ୍କାକୁ '୧୯୮୪' ଲେଖାଥିବା ଏବଂ ସେଥିରୁ ରକ୍ତ ଝରିବା ଭଳି ବୀଭତ୍ସ ଦେଖାଯାଉଥିବା ଏକ ବ୍ୟାଗ୍ ଉପହାର ପ୍ରଦାନ କରିଛନ୍ତି। ଗତ ୫୦ ବର୍ଷରେ କଂଗ୍ରେସ ଯାହା କରିଛି, ତାହା ବର୍ତ୍ତମାନର ପିଢ଼ି ଜାଣିବା ଆବଶ୍ୟକ। ବ୍ୟାଗ୍ ପ୍ରିୟଙ୍କାଙ୍କର ଅତି ପ୍ରିୟ ହୋଇଥିବାରୁ ତାଙ୍କୁ ବ୍ୟାଗ୍ ଉପହାର ଦେବାକୁ ନିଷ୍ପତ୍ତି ନେଲି ବୋଲି ଅପରାଜିତା କହିଛନ୍ତି।

# ଓମ୍ ପ୍ରକାଶ ଚୌଟାଲାଙ୍କ ପରଲୋକ



**ନୂଆଦିଲ୍ଲୀ,୨୦।୧୨**

ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍ଏଲ୍‌ଡି)ର ଅଧ୍ୟକ୍ଷ ଓମ୍ ପ୍ରକାଶ ଚୌଟାଲାଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ଶ୍ୱାସକ୍ରିୟା ଜନିତ ସମସ୍ୟା ଯୋଗୁ ସେ ଅନେକ ଦିନ ହେଲା ଅସୁସ୍ଥ ଥିଲେ। ଗୁରୁଗ୍ରାମର ଏକ ଘରୋଇ ହସ୍ପିଟାଲରେ ସେ ମଧ୍ୟାହ୍ନ ୧୨ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି।

ଚୌଟାଲା ହେଉଛନ୍ତି ପୂର୍ବତନ ଉପପ୍ରଧାନମନ୍ତ୍ରୀ ଦେବୀ ଲାଲ୍‌ଙ୍କ ପୁଅ। ସେ ୫ ଥର ହରିୟାଣାର ମୁଖ୍ୟମନ୍ତ୍ରୀ ଏବଂ ୭ ଥର ବିଧାୟକ ରହିଥିଲେ। ତେବେ ଦୁର୍ନୀତି ମାମଲାରେ ଛନ୍ଦିହୋଇ ତାଙ୍କୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ଦିଲ୍ଲୀର ତିହାର ଜେଲରେ କଟାଇବାକୁ ପଡ଼ିଥିଲା। କୋଭିଡ୍ ମହାମାରୀ ପାଇଁ ଜେଲରୁ ଅତ୍ୟଧିକ ଭିଡ଼ କମାଇବା ପାଇଁ ୨୦୨୧ରେ ଚୌଟାଲାଙ୍କ ସମେତ କେତେଜଣ ବନ୍ଦୀଙ୍କୁ ମୁକ୍ତ କରିଦିଆଯାଇଥିଲା। ଜେଲରେ ସେ ସର୍ବବରିଷ୍ଠ ଅନ୍ତେବାସୀ ଥିଲେ। ତାଙ୍କ ବିୟୋଗରେ ହରିୟାଣା ସରକାର ୩ ଦିନିଆ ରାଜ୍ୟ ଶୋକ ଘୋଷଣା କରିଛନ୍ତି। ଏହି ସମୟରେ ରାଜ୍ୟ ସରକାରଙ୍କ ସମସ୍ତ ଅଟ୍ଟାଳିକାରେ ଜାତୀୟ ପତାକା ଅର୍ଦ୍ଧନମିତ ରହିବ। ସେହିପରି ସମସ୍ତ ସରକାରୀ ଉତ୍ସବକୁ ବନ୍ଦ ରଖାଯାଇଛି। ଚୌଟାଲାଙ୍କ ବାସସ୍ଥାନ ସିର୍ସା ଜିଲାର ତେଜା ଖେରା ଫାର୍ମରେ ଶନିବାର ଅପରାହ୍ନ ୩ଟାରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମ୍ପନ୍ନ ହେବ। ତାଙ୍କ ପରଲୋକରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ୧୯୩୫ ଜାନୁଆରୀ ୧ରେ ଚୌଟାଲା ସିର୍ସା ଜିଲାର ଚୌଟାଲା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୮୯ ଡିସେମ୍ବର ୨ରେ ପ୍ରଥମ ଥର ହରିୟାଣାର ମୁଖ୍ୟମନ୍ତ୍ରୀ ହୋଇ ୧୯୯୦ ମେ' ୨୨ ପର୍ଯ୍ୟନ୍ତ ରହିଥିଲେ। ସେହିବର୍ଷ ଜୁଲାଇ ୧୨ରେ ସେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇ ୫ ଦିନ ପରେ ଇସ୍ତଫା ଦେଇଥିଲେ। ୧୯୯୧ ଏପ୍ରିଲ ୨୨ରେ ତୃତୀୟ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ରାଷ୍ଟ୍ରପତି ଶାସନ ଜାରି ହେବାରୁ କାର୍ଯ୍ୟକାଳ ୨ ସପ୍ତାହରେ ଶେଷ ହୋଇଥିଲା। ପରେ ୧୯୯୯ ଜୁଲାଇ ଏବଂ ୨୦୦୦ ଫେବୃଆରୀରେ ମୁଖ୍ୟମନ୍ତ୍ରୀ ନିଯୁକ୍ତ ହୋଇଥିଲେ।

# ରାହୁଲ ଗାନ୍ଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପାର ଗଣବିକ୍ଷୋଭ



ଭୁବନେଶ୍ୱର ପାୱାର ହାଉସ ଛକଠାରେ ଶୁକ୍ରବାର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭୁବନେଶ୍ୱର, ୨୦।୧୨(ସୁନିତ୍ ମିଶ୍ର)**

ପାର୍ଲାମେଣ୍ଟରେ ହୋଇଥିବା ଠେଲାପେଲା ଘଟଣାକୁ ନେଇ ଓଡ଼ିଶାରେ ଭାଜପା ନେତାମାନେ ପ୍ରତିବାଦ ଜାରି ରଖିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭାଜପା ଅଭିଯୋଗ କରିଛି, ଦଳର ବରିଷ୍ଠ ନେତା ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ମୁକେଶ ରାଜପୁତଙ୍କୁ ରାହୁଲ ଗାନ୍ଧୀ ସଂସଦ ସମ୍ମୁଖରେ ଆକ୍ରମଣକରି ଲହୁଲୁହାଣ କରିଛନ୍ତି। ଏହି ଘଟଣାକୁ ସାରା ଦେଶ ନିନ୍ଦାକରିଛି। ଏହାଦ୍ୱାରା ୭୫ ବର୍ଷ ପୂର୍ତ୍ତି କରିଥିବା ଆଧୁନିକ ଭାରତର ଗଣତନ୍ତ୍ରର ଛବି ବର୍ତ୍ତମାନ ସାରା ବିଶ୍ୱରେ ଖରାପ ହୋଇଛି। ଏହାର ପ୍ରତିବାଦ କରି ଭାଜପା କାର୍ଯ୍ୟକର୍ତ୍ତାମାନେ ଭୁବନେଶ୍ୱର ପାୱାର ହାଉସ ଛକଠାରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଗଣବିକ୍ଷୋଭ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଛନ୍ତି, ପାର୍ଲାମେଣ୍ଟରେ ରାହୁଲ ଯେପରି ଆଚରଣ ପ୍ରଦର୍ଶନକରି ଗୁଣ୍ଡାଗର୍ଦ୍ଦି କଲେ ତାହାକୁ ଯେତେ ନିନ୍ଦାକଲେ କମ୍ ହେବ। ତାଙ୍କ ଯୋଗୁ ଓଡ଼ିଶା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଆହତ ହୋଇ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ପାର୍ଲାମେଣ୍ଟରେ ଭାଜପାର ୨ ଏମ୍‌ପିଙ୍କୁ ରକ୍ତାକ୍ତ କରି ରାହୁଲ ଯେଉଁ ରକ୍ତର ଛିଟା ପକାଇଲେ ଏହା ଇତିହାସରେ ଲିପିବଦ୍ଧ ହୋଇ ରହିବ। ତାଙ୍କର ଏହି ଆକ୍ରମଣ କେବଳ ଜନପ୍ରତିନିଧିଙ୍କ ଉପରେ ନୁହେଁ ବରଂ ଗଣତନ୍ତ୍ର ମନ୍ଦିର ଉପରେ ଆକ୍ରମଣ। ଏହି ଘଟଣା ନିର୍ବାଚିତ ପ୍ରତିନିଧିଙ୍କ ସୁରକ୍ଷା ପ୍ରତି ଏକ ବିପଦପୂର୍ଣ୍ଣ ସଙ୍କେତକୁ ଆହ୍ୱାନ କରୁଛି। ପ୍ରତାପ ଷଡ଼ଙ୍ଗୀଙ୍କ ଉପରେ ଏହି ଆକ୍ରମଣ ଓଡ଼ିଆ ଲୋକଙ୍କ ଭାବନାକୁ ଗଭୀର ଭାବେ ଆଘାତ ଦେଇଛି। ଏପରି ଅସମ୍ମାନକୁ ଓଡ଼ିଶା କେବେହେଲେ ସହ୍ୟ କରିବ ନାହିଁ। କଂଗ୍ରେସର କାର୍ଯ୍ୟ ଏବଂ ଭାଷଣବାଜି ବିଭାଜନକାରୀ ଏବଂ ହିଂସାତ୍ମକ ରାଜନୀତିର ଇତିହାସକୁ ଏହା ପ୍ରତିଫଳିତ କରେ। ଏହାର ପ୍ରତିବାଦକରି ଗୁରୁବାର ଯୁବମୋର୍ଚ୍ଚା ତରଫରୁ ରାହୁଲଙ୍କ କୁଶପୁତ୍ତଳିକା ଦାହକରାଯାଇଥିବା ବେଳେ ଶୁକ୍ରବାର ଭାଜପା କାର୍ଯ୍ୟକର୍ତ୍ତାମାନେ ଗଣାଧାରଣା ଦେଇଛନ୍ତି। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ରାଜ୍ୟପାଳଙ୍କୁ ଅବଗତ କରାଯାଇଛି ଯେ ଏଭଳି କାର୍ଯ୍ୟ କରି କଂଗ୍ରେସ ଦଳ ଭାରତବର୍ଷର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିଛି। ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା ବଦଳରେ ଉପହାସ କରାଯାଇଛି ବୋଲି ମନମୋହନ କହିଛନ୍ତି।

# ଦୁଗ୍ଧଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ: କଂଗ୍ରେସ

**ଭୁବନେଶ୍ୱର,୨୦।୧୨(ଅନିଲ ଦାସ)**

ରାଜ୍ୟ ସରକାର ନିକଟରେ ଦୁଗ୍ଧଚାଷୀଙ୍କ ଅର୍ଥନୈତିକ ବିକାଶ ପାଇଁ କାମଧେନୁ ଯୋଜନା ପ୍ରଣୟନ କରିଛନ୍ତି । କିନ୍ତୁ ଏହି ଯୋଜନାରେ ଝିଙ୍କିକା ମାରି ବଣି ପୋଷିବା ବ୍ୟବସ୍ଥା କରା ନ ଯାଉ । ଦୁଗ୍ଧ ପ୍ୟାକେଟ୍‌ର ଓଜନ ପରିମାଣ କମାଇ ବିକ୍ରି କରା ନ ଯାଉ । ଏଥିରେ ଚାଷୀର ଆଦୌ ବିକାଶ ହେବ ନାହିଁ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ କହିଛନ୍ତି। ସେ ଗତ ୨୫ ବର୍ଷ ମଧ୍ୟରେ ଦୁଗ୍ଧଚାଷୀମାନଙ୍କ ଆର୍ଥିକ ଦୁଃସ୍ଥିତି ସୁଧୁରି ନାହିଁ। ଦୁଗ୍ଧଚାଷୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ଦିନକୁ ଦିନ ଜଟିଳ ହେଉଛି । ରାଜ୍ୟ ସରକାର ଆନ୍ତରିକତାର ସହିତ ଦୁଗ୍ଧଚାଷୀଙ୍କ ସାମଗ୍ରିକ ବିକାଶ ପାଇଁ ଚାଷୀଙ୍କଠାରୁ ଦୁଗ୍ଧ ଲିଟର ପିଛା ୪୦ ଟଙ୍କାରେ କ୍ରୟ କରିବା ସହ ଗୋଖାଦ୍ୟରେ ଚାଷୀଙ୍କୁ ୭୦ ପ୍ରତିଶତ ରିହାତି, ପ୍ରତି ବ୍ଲକ୍‌ସ୍ତରରେ ସରକାରୀ ଗୋଖାଦ୍ୟ ଭଣ୍ଡାର, ପ୍ରତି ପଞ୍ଚାୟତରେ ଗୋଶାଳା ପ୍ରତିଷ୍ଠା, ଗୋପାଳକଙ୍କ ପରିବାର ଆତ୍ମନିଯୁକ୍ତି ଯୋଜନାରେ ବିନା ବନ୍ଧକ ଓ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

# ଦଳ ବିରୋଧୀ କାର୍ଯ୍ୟ: ବିଜେଡିରୁ ୨ ନିଲମ୍ବିତ

**ରାଜନଗର, ୨୦।୧୨**
**(ଭାସ୍କର ରାଉତରାୟ)**

ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୁକ୍ରବାର କୁରୁଣ୍ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ଜ୍ଞମର କୁମାର ସ୍ୱାଇଁ ଓ ଯୁବନେତା ହିମାଂଶୁ ଭୂଷଣ ପାଣିଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି ବୋଲି ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ପରଠାରୁ କୁରୁଣ୍ଟି ପଞ୍ଚାୟତର ଏହି ଦୁଇ ନେତା ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ସହ ଦଳୀୟ କର୍ମୀଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଥିଲେ। କୁରୁଣ୍ଟି ପଞ୍ଚାୟତର ବିଜେଡି ସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ ଓ ଦଳର ଆଗଧାଡିର ନେତାମାନେ ଏ ନେଇ ଲିଖିତ ଭାବେ ବ୍ଲକ ବିଜେଡି ସଭାପତିଙ୍କୁ ଜଣାଇଥିଲେ।

# ଭାଜପାରେ ମିଶିଲେ ସରପଞ୍ଚଙ୍କ ସମେତ ବିଜେଡି, କଂଗ୍ରେସ କର୍ମୀ

**ଭଦ୍ରକ,୨୦।୧୨(ସନାତନ ରାଉତ)**

ଭଦ୍ରକ କୁଆଁସସ୍ଥିତ ଭାଜପା ବିଧାନସଭା କାର୍ଯ୍ୟାଳୟରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ଉପସ୍ଥିତିରେ ଶତାଧିକ ବିଜେଡି, କଂଗ୍ରେସ ନେତା ଓ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଭଦ୍ରକ ବ୍ଲକ ଗୋରାମାଟି ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଭାଗ୍ୟବତୀ ମହାକୁଡ଼ଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ସୁଦର୍ଶନ ସେଠୀ, କୁଳମଣି ଜେନା, ରବୀନ୍ଦ୍ର ନାୟକଙ୍କ ସମେତ ବହୁ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ଏରଡ଼ା ପଞ୍ଚାୟତର ଯୁବନେତା ଭକ୍ତହରି ମହାନ୍ତିଙ୍କ ନେତୃତ୍ୱରେ ସମିତିସଭ୍ୟା ପୁଷ୍ପାରାଣୀ ବଳ, ପୂର୍ବତନ ସମିତିସଭ୍ୟ ବନମାଳୀ ବିଶ୍ୱାଳ, ୱାର୍ଡସଭ୍ୟ ମାନସ ଜେନା, ରମେଶ ତ୍ରିପାଠୀ, ପୂର୍ବତନ ୱାର୍ଡସଭ୍ୟ ଗଦାଧର ମିଶ୍ର, ରଞ୍ଜିତ୍ ମିଶ୍ର, ଡମ୍ବରୁଧର ନାୟକ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ପୌରପାଳିକାର ୫ନଂ. ୱାର୍ଡର ବିଜେଡି ନେତା କିଶୋର ବାରିକଙ୍କ ନେତୃତ୍ୱରେ ସୁଭଦ୍ରା ଦାସ, କୁନି ଦାସ, କନକଲତା ଦାସ, ସମା ବିବି, ସଲିନା ବିବିଙ୍କ ସମେତ ବହୁ ମହିଳା, ଚଣ୍ଡିଗାଁ ପଞ୍ଚାୟତର କଂଗ୍ରେସ ନେତା ସୁଧାଂଶୁ ଶେଖର ରାଉତ, ଶରତ ଜେନା, ଦୀପ୍ତି ଜେନା, ରବି ଜେନା ପ୍ରମୁଖ ଭାଜପାରେ ସାମିଲ ହୋଇଥିବା ବେଳେ ବିଧାୟକ ସମସ୍ତଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏସବୁ ଅଞ୍ଚଳରେ ଭାଜପା ଆହୁରି ଶକ୍ତିଶାଳୀ ହେବା ସହ ଆଗକୁ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ବିଧାୟକ କହିଛନ୍ତି।



ଭାଜପାର ମିଶ୍ରଣ ପର୍ବରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସହ ନୂତନ କର୍ମୀ।

# କୋରୁକୋଣ୍ଡା ବ୍ଲକ୍ ଅଧ୍ୟକ୍ଷଙ୍କ ନାଁରେ ପୁଣି ଅଭିଯୋଗ

**କାର୍ଯ୍ୟାନୁଷ୍ଠାନ ନ ହେଲେ ବ୍ଲକ୍ ଅଫିସ୍‌ରେ ତାଲା ପକାଇବାକୁ ଚେତାବନୀ**

**କୋରୁକୋଣ୍ଡା, ୨୦।୧୨(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଅଧ୍ୟକ୍ଷ ଜିତୁ ବୁରୁଡ଼ିଙ୍କ ବିରୋଧରେ ପୁଣି ଥରେ ପୁଣି ଥରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି ମାରିୱାଡା ଜିଲା ପରିଷଦ, ବ୍ଲକ୍ ଉପାଧ୍ୟକ୍ଷ ଏବଂ ୮ଜଣ ସମିତି ସଭ୍ୟାସଭ୍ୟ ।

ମିଳିଥିବା ସୂଚନା ଅନୁଯାୟୀ, ମାରିୱାଡା ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଓ ବ୍ଲକ ଉପାଧ୍ୟକ୍ଷା ମାନସୀ ପଡ଼ିଆମି ଏବଂ ୮ଜଣ ସମିତି ସଭ୍ୟ ଶୁକ୍ରବାର ବ୍ଲକ୍ କାର୍ଯ୍ୟାଳୟରେ ବିଡିଓଙ୍କୁ ସାକ୍ଷାତକରି ବ୍ଲକ୍ ଅଧ୍ୟକ୍ଷ ଜିତୁଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ସେମାନେ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି, ଦୀର୍ଘ ୩ବର୍ଷ ହେଲା ବ୍ଲକ୍‌ର ସମିତି ସଭ୍ୟଙ୍କ ଅଜାଣତରେ ନିଜେ କାର୍ଯ୍ୟ ଖସଡା ପ୍ରସ୍ତୁତ କରି ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି । ଏହାକୁ ନେଇ ସମସ୍ତ ସମିତି ସଭ୍ୟ ବାରମ୍ବାର ବ୍ଲକ୍ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ବି ବ୍ଲକ୍ ଅଧ୍ୟକ୍ଷ ନିଜ ଇଚ୍ଛା ମୁତାବକ ଏଭଳି କାର୍ଯ୍ୟ କରିଚାଲିଛନ୍ତି । ଏହାକୁ ବିରୋଧକରି ପୂର୍ବରୁ ୩/୪ ଥର ଡକାଯାଇଥିବା ପାଞ୍ଚାୟତ ସମିତି ବୈଠକକୁ ଉପରୋକ୍ତ ସମିତି ସଭ୍ୟାସଭ୍ୟ ବର୍ଜନ ମଧ୍ୟ କରିଥିଲେ। ଅଧ୍ୟକ୍ଷ ବାରମ୍ବାର ସମସ୍ତଙ୍କୁ ଅଣଦେଖା କରିବା ଯୋଗୁ ଗତ କିଛି ମାସ ପୂର୍ବେ ସମିତି ସଭ୍ୟମାନେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମଧ୍ୟ ଆଣିଥିଲେ। କିନ୍ତୁ ତାଙ୍କର ଅର୍ଥ ଓ ବାହୁ ବଳକୁ ସାମ୍ନାକରି ନ ପାରି ଆମେ ବିଫଳ ହୋଇଥିଲୁ। ଆଜକୁ ପ୍ରାୟ ଦୀର୍ଘ ୩ ବର୍ଷ ଧରି ଏଭଳି ସମସ୍ୟା ଲାଗି ରହିଛି। ନ୍ୟାୟ ପାଇଁ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ଆଦୌ ଗ୍ରହଣ କରାଯାଉନାହିଁ ବୋଲି ସମିତି ସଭ୍ୟ ଅଭିଯୋଗ କରିଛନ୍ତି। ତୁରନ୍ତ ବ୍ଲକ୍ ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆମେ କୌଣସି ପଞ୍ଚାୟତ ସମିତି ବୈଠକ କରିବାକୁ ଦେବୁ ନାହିଁ। ଆବଶ୍ୟକ ପଡ଼ିଲେ କୋରୁକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ତାଲା ପକାଇବାକୁ ବାଧ ହେବୁ ବୋଲି ଉପରୋକ୍ତ ସମିତି ସଭ୍ୟ ଚେତାବନୀ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ିଙ୍କୁ ଏ ସମ୍ପର୍କରେ ପଚାରିବାରୁ, ପ୍ରତି ମାସରେ ବୈଠକ ହୋଇ କାମ ବଣ୍ଟନ କରାଯାଉଛି। ମୋ ନାମରେ କେତେଜଣ ବ୍ୟକ୍ତି ମିଥ୍ୟା ଅଭିଯୋଗ ଆଣୁଛନ୍ତି ବୋଲି ସେ କହିଛନ୍ତି। କୋରୁକୋଣ୍ଡା ବିଡିଓ ଅମୂଲ୍ୟ ଚରଣ ସାହୁଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୪୧୦୪୦୬ରେ ଫୋନ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ନ ହେବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

> ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ । କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ । ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା । ସବୁ ଦୁର୍ବଳତା ହେଉଛି– ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା । –ଶ୍ରୀଅରବିନ୍ଦ



# ନିର୍ଦ୍ଦେଶକୁ ଅଣଦେଖା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିଯୁକ୍ତି ବିଷୟରେ ସୁପ୍ରିମକୋର୍ଟଙ୍କୁ ପୁଣି ଥରେ ରାଜ୍ୟଗୁଡ଼ିକୁ ସେମାନଙ୍କର ଦାୟିତ୍ୱ ସମ୍ପର୍କରେ ସ୍ମରଣ କରାଇବାକୁ ପଡ଼ିଛି । ଏହା ଚିନ୍ତାଜନକ ଯେ, ପ୍ରକାଶ ସିଂ ମାମଲାର ରାୟକୁ ଅନୁସରଣ କରିବାକୁ ଚାହୁଁ ନ ଥିବା ଦେଖାଯାଉଛି । ନିକଟରେ ସର୍ବୋଚ୍ଚ ଅଦାଲତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ ଏବଂ ପଶ୍ଚିମବଙ୍ଗର ଡିଜିପି ନିଯୁକ୍ତି ଉପରେ ସ୍ପଷ୍ଟୀକରଣ ମାଗିଥିଲେ । ଡିଜିପି ଚୟନ ପାଇଁ କୋର୍ଟଙ୍କ ନିର୍ଦ୍ଦେଶିତ ପ୍ରକ୍ରିୟାକୁ ଏହିସବୁ ରାଜ୍ୟ ସହ ଝାଡ଼ଖଣ୍ଡ ଅବମାନନା କରିଥିବା ଜନ୍ ସେବା ଟ୍ରଷ୍ଟ କୋର୍ଟରେ ଅଭିଯୋଗ ଆଣି ନିୟମର ଉଲ୍ଲଂଘନ ହୋଇଥିବା ଦାବି କରିଥିଲା । ଏହା ଦର୍ଶାଇଥିଲା ଯେ, ପୋଲିସ ମୁଖ୍ୟଙ୍କ ପାଇଁ ସ୍ଥିରୀକୃତ ୨ ବର୍ଷ କାର୍ଯ୍ୟକାଳର ଆବଶ୍ୟକତାକୁ ଅଣଦେଖା କରାଯିବା ସହ ଯୋଗ୍ୟ ଆଇପିଏସ୍ ଅଧିକାରୀଙ୍କ ପାଇଁ ୟୁପିଏସ୍‌ସି ଦ୍ୱାରା ପ୍ରସ୍ତୁତ ନିଯୁକ୍ତି ତାଲିକାରୁ ଚୟନ କରିବାର ଆଦେଶ ପାଳନ କରାଯାଇନାହିଁ । ରାଜନୈତିକ ହସ୍ତକ୍ଷେପରୁ ପୋଲିସକୁ ଅଲଗା କରିବା ଏବଂ ଯୋଗ୍ୟତାଭିତ୍ତିକ ନେତୃତ୍ୱ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ୨୦୦୬ର ପ୍ରକାଶ ସିଂ ରାୟ ଥିଲା ଗୁରୁତ୍ୱପୂର୍ଣ୍ଣ । ପୋଲିସରେ ସ୍ଥିରତା ଓ ବୃତ୍ତିଗତ ଭାବନାକୁ ବଢ଼ାଇବା ପାଇଁ କାର୍ଯ୍ୟକାଳ ସୀମା ନିର୍ଦ୍ଧାରଣ କରାଯିବା ସହ ତଥା ବ୍ୟବସ୍ଥାଗତ ପ୍ରକ୍ରିୟା ସ୍ଥିର କରାଯାଇଛି । ତଥାପି ରାଜ୍ୟଗୁଡ଼ିକ ଏହି ନିର୍ଦ୍ଦେଶନାମାକୁ ପାଳନ କରୁନାହାନ୍ତି । ତେବେ ପ୍ରତିକ୍ରିୟା ଜଣାଇବା ପାଇଁ କୋର୍ଟ ବର୍ତ୍ତମାନ ୬ ସପ୍ତାହ ଏବଂ ଉତ୍ତର ପାଇଁ ୪ ସପ୍ତାହ ଦେଇଛନ୍ତି । ୧୭ ବର୍ଷର ପୁରୁଣା ନିର୍ଦ୍ଦେଶ ପାଳନରେ ବିଳମ୍ବକୁ ନେଇ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ । ଏସବୁ ଦୃଷ୍ଟିରୁ କୋର୍ଟ ନିରାଶା ପ୍ରକାଶ କରିବା ଯଥାର୍ଥ । ପୋଲିସ ସଂସ୍କାର କେବଳ ପଦାନୁକ୍ରମର କଥା ନୁହେଁ, ଏଥିରେ ନ୍ୟାୟ, ଉତ୍ତରଦାୟିତ୍ୱ ଏବଂ ଜନସାଧାରଣଙ୍କ ଆତ୍ମବିଶ୍ୱାସ ଜଡ଼ିତ । ତେବେ ନିର୍ଦ୍ଦେଶକୁ ଅଣଦେଖା କରୁଥିବା ରାଜ୍ୟଗୁଡ଼ିକୁ ଶୀଘ୍ର ଉତ୍ତର ଦେବାକୁ ପଡ଼ିବ ।

### ବାବୁ ବିବାଦ

ନିକଟରେ କେରଳର ନିଲମ୍ବିତ ଆଇଏଏସ୍ ଅଧିକାରୀ ଏନ୍. ପ୍ରଶାନ୍ତ ଫେସ୍‌ବୁକ୍‌ରେ ତାଙ୍କର ବରିଷ୍ଠ ସହକର୍ମୀ ଏ. ଜୟତିଲକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ । ଜୟତିଲକଙ୍କ ଅଫିସ୍ ତଫସିଲଭୁକ୍ତ ଜାତି( ଏସ୍‌ସି) ଓ ଜନଜାତି(ଏସ୍‌ଟି)ଙ୍କ ସଶକ୍ତୀକରଣ ଯୋଜନାର ଫାଇଲ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ବାହାରେ ପ୍ରକାଶ କରିଥିବା ପ୍ରଶାନ୍ତ କହିଥିଲେ । ଏସ୍‌ସି /ଏସ୍‌ଟି ସମୁଦାୟଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ 'ଉନ୍ନତି' ହିଁ ଏହି ବିବାଦର ମୂଳ କାରଣ । ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ନିକଟକୁ ଜୟତିଲକ ପଠାଇଥିବା ଚିଠିକୁ ଆଧାରକରି ପ୍ରକାଶିତ ଏକ ଖବରକାଗଜ ରିପୋର୍ଟରେ ଦର୍ଶାଯାଇଛି ଯେ ପ୍ରଶାନ୍ତ ତାଙ୍କ ଉତ୍ତରାଧିକାରୀ କେ.ଗୋପାଳକୃଷ୍ଣନ୍‌ଙ୍କୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ହସ୍ତାନ୍ତର କରିବାରେ ବିଫଳ ହୋଇଛନ୍ତି । ତେବେ ପ୍ରଶାନ୍ତ ଏହାକୁ ଷଡ଼ଯନ୍ତ୍ର ଦର୍ଶାଇ ତା'ଉପରେ ତୁରନ୍ତ ପ୍ରତିକ୍ରିୟା ପ୍ରକାଶକରି ଜୟତିଲକ ଓ ଗୋପାଳକ୍ରିଷ୍ଣନ୍ ଡିଜିଟାଲ ରେକର୍ଡରେ ହେରଫେରକରି ତାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ବୋଲି ସେ କହିଥିଲେ । ପ୍ରଶାନ୍ତଙ୍କ ବିରୋଧରେ ଅବମାନନା ଏବଂ ସରକାରଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଅଭିଯୋଗ ହୋଇଛି । ଡିଜିଟାଲ ଉପକରଣଗୁଡ଼ିକ ବର୍ତ୍ତମାନ ବିବାଦରେ ଅସ୍ତ୍ର ପାଲଟିଯାଇଛି । ଶୃଙ୍ଖଳା ଫେରାଇ ଆଣିବା ଏବଂ ଅମଲାତାନ୍ତ୍ରିକ ଝଗଡ଼ା ଶାସନର ଗୁରୁତ୍ୱ ଯେଭଳି ହ୍ରାସ ନ କରିପାରିବ ତାହା ନିଶ୍ଚିତ କରିବା ଲାଗି ଆଇଏଏସ୍ ଅଧିକାରୀ ସଂଘ ଏଥିରେ ହସ୍ତକ୍ଷେପ କରିବା ଉଚିତ । ଏହା ନିଶ୍ଚିତ ଯେ, ଭର୍ଚୁଆଲ ବାଦ ବିବାଦରେ ଜଡ଼ିତ ବରିଷ୍ଠ ଅଧିକାରୀଙ୍କଠାରୁ କେରଳ ଯୋଗ୍ୟ ଅଧିକାରୀ ଆବଶ୍ୟକ କରେ । ବାସ୍ତବରେ ଆବଶ୍ୟକ ହେଉଛି ଉତ୍ତରଦାୟିତ୍ୱ, ବୃତ୍ତିଗତତା ଏବଂ ଜନସେବା ଟୁଇଟର ଝଗଡ଼ା ପାଇଁ ଉଦ୍ଦିଷ୍ଟ ନୁହେଁ ।

### ଦ୍ୱୈତ ଦାୟିତ୍ୱ

ଅର୍ଥନୈତିକ ବ୍ୟାପାର ସଚିବ ଅଜୟ ସେଠ୍‌ଙ୍କୁ ମଧ୍ୟବର୍ତ୍ତିକାଳୀନ ରାଜସ୍ୱ ସଚିବ ଭାବରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । କ୍ୟାବିନେଟ୍ ନିଯୁକ୍ତି କମିଟି(ଏସିସି ) ନିର୍ଦ୍ଦେଶ ଅନୁଯାୟୀ, ସ୍ଥାୟୀ ନିଯୁକ୍ତି ନ ହେବା କିମ୍ବା ପୁନଃ ନିର୍ଦ୍ଦେଶ ନ ଦିଆଯିବା ପର୍ଯ୍ୟନ୍ତ ସେ ଏହି ଦ୍ୱୈତ ଦାୟିତ୍ୱ ତୁଲାଇବେ । ୧୯୮୭ ବ୍ୟାଚ୍ କର୍ଣାଟକ କ୍ୟାଡର ଆଇଏଏସ୍ ଅଧିକାରୀ ସେଠ୍ ଅର୍ଥନୈତିକ କାର୍ଯ୍ୟରେ ସ୍ଥିରତା ବଜାୟ ରଖିବା ପଦକ୍ଷେପ ପାଇଁ ଜଣାଶୁଣା । ବିଟେକ୍ ଏବଂ ଏମ୍‌ବିଏ ଡିଗ୍ରୀ ହାସଲ କରିଥିବା ଆଇଏଏସ୍ ଅଧିକାରୀ ସେଠ୍ ଏପ୍ରିଲ ୨୦୨୧ ଠାରୁ ଅର୍ଥନୈତିକ ବ୍ୟାପାର ବିଭାଗର ନେତୃତ୍ୱ ନେଉଛନ୍ତି । ବର୍ତ୍ତମାନ କେନ୍ଦ୍ର ବଜେଟରେ ପୁଣି ଥରେ ସେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ । ଏହି ସପ୍ତାହ ପୂର୍ବରୁ ଅବସରପ୍ରାପ୍ତ ରାଜସ୍ୱ ସଚିବ ସଞ୍ଜୟ ମାଲହୋତ୍ରାଙ୍କୁ ନୂତନ ଆର୍‌ବିଆଇ ଗଭର୍ନର ଭାବେ ନିଯୁକ୍ତ ଦିଆଯିବା ପରେ ଏହି ପଦବୀ ଖାଲି ପଡ଼ିଥିଲା । ଅର୍ଥ ମନ୍ତ୍ରଣାଳୟର ଅଭ୍ୟନ୍ତରୀଣ ଉତ୍ସରୁ ଜଣାପଡ଼ିଛି ଯେ, ଆର୍ଥିକ ନୀତି ନିର୍ଦ୍ଧାରଣରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି, ଯାହା ତାଙ୍କୁ ଏହି ଦାୟିତ୍ୱ ପାଇଁ ଯୋଗ୍ୟ କରିଛି । ଏହା ଏକ ଉଚ୍ଚକୋଟୀର ମୁହୂର୍ତ୍ତ, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଚ୍ୟାଲେଞ୍ଜକୁ ମୁକାବିଲା କରିବା ଲାଗି ସେଠ୍‌ଙ୍କ ନିକଟରେ ଦକ୍ଷତା, କୌଶଳ ରହିଛି । ମନ୍ତ୍ରଣାଳୟର କାର୍ଯ୍ୟ ବିଷୟରେ ସେଠ୍‌ଙ୍କର ଗଭୀର ଜ୍ଞାନ ରହିଥିଲେ ମଧ୍ୟ ତାଙ୍କ ନିଯୁକ୍ତି ସୁନିଶ୍ଚିତ କରେ ଯେ ବଜେଟ ପ୍ରକ୍ରିୟାରେ ସମସ୍ୟା ଉପୁଜିବାର ପ୍ରଶ୍ନ ନାହିଁ । ହେଲେ ପ୍ରଶ୍ନ ହେଉଛି: ସେ କେତେଦିନ ପର୍ଯ୍ୟନ୍ତ ଏହି ଦ୍ୱୈତ ଭୂମିକାକୁ ସୁଚାରୁରୂପେ ତୁଲାଇପାରିବେ ? ବର୍ତ୍ତମାନ ପାଇଁ ସମସ୍ତଙ୍କ ନଜର ତାଙ୍କ ଉପରେ ଅଛି ।

Email: dilipcherian@gmail.com

# ରାଜ୍ୟ ପିତୃତ୍ୱବାଦ ଓ ନିମ୍ନ ଆକାଂକ୍ଷା



ଡ. ଚିତ୍ତରଞ୍ଜନ ନାୟକ

ଆମ ରାଜ୍ୟରେ ସତ୍ତା ବଦଳିଛି । ଦୀର୍ଘ ୨୪ ବର୍ଷର ପୂର୍ବ ସରକାର ସମୟରେ ଓଡ଼ିଶାର ପ୍ରଗତି କେତେ ହେଲା ତାହା ବିତର୍କର ବିଷୟ । ମାତ୍ର ପୂର୍ବ ସରକାରଙ୍କ ସୁଦୀର୍ଘ କାର୍ଯ୍ୟକାଳ ସମୟରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ (?) ଯୋଜନାର କୌଣସି ଅଭାବ ନ ଥିଲା । ଏବେର ସରକାର 'ଜନ ହିତୈଷୀ ଯୋଜନା'ରେ ଆଉ ଦୁଇ ପାଦ ଆଗକୁ ଯିବେ ସିନା, ପଛକୁ କିଆଁ ଆସିବେ ! ଏହା ଖାଲି ଆମ ଓ ଦଶା ନୁହେଁ, ଅଧିକାଂଶ ରାଜ୍ୟରେ ଏମିତି ଅନେକ ଯୋଜନା ଚାଲିଛି । ଏହି ବ୍ୟବସ୍ଥାକୁ ଆମେ କହୁ 'ରାଜ୍ୟ ପିତୃତ୍ୱବାଦ ବ୍ୟବସ୍ଥା' । ରାଜ୍ୟ ବୋଇଲେ ଉଭୟ କେନ୍ଦ୍ର ଓ ପ୍ରଦେଶ ସରକାରଙ୍କୁ ବୁଝିବା । 'ରାଜ୍ୟ ପିତୃତ୍ୱବାଦ' ର ଅର୍ଥ ଏହି ଯେ ଗରିବ-ଗ୍ରାମୀଣ ଜନତାଙ୍କ ମୌଳିକ ଆବଶ୍ୟକତାକୁ ପୂରା କରିବା ପାଇଁ ସରକାରଙ୍କ 'ଅଭିଭାବକ' ଭୂମିକା ନିର୍ବାହ କରିବାର ପ୍ରବଣତା । ଏହାକୁ 'ଉପରରୁ ତଳକୁ' ବିକାଶ ମଡେଲର ଅଂଶବିଶେଷ ବୋଲି ଧରି ନିଆଯାଇପାରେ । ଆମେ ଏହାକୁ 'ଶୀର୍ଷ ଆରୋପିତ' ମଡେଲ ବୋଲି ମଧ୍ୟ କହିପାରିବା ।

ଆସନ୍ତୁ, ଏହାର ପ୍ରଭାବ ବିଷୟରେ ସାମାନ୍ୟ ସମୀକ୍ଷା କରିବା । ବିକାଶ ପାଇଁ ସର୍ବାଦୌ ଆବଶ୍ୟକ ଜିନିଷଟି ହେଉଛି 'ଆକାଂକ୍ଷା' । ଆକାଂକ୍ଷା ଥିଲେ ଲୋକେ ଉଦ୍‌ଯୋଗ କରନ୍ତି । ଲୋକଙ୍କ ପରିଶ୍ରମଶୀଳତାରୁ ଉତ୍ପାଦନରେ ଅଭିବୃଦ୍ଧି ହୁଏ । ନବୋନ୍ମେଷର ଅବସର ରହେ । ଉଚ୍ଚ ଆକାଂକ୍ଷା ଥିବା ବ୍ୟକ୍ତିମାନେ ଦକ୍ଷତା, ଶ୍ରମ ବଜାର ଏବଂ ସାମାଜିକ ମଞ୍ଚ ସମେତ ବିଭିନ୍ନ କ୍ଷେତ୍ରରେ ଉନ୍ନତ ଫଳାଫଳ ପାଇବାରେ ପ୍ରବୃତ୍ତ ରୁହନ୍ତି । ତେବେ ଏହି ଆକାଂକ୍ଷା ବ୍ୟକ୍ତିର ସାମାଜିକ ପରିବେଶ ଦ୍ୱାରା ନିର୍ଣ୍ଣିତ ହୁଏ । ସାମାଜିକ ପରିବେଶ ଶିକ୍ଷା, ସ୍ୱାସ୍ଥ୍ୟ, ଆଇନଶୃଙ୍ଖଳା ଇତ୍ୟାଦି ମୌଳିକ ସୁବିଧା ଉପରେ ନିର୍ଭର କରେ । ତେଣୁ ସମାଜବାଦ, ସାମ୍ୟବାଦ, ପୁଞ୍ଜିବାଦ ପରି ବିବିଧ ପରସ୍ପର ବିରୋଧୀ ଆର୍ଥିକ ସିଦ୍ଧାନ୍ତରେ ମଧ୍ୟ ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ ସୂଚୀରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଇନ ବ୍ୟବସ୍ଥାର ସୁପରିଚାଳନାକୁ ସାମିଲ କରିବା ନେଇ କୌଣସି ଅସମ୍ମତି ନ ଥାଏ ।

ଓଡ଼ିଶା ପରିପ୍ରେକ୍ଷୀରେ ଏହା ଏକ ବିଡ଼ମ୍ବନା ଯେ, ଲୋକ କଲ୍ୟାଣ ନାଁରେ ଆମେ ନୂଆ ନୂଆ ଯୋଜନା ପାଇ ଚାଲୁଛୁ । ମାତ୍ର ମାନବ ସମ୍ବଳର ବିକାଶ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ଦୁଇ ଗୁରୁତ୍ୱପୂର୍ଣ୍ଣ ସେବାକ୍ଷେତ୍ରରେ ବଡ଼ ସାଲିସ କରି ଚାଲିଛୁ । ଉଦାହରଣ ସ୍ୱରୂପ,



ଆମେ ଅଗ୍ରଣୀ ସ୍ୱୟଂସେବା ସଂସ୍ଥା 'ପ୍ରଥମ' ତରଫରୁ ୨୦୨୨ ବର୍ଷ ପାଇଁ ପ୍ରକାଶିତ ତଥ୍ୟକୁ ବିଚାରକୁ ନେଇପାରିବା । ବିସ୍ତୃତ ତଥ୍ୟ ଭିତରୁ ଏହା ମଧ୍ୟ ଜଣାଗଲା ଯେ, ଅଷ୍ଟମ ପାସ୍‌ରୁ ଶତକ ୨୩. ୪ ଛାତ୍ରୀ ଓ ୨୯. ୭ ଛାତ୍ର ଦ୍ୱିତୀୟ ଶ୍ରେଣୀର ପୁସ୍ତକ ପଢ଼ିବା ପାଇଁ ଅକ୍ଷମ । ସେହିପରି ୟୁନେସ୍କୋ(୨୦୨୧)ର ତଥ୍ୟ ଦର୍ଶାଏ ଯେ, ଓଡ଼ିଶାରେ ୩୧୯୭ଟି ବିଦ୍ୟାଳୟ ଜଣେ ମାତ୍ର ଶିକ୍ଷକ ଦ୍ୱାରା ପରିଚାଳିତ, ଯେଉଁଥିରୁ ୮୮ ଭାଗ ବିଦ୍ୟାଳୟ ଗ୍ରାମାଞ୍ଚଳରେ ଅବସ୍ଥିତ । ଅନେକ ବିଦ୍ୟାଳୟ ଥିବ ଯେଉଁଠି ୫ଟି ଶ୍ରେଣୀ ପାଇଁ ମାତ୍ର ଜଣେ ଶିକ୍ଷକ ଥିବେ । ରାଜ୍ୟରେ ଉଚ୍ଚ ଶିକ୍ଷାର ସ୍ଥିତି ମଧ୍ୟ ସହଜେ ଅନୁମେୟ । ସ୍ୱାସ୍ଥ୍ୟ କଥା ତ ସମସ୍ତଙ୍କ ଅଙ୍ଗେନିଭା ! ଆଇନ ବ୍ୟବସ୍ଥା ବିଷୟରେ ମଧ୍ୟ ଆମେ ଏଠାରେ ଆଲୋଚନା କରୁନାହୁଁ । ଆମର ପ୍ରଧାନ ପ୍ରଶ୍ନଟି ହେଲା, ଶିକ୍ଷାର ଗୁଣବତ୍ତା ବିନା 'ଆକାଂକ୍ଷା' ଜାତ ହେବ କିପରି ?

ଆର୍ଥିକ ଢାଞ୍ଚାର କ୍ରମାଗତ ପରିବର୍ତ୍ତନ ଯୋଗୁ ଗାଁରେ ରହୁଥିବା ଏକ ବଡ଼ ବର୍ଗ ପାଇଁ ପାରମ୍ପରିକ କର୍ମ ସଂସ୍ଥାନ ଆଉ ପୂର୍ବପରି ଉପଲବ୍ଧ ନୁହେଁ । ପଳାୟନ ଏକ ସ୍ୱାଭାବିକ ପ୍ରକ୍ରିୟାରେ ପରିଣତ ହୋଇଛି । ତେବେ ବୟସ୍କ ବ୍ୟକ୍ତି, ଶିଶୁ, ତରୁଣ, ମା'ମାନେ ଯିବେ କୁଆଡ଼େ । ନିଜର ପିଲାମାନେ ଯଦି କିଛି ବାହାରୁ ଟଙ୍କା ପଠାଉଥିବେ ସେତିକି ସମ୍ବଳ ସହ ସୀମିତ ସମ୍ପତ୍ତିରୁ ନାମମାତ୍ର ଆୟରେ ପ୍ରତିପୋଷଣର ଜ୍ୱାଳା ଭିତରେ ଯେ କୌଣସି ଉପାୟରେ 'ପ୍ରତ୍ୟକ୍ଷ ସରକାରୀ ସହଯୋଗ' ସେମାନଙ୍କ ପାଇଁ ନିଶ୍ଚୟ ଏକ ବଡ଼ ଆଶ୍ୱାସନା । ତେଣୁ ତାହା ପିଲାମାନଙ୍କ ପାଇଁ 'ମଧ୍ୟାହ୍ନ ଭୋଜନ' ହେଉ ବା ମାଆମାନଙ୍କ ପାଇଁ 'ସୁଭଦ୍ରା', ଚାଷୀମାନଙ୍କ ପାଇଁ 'କାଳିଆ' (ଏବେ ନୂଆ ନାଁ–ସି.ଏମ୍.କିଷାନ ସମ୍ମାନ), ବୟସ୍କମାନଙ୍କ 'ମଧୁବାବୁ ପେନ୍‌ସନ' ବା ପୂରା ପରିବାର ପାଇଁ 'ପି. ଏମ୍. ଗରିବ କଲ୍ୟାଣ ଅନ୍ନ' ଯୋଜନା – ଏ ସବୁ ଯୋଜନା ଅସହାୟତାରୁ ବ୍ୟକ୍ତିକୁ ଆଶ୍ୱସ୍ତି ପ୍ରଦାନକାରୀ ନିଶ୍ଚୟ । ଆମେ ଏହାର ବିରୋଧୀ ନୋହୁଁ । ମାତ୍ର ଏ ସବୁ ଯୋଜନା ପ୍ରଣୟନ ପୂର୍ବରୁ ଚିହ୍ନଟ ଓ ହସ୍ତାନ୍ତରଣ ପ୍ରକ୍ରିୟା ସ୍ୱଚ୍ଛ ଓ ପାରଦର୍ଶୀ ହେବା ଜରୁରୀ । ଯଥା ଏକ ସରକାରୀ ଆକଳନ କହେ ଯେ ଗ୍ରାମୀଣ ଓଡ଼ିଶାର ଦରିଦ୍ରତା ଶତକ ୨୦ ରୁ କମ୍ (ନୀତି ଆୟୋଗ, ୨୦୨୪) । ତାହାଲେ ଓଡ଼ିଶାର ୮୨ ଭାଗ ଲୋକ 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା' ରେ ହିତାଧିକାରୀ ହେଲେ କେମିତି ? ସେହିପରି ପାଠକେ ଜାଣି ବିସ୍ମିତ ହେବେ ଯେ, ୨୦୨୦ କୋଭିଡ ସମୟରେ ମାତ୍ର ତିନି ମାସ ପାଇଁ ଆରମ୍ଭ ହୋଇଥିବା ଏହି ଗରିବ କଲ୍ୟାଣ ଅନ୍ନ ଯୋଜନା ଏବେ ୨୦୨୮ ପର୍ଯ୍ୟନ୍ତ ପ୍ରସାରିତ ହୋଇ ସାରିଲାଣି । ୨୦୨୪–୨୫ ବଜେଟରେ ଏଥିପାଇଁ ଖର୍ଚ୍ଚ ଅଟକଳ ହୋଇଛି ୨,୦୫,୨୫୦କୋଟି ଟଙ୍କା । ଅବଶ୍ୟ ଏଥିରେ ଏବର୍ଷଠାରୁ ସମସ୍ତ ପ୍ରକାର ଖାଦ୍ୟ ସବ୍‌ସିଡି ସମ୍ମିଳିତ ହୋଇଛି । ତେବେ ଶିକ୍ଷା, ରୋଜଗାର ଓ ଦକ୍ଷତା ବିକାଶ ପାଇଁ ବଜେଟରେ ବ୍ୟୟବରାଦ ହୋଇଛି ୧,୪୮,୦୦୦ କୋଟି ଟଙ୍କା । ମୋଟ ବ୍ୟୟର ପ୍ରତିଶତ ହିସାବରେ ଦେଖିଲେ ମାନବ ସମ୍ବଳ ବିକାଶ ପାଇଁ ଉଦ୍ଦିଷ୍ଟ ଏହି ଶିକ୍ଷା–ରୋଜଗାର–ଦକ୍ଷତା ବିକାଶ ବ୍ୟୟ ୨୦୧୬–୧୭ରେ ଏଥିନିମିତ୍ତ କରାଯାଇଥିବା ବ୍ୟୟଠାରୁ ମଧ୍ୟ କମ୍ । ସେହିପରି ମୋଟ ଖର୍ଚ୍ଚର ଶତକଡ଼ା ଦେଖିଲେ ଏ ବର୍ଷ ରାଜ୍ୟ ସରକାରଙ୍କ ଶିକ୍ଷା ଉପରେ ବ୍ୟୟବରାଦ (୧୩.୪%) ଗତବର୍ଷର ଖର୍ଚ୍ଚ (୧୪. ୬%) ଠାରୁ କମ୍ ଅଛି । ତେଣୁ ଜନପ୍ରିୟତା ହାସଲକାରୀ ଯୋଜନା ଆଗରେ ଶିକ୍ଷା କ୍ଷେତ୍ରଟି ମ୍ଳାନ ପଡ଼ିଯାଉଛି । ପ୍ରଶ୍ନ ହେଉଛି ଯେ ଏପରି କାହିଁକି ହେଉଛି ?

ପୁଣି ଆଲୋଚନା ସେହି 'ଶୀର୍ଷ ଆରୋପିତ' ବ୍ୟବସ୍ଥାକୁ ଫେରିଲା, ଯାହାକୁ ଆମେ 'ପିତୃତ୍ୱବାଦ ବ୍ୟବସ୍ଥା' ବୋଲି କହୁଛୁ । କାରଣ ଯେପରି ଛୋଟ ପିଲାଟିଏ ଜାଣି ନ ଥାଏ କେଉଁଟା ଠିକ୍, କେଉଁଟା ଭୁଲ୍ । ବାପା ତା' ପାଇଁ ନିଷ୍ପତ୍ତି ନିଅନ୍ତି । ସେହିଭଳି ଆମେ ଜାଣିନୁ ଯେ ଆମ ପିଲା ପାଇଁ ସ୍କୁଲରେ ଶିକ୍ଷକ ଜରୁରୀ ନା ମଧ୍ୟାହ୍ନଭୋଜନ ! ସରକାର ଆମର ମାଆବାପା, ଯାହା ବ୍ୟବସ୍ଥା କରିବେ, ଉଚିତ ବ୍ୟବସ୍ଥା କରିବେ ! ଏହାକୁ ଆମେ ଜଡ଼ତା ନା ଉଦାସୀନତା ନା ଆତ୍ମଲୁପ୍ତି କ'ଣ କହିବା ? ମାତ୍ର ଏକ ବିଶିଷ୍ଟ ସମୂହ ଏପରି ଦ୍ୱିବିଧ ମଧ୍ୟରେ ରହିଲେ ଏହି 'ପିତୃତ୍ୱବାଦ' ବ୍ୟବସ୍ଥା କାୟା ବିସ୍ତାର କରି ଚାଲିଥିବ ।

କିନ୍ତୁ ପିତୃତ୍ୱବାଦରୁ 'ଆକାଂକ୍ଷା'ର ଅକାଳମୃତ୍ୟୁ ନ ହେଉ । ଦୀର୍ଘକାଳରେ ଗ୍ରାମୀଣ ଜୀବିକାରେ 'ଜଡ଼ତା' ସୃଷ୍ଟି ନ ହେଉ । ଜନତାଙ୍କ କର୍ମପ୍ରବଣତା ବାଧିତ ନ ହେଉ । ସରକାର ପ୍ରଗତିର ସୁଗମକର୍ତ୍ତା ହୁଅନ୍ତୁ, ମାତ୍ର ରାଜ୍ୟ ଅଭିଭାବକତ୍ୱରୁ ଲୋକଙ୍କୁ ମୁକ୍ତିମିଳୁ ।

ପ୍ରଫେସର, ଅର୍ଥଶାସ୍ତ୍ର ବିଭାଗ, ପୂର୍ବୋତ୍ତର ପର୍ବତୀୟ ବିଶ୍ୱବିଦ୍ୟାଳୟ, ଶିଲଂ, ମେଘାଳୟ
ମୋ: ୭୨୦୫୦୪୬୫୩୧

# ମୁଁ କାହିଁକି ବାହାହେବି



ରାକେଶ ପଣ୍ଡା

ଭାରତୀୟ ପରମ୍ପରାରେ ବିବାହ ହେଉଛି ଏକ ପବିତ୍ର ବନ୍ଧନ । ସାମାଜିକ ଚଳଣି ଓ ଜୀବନ ନିର୍ବାହ ନିମନ୍ତେ ବିବାହ ଜରୁରୀ । ଜଣେ ମଣିଷର ଜୀବନ ହେଉଛି କିଛି କାର୍ଯ୍ୟ ଓ ଆବଶ୍ୟକତାର ସମଷ୍ଟି । ଯେଉଁ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପାଦନରେ ଅନ୍ୟ ଜଣେ ବ୍ୟକ୍ତିର ସହଭାଗିତା ନିହାତି ଆବଶ୍ୟକ, ଯେଉଁଥିପାଇଁ ଜଣେ ପୁରୁଷ ଅବା ନାରୀ ଗୋଟିଏ ଜୀବନସାଥୀ ଆବଶ୍ୟକ କରିଥାଏ । ବ୍ୟବହାରିକ ଭାବରେ ଏକାକୀ ଜୀବନ ନିଃସ୍ୱ, ସ୍ଥାଣୁ ଓ ଅର୍ଥହୀନ । ତେଣୁ ଉଭୟ ମାନସିକ ଏବଂ ଶାରୀରିକ ଆବଶ୍ୟକତାକୁ ପୂରଣ କରିବାକୁ ଦୁଇ ବିପରୀତ ଲିଙ୍ଗର ବ୍ୟକ୍ତି ବିବାହ ପ୍ରକ୍ରିୟା ମାଧ୍ୟମରେ ଏକାଠି ହେବା ଜରୁରୀ । ଏତଦ୍‌ବ୍ୟତୀତ ସାଧାରଣ ସାମାଜିକ ରୀତି ଓ ନୀତି ହିସାବରେ ବିବାହ ମାଧ୍ୟମରେ ନିଜର କୁଳରକ୍ଷା ତଥା ସଂସାର ଆଗକୁ ବଢ଼ିବା ସହ ଗୋଟିଏ ନୂଆ ପରିବାର ମଧ୍ୟ ଜନ୍ମ ନେଇଥାଏ ।

କିନ୍ତୁ ଆଜିର ସମୟରେ ଏହା ଦୃଶ୍ୟମାନ ହୁଏ ଯେ, ପ୍ରାୟ ଅଧିକାଂଶ ବୈବାହିକ ଜୀବନ ବିଶୃଙ୍ଖଳା ମଧ୍ୟରେ ନିଜର ଅସ୍ତିତ୍ୱ ବଞ୍ଚାଇ ରଖିବାକୁ ଚେଷ୍ଟା କରୁଛି । ସେଥିମଧ୍ୟରୁ କିଛି ଭଗ୍ନ ଅବସ୍ଥାରେ ଜର୍ଜରିତ ସମୟ ଅତିବାହିତ କରୁଥିବା ବେଳେ ଆଉ କିଛି ଅର୍ଦ୍ଧ ଭଗ୍ନ ଅବସ୍ଥାରେ କୋର୍ଟ ଓ କଚେରିରେ ମକଦ୍ଦମାର ବୋଝକୁ ମୁଣ୍ଡେଇ ଚାଲିଛି । ଛୋଟ ଛୋଟ ବିଷୟବସ୍ତୁ, ଘଟଣା ଏହାକୁ ଭାଙ୍ଗିବା ନିମନ୍ତେ ବଡ଼ କାରକ ସାଜିଛନ୍ତି । ଏମିତିକି ଗୋଟିଏ ଛାତ ତଳେ ଦମ୍ପତିମାନେ ବାସ କରି ମଧ୍ୟ ମାନସିକ ସ୍ତରରେ ଏକାକୀ ଜୀବନଯାପନ କରୁଛନ୍ତି, ଯାହାକି ବଡ଼ କଷ୍ଟ ଏବଂ ଯନ୍ତ୍ରଣାଦାୟକ । ଅନେକ ସମୟରେ ଉକ୍ତ ବିଶୃଙ୍ଖଳିତ ପରିସ୍ଥିତିକୁ ନେଇ ଦମ୍ପତିମାନଙ୍କ ମଧ୍ୟରେ ସନ୍ଦେହ, ଝଗଡ଼ା, ପାଟିତୁଣ୍ଡ, ବିବାହ ବିଚ୍ଛେଦ, ମାର୍‌ପିଟ, ଏପରିକି ସ୍ୱାମୀ ସ୍ତ୍ରୀକୁ ହତ୍ୟା କରିବା, ସ୍ତ୍ରୀ ନିଜ ସ୍ୱାମୀକୁ ହତ୍ୟା କରିବା ଏବଂ ଉଭୟ ଆତ୍ମହତ୍ୟା କରି ଜୀବନ ହାରିବାର ଅନେକ ଘଟଣା ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି ! ଯେଉଁଥିରେ ସମାଜରୁ ଦୁଇ ମୂଲ୍ୟବାନ୍ ମଣିଷ ଜୀବନର ଅକାଳ ବିୟୋଗ ଘଟିବା ସହ ତାହା ସେମାନଙ୍କର ସନ୍ତାନ ଓ ସେମାନେ ଯୋଡ଼ି ହୋଇଥିବା ସମସ୍ତ ପାରିବାରିକ ସଦସ୍ୟ ତଥା ସମ୍ପର୍କୀୟମାନଙ୍କ ଜୀବନକୁ ମଧ୍ୟ ଅନେକ ଦୁଃଖ ଓ ଯନ୍ତ୍ରଣା ମଧ୍ୟକୁ ଠେଲି ଦେଇଥାଏ ।

ତେବେ ଜଣେ ବ୍ୟକ୍ତିଙ୍କ ଜୀବନ ଓ ପରିସ୍ଥିତିରେ ଉପୁଜୁଥିବା ଜଟିଳତା ମଧ୍ୟରେ ଗୋଟିଏ ବିବାହ ତଥା ବୈବାହିକ ସମ୍ପର୍କକୁ ସୁଚାରୁ ରୂପେ ଚାଲୁରଖିବା ସମସ୍ତଙ୍କ ପାଇଁ ସ୍ୱାଭାବିକ ଭାବରେ ଘଟି ନ'ପାରେ । ଯାହାର କାରଣ ହେଉଛି, ବର୍ତ୍ତମାନ ଦାମ୍ପତ୍ୟରେ ସୃଷ୍ଟି ହେଉଥିବା ଅବିଶ୍ୱସନୀୟତା, ସନ୍ଦେହ, ସମୟର ଅଭାବ ଯୋଗୁ ଯୋଗାଯୋଗ ପ୍ରକ୍ରିୟାରେ ହାନି, ଭୁଲ୍ ବୁଝାମଣା ଏବଂ ନିଜର ସ୍ୱାର୍ଥକୁ ଗୁରୁତ୍ୱ ତଥା ପ୍ରାଥମିକତା ପ୍ରଦାନ କରିବା । ଏହାଛଡ଼ା ସ୍ୱାମୀ ଓ ସ୍ତ୍ରୀ ତାଙ୍କର ମାତାପିତାଙ୍କଠାରୁ ଅଲଗା ହୋଇ ଏକୁଟିଆ ବାସ କରିବା ଦ୍ୱାରା ସେମାନଙ୍କୁ ଗୁରୁଜନଙ୍କର ଜୀବନ ପଥ ପ୍ରଦର୍ଶନ ଠିକ୍ ଢଙ୍ଗରେ ମିଳିପାରି ନ ଥାଏ, ଯାହାକି ଉକ୍ତ ପରିସ୍ଥିତିର ଅନ୍ୟତମ କାରଣ । କିଛି ଦିନ ତଳେ ଜଣେ ବନ୍ଧୁଙ୍କ ସହ ବାର୍ତ୍ତାଳାପ ସମୟରେ ମୁଁ ତାଙ୍କୁ ଥଟ୍ଟାରେ ପଚାରିଲି, 'ବନ୍ଧୁ କେବେ ବିବାହ ଭୋଜି ଦେଉଛ ?' ପ୍ରତ୍ୟୁତ୍ତରରେ ସେ ମୋତେ



କହିଲେ, 'ମୁଁ କାହିଁକି ବାହା ହେବି ?' ତୁମକୁ ଏମିତି ଥରେ ନୁହେଁ, ଦଶଥର ଭୋଜି ଖାଇବାକୁ ଦେବି, କିନ୍ତୁ ଦୟାକରି ମୋତେ ବିବାହ କରିବା କଥା କୁହ ନାହିଁ । ମୁଁ ନିଷ୍ପତ୍ତି ନେଇଛି, ବିବାହ କରିବି ନାହିଁ । ମୁଁ କହିଲି, ତୁମେ ସମାଜରେ ପ୍ରତିଷ୍ଠିତ । ତା'ସହ ଆର୍ଥିକ ଏବଂ ସାମାଜିକ ସ୍ତରରେ ମଧ୍ୟ ସବଳ ଓ ଦେଖିବାକୁ ସୁନ୍ଦର । ତଥାପି କେଉଁ କ୍ଷେତ୍ରରେ ଅଭାବ ରହିଗଲା ଯେ, ପୁଣି ବିବାହ କରିବାକୁ ମନା କରୁଛ ? ସେ ମୋତେ କହିଲେ, ଦୁଇ କିମ୍ବା ଚାରି ବର୍ଷ ଅବଧି ପାଇଁ ମୁଁ କାହିଁକି ବିବାହ କରିବି ? ନିଜର ସ୍ୱାଧୀନତା ଓ ବାସ୍ତବ ଖୁସିକୁ କାହିଁକି ଆତ୍ମଦାହ ଦେବି ? ବର୍ତ୍ତମାନର ପରିସ୍ଥିତି ହିସାବରେ ପ୍ରାୟ ଅଧିକାଂଶ ବିବାହ ଆଜି ବିଫଳ ଏବଂ ଦାମ୍ପତ୍ୟ ଜୀବନ ଅତ୍ୟନ୍ତ ବିଶୃଙ୍ଖଳ ଓ ଯନ୍ତ୍ରଣାପୂର୍ଣ୍ଣ । ମୁଁ ଏମିତି ଅବିବାହିତ ଅବସ୍ଥାରେ, ସ୍ୱାଧୀନ ହୋଇ ଖୁସିରେ ଜୀବନ ନିର୍ବାହ କରୁଛି । ପିତା, ମାତା ଓ ସମ୍ପର୍କୀୟମାନଙ୍କୁ ସମୟ ଦେଇପାରୁଛି । ମୋଟାମୋଟି କହିବାକୁ ଗଲେ ବାସ୍ତବରେ ମୁଁ ଖୁସିରେ ଅଛି ।

ତେବେ ପ୍ରକୃତି ଏବଂ ସ୍ରଷ୍ଟା ହିଁ ଜଣେ ପୁରୁଷ ଓ ଜଣେ ନାରୀ ଭାବରେ ଗୋଟିଏ ଜୀବକୁ ଦୁଇ ଭାଗରେ ବିଭକ୍ତ କରି ସୃଷ୍ଟିର ସଂରଚନା କରିଛନ୍ତି । ଉଭୟ ଉଭୟଙ୍କ ପାଇଁ ପ୍ରତ୍ୟେକ କ୍ଷେତ୍ର ଏବଂ ଦରକାରିତା ନିମନ୍ତେ ପରିପୂରକ ଓ ନିର୍ଭରଶୀଳ । ଜଣେ ଅନ୍ୟ ଜଣଙ୍କ ବିନା ଅସମ୍ପୂର୍ଣ୍ଣ । ଜୀବନସାଥୀ ବିନା ନିଃସଙ୍ଗ ଜୀବନର ବାସ୍ତବିକତା ବ୍ୟବହାରିକ ଭାବରେ କଷ୍ଟଦାୟକ । ସେଥିପାଇଁ ଜୀବନର ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବାରେ ଏବଂ ଏଥିରେ ଏକ ସନ୍ତୁଳନ ଓ ସମନ୍ୱୟ ରଖିବା ଉଦ୍ଦେଶ୍ୟରେ ଜଣେ ଜୀବନସାଥୀକୁ ଏକ ଅଭିନ୍ନ ଓ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବରେ ବିବେଚନା ଓ ଅଭିହିତ କରାଯାଇଥାଏ । ଏହାଛଡ଼ା ପ୍ରତ୍ୟହ, ପ୍ରତିଟି ସମୟରେ ପିତା, ମାତା, ଭାଇ, ଭଉଣୀ କିମ୍ବା ଅନ୍ୟ ସମ୍ପର୍କୀୟମାନେ ଶାରୀରିକ ଏବଂ ମାନସିକ ସ୍ତରରେ ନିକଟରେ ନ ଥାଇପାରନ୍ତି କିମ୍ବା ସେମାନଙ୍କ ଉପସ୍ଥିତି ସର୍ବଦା ଉପଲବ୍ଧ ହେବା ଅସମ୍ଭବ ଏବଂ ଆଶାହୀନ । କିନ୍ତୁ ଜଣେ ଜୀବନସାଥୀ ଜୀବନର ତେଲ, ଲୁଣ ଦୁନିଆର ପ୍ରତିଟି ଆବଶ୍ୟକତା ପୂରଣ ଏବଂ ଜୀବନ ନିର୍ବାହର ପ୍ରତିଟି ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବାରେ ଏକ ଅଭିନ୍ନ ଅଙ୍ଗ ।

ଅପରପକ୍ଷରେ ଆଜିର ବାସ୍ତବତାକୁ ଆଧାର କରି ମୋର ବନ୍ଧୁ ବିବାହକୁ ନେଇ ଦେଇଥିବା ବ୍ୟକ୍ତିଗତ ମନ୍ତବ୍ୟ ଏବଂ ଉକ୍ତ ବନ୍ଧନରେ ବାନ୍ଧି ନ ହେବାର ନିଷ୍ପତ୍ତି ମଧ୍ୟ ବିଚାରର କାଠଗଡ଼ା ମଧ୍ୟରେ ଏକ ଓଜନିଆ ଯୁକ୍ତି ଓ ବିଧିମାନ୍ୟ ବିଚାରକୁ ଉପସ୍ଥାପିତ କରୁଛି । ଯଦି ସମାଜରେ ଦାମ୍ପତ୍ୟ ଜୀବନର ସ୍ଥିତି ଆଗକୁ ଏମିତି ନକାରାତ୍ମକ ରହେ ତଥା ଦାମ୍ପତ୍ୟ କଳହ, ବିଶୃଙ୍ଖଳା, ଜୀବନହାନି ଆଦି ଆଗାମୀ ଦିନରେ ଏହିପରି ବଢ଼ି ବଢ଼ି ଚାଲେ ଏବଂ ଆଜିର ଅଧିକାଂଶ ଯୁବବର୍ଗ ମୋର ବନ୍ଧୁଙ୍କ ପରି ମାନସିକତା ରଖନ୍ତି, ତେବେ ପ୍ରକୃତି ଓ ସ୍ରଷ୍ଟାଙ୍କର ସୃଷ୍ଟି, ସର୍ଜନା ଓ ସଂରଚନା ନିଶ୍ଚିତ ବାଧାପ୍ରାପ୍ତ ହେବ ଏବଂ ଆଗାମୀ ସମୟରେ ମାନବ ସମାଜର ଅସ୍ତିତ୍ୱ ତଥା ବିଦ୍ୟମାନତାରେ ଏକ ବଡ଼ ଅସନ୍ତୁଳନ ଦେଖାଦେବା ସହ ଧୀରେ ଧୀରେ ମାନବ ସଭ୍ୟତା ଲୋପ ହେବା ଆଡ଼କୁ ଗତିକରିବ ! ଏହାଛଡ଼ା ଲିଭ୍ ଇନ୍ ରିଲେଶନ, ଆତ୍ମ–ବିବାହ, ସମଲିଙ୍ଗୀ ବିବାହ ତଥା ଦୁଇଜଣ ବ୍ୟକ୍ତି ଉଭୟ ଉଭୟଙ୍କ ସହ ସ୍ୱଳ୍ପ ଅବଧିଯୁକ୍ତ ସମ୍ପର୍କକୁ ନେଇ ଅସ୍ଥାୟୀ ଭାବରେ ଯୋଡ଼ିହେବାର ଏହିପରି ଅନେକ ନୂତନ ପ୍ରଥା ଓ ନିରର୍ଥକ ପ୍ରକ୍ରିୟା ତଥା ପ୍ରୟାସ ମାନ ମୁଣ୍ଡ ଟେକିବା ସହ ବିବାହ ରୂପକ ପବିତ୍ର ବନ୍ଧନ ସମାଜରୁ ନିଜର ଅସ୍ତିତ୍ୱ ହରାଇ ବସିବ ।

ବନ୍ଦାଳୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

## ଏଇ ଭାରତରେ

ଅନ୍ୟମାନଙ୍କ ଘରେ କାମ କରୁଥିବା ଗରିବ ମହିଳା, ଶ୍ରମିକ ଶ୍ରେଣୀର ଲୋକ କିମ୍ବା ପରିବାର ଛାଡ଼ି ଅସହାୟ ଅବସ୍ଥାରେ ରହିଥିବା ଲୋକମାନଙ୍କ ପାଇଁ ସାହାରା ପାଲଟିଛନ୍ତି ଚେନ୍ନାଇର ୩୬ ବର୍ଷିଆ ଡି.ଉମା ରାନି । ସେ ଚେନ୍ନାଇ କିଲକାଟାଲ୍ଲାଇର ଉଜଭାର ସନ୍ଧାଇ ନିକଟରେ ରହୁଛନ୍ତି ଓ ପ୍ରତିଦିନ ୮୦୦ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି । କୋଭିଡ୍ ମହାମାରୀ ପରେ ସେ ଏହା ଆରମ୍ଭ କରିଥିଲେ, ଯାହା ଏବେ ବି ଚାଲିଛି । ସେତେବେଳେ ସେ ତିରୁଭାନ୍ନା ମଲାଇରେ ଜଣେ ନର୍ସିଂ ଟ୍ୟୁଟର ଭାବେ କାମ କରୁଥିଲେ । ସେହି କାର୍ଯ୍ୟରୁ ସଞ୍ଚିତ କରିଥିବା ଅର୍ଥରେ ଉମା ମାଗଣା ଖାଦ୍ୟ ଯୋଗାଇବା ଆରମ୍ଭ କରିଥିଲେ । ଖାଇବାକୁ ଦେଉଥିବା ସ୍ଥାନର ନାମ ରଖିଛନ୍ତି ଥାଭାମୋଝି ଅନ୍ନଧନ କୋଡାମ (ଥାଭାମୋଝି ମାଗଣା ଖାଦ୍ୟ କେନ୍ଦ୍ର) । ଏଠାରେ ସେ ଅନ୍ନ, ସମ୍ବର, ପରିବା ତରକାରି, ମାଣ୍ଡିଆ ଜାଉ ଆଦି ମାଗଣାରେ ଦେଉଛନ୍ତି । ଏହି ଖାଦ୍ୟ ପ୍ରସ୍ତୁତି କରିବାରେ କେତେଜଣ ସ୍ୱେଚ୍ଛାସେବୀ ଉମାଙ୍କୁ ସହଯୋଗ କରୁଛନ୍ତି ଓ କେତେକ ବ୍ୟକ୍ତି ଆର୍ଥିକ ସହାୟତା ଦେଉଛନ୍ତି । ଏଭଳି କାର୍ଯ୍ୟ ପାଇଁ ଲୋକେ ଉମାଙ୍କୁ 'ଅନ୍ନପୂରାଣୀ' ଅର୍ଥାତ ଖାଦ୍ୟଦେବୀ ବୋଲି ସମ୍ବୋଧନ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଡିସେମ୍ବର ୧୯୭୫

- ପ୍ରବଳ ତୋଫାନ ଯୋଗୁ ଆଣ୍ଡମାନ ସାଗରରେ ଏକ ବୋଟ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୭୦ ଜଣଙ୍କ ପ୍ରାଣହାନୀ ।
- ଗୋଦାବରୀ ଜଳବଣ୍ଟନ ସଂକ୍ରାନ୍ତରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ।
- ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ପର୍ଯ୍ୟଟନର ବିକାଶ ନିମନ୍ତେ ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ ଗଠନ ।

## ଚିରନ୍ତନୀ

ପାଞ୍ଚ ଇନ୍ଦ୍ରିୟେ ଷଡ଼ରିପୁ କଲେ ବିହାର
ମହାତୋଷେ
ସରସ ହୋଇଲା ଏ ଦେହର ଦଶ ଦୁଆର
ନବରସେ ।
–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 3 | | 9 | 8 | | |
| | | 9 | | | | | | 2 |
| | 1 | | | | 6 | 4 | | 3 |
| | | | 7 | | | | | |
| 4 | 5 | 6 | | | | | | |
| | | 3 | 6 | | | | | |
| | | | | 9 | | | | 1 |
| 6 | | 1 | | | | 3 | | |
| 2 | | | 4 | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 5 | 6 | 7 | 8 | 9 | 2 | 3 |
| 2 | 8 | 6 | 9 | 4 | 3 | 1 | 7 | 5 |
| 9 | 7 | 3 | 5 | 1 | 2 | 8 | 4 | 6 |
| 7 | 2 | 4 | 1 | 3 | 5 | 6 | 8 | 9 |
| 8 | 6 | 1 | 7 | 2 | 9 | 5 | 3 | 4 |
| 5 | 3 | 9 | 4 | 8 | 6 | 2 | 1 | 7 |
| 6 | 4 | 8 | 2 | 9 | 7 | 3 | 5 | 1 |
| 1 | 9 | 2 | 3 | 5 | 4 | 7 | 6 | 8 |
| 3 | 5 | 7 | 8 | 6 | 1 | 4 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦେଶର ସୀମାନ୍ତ ଆଜି ଅସ୍ଥିର

ମହାଶୟ,

ରାଜନୀତି କ୍ଷେତ୍ର ଏକ ରୁଚିହୀନ ସ୍ତରରେ ପହଞ୍ଚିଗଲାଣି । ଆଗାମୀ ଦିନରେ ଯେଉଁ ବିଷୟଟି ଏକ ଘମାଘୋଟ ବିତର୍କରେ ପରିଣତ ହେବାକୁ ଯାଉଛି ତାହା ହେଲା 'ୱାନ୍ ନେଶନ, ୱାନ୍ ଇଲେକ୍‌ସନ' ବା ଏକ ରାଷ୍ଟ୍ର, ଏକ ନିର୍ବାଚନ । ଏହାକୁ ଅନେକ ବିରୋଧୀ ଏକ ଅବାସ୍ତବ ପରିକଳ୍ପନା ରୂପେ ଅଭିହିତ କରନ୍ତି । ରାଜନୀତି ଏକ ବୃତ୍ତି ଏବଂ ଦୁର୍ନୀତି ସହ ତା'ର ସମ୍ପର୍କକୁ ନେଇ ମାକ୍ସ ୱେବର ଶହେବର୍ଷ ତଳେ କହିଥିଲେ । ଭାରତର ସ୍ୱାଧୀନତା ପରେ ରାଜନୀତି ଏକ ବୃତ୍ତିରେ ପରିଣତ ହୋଇସାରିଛି । ଏହି ବୃତ୍ତିରେ କ୍ଷମତା ଦଖଲ ହେଉଛି ମୂଳଲକ୍ଷ୍ୟ । ୟୁ ଗଭ୍ ଓ ମସ୍କ ଭଳି କେତେକ ଆନ୍ତର୍ଜାତିକ ମାନର ସର୍ବେକ୍ଷଣ ସଂସ୍ଥା ମତ ରଖନ୍ତି, ପ୍ରାୟ ୫୩ ପ୍ରତିଶତରୁ ଅଧିକ ଭାରତୀୟଙ୍କ ମତ ଦେଶ ଏବେ ଆବଶ୍ୟକ କରୁଛି କଠୋର ଶାସନ । ଦେଶର ସୀମାନ୍ତ ଆଜି ଅସ୍ଥିର । ପ୍ରାୟ ୪୦,୦୦୦ ବର୍ଗ କି.ମି. ଚାଇନା କବ୍‌ଜାରେ । ମଣିପୁର ଜଳିଚାଲିଛି । ପ୍ରଧାନମନ୍ତ୍ରୀ ବିଭିନ୍ନ ଦେଶ ଯାତ୍ରା କରିସାରିଥିଲେ ହେଁ ତାଙ୍କର ମଣିପୁର ଗସ୍ତର କୌଣସି ସୂଚନା ନାହିଁ ।

–ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଲିଭ୍ ରିଡ୍‌ଲେର ସୁରକ୍ଷା ଏକ ବୈଶ୍ୱିକ ପ୍ରସଙ୍ଗ: ଆହୁଜା

ଭୁବନେଶ୍ୱର, ୨୦।୧୨(ସୁନିତ୍ ମିଶ୍ର)

ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ କହିଛନ୍ତି, ଆମ ରାଜ୍ୟରେ ସୁଦୀର୍ଘ ବେଳାଭୂମି ରହିଛି। ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ଏକ ବୈଶ୍ୱିକ ପ୍ରସଙ୍ଗ। ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଆଧୁନିକ ଜ୍ଞାନକୌଶଳର ଉପଯୋଗରେ ସାମୁଦ୍ରିକ କଇଁଛଗୁଡ଼ିକର ଗତିବିଧି ଉପରେ ନଜର ରଖିବା, ସମୂହ ଅଣ୍ଡାଦାନ ଋତୁରେ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ସଚେତନତା ଓ ଆଇନ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ଏନ୍‌ଫୋର୍ସମେଣ୍ଟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ଗତ ବର୍ଷଗୁଡ଼ିକ ପରି ଚଳିତ ବର୍ଷ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ ଏ ଦିଗରେ ଆବଶ୍ୟକ ସମସ୍ତ ସହଯୋଗ ଦିଆଯାଉଛି ଓ ଏହା ଜାରି ରହିବ ବୋଲି ସେ କହିଛନ୍ତି।

ଏହି ଅବସରରେ ୨୦୨୩ ଡିସେମ୍ବରରେ ହୋଇଥିବା ନିଷ୍ପତ୍ତିର କାର୍ଯ୍ୟାନୁଷ୍ଠାନ ଏବଂ ୨୦୨୪-୨୫ ବର୍ଷ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିଶଦ ସୂଚନା ଦିଆଯାଇଛି। ଗତ ୧୦ ବର୍ଷରେ ଅଣ୍ଡାଦାନ ସଂଖ୍ୟା ଅନୁଧ୍ୟାନ କରାଯାଇଛି। ୨୦୨୨-୨୩ରେ ଗହୀରମଥା ଉପକୂଳ ଓ ଋଷିକୁଲ୍ୟାଠାରେ ସର୍ବାଧିକ ୧୧.୪୯ ଲକ୍ଷ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ହୋଇଥିଲା। ଗଣ ଅଣ୍ଡାଦାନ ପରେ ଏହାର ସୁରକ୍ଷା ପାଇଁ ଆବଶ୍ୟକ ସ୍ଥଳେ ଘେରି କରାଯାଇ କଡ଼ା ନଜର ରଖାଯାଇଛି। ୨୦୨୩-୨୪ରେ ସମୂହ ଅଣ୍ଡାଦାନ ହୋଇ ନ ଥିବା ବେଳେ ବିଭିନ୍ନ ଉପକୂଳରେ ମାତ୍ର ୩ ଲକ୍ଷ ଅଣ୍ଡାଦାନ ହୋଇଛି। ଏହି ସଂଖ୍ୟାରେ ବିଭିନ୍ନ କାରଣ ସମ୍ପର୍କରେ ଆଲୋଚନା କରାଯାଇଛି। ତେବେ ଏହାର ଠିକ୍ କାରଣ ଏବେ ମଧ୍ୟ ରହସ୍ୟାବୃତ ବୋଲି ଆଲୋଚନା ଚାଲିଛି। ୨୦୨୪-୨୫ ବର୍ଷ ନିମନ୍ତେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଗତ ନଭେମ୍ବର ପହିଲାରୁ ଋତୁକାଳୀନ କାର୍ଯ୍ୟ ଆରମ୍ଭ ହୋଇସାରିଛି। କେନ୍ଦ୍ରୀୟ ମନିଟରିଂ ୟୁନିଟ୍ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ସମ୍ପୃକ୍ତ ଉପକୂଳ ବନ ବିଭାଗ ଡିଭିଜନକୁ ପାଣ୍ଠି ଆବଣ୍ଟନ କରାଯାଇଛି। ଗତ ନଭେମ୍ବର ୮ରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ବିଭିନ୍ନ ଗୋଷ୍ଠୀଭିତ୍ତିକ ସଂସ୍ଥାଗୁଡ଼ିକକୁ ନେଇ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର, ୨୦୨୪ରୁ ମେ'୨୦୨୫ ପର୍ଯ୍ୟନ୍ତ ସମ୍ପୃକ୍ତ ଉପକୂଳ ବନଖଣ୍ଡ ଅଧିକାରୀଙ୍କୁ ଆବଶ୍ୟକ ପୋଲିସ ଫୋର୍ସ ମୁତୟନ ପାଇଁ ସହଯୋଗ ନିମନ୍ତେ ଗୃହ ବିଭାଗକୁ ଅନୁରୋଧ କରାଯାଇଛି। ଏଥିପାଇଁ ସମୁଦ୍ରକୂଳ ଥାନାକୁ ମଧ୍ୟ ସହଯୋଗ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ଭଳି ରାଜନଗର, ଭଦ୍ରକ ଓ ବ୍ରହ୍ମପୁର(ସହର) ଡିଭିଜନରେ ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ହାଇସ୍ପିଡ୍ ବୋଟ୍ ମୁତୟନ କରାଯାଇଛି। ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ୬୬ଟି ପାଟ୍ରୋଲିଂ କ୍ୟାମ୍ପ (୬୧ଟି ଅନ୍ ସୋର୍ ଓ ୫ଟି ଅଫ୍ ସୋର୍) ଭିଏଚ୍‌ଏଫ୍, ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସୁବିଧା ସହିତ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିବର୍ଷ ନଭେମ୍ବର ପହିଲାରୁ ପରବର୍ତ୍ତୀ ବର୍ଷ ମେ' ୩୧ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳର ଧାମରା, ଦେବୀ, ଋଷିକୁଲ୍ୟା ନଦୀ ମୁହାଣ ନିକଟବର୍ତ୍ତୀ ୨୦ କି.ମି. ମଧ୍ୟରେ ମୋଟରଚାଳିତ ଜାହାଜ, ଟ୍ରଲର ଏବଂ ଯାନ୍ତ୍ରିକ ମାଛଧରା ବ୍ୟବସ୍ଥାରେ ମାଛ ଧରିବା ନିଷେଧ କରିବାକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବିଜ୍ଞପ୍ତି ରହିଛି। ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଲାଗି ଉପକୂଳବର୍ତ୍ତୀ ଜିଲାର ଜିଲାପାଳ ଓ ଏସ୍‌ପିମାନେ ସମ୍ପୃକ୍ତ ଡିଏଫ୍‌ଓମାନଙ୍କୁ ପୂର୍ବବର୍ଷ ଭଳି ଆବଶ୍ୟକ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଣ୍ଡା ମହିଳାଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଣ୍ଡା ଜନଜାତିଙ୍କୁ ଅଧିକ ୫୦ ହଜାର

ମାଲକାନଗିରି/ଖଇରପୁଟ, ୨୦।୧୨ (ଦୁର୍ଯ୍ୟୋଧନ ପାତ୍ର/ ଜଗନ୍ନାଥ ମାଝୀ)

## ବଣ୍ଡାଘାଟିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ବଣ୍ଡା ଜନଜାତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଶୁକ୍ରବାର ମାଲକାନଗିରି ଗସ୍ତରେ ଯାଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷଣା କରିଛନ୍ତି। ସମସ୍ତ ବଣ୍ଡା ମହିଳା ନିଶ୍ଚିତ ଭାବେ ସୁଭଦ୍ରା ଯୋଜନା ଟଙ୍କା ପାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସୂଚନାନୁଯାୟୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର ମାଲକାନଗିରି ଜିଲା ଗସ୍ତରେ ଆସିଛନ୍ତି। ମେଘୁଆ ପାଗ ହେତୁ ସେ ହେଲିକପ୍ଟରରେ ନ ଆସି ଜୟପୁରରୁ ଏକ ସ୍ୱତନ୍ତ୍ର କାର୍‌ରେ ସିଧାସଳଖ ବଣ୍ଡାଘାଟିରେ ପହଞ୍ଚିଥିଲେ। ଖଇରପୁଟ ବ୍ଲକ ମୁଦୁଲିପଡ଼ାରେ ପହଞ୍ଚିବା ପରେ ବଣ୍ଡା ଜନଜାତି ସମ୍ପ୍ରଦାୟ ଲୋକେ ପାରମ୍ପରିକ ବେଶଭୂଷାରେ ନୃତ୍ୟର ତାଳେତାଳେ ତାଙ୍କୁ ସ୍ୱାଗତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କ ଆଭୂଷଣ ପରିଧାନ କରିଥିଲେ। ବଣ୍ଡାଘାଟିରେ ଥିବା ସୀତାକୁଣ୍ଡ, ବିଦ୍ୟାଳୟ, ପର୍ଯ୍ୟଟନ ସ୍ଥଳୀ, ବଣ୍ଡା ଗ୍ରାମ ପରିଦର୍ଶନ କରିବାସହ ମହିଳାଙ୍କଠାରୁ ତାଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସବୁ ସମସ୍ୟାର ସମାଧାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସେଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସୁଭଦ୍ରା ଯୋଜନାରେ ବର୍ତ୍ତମାନ ସୁଦ୍ଧା ତିନୋଟି ପର୍ଯ୍ୟାୟରେ ମହିଳାଙ୍କୁ ଟଙ୍କା ମିଳିଛି। ବଣ୍ଡା ମହିଳାମାନେ କିନ୍ତୁ ଏହି ସୁବିଧାରୁ ବଞ୍ଚିତ ଥିବାନେଇ ଖବର ପ୍ରକାଶ ପାଇଥିଲା। ଏହାର କାରଣ ସମ୍ପର୍କରେ ସେ ପଚାରି ବୁଝିଥିଲେ। ସମସ୍ତ ବଣ୍ଡା ମହିଳା ନିଶ୍ଚିତ ଭାବେ ସୁଭଦ୍ରା ଯୋଜନା ଟଙ୍କା ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଚତୁର୍ଥ ପର୍ଯ୍ୟାୟରେ ସେମାନଙ୍କ ଟଙ୍କା ନିଶ୍ଚୟ ମିଳିବ ବୋଲି ସେ କହିଥିଲେ। ଏହାପରେ ବଣ୍ଡା ଜନଜାତିଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ। ସେଠାରୁ ବଣ୍ଡାଘାଟିସ୍ଥିତ ପ୍ରସିଦ୍ଧ ସୀତାକୁଣ୍ଡ ପରିଦର୍ଶନ କରିବାକୁ ଯାଇଥିଲେ। ମା ସୀତା ଓ ଶ୍ରୀରାମ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ସୀତାକୁଣ୍ଡର ସାମଗ୍ରିକ ବିକାଶ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ବିବେକାନନ୍ଦ ଶର୍ମା, ଖଇରପୁଟ ବିଡିଓ, ବଣ୍ଡା ଉନ୍ନୟନ ଅଧିକାରୀ, ଭାଜପା କର୍ମୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଆଜି ଭୁବନେଶ୍ୱରରେ ବର୍ଷର ସବୁଠାରୁ ଛୋଟ ଦିନ

ଭୁବନେଶ୍ୱର,୨୦।୧୨(ବନ୍ଦନା ସେଠୀ)

## ଦିନ ୧୦ଘଣ୍ଟା ୫୪ ମିନିଟ୍ ୨୪ ସେକେଣ୍ଡ ଏବଂ ରାତି ୧୩ ଘଣ୍ଟା ୫ ମିନିଟ ୩୬ ସେକେଣ୍ଡ

ରାଜଧାନୀ ଭୁବନେଶ୍ୱର ପାଇଁ ଶନିବାର ଚଳିତବର୍ଷର ସବୁଠାରୁ ଛୋଟ ଦିନ ଓ ଦୀର୍ଘତମ ରାତି ହେବ। ଦିନର ଅବଧି ପ୍ରାୟ ୧୦ଘଣ୍ଟା ୫୪ ମିନିଟ୍ ୨୪ ସେକେଣ୍ଡ ଏବଂ ରାତି ପ୍ରାୟ ୧୩ ଘଣ୍ଟା ୫ ମିନିଟ ୩୬ ସେକେଣ୍ଡ ରହିବ। ସାଧାରଣତଃ ଡିସେମ୍ବର ୧୫ରୁ ୨୭ ତାରିଖ ପର୍ଯ୍ୟନ୍ତ ୧୨ଦିନ ଧରି ଭୁବନେଶ୍ୱରରେ ଦିନର ଅବଧି ପ୍ରାୟ ୧୦ ଘଣ୍ଟା ୫୫ ମିନିଟ୍ ଓ ରାତି ପ୍ରାୟ ୧୩ ଘଣ୍ଟା ୫ ମିନିଟ୍ ହୋଇଥାଏ। ସେହିପରି ସୁନ୍ଦରଗଡ଼ ଓ ମାଲକାନଗିରିଠାରେ ଦିନର ଅବଧି ଯଥାକ୍ରମେ ୧୦ଘଣ୍ଟା ୪୭ ମିନିଟ୍ ଓ ୧୧ଘଣ୍ଟା ୧ମିନିଟ୍ ହେବ। ସମାନ ଭାବେ ଦିଲ୍ଲୀ ଓ କନ୍ୟାକୁମାରୀଠାରେ ଦିନର ଅବଧି ମାତ୍ର ୧୦ ଘଣ୍ଟା ୧୯ ମିନିଟ୍ ଓ ୧୧ଘଣ୍ଟା ୩୯ ମିନିଟ୍ ରହିବ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ଉପନିର୍ଦ୍ଦେଶକ ତଥା ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

ଜ୍ୟୋତିର୍ବିଜ୍ଞାନୀଙ୍କ ମତରେ ପ୍ରତିବର୍ଷ ଡିସେମ୍ବର ୨୧ କିମ୍ବା ୨୨ରେ ଉତ୍ତର ଗୋଲାର୍ଦ୍ଧରେ ଶୀତଋତୁର ପ୍ରଥମ ଦିନ ଆରମ୍ଭ ହୋଇଥାଏ ଏବଂ ଏହା ବର୍ଷର ସବୁଠାରୁ ଛୋଟ ଦିନ ହୋଇଥାଏ। ଧୀରେ ଧୀରେ ଦିନଗୁଡ଼ିକ ଅଧିକରୁ ଅଧିକ ଲମ୍ବା ହୁଏ ବା ଦିନର ଲମ୍ବ ବଡ ହେବାକୁ ଆରମ୍ଭ ହୁଏ। ତେଣୁ ଡିସେମ୍ବର ୨୫କୁ 'ବଡଦିନ' ରୂପେ ପାଳନ କରାଯାଏ। ମାର୍ଚ୍ଚ ୨୨ କିମ୍ବା ୨୩ ତାରିଖ ବେଳକୁ ଦିନ ଓ ରାତିର ଅବଧି ପାଖାପାଖି ସମାନ ହୁଏ। ଜୁନ ୨୧ କିମ୍ବା ୨୨ ତାରିଖରେ ଉତ୍ତର ଗୋଲାର୍ଦ୍ଧରେ ସବୁଠାରୁ ବଡ଼ ଦିନ ହୋଇଥାଏ। ମେରୁ ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ବର୍ଷସାରା ଦିନର ଦୈର୍ଘ୍ୟରେ ବଡ଼ ପାର୍ଥକ୍ୟ ଅନୁଭୂତ ହୁଏ। ସେଠାରେ ଶୀତଋତୁରେ ଦିନଗୁଡ଼ିକ ଅତ୍ୟନ୍ତ ଛୋଟ ହୁଏ। ପ୍ରତ୍ୟେକ ବର୍ଷ ଜୁନ ୨୧ରେ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧର ୨୩.୫ ଡିଗ୍ରୀରେ ଥିବା କର୍କଟକ୍ରାନ୍ତିଠାରୁ ଧୀରେଧୀରେ ଦକ୍ଷିଣ ଦିଗକୁ ଗତି କରିଥାଏ, ଯାହାକୁ ଆମେ ସୂର୍ଯ୍ୟର ଦକ୍ଷିଣାୟନ ଗତି କହିଥାଉ। ଏହିପରି ଦକ୍ଷିଣ ଦିଗକୁ ଢଳିଢଳି ୨୨ ଡିସେମ୍ବର ବେଳକୁ ସୂର୍ଯ୍ୟ ବିଷୁବ ରେଖାଠାରୁ ୨୩.୫ ଡିଗ୍ରୀ ଦକ୍ଷିଣରେ ଥିବା ମକର କ୍ରାନ୍ତିରେ ପହଞ୍ଚିଥାଏ। ଫଳରେ ବର୍ଷର ବିଭିନ୍ନ ସମୟରେ ଦିନ ଓ ରାତିର ଅବଧିରେ ତାରତମ୍ୟ ହୋଇଥାଏ ବୋଲି ଡ. ପଟ୍ଟନାୟକ ସୂଚନା ଦେଇଛନ୍ତି।

# ହାଇୱା-ବାଇକ୍ ଧକ୍କା: ୨ ମୃତ

ହେମଗିର,୨୦।୧୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅଧୀନ ଛତାବର ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଏକ ହାଇୱା ସହ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଟୁରୁଙ୍ଗା ଗ୍ରାମର କେଦାର କାଲୋ(୪୩) ଓ ଲୋକନାଥ ମାଝୀ(୩୨)। କ୍ଷତିପୂରଣ ଓ କୋଲକରିଡର ରାସ୍ତା ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ହେମଗିର ପୋଲିସ ଓ ତହସିଲଦାର ବିକାଶ ରଞ୍ଜନ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ଖବର ଲେଖାହେବା ସୁଦ୍ଧା ରାସ୍ତାରୋକୋ ଜାରି ରହିଛି। ମିଳିଥିବା ସୂଚନା ଅନୁସାରେ, କେଦାର ଓ ଲୋକନାଥ କୌଣସି କାମରେ ବାଇକ୍ ନଂ. ଓଡି ୨୩ ଏନ ୧୪୧୨ ଯୋଗେ ବିଲେଇମୁଣ୍ଡା ଆସି ଘରକୁ ଫେରୁଥିବା ସମୟରେ ଅପର ପକ୍ଷରୁ ଆସୁଥିବା ଏକ ହାଇୱା ନଂ. ଓଡି ୧୬ ଇ ୬୦୨୨ ସହିତ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା।


ନଂ.୨୬-୨୨/୨୦୧୯-ଡିଡି-III

**ଭାରତ ସରକାର**

**ଭିନ୍ନକ୍ଷମ ବ୍ୟକ୍ତି (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ବିଭାଗ**

**ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ**

୫ମ ମହଲା, ବି ୱିଙ୍ଗ୍, ପଣ୍ଡିତ ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଭବନ, ସିଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ - ୧୧୦୦୦୩

**ଅଧ୍ୟକ୍ଷ, ନ୍ୟାଶନାଲ ଟ୍ରଷ୍ଟ, ନୂଆଦିଲ୍ଲୀଙ୍କ ନିଯୁକ୍ତି**

ଭିନ୍ନକ୍ଷମ ବ୍ୟକ୍ତି (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ବିଭାଗ, ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଅଧ୍ୟକ୍ଷ, ନ୍ୟାଶନାଲ ଟ୍ରଷ୍ଟ, ନୂଆଦିଲ୍ଲୀ ପଦବୀରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି ।

୨. ସବିଶେଷ ବିଜ୍ଞାପନ ବିଭାଗର ୱେବ୍‌ସାଇଟ୍ depwd.gov.in ରେ ଉପଲବ୍ଧ । ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନେ ପ୍ରସ୍ତାବିତ ପ୍ରୋ-ଫର୍ମାରେ ସପକ୍ଷ ଦସ୍ତାବିଜ ସହିତ ଆବେଦନ କରିପାରିବେ । ଆବେଦନ ଫର୍ମ ୱେବ୍‌ସାଇଟ୍ depwd.gov.in ରୁ ଡାଉନ୍‌ଲୋଡ୍ କରାଯାଇପାରିବ (ମୁଖ୍ୟ ପୃଷ୍ଠା: କ୍ୟାରିୟର - ଅଧ୍ୟକ୍ଷ, ଅଟିଜମ୍, ସେରେବ୍ରାଲ୍ ପାଲ୍‌ସି, ମାନସିକ ଅନଗ୍ରସରତା ଓ ବହୁ ଭିନ୍ନକ୍ଷମତାଯୁକ୍ତ ବ୍ୟକ୍ତିମାନଙ୍କ କଲ୍ୟାଣ ନିମନ୍ତେ ଜାତୀୟ ଟ୍ରଷ୍ଟ ପଦବୀ ଲାଗି ଉଦ୍ଦିଷ୍ଟ ଖାଲି ପଦବୀ ସର୍କୁଲାର ଉପରେ କ୍ଲିକ୍ କରନ୍ତୁ) । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ହେଉଛି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାରରେ ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୩୦ ଦିନ।

CBC-38117/11/0036/2425



**CAREER APPOINTMENT**

ON EVERY WEDNESDAY & SATURDAY

B/W : ₹. 350 per sq.cm
Colour : ₹. 400 per sq.cm

PAY FOR 1, GET 1 FREE

For Bookings
Call : 0674-2580385
Email : advt@dharitri.com



**REQUIRED**

Used Car Showroom in Bhubaneswar requires Front Office Executive-cum-Telecaller, Marketing Professionals with experience in used car sales and purchase and finance and Driving experience of Four Wheeler. For details Contact:

7381091234, 9861194627



**ଆବଶ୍ୟକ/WANTED**

1. A LADY COOK / ମହିଳା ରୋଷେୟା
2. A DRIVER

For my House at:
TANKAPANI ROAD, BHUBANESWAR
Contact/ଯୋଗାଯୋଗ
8917380932, 8917516693



**GOVERNMENT OF CHHATTISGARH**

**WATER RESOURCES DEPARTMENT**

**OFFICE OF THE EXECUTIVE ENGINEER**

**WATER RESOURCES DIVISION, BAIKUNTHPUR, DISTT.: KORIYA (C.G.)**

**CORRIGENDUM NO. 1**

IN NIT No.: 07/SAC/2024-25, Dated: 10.12.2024, System Tender No. 162655 (1st Call) and IN NIT No.: 08/SAC/2024-25, Dated 10.12.2024, System Tender No. 162656 (1st Call).
G-Number - 242504481 following amendments are made:

| Sl. No. | Particulars | Previous Published | Amendment As |
|---|---|---|---|
| 1 | Physical Turnover & Financial Turnover any one year during the last five year from | 2018 - 2019 to 2022-2023 | 2019 - 2020 to 2023-2024 |

All other terms and conditions of NIT will remain unchanged.

Sd./- Executive Engineer
Water Resources Division
Baikunthpur, Korea (C.G.)

G-242504725/1



**FORM NO.-13**

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**PLOT NO : C-71, SECTOR-7, C.D.A, CUTTACK, ODISHA**
**O.A. No. 166 of 2024**

HDFC BANK LIMITED ............ APPLICANT
- VERSUS -
SATYA SARAN UPADHYAY & OTHERS .......... DEFENDANT(S)

To,
1. **SATYA SARAN UPADHYAY,** aged about 44 years, S/o- Chakradhar Upadhyay, At-Solana Teisipur, Pipili, Near Dolabedi, Dist-Puri, State-Odisha, Pin-752046.
2. **KAMAL LOCHAN UPADHYAY,** aged about 54 years, S/o- Chakradhar Upadhyay, At-Solana Teisipur, Pipili, Near Dolabedi, Dist-Puri, State-Odisha, Pin-752046.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A. No. 166 of 2024** in the court of the Debts Recovery Tribunal Cuttack for recovery of **Rs.43,30,321.17** only together with current and future interest, costs and the other reliefs. The above mentioned defendant is therefore, directed to appear before this tribunal in person or through an Advocate or duly authorized agent in support of his defence to show cause within 30 days from the Date of publication or on **27.01.2025** at **10.30 am** as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this Tribunal on this **25th day of November, 2024.**

(Saroj Kumar Biswal)
Sd/- Registrar (I/c)



**ଭାରତୀୟ ରିଜର୍ଭ ବ୍ୟାଙ୍କ**

**ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ**

**ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟର ଗ୍ରାଉଣ୍ଡ ଫ୍ଲୋର ଏରିଆର ନବୀକରଣ (ଇଲେକ୍ଟ୍ରିକାଲ୍ କାର୍ଯ୍ୟ) ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocnରେ ଆବେଦନର ଶେଷ ତାରିଖ ଜାନୁଆରୀ ୦୯, ୨୦୨୫ ଅପରାହ୍ନ ୦୨.୦୦ଟା ଅଟେ।

ମହାପ୍ରବନ୍ଧକ (ପ୍ରଭାରୀ ଅଧିକାରୀ), ଭୁବନେଶ୍ୱର



**GOVERNMENT OF CHHATTISGARH, WATER RESOURCES DEPARTMENT**

**OFFICE OF THE EXECUTIVE ENGINEER, WATER RESOURCES DIVISION, RAIGARH, DISTT.: RAIGARH (C.G.)**

**e-PROCUREMENT TENDER NOTICE**

**eProcurement Portal: https://eproc.cgstate.gov.in**

Online tenders are invited for the following works upto 06.01.2025 at 17.30 hour.

| System Tender No. | NIT No. & Date | Name of Work | Probable Amount of Contract (In Lakhs) | Tender Call |
|---|---|---|---|---|
| 163067 | 14/SAC/2024-25 Dtd.19.12.2024 | Renovation of Sodekela Tank and Canal C.C. Lining Work | 237.91 | Fifth Call |

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in)** from **Date:26.12.2024 at 17.31 hours (IST) onwards.**

**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

Sd./- Executive Engineer
Water Resources Division, Raigarh
Distt.: Raigarh (C.G.)

G-242504711/2



**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**

**Very Short Term e-Procurement Notice**
**Tender Reference No.44/2024-25**

| Sl. No | Name of Scheme | Estimated Amount (Lacs) | Earnest Money (Lacs) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | Proposed Construction of Scheduled Tribe Residential Middle School at Amanburu, Bundu | 29456900.00 | 600000.00 | 10000.00 | 18 Month | कार्य के अनुरूप |

| | | |
|---|---|---|
| 3 | Date of Publication of Tender on Website | 21.12.2024 at 11:00 AM |
| 4 | Start Date of Submission of Bids | 21.12.2024 at 1:00 PM |
| 5 | Last Date/Time of Submission of Bids | 28.12.2024 at 11:00 AM |
| 6 | Date/Time of opening of Bid | 30.12.2024 at 2:00 PM |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. |
| 8 | Helpline Number of e-procurement Cell | 94727-45569 |

Any change can be seen on Website http:// Jharkhandtenders.gov.in.
Any other information can be seen on http:// Jharkhandtenders.gov.in.

Nodal Officer
e-Procurement Cell
Executive Engineer, National Rural Employment Programme, Ranchi

PR 342492 NREP(24-25).D



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ: ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର, ପିନ୍-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା ଓ ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଓ ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଡେଲାଙ୍ଗ ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି ଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ରଘୁନାଥ ସ୍ୱାଇଁ,** ପିତା: ଜଗନ୍ନାଥ ସ୍ୱାଇଁ, ସା/ପୋ: ଓଡତରାବୋଇ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ / **ଜାମିନ୍‌ଦାର: ଶ୍ରୀ ନବଘନ ପ୍ରଧାନ,** ପିତା: କାହ୍ନୁ ଚରଣ ପ୍ରଧାନ, ସା: ବେନୁପଡା, ପୋ: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୩୧.୧୨.୨୦୧୫ ସୁଦ୍ଧା ଟ.୧୦,୨୭,୭୪୧/- (୩୧.୧୨.୨୦୧୫ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୯.୦୧.୨୦୨୧ / ୧୯.୧୨.୨୦୨୪ | **ଶ୍ରୀ ରଘୁନାଥ ସ୍ୱାଇଁଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: ଓଡତରାବୋଇ, ମୌଜା: ଓଡତରାବୋଇ, ଏସ୍‌ଆରଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୩୩୯, ପ୍ଲଟ୍ ନଂ.: ୬୮, ୭୩, ୧୩୫, କ୍ଷେତ୍ର: ଏକର୦.୧୫ଡିସିମିଲି, ଏହାର ଚରିପାର୍ଶ୍ୱରେ- ଉତ୍ତର: ରାସ୍ତା, ପୂର୍ବ: ମଧୁସୂଦନ ସ୍ୱାଇଁ, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପଶ୍ଚିମ: ବାମଦେବ ମାଝୀ |
| **ଋଣଗ୍ରହୀତା: ଶ୍ରୀ ପ୍ରଭାକର ସାହୁ,** ସା: ରତନପୁର, ପୋ: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ / **ଜାମିନ୍‌ଦାର: ଶ୍ରୀ ଲକ୍ଷ୍ମଣ ସାହୁ,** ପିତା: ଉଦୟନାଥ ସାହୁ, ସା: ରତନପୁର, ପୋ: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୦୮.୦୮.୨୦୨୩ ସୁଦ୍ଧା ଟ.୪,୮୩,୮୩୬.୭୨ (୩୦.୧୧.୨୦୧୯ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୮.୦୮.୨୦୨୩ / ୧୯.୧୨.୨୦୨୪ | **ଶ୍ରୀ ପ୍ରଭାକର ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ରତନପୁର, ଥାନା: ଡେଲାଙ୍ଗ, ଏସ୍‌ଆରଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୩୦୭/୯, ପ୍ଲଟ୍ ନଂ.: ୯୯/୭୬୯, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୦୧, ପୂର୍ବ: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୧୦୨, ପଶ୍ଚିମ: ପ୍ଲଟ୍ ନଂ. ୧୦୦ |

**ତାରିଖ: ୨୦.୧୨.୨୦୨୪, ସ୍ଥାନ: ଭୁବନେଶ୍ୱର**

**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**

# ଅମଳ ସମୟରେ ଅଦିନିଆ ବର୍ଷା


ଜମିରେ କଟା ହୋଇଥିବା ଧାନବିଡ଼ା।

**ତିହିଡ଼ି,୨୦।୧୨(ସଞ୍ଜିତ ବଳ)**

ଏବେ କ୍ଷେତରୁ ଧାନ ଅମଳ ସମୟ। ବର୍ଷକ ପରିଶ୍ରମର ଫଳ ପାଇବା ପାଇଁ ଚାଷୀ ଅଣ୍ଟା ଭିଡ଼ିଛନ୍ତି। ଠିକ୍ ଏହି ସମୟରେ ଅଦିନିଆ ବର୍ଷା ଧାନ ଅମଳରେ ବାଧକ ସାଜିଛି। ଅପରପକ୍ଷେ ଧାନର ଏଫ୍ଏକ୍ୟୁ ମାନ କିପରି ରହିପାରିବ, ସେନେଇ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ବର୍ଷାର ଅନିୟମିତତା ପାଇଁ ତିହିଡ଼ି ବ୍ଲକରେ ଚଳିତ ଖରିଫ ଋତୁରେ ବିଳମ୍ବରେ ଧାନଚାଷ ଆରମ୍ଭ ହୋଇଥିଲା। ଚାଷୀମାନେ ବହୁ ପରିଶ୍ରମ କରି ଚାଷ କରିଥିଲେ। ଗର୍ଭଣା ସଂକ୍ରାନ୍ତି ବେଳକୁ ଠିକ୍ ଧାନ କେଣ୍ଡା ବାହାରିବା ସମୟରେ ବର୍ଷା ଅଭାବରୁ କ୍ଷେତ ଶୁଖି ଫାଟି ଯାଇଥିଲା। ଅଧିକାଂଶ ଜମିରେ ଧାନ ଅଗାଡ଼ି ହେବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏହି ସମୟରେ ବାତ୍ୟା 'ଦାନା' ଯୋଗୁ ଧାନଚାଷ ପ୍ରଭାବିତ ହୋଇଥିଲା। ଧାନଗଛକୁ ପାଣି ମିଳିଥିଲେ ମଧ୍ୟ ପବନ ଯୋଗୁ କେଣ୍ଡା ବାହାରୁଥିବା ଧାନ ଅଗାଡ଼ି ହୋଇଯାଇଥିଲା। କେତେକ ପଞ୍ଚାୟତରେ ବନ୍ୟାପାଣି ପଶି ମଧ୍ୟ ଧାନଚାଷ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ୧୫ଦିନ ହେଲା ବ୍ଲକର ଅଧିକାଂଶ ଅଞ୍ଚଳରେ ଧାନକଟା ଆରମ୍ଭ ହୋଇଯାଇଛି। ଚାଷୀମାନେ ନିଜ ନିଜର ସୁବିଧା ଅନୁଯାୟୀ ମେଶିନ ସହାୟତାରେ ବା ହାତରେ ଧାନକଟା ଚଳାଇଛନ୍ତି। ହେଲେ ଏହି ସମୟରେ ଗୁରୁବାର ରାତିଠୁ ଆରମ୍ଭ ହୋଇଥିବା ଅଦିନିଆ ବର୍ଷା ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ବର୍ଷା ଅଧିକ ହେଲେ ଧାନ ଅମଳ ବାଧାପ୍ରାପ୍ତ ହେବା ସହ ଧାନ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି। ଏଣୁ ଚାଷୀମାନେ କିପରି ଧାନକୁ ସୁରକ୍ଷିତ ରଖିବେ, ସେନେଇ ଉଦ୍ୟମ ଚଳାଇଛନ୍ତି। ଚଳିତବର୍ଷ ସରକାର ଏଫ୍ଏକ୍ୟୁ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ଘୋଷଣା କରିଛନ୍ତି। ପ୍ରଥମେ ୨୩ଶହ ଟଙ୍କା ଓ ପରେ ୮ଶହ ଟଙ୍କା ବୋନସ ଆକାରରେ ମିଳିବ। ବାତ୍ୟା 'ଦାନା' ଓ ଅଦିନିଆ ବର୍ଷା ପରେ ଧାନର ମାନ କିପରି ସୁରକ୍ଷିତ ରହିବ ସେନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଏହି ପରିପ୍ରେକ୍ଷୀରେ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏଫ୍ଏକ୍ୟୁ ଉପରେ ପୁନର୍ବିଚାର କରିବାକୁ ଦାବି ହୋଇଛି।

## ଜମିରେ କଟାଧାନ, ଚିନ୍ତାରେ ଚାଷୀ


ଜଣେ ଚାଷୀ ବିଲରେ ଧାନବିଡ଼ାକୁ ଗଦା କରୁଛନ୍ତି।

**ଭଦ୍ରକ/ଅସୁରାଳି,୨୦।୧୨(ସନାତନ ରାଉତ / ସନ୍ତୋଷ ପ୍ରଧାନ)**

ଧାନ ଅମଳ ସମୟରେ ଆକାଶ ମେଘୁଆ ରହିବା ସହ ଭଦ୍ରକର ବିଭିନ୍ନ ଅଞ୍ଚଳରେ ଝିପିଝିପି ବର୍ଷା ହୋଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଦୁଇଦିନ କୋହଲା ପାଗ ପରେ ଗୁରୁବାର ରାତିରୁ ଝିପିଝିପି ବର୍ଷା ହେବା ଫଳରେ ଜମିରେ କଟା ହୋଇ ପଡ଼ିଥିବା ଧାନ ଓ ଖଳାରେ ଥିବା ଧାନ ନଷ୍ଟ ହେବାର ଆଶଙ୍କା ରହିଛି। ସେହିପରି ଅମଳ ହୋଇ ନ ଥିବା ଧାନ ମଧ୍ୟ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏଣୁ ସେମାନେ ତରବରିଆ ଭାବେ ଅମଳ ହୋଇଥିବା ଧାନ ବର୍ଷାରେ ନ ଭିଜିବା ପାଇଁ ପାଲ ଢାଙ୍କିବା ସହ କଟା ହୋଇ ପଡ଼ିଥିବା ଧାନବିଡ଼ାକୁ ଗଦା କରି ରଖିବାରେ ଲାଗିପଡ଼ିଛନ୍ତି। ଅଧିକ ପରିମାଣର ବର୍ଷା ହେଲେ ଧାନ ନଷ୍ଟ ହେବା ସହ ଅମଳରେ ବିଳମ୍ବ ଘଟିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି।

## ଟ୍ରକ୍ ଧକ୍କାରେ ଜଣେ ମୃତ, ରାସ୍ତାରୋକୋ

**ବାସୁଦେବପୁର,୨୦।୧୨(ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର-ଧାମରା ରାସ୍ତାର ବିଦେଇପୁର ଛକଠାରେ ଶୁକ୍ରବାର ଅପରାହ୍ନରେ ଏକ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚାନ୍ଦବାଲି ବ୍ଲକ କରଣପଲ୍ଲୀ ଗ୍ରାମର ସୀତାରାମ ଦାସ(୪୦) ଓ ଗୁରୁତର ବ୍ୟକ୍ତି ହେଉଛନ୍ତି ଉକ୍ତ ଗ୍ରାମର ଦେବବ୍ରତ ମଣ୍ଡଳ। ଦେବବ୍ରତଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୀତାରାମ ଓ ଦେବବ୍ରତ ବାଇକ୍‌ରେ କରଣପଲ୍ଲୀ ଗ୍ରାମକୁ ଯାଉଥିବା ବେଳେ ବିଦେଇପୁର ଛକଠାରେ ଧାମରାରୁ ଫେରୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ବାସିନ୍ଦା ଏହାର ପ୍ରତିବାଦ କରି କ୍ଷତିପୂରଣ ପ୍ରଦାନ ସହ ଟ୍ରକ୍ ଚଳାଚଳ ବନ୍ଦ ଦାବିରେ ବିଦେଇପୁର ଛକଠାରେ ରାସ୍ତାରୋକୋ କରିଥିଲେ। ନାୟକଣିଡେଇ ପୋଲିସ, କଞ୍ଚିଆ ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ରାସ୍ତାରୋକୋ ଯୋଗୁ ଧାମରା-ବାସୁଦେବପୁର ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

## ହ୍ୟାଣ୍ଡବଲ୍ ଖେଳାଳି ରମେଶଙ୍କୁ ସମ୍ବର୍ଦ୍ଧନା


ଧୁସୁରୀ ଥାନାଧିକାରୀ କ୍ରୀଡ଼ାବିତ୍ ରମେଶ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି।

**ଧୁସୁରୀ, ୨୦।୧୨ (ଦୀପ୍ତିରଞ୍ଜନ ନାୟକ)**

ଚଳିତ ମାସ ଶେଷ ସପ୍ତାହରେ କେରଳରେ ହେବାକୁ ଥିବା ଜାତୀୟସ୍ତରୀୟ ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟରେ ଖେଳିବେ ଧାମନଗର ବ୍ଲକ ପାହାଡ଼ପୁର ଗାଁର ରମେଶ ଚନ୍ଦ୍ର ପୃଷ୍ଟି(୨୫)। ସେ ଓଡ଼ିଶା ସିନିୟର ବର୍ଗ ହ୍ୟାଣ୍ଡବଲ୍ ଟିମ୍‌ରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲାପାଳ ତାଙ୍କ କାର୍ଯ୍ୟାଳୟରେ ରମେଶଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି। ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ରମେଶଙ୍କ କ୍ରୀଡ଼ା ପ୍ରଦର୍ଶନକୁ ଧାମନଗରବାସୀଙ୍କ ସମେତ ସମଗ୍ର ଜିଲାବାସୀ ଚାହିଁ ରହିଛନ୍ତି ବୋଲି ଜିଲାପାଳ ଦିଲୀପ କୁମାର ରାଉତରାଏ କହିଥିଲେ। ଧୁସୁରୀ ଥାନାଧିକାରୀ ଶାନ୍ତନୁ କୁମାର ଜେନା ମଧ୍ୟ ରମେଶଙ୍କୁ ପ୍ରଶଂସା କରିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଧୁସୁରୀ ପ୍ରେସ୍ ୟୁନିୟନ ସଭାପତିଙ୍କ ସମେତ ସମ୍ପାଦକ ସନ୍ତୋଷ ଦାସ ଓ କୋଷାଧ୍ୟକ୍ଷ ରତିକାନ୍ତ ନାୟକ ଉପସ୍ଥିତ ଥିଲେ। ଜିଲାବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରି ଉତ୍ତମ ଖେଳ ପ୍ରଦର୍ଶନ କରିବେ ବୋଲି ରମେଶ କହିଛନ୍ତି।

## ନଦୀଶଯ୍ୟାରୁ ୧୮ ଅର୍ଘ୍ୟସ୍ତୂପ, ମନ୍ଦିର ଖୋଦିତ ଶିଳା ଉଦ୍ଧାର



**ଭଣ୍ଡାରିପୋଖରୀ,୨୦।୧୨(ରାଜେନ୍ଦ୍ର ଶତପଥୀ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମଣିନାଥପୁରଠାରେ ବୈତରଣୀ ନଦୀଶଯ୍ୟାରୁ ୧୮ଟି ଅର୍ଘ୍ୟସ୍ତୂପ ଓ ମନ୍ଦିର ଖୋଦିତ ଶିଳା ଉଦ୍ଧାର ହୋଇଛି। ବାଲି ଉତ୍ତୋଳନ ପରେ ଗଭୀର ହୋଇପଡ଼ିଥିବା ନଦୀର ମୃତ୍ତିକା ଶଯ୍ୟା ଉପରେ ଅର୍ଘ୍ୟସ୍ତୂପ ଓ ମନ୍ଦିର ଖୋଦିତ ଶିଳା ବିକ୍ଷିପ୍ତ ଭାବେ ପଡ଼ିଥିଲା। ସ୍ଥାନୀୟ ଗବେଷକ ବିଶ୍ୱମ୍ଭର ରାଉତଙ୍କ ସହାୟତାରେ ସେଗୁଡ଼ିକୁ ଖୋଲମୁଣ୍ଡ ବୌଦ୍ଧବିହାର ସଂଗ୍ରହାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଥିମଧ୍ୟରୁ ୧୧ଟି ଶିଳାରେ ଶିବ, ପାର୍ବତୀ, ଗଣେଶ ମୂର୍ତ୍ତି ଖୋଦେଇ ହୋଇଥିବା ଜଣାପଡ଼ିଥିଲା। ଅନ୍ୟ ୭ଟି ଶିଳାରେ ବୁଦ୍ଧ, ପଦ୍ମପାଣି, ତାରା, ନୃତ୍ୟାଙ୍ଗନା, ଭୈରବ ଆଦି ମୂର୍ତ୍ତି ଖୋଦେଇ ହୋଇଛି। ଶିଳାଗୁଡ଼ିକର ଉଚ୍ଚତା ଅଢ଼େଇରୁ ୪ ଫୁଟ୍ ଉଚ୍ଚତା ହେବ। ୬ଷ୍ଠରୁ ୮ମ ଶତାବ୍ଦୀର ଖଣ୍ଡୋଲାଇଟ ଶିଳାଗୁଡ଼ିକ ବୋଲି ବିଶେଷଜ୍ଞ ପ୍ରତ୍ନତତ୍ତ୍ୱବିତ୍ ସୁନୀଲ ପଟ୍ଟନାୟକ କହିଛନ୍ତି।

## ପରିଚାଳନା ପରିଷଦ ସଦସ୍ୟଙ୍କ ସମୂହ ଇସ୍ତଫା


ଇସ୍ତଫା ଦେଇଥିବା ବ୍ରହ୍ମପୁର ସେବା ସମବାୟ ସମିତିର ସଦସ୍ୟ।

**ଭଦ୍ରକ,୨୦।୧୨(ସନାତନ ରାଉତ)**

**ସମବାୟ ସମିତି ସଭାପତିଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ**

ଆଉ ଦିନ କେଇଟା ପରେ ସରକାରୀ ମଣ୍ଡି ଖୋଲାଯାଇ ଧାନକିଣା ଆରମ୍ଭ ହେବ। ଧାନକିଣା ପୂର୍ବରୁ ଭଦ୍ରକ ବ୍ଲକର ବ୍ରହ୍ମପୁର ସେବା ସମବାୟ ସମିତିର ସଦସ୍ୟମାନେ ସମୂହ ଇସ୍ତଫା ଦେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସମିତିର ସଭାପତିଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ୬ମାସ ତଳେ ଭଦ୍ରକ ସର୍କଲ ସହକାରୀ ନିବନ୍ଧକଙ୍କ ନିକଟରେ ସମିତିର ସଦସ୍ୟମାନେ ଲିଖିତ ଅଭିଯୋଗ କରିଥିଲେ। ଏହାର କୌଣସି ସମାଧାନ ନ ହେବାରୁ ସଭାପତିଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ପରିଚାଳନା ପରିଷଦର ୧୧ଜଣ ସଦସ୍ୟ ଗୁରୁବାର ସମୂହ ଇସ୍ତଫାପତ୍ର ସହକାରୀ ନିବନ୍ଧକଙ୍କୁ ପ୍ରଦାନ କରିଛନ୍ତି।

ନିୟମ ଅନୁଯାୟୀ ପ୍ରତ୍ୟେକ ୨ ମାସରେ ଥରେ ବୈଠକ ହେବା କଥା। କିନ୍ତୁ ଗତ ୬ ମାସ ମଧ୍ୟରେ କୌଣସି ବୈଠକ ହୋଇ ନ ଥିବାରୁ ଋଣ ମଞ୍ଜୁର ହୋଇପାରୁ ନାହିଁ। ସରକାରଙ୍କ କୌଣସି ନୀତିଗତ ପ୍ରସ୍ତାବ ମଧ୍ୟ ବିଧାଯାଇପାରୁ ନାହିଁ। ଖରିଫ ଧାନ କିଣା ବାବଦରେ ନୀତିଗତ ନିଷ୍ପତ୍ତି ମଧ୍ୟ ନିଆଯାଇ ପାରୁ ନ ଥିବା ଇସ୍ତଫାପତ୍ରରେ ଉଲ୍ଲେଖ ରହିଛି। ପରିଚାଳନା ପରିଷଦର ୧୫ ସଦସ୍ୟଙ୍କ ମଧ୍ୟରୁ ପଦ୍ମଲୋଚନ ଦାସ, ଜଗବନ୍ଧୁ ମହାନ୍ତ, ଘନଶ୍ୟାମ ପ୍ରଧାନ, ଉପେନ୍ଦ୍ର ପଲାଇ, ରୋହିତ ବଳ, ସୁଭାସ ଜେନା, ଗୌରୀ ସାହୁ, ଲକ୍ଷ୍ମୀଧର ନାୟକଙ୍କ ସମେତ ୧୧ଜଣ ଇସ୍ତଫା ଦେଇଛନ୍ତି। ଆସନ୍ତା ୨୭ ତାରିଖରେ ଜିଲାରେ ସରକାରୀ ମଣ୍ଡି ଖୋଲିବାକୁ ଥିବାବେଳେ ବ୍ରହ୍ମପୁର ସମବାୟ ସମିତିରେ ଏଭଳି ଅଚଳାବସ୍ଥା ଯୋଗୁ ଧାନକିଣା ବ୍ୟାଘାତ ହେବ ବୋଲି ଚର୍ଚ୍ଚା ହେଉଛି। ସମ୍ପର୍କରେ ସଭାପତି ଦେବକାନ୍ତ ପରିଡ଼ା କହିଛନ୍ତି ଗତ ମାର୍ଚ୍ଚରେ ସମିତି କାର୍ଯ୍ୟାଳୟରେ ଅଡିଟ୍ ହୋଇଥିଲା। ଅଡିଟ୍ ବାବଦରେ ସେ ଜାଣି ନ ଥିବାବେଳେ ଅନୁପସ୍ଥିତ ଥିବା ନେଇ ସମ୍ବାଦକ ରିପୋର୍ଟରେ ଦର୍ଶାଇଛନ୍ତି ବୋଲି ପରେ ଜାଣିବାକୁ ପାଇଥିଲେ। ଏନେଇ ବାଲେଶ୍ୱର ଏବଂ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରାଯାଇଛି। ଏହି ଘଟଣା ପରେ ଆକ୍ରୋଶମୂଳକ ଭାବେ ସମ୍ପାଦକ ସଭ୍ୟମାନଙ୍କୁ ନେଇ ଏପରି କରିଛନ୍ତି। ଅପରପକ୍ଷେ, ସମ୍ପାଦକ ବିଷ୍ଣୁମୋହନ ଘଡ଼େଇ କହିଛନ୍ତି, ସମିତିରେ ସଭାପତି ବୈଠକ ଡାକୁ ନ ଥିଲେ। ଯାହାଦ୍ୱାରା ଚାଷୀମାନଙ୍କୁ ଋଣ ମିଳୁ ନ ଥିଲା। ଏହାର ପ୍ରତିବାଦ କରି ସଭ୍ୟମାନେ ଏଆରସିଏସ୍‌ଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସେମାନେ ଏଆରସିଏସ୍‌ଙ୍କୁ ଇସ୍ତଫାପତ୍ର ପ୍ରଦାନ କରିବା ସହ ତାଙ୍କୁ ମଧ୍ୟ ଦେଇଛନ୍ତି। ପୂର୍ବରୁ ଅଡିଟ୍ ହୋଇଥିବା ବେଳେ ସଭାପତି ଆକ୍ରୋଶମୂଳକ ଭାବେ ଆଉଥରେ ଅଡିଟ୍ କରାଇଛନ୍ତି।

## ଉପକୂଳରେ ଚିଙ୍ଗୁଡ଼ିଚାଷ ସଚେତନତା


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବାସୁଦେବପୁର,୨୦।୧୨(ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁରସ୍ଥିତ ନୀଳଣି ଟାଉନ ହଲ୍ ପରିସରରେ ଶୁକ୍ରବାର ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଉପକୂଳ ଚିଙ୍ଗୁଡ଼ି ଚାଷ ସମ୍ପର୍କିତ ଏକ କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମତ୍ସ୍ୟ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ଚିଙ୍ଗୁଡ଼ି ଚାଷ କିପରି ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ ସେ ସମ୍ପର୍କରେ କହିଥିଲେ। ଚିଙ୍ଗୁଡ଼ି ଚାଷୀଙ୍କ ପଞ୍ଜୀକରଣ, ଲାଇସେନ୍ସଭୁକ୍ତ ହେବା ଆଦି ଦିଗ ଉପରେ ଗୁରୁତ୍ୱ ଦେବା ଦରକାର। ବାସୁଦେବପୁରର ସମୁଦ୍ର ଉପକୂଳ ସ୍ଥାନ, ନଦୀ ଓ ଜୋର ସଂଲଗ୍ନ ଅଞ୍ଚଳ ଚାଷୀଙ୍କ କ୍ଷେତ୍ର ହୋଇଥିବାରୁ ସ୍ଥାନୀୟ ଲୋକେ ଚାଷ ପ୍ରତି ଅଧିକ ଆଗ୍ରହ ପ୍ରକାଶ କଲେ ସେମାନଙ୍କ ଆର୍ଥିକ, ସାମାଜିକ ବିକାଶ ହେବା ସହ ସେମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ କହିଥିଲେ। ବାସୁଦେବପୁର ସହକାରୀ ମତ୍ସ୍ୟ ଅଧିକାରୀ ଲକ୍ଷ୍ମୀପ୍ରିୟା ମାରାଣ୍ଡି ଓ ସାଗରମିତ୍ର ସ୍ୱୟମପ୍ରଭା ମହାନ୍ତି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଫଳ ଚିଙ୍ଗୁଡ଼ି ଚାଷୀ ପ୍ରଫୁଲ୍ଲ ତରାଇ ବିଶେଷ ଅତିଥି ଭାବେ ଯୋଗଦେଇ ଚିଙ୍ଗୁଡ଼ି ଚାଷର ଅନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ କହିଥିଲେ। ଗୋଟିଏ ଚିଙ୍ଗୁଡ଼ି ପୋଖରୀରୁ ଅଧା ପାର୍ଟନର ହୋଇ ପରବର୍ତ୍ତୀ ସମୟରେ ନିଜ ଉଦ୍ୟମରେ ସେ ଜଣେ ସଫଳ ଚିଙ୍ଗୁଡ଼ି ଚାଷୀ ହୋଇପାରିଥିବା ଜଣାଇଥିଲେ। ଏବେ ସେ ୪୦ଟି ଚିଙ୍ଗୁଡ଼ି ପୋଖରୀ କରି ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣା ହୋଇଥିବାରୁ ତାଙ୍କୁ ମତ୍ସ୍ୟ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି।

## ୧୨୦ ଛାତ୍ରୀଛାତ୍ରଙ୍କୁ ବଣ୍ଟାଗଲା ପୋଷାକ

**ବନ୍ତ,୨୦।୧୨(ହରିନାରାୟଣ ମହାନ୍ତି)**

ବନ୍ତ ବ୍ଲକ କାଦବରାଙ୍ଗ କୁଷ୍ଠର ଅଧୀନ ଅସ୍ତିରା ୟୁଜିଏମ୍ଇ ସ୍କୁଲରେ ପୋଷାକ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୦ ଛାତ୍ରୀଛାତ୍ରଙ୍କୁ ପୁରୁଣା ଲେଖାଏ ପୋଷାକ ବଣ୍ଟନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୁଜା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ସିଆରସିସି ପ୍ରଦୀପ କୁମାର ପଲେଇ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ଅଶୋକ ଦାସ, ଉପସଭାନେତ୍ରୀ ଶର୍ମିଳା ବେହେରା, ୱାର୍ଡସଭ୍ୟା ରଞ୍ଜିତା ଜେନା, ସଭ୍ୟା ପୁଷ୍ପଲତା ରାଉତ ଓ ନମିତା ବିଶ୍ୱାଳ ଉପସ୍ଥିତ ଥିଲେ। ଶିକ୍ଷକ ଗୋପୀନାଥ ଦାଶ, ପ୍ରଭାତ ନାୟକ, ଜାନକୀବାଳା ଜେନା, ଗୌରାଙ୍ଗ ବିଶ୍ୱାଳ, ଜ୍ୟୋତ୍ସ୍ନାମୟୀ ନାୟକ ଓ କ୍ରୀଡ଼ା ଶିକ୍ଷକ ରତ୍ନାକର ଖିଲାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା



**ଭଦ୍ରକ, ୨୦।୧୨(ରବିନାରାୟଣ ଖିଲାର)**

ଭଦ୍ରକ ବ୍ଲକର କଲେଇ ପଞ୍ଚାୟତ ଦୁଲିଦାଠାରେ ପୂର୍ବତନ ସରପଞ୍ଚ ସ୍ୱର୍ଗତ ନାରାୟଣ ଚନ୍ଦ୍ର ଲେଙ୍କାଙ୍କ ୬ଷ୍ଠ ବାର୍ଷିକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ନିରଞ୍ଜନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସମିତିସଭ୍ୟ ନିତ୍ୟାନନ୍ଦ ବେହେରା, ଯୁବନେତା ସୁନିଲ ଲେଙ୍କା, ଯାଦବ ନେତା କୃଷ୍ଣଚନ୍ଦ୍ର ବେହେରା, ଜଗବନ୍ଧୁ ମହାରଣା, କାହ୍ନୁ ଜେନା, ପ୍ରବୀଣ ମହାରଣା, ରବୀନ୍ଦ୍ର ଜେନା, କାଳିଆ ଜେନା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଲେଙ୍କାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ଲେଙ୍କା ଜଣେ ପରୋପକାରୀ, ଦରଦୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ତାଙ୍କର ଅବଦାନ ଯଥେଷ୍ଟ ଥିଲା ବୋଲି ଆଜି ବି ପଞ୍ଚାୟତବାସୀ ତାଙ୍କୁ ମନେ ରଖିଛନ୍ତି ବୋଲି ଅତିଥିମାନେ କହିଥିଲେ। ଭାଇ ନିରଞ୍ଜନ ଲେଙ୍କା ସଭାପତିତ୍ୱ କରିଥିବା ବେଳେ ଯାଦବ ନେତା କୃଷ୍ଣଚନ୍ଦ୍ର ବେହେରା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## 'ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ ଆଶାକର୍ମୀ'

**ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ସମ୍ମିଳନୀ**



ମହିଳା ଆରୋଗ୍ୟ ସମିତି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭଦ୍ରକ,୨୦।୧୨(ସନାତନ ରାଉତ)**

ଆଶାମାନେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ପ୍ରକୃତ ମେରୁଦଣ୍ଡ। ସ୍ୱାସ୍ଥ୍ୟସେବା ବ୍ୟବସ୍ଥାପନାରେ ପହଞ୍ଚାଇବା ପାଇଁ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ସହଯୋଗିତା ଓ ସମନ୍ୱୟ ଆବଶ୍ୟକ ବୋଲି ଜିଲାସ୍ତରୀୟ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟଅତିଥି ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା କହିଛନ୍ତି। ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ଓ ଦାୟିତ୍ୱ ନିର୍ବାହ ପାଇଁ ଯୋଗ୍ୟମାନଙ୍କୁ ପୁରସ୍କୃତ କରାଯିବା ଉଦ୍ଦେଶ୍ୟରେ ଶୁକ୍ରବାର ଭଦ୍ରକ ଶହୀଦ ସ୍ମୃତି ଭବନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଅନ୍ୟତମ ଅତିଥି ଭାବେ ଜିଲା ସହ ଚିକିତ୍ସାଧିକାରୀ ଡା. ଅନୁଲ୍ୟ କୁମାର ଦାସ, ଡା. କନକଲତା ସାହୁ, ଡା. ସଙ୍ଗୀତା ବଳ, ଡା. ସନ୍ତୋଷ କୁମାର ପୃଷ୍ଟି, ଜିଲା କାର୍ଯ୍ୟକ୍ରମ ସଂଯୋଜିକା ସୁଶ୍ରୀ ସରିତା ମହାପାତ୍ର ପ୍ରମୁଖ ଯୋଗଦେଇ ସମାବେଶର ଅଭିପ୍ରାୟ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ବିପିଏମ୍, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ମହିଳା ଆରୋଗ୍ୟ ସମିତି ଓ ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହପରିଚାଳକ ଅଭିଳାଷ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଆଶା ସହ ପରିଚାଳିକା କଳ୍ପନା ସାମଲ ଏବଂ ତିହିଡ଼ି ବିପ୍ଳବ ରଞ୍ଜନ ପତି କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜନସ୍ୱାସ୍ଥ୍ୟ ସହ ଅଧିକାରୀ ଅନୀତାରାଣୀ ରାଉତ, ଧାମନଗର ବିପିଏମ୍ ଜିତେନ୍ଦ୍ର ନାରାୟଣ ବିଶ୍ୱାଳ, ବରଦଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଉମେଶ କୁମାର ଜେନା, ଜିଲା ସମାଜ ମଙ୍ଗଳ ବିଭାଗ ସବିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଡିପିଏମ୍ ଦେବବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମାମୁଘର ଛାତରୁ ଖସିପଡ଼ି ଭାଣିଜୀ ମୃତ

**ଭଣ୍ଡାରିପୋଖରୀ,୨୦।୧୨(ରାଜେନ୍ଦ୍ର ଶତପଥୀ)**

ମାମୁଘରକୁ ବୁଲିବାକୁ ଆସିଥିବା ବେଳେ ଛାତରୁ ଖସିପଡ଼ି ଭାଣିଜୀଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସନ୍ଧ୍ୟାରେ ଭଣ୍ଡାରିପୋଖରୀ ଥାନା ଅଧୀନ ନଗଇ ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଯାଇଛି। ମୃତା ହେଲେ ଯାଜପୁର ସଦର ଥାନା ଅଧୀନ ସିମିଳିଆ ଗ୍ରାମର ଅଜୟ ଧଳଙ୍କ ଝିଅ ଲିପ୍ସାରାଣୀ ଧଳ(୧୯)। ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ଲିପ୍ସାରାଣୀ ମା'ଙ୍କ ସହ ମାମୁଘର ନଗଇ ଗ୍ରାମକୁ ଆସିଥିଲେ। ସନ୍ଧ୍ୟାରେ ଲୁଗା ଆଣିବାକୁ ମା'ଙ୍କ ସହ ସୁରକ୍ଷା ପାଚେରୀ ନ ଥିବା ଛାତ ଉପରକୁ ଯାଇଥିଲେ। ମା' ଲୁଗା ତୋଳୁଥିବା ବେଳେ ଲିପ୍ସାରାଣୀ ଅସାବଧାନତାବଶତଃ ଛାତ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ତୁଟୁନି ବିବାଦ, ଗଡୁନି ବସ୍

**ଭଦ୍ରକ,୨୦।୧୨(ସନାତନ ରାଉତ)**

ବସ୍ ଚାପରେ ଭାଜପା ନେତାଙ୍କ ମୃତ୍ୟୁ ଘଟଣାକୁ ୭ ଦିନ ବିତିଗଲାଣି। କିନ୍ତୁ ବସ୍ ସିଣ୍ଡିକେଟ୍ ସହ ବିବାଦ ତୁଟି ନ ଥିବାରୁ ୬ଦିନ ଧରି ଭଦ୍ରକ-ଆନନ୍ଦପୁର ଭାୟା ବନ୍ତ ରାସ୍ତାରେ ବସ୍ ଗଡୁନି। ଫଳରେ ଯାତ୍ରୀମାନେ ଯାତାୟାତ ପାଇଁ ହଇରାଣ ହେଉଛନ୍ତି। ଏହାର ସୁଯୋଗ ନେଇ ଅଟୋ ଓ ଟାଟାମ୍ୟାଜିକ୍ ଚାଳକ ଯାତ୍ରୀଙ୍କଠାରୁ ମନଇଚ୍ଛା ଭଡ଼ା ନେଉଛନ୍ତି। ଭଦ୍ରକରୁ ଆନନ୍ଦପୁର ପ୍ରାୟ ୪୫ କି.ମି. ରାସ୍ତାକୁ ଯାତ୍ରୀ ପିଛା ଶହେ ଟଙ୍କା ଭଡ଼ା ଆଦାୟ କରୁଛନ୍ତି। ଅପରପକ୍ଷେ ଦୁର୍ଘଟଣା ପାଇଁ ଭଦ୍ରକ ବସ୍ଟି ୭ଦିନ ଧରି ଉକ୍ତ ରାସ୍ତାରେ ସେମିତି ଅବସ୍ଥାରେ ପଡ଼ି ରହିଛି। ବସ୍ ମାଲିକ କିମ୍ବା ପ୍ରଶାସନ ସେଠାରୁ ବସ୍‌କୁ ଉଠାଇବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ସାଧାରଣରେ ଆଲୋଚନା ହେଉଛି।

ପ୍ରକାଶଥାଉ କି, ଗତ ରବିବାର ସକାଳେ ଭଦ୍ରକ-ଆନନ୍ଦପୁର ରାସ୍ତାର ତିଲୋ ଜାଗୁଳେଇପଡ଼ା ଛକଠାରେ 'ଅନୁପାନନ୍ଦ' ନାମକ ବସ୍ ଚାପରେ ଭାଜପା ଜିଲା ଉପସଭାପତି ତଥା ତିଲୋ ଗ୍ରାମର ସୁଧାକର ଧଳଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପରେ କ୍ଷତିପୂରଣ ପ୍ରଦାନ ପାଇଁ ଜିଲା ପ୍ରଶାସନ ଓ ବସ୍ ସିଣ୍ଡିକେଟ୍ ସହ ସ୍ଥାନୀୟ ଲୋକଙ୍କ ଆଲୋଚନା ଏକାଧିକବାର ବିଫଳ ହୋଇଥିଲା। ମୃତକଙ୍କ ପରିବାରକୁ ବସ୍ ସିଣ୍ଡିକେଟ୍ ପକ୍ଷରୁ ୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି କରାଯାଇଥିବା ବେଳେ ସିଣ୍ଡିକେଟ୍ ଏହି ଦାବିକୁ ନ ମାନିବାରୁ ବିବାଦର ସମାଧାନ ହୋଇପାରି ନାହିଁ। ଅପରପକ୍ଷେ ଦୁର୍ଘଟଣା ପରଠାରୁ ସେଠାରେ ପଡ଼ି ରହିଥିବା ବସ୍‌କୁ ଉଦ୍ଧାର କରିବା ଓ ଉକ୍ତ ରାସ୍ତାରେ ଯାତ୍ରୀ ପରିବହନରେ ବସ୍‌କୁ ଯୋଗାଇ ଦେବାକୁ ଦାବି କରାଯାଇଛି। ଏହା କରା ନ ଗଲେ ଉକ୍ତ ରାସ୍ତାରେ ଯାତ୍ରୀ ପରିବହନ ବନ୍ଦ ରଖାଯିବ ବୋଲି ବସ୍ ସିଣ୍ଡିକେଟ୍ ପକ୍ଷରୁ କୁହାଯାଇଛି।


ବନ୍ତଛକରେ ଯାତ୍ରୀ ପରିବହନ ପାଇଁ ଠିଆ ହୋଇଥିବା ଅଟୋ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଆନନ୍ଦପୁର,୨୦।୧୨(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ କଣ୍ଟିପାଳ ପଞ୍ଚାୟତ କଣ୍ଟିପାଳ ଖିଲାର ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗ୍ରାମର ବିଜୁ ପରିଡ଼ା ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବିଜୁ ସକାଳୁ ଏକ ଖାସି ନେଇ ବିକ୍ରି କରିବାକୁ ଯାଉଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ପଡ଼ୋଶୀ ଶିବ ଖିଲାର ଏକ ଭୁଜାଲିରେ ଆକ୍ରମଣ କରିଥିଲେ। ବିଜୁଙ୍କ ଶାଶୁ ପ୍ରମିଳା ପଲେଇ ଉଦ୍ଧାର କରିବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ବିଜୁ ଗୁରୁତର ହୋଇଥିବା ବେଳେ ପ୍ରମିଳା ମଧ୍ୟ ଆହତ ହୋଇଥିଲେ। ଉଭୟଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବିଜୁଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଡ୍ରାଇଭରଙ୍କ ଉପରେ ଚଢ଼ିଗଲା ଟ୍ରାକ୍ଟର

ପାଟଣା,୨୦।୧୨(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଶଙ୍ଖୁଆ ବଡ଼ବାଲିପଶି ରାସ୍ତାର ଶଙ୍ଖୁଆ ବାଙ୍କ ନିକଟରେ ଗୁରୁବାର ରାତିରେ ଜଣେ ଚାଳକଙ୍କ ଉପରେ ଟ୍ରାକ୍ଟର ଚଢ଼ିଯାଇଛି। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ବଡବାଲି ପଶି ଗ୍ରାମର ସ୍ୱର୍ଗତ ପ୍ରଫୁଲ୍ଲ ମହାନ୍ତଙ୍କ ପୁଅ ସଞ୍ଜୀବ କୁମାର। ସେ ଟ୍ରାକ୍ଟର ଚଳାଇ ଯାଉଥିବା ସମୟରେ ଭାରସାମ୍ୟ ହରାଇ ପାଲଟି ଯାଇଥିଲା। ଟ୍ରାକ୍ଟରର ପଛ ଚକ ତାଙ୍କ ଉପରେ ଚଢ଼ି ଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ. ୩୫୫/୨୪)ରୁଜୁ ହୋଇଛି। ପୋଲିସ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଟ୍ରାକ୍ଟରକୁ ଜବତ କରି ପୋଲିସ ତଦନ୍ତ କରୁଛି।

# ୭ ଖନ୍ଦା ଅର୍ପଣ କଲେ ମାନସିକଧାରୀ

### ସାନଯୋଡ଼ାରେ ଠାକୁରାଣୀ ଓଷା

କେନ୍ଦୁଝର,୨୦।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ସାନଯୋଡ଼ା ଗ୍ରାମରେ ଶୁକ୍ରବାର ଠାକୁରାଣୀ ଓଷା ପାଳିତ ହୋଇଛି। ଓଷା ଦେଖିବା ପାଇଁ ଚମ୍ପାଦିହି, କୁତୁଗାଁ, ଜୟପୁର, ଚମ୍ପାଡି ଆଦି ପାଖ ଆଖ ଗାଁରୁ ବହୁ ସଂଖ୍ୟାରେ ମାନସିକଧାରୀଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ୭ ଜଣ ଖନ୍ଦା ଅର୍ପଣ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଓଷାର ଗୋଟିଏ ସପ୍ତାହ ପୂର୍ବ ଗୁରୁବାର ରାଣୀ ମାଆଙ୍କ ଘରୁ ମା' ମନୀଷାଙ୍କୁ ବିଧି ପୂର୍ବକ ପୂଜା କରି ଆଣି ଗ୍ରାମର କୋଠି ଘରେ ରଖାଯାଏ।


ଖୋଳାଯାଇଥିବା ଅଗ୍ନି ଖନ୍ଦା।

ସେଠାରେ ୭ ଦିନ ସୁରଥ ଦେହୁରୀ ନିଷ୍ଠାର ସହିତ ପୂଜା କରିଥିବା ବେଳେ ଗାଉଁଣି ଖଗେଶ୍ୱର ଦେହୁରୀ ମା'ଙ୍କ କଥା ବସ୍ତୁକୁ ଗୀତ ଆକାରରେ ବର୍ଣ୍ଣନା କରିଥିଲେ। ଜଗଦୀଶ ନାଏକ ଅଗ୍ନି କୁଆରୀଭାବେ ପୂଜା କରିଥିଲେ। ଏ ବର୍ଷ ମୋଟ ୭ ଟି ଅଗ୍ନି ଖନ୍ଦା ମା'ଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଛି। ସୂଚନାଯୋଗ୍ୟ, ମା'ଙ୍କ ନିକଟରେ ମାନସିକକଲେ ମନବାଞ୍ଛା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ମାନସିକ ପୂରଣ ପରେ ଭକ୍ତ ମା'ଙ୍କ ନିକଟରେ ଖନ୍ଦା ଅର୍ପଣ କରିଥାନ୍ତି। ପ୍ରହଲ୍ଲାଦ ମହାକୁଡ଼, ପ୍ରଶାନ୍ତ ମହାକୁଡ଼, ରକ୍ଷାକର ବାରିକ, ଅଫିସର ଦେହୁରୀ, ଅଖିଳ ନାଏକ ପ୍ରମୁଖ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଅରଡେଇ ନଦୀ କୂଳରୁ ଗଛ କାଟିଦେଲେ

### କାଠ ବୋଝେଇ ଟ୍ରକ୍ ଜବତ

କେନ୍ଦୁଝର,୨୦।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ରେଞ୍ଜ ଟାଉନ ବିଟ୍ ଅନ୍ତର୍ଗତ ଶଙ୍କରପୁର ଅରଡ଼େଇ ନଦୀ କୂଳରୁ ବେଆଇନ ଭାବେ ଗଛ କଟାଯାଇଥିବା ଅଭିଯୋଗ ହୋଇଛି। ବନ ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ କାଠ ବୋଝେଇ ଟ୍ରକ୍‌କୁ ଜବତ୍ କରାଯାଇଛି। ଗଛ କାଟୁଥିବା ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

ପ୍ରକାଶ ଯେ, ଅରଡ଼େଇ ନଦୀ କୂଳରେ ବହୁ ସଂଖ୍ୟାରେ ୟୁକାଲିପଟାସ ଗଛ ଲଗାଯାଇଥିଲା। ବୃକ୍ଷ ନଦୀ ତଟର ମୃର୍ତ୍ତିକା କ୍ଷୟ ରୋକିବା ସହ ପରିବେଶ ସୁରକ୍ଷାରେ ସହାୟକ ହେଉଥିଲା। କିଛି ଦିନ ହେବ ବାରିପଦା ଅଞ୍ଚଳର ଜଣେ କାଠ ମାଫିଆ କେତେଜଣ ସ୍ଥାନୀୟ ଲୋକଙ୍କୁ ଲଗାଇ



ଶଙ୍କରପୁର ଗ୍ରାମ ନିକଟ ଅରଡ଼େଇ ନଦୀ କୂଳରୁ ଗଛ କାଟି ଚାଲାଣ କରୁଛନ୍ତି। ବନ ବିଭାଗ ନିକଟରେ ଅଭିଯୋଗ ପରେ ସଦର ରେଞ୍ଜର ଅଜିତ୍ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି କାଠ ବୋଝେଇ ଟ୍ରକ୍‌କୁ ଜବତ କରିଥିଲେ। ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଧରିବାକୁ ପ୍ରୟାସ ଜାରି ରହିଥିବା ରେଞ୍ଜ ଅଧିକାରୀ କହିଛନ୍ତି।

## ସମବାୟ ସମିତିରେ ଧାନ ମଣ୍ଡିର ଶୁଭାରମ୍ଭ


ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ହାଟଡ଼ିହୀ/ ଛେନାପଦି,୨୦।୧୨ (ଶୁଭକାନ୍ତ ନାୟକ/ ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଡ଼ଅଁର, ମରେିଗାଁ, ଶଡ଼ା ସମବାୟ ସମିତି ତରଫରୁ ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ଡ଼ଅଁରରେ ପୂଜାର୍ଚ୍ଚନା ପରେ ସମିତି ସଭାପତି ଅକ୍ଷୟ ଧଳ, ସମ୍ପାଦକ ଉମାକାନ୍ତ ନାୟକଙ୍କ ଦ୍ୱାରା ମଣ୍ଡି ଶୁଭାରମ୍ଭ ହୋଇଥିଲା। ଏଠାରେ ସୋମବାର, ମଙ୍ଗଳବାର, ଶୁକ୍ରବାର ମୋଟ ୩ ବାରିରେ ଧାନ କିଣା ଯିବା ନେଇ ଧାର୍ଯ୍ୟ ହୋଇଛି। ସେହିପରି ଡ଼ଅଁର ସମିତି ଅଧୀନ ଶାଳନିଆଁଠାରେ ଆଉ ଏକ ମଣ୍ଡି ଖୋଲାଯାଇଛି। ସେଠାରେ ମଙ୍ଗଳବାର, ବୁଧବାର ଏବଂ ଶନିବାର ଚାଷୀଙ୍କଠାରୁ ଧାନ କିଣାଯିବ। ପ୍ରତି ବାରିରେ ୧ ହଜାର କୁଇଣ୍ଟାଲ ଧାନ କିଣାଯିବ ବୋଲି ସମ୍ପାଦକ କହିଛନ୍ତି। ୨୩୭୧ ଜଣ ଚାଷୀ ଧାନ ବିକ୍ରି ନିମନ୍ତେ ନାମ ପଞ୍ଜିକରଣ କରିଥିବା ବେଳେ ଅଦ୍ୟାବଧି ୧୯୦ ଜଣ ଚାଷୀଙ୍କଠାରୁ ୮ ହଜାର ୯୭୬ କୁଇଣ୍ଟାଲ ଧାନ କିଣାଯିବ ବୋଲି ଟାର୍ଗେଟ ଆସିଛି। ମଣ୍ଡି ଶୁଭାରମ୍ଭ ସମୟରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ବରିଷ୍ଠ ଏଆର୍‌ସିଏସ ବିକାଶ ନାୟକ, କନିଷ୍ଠ ଏଆର୍‌ସିଏସ ରାମଚନ୍ଦ୍ର ବିଶ୍ୱାଳ, ପିଇଓ କ୍ଷେତ୍ରବାସୀ ସିଂ ଏବଂ ରମେଶ ଚନ୍ଦ୍ର ମାଝୀ, ସମିତି ଉପ ସଭାପତି ଲକ୍ଷ୍ମୀପ୍ରିୟା ନାୟକଙ୍କ ସମେତ ସମିତିର ସଭ୍ୟ, ସମିତି କର୍ମଚାରୀ ଏବଂ ଚାଷୀ ଉପସ୍ଥିତ ଥିଲେ। ମରେିଗାଁ ସମବାୟ ସମିତିରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ଫାଲଗୁନୀ ମାଝୀ, ଡିଆରସିଏସ୍ ଶୁଭକାନ୍ତି ଜୁଆଙ୍ଗ, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ହରମୋହନ ଶାସିନି ସମିତିର ସଭାପତି ଜଳଧର ମହାପାତ୍ର, ଯୋଗାଣ ଅଧିକାରୀ ସତ୍ୟ ନାରାୟଣ ପଟ୍ଟନାୟକ, ଏସିଏସ୍‌ଓ ଶିବ ପ୍ରସାଦ ଶ୍ରୀଚନ୍ଦନ, ଅତିରିକ୍ତ ଉପ ଜିଲାପାଳ ପ୍ରମୁଖ ଉପସ୍ଥିତ ରହି ମଣ୍ଡିର ଶୁଭାରମ୍ଭ କରିଥିଲେ। ସେହିପରି ଶଡ଼ା ସମିତି ତରଫରୁ ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି।

## ବର୍ଷାରେ ଫିକା ପଡ଼ିଲା ସରସ ମେଳା, ଗୋନାସିକା ମହୋତ୍ସବ

କେନ୍ଦୁଝର,୨୦।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରରେ ଶୁକ୍ରବାର ସକାଳୁ ମେଘୁଆ ପାଗ ରହିଥିବା ବେଳେ ସନ୍ଧ୍ୟାରେ ଥଣ୍ଡା ସାଙ୍ଗକୁ ଝିପି ଝିପି ବର୍ଷା ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ବର୍ଷା ଯୋଗୁ ଗୋନାସିକା କେନ୍ଦୁଝର ମହୋତ୍ସବ, ସରସ ମେଳାର ତୃତୀୟ ଦିନ ଫିକା ପଡ଼ିଯାଇଛି। ଝିପି ଝିପି ବର୍ଷା ଯୋଗୁ ମେଳା ସ୍ଥଳ ଭିଜି ଯାଇଥିବା ବେଳେ ଚାରିଆଡ଼େ କାଦୁଅ ପଚପଚ ହୋଇଯାଇଛି। ଫଳରେ ତୃତୀୟ ଦିନରେ ଦର୍ଶକଙ୍କ ସଂଖ୍ୟା କମିଥିବା ଦେଖାଯାଇଥିଲା। ଶନିବାର ବର୍ଷା ଲାଗି ରହିଲେ ପରିବେଶ ଆହୁରି ବିଗିଡି ଯିବ ବୋଲି ମତ ପ୍ରକାଶ ପାଉଛି। ଦର୍ଶକ ନ ଆସିଲେ ବ୍ୟବସାୟ ମଧ୍ୟ ମାନ୍ଦା ହେବ। ବିକ୍ରି କମିବା ଆଶଙ୍କାରେ ଦୋକାନୀମାନେ ଚିନ୍ତାରେ ରହିଛନ୍ତି। ବିଶେଷ କରି ଖୋଲା ସ୍ଥାନରେ ଓ ଫୁଟ୍‌ପାଥରେ ବିକ୍ରି କରୁଥିବା ଛୋଟ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଅନ୍ୟପକ୍ଷେ ଅଦିନିଆ ବର୍ଷା ଯୋଗୁ ବିଲ ଓ ଖଳାରେ ଥିବା ଧାନ ଭିଜି ଗଜା ହେବା ଆଶଙ୍କା କରି ଚାଷୀ ଚିନ୍ତାରେ ରହିଛନ୍ତି।

## ଧାନ କିଣା ଟାର୍ଗେଟ କମ୍‌କୁ ନେଇ ଅସନ୍ତୋଷ

ହାଟଡ଼ିହୀ,୨୦।୧୨(ଶୁଭକାନ୍ତ ନାୟକ)

ଚଳିତ ବର୍ଷ ସୁଚାରୁ ରୂପେ ଧାନ ବିକ୍ରି ପାଇଁ ଚାଷୀ ନିଜ ସମବାୟ ସମିତିରେ ଧାର୍ଯ୍ୟ ନିୟମ ଅନୁସାରେ ନାମ ପଞ୍ଜିକରଣ କରିଥିଲେ। କିନ୍ତୁ ଧାନ ବିକ୍ରି କରିବା ପାଇଁ ଯେତିକି ପରିମାଣରେ ଟାର୍ଗେଟ ଆସିବା କଥା ସେତିକି ଆସିନି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇଛନ୍ତି। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରେିଗାଁ ସମବାୟ ସମିତିର ଚାଷୀ ନରେନ୍ଦ୍ର ସାମଲ, ଗଙ୍ଗାଧର ସାମଲ, ସୁଧାଂଶୁ ଶେଖର ଜେନା, କୋଦଣ୍ଡଧର ଦାସ, ବିଶ୍ୱଜିତ୍ ସାମଲ ପ୍ରମୁଖଙ୍କ ଟାର୍ଗେଟ ପରିମାଣ କମ ଆସିଥିବା ଅଭିଯୋଗ କରିଛନ୍ତି। ନରେନ୍ଦ୍ରଙ୍କ (କାର୍ଡ ନଂ. ୧୦୯୧୮୨) ୪ ଏକର ଜମିର ୨.୮୫ କୁଇଣ୍ଟାଲ, ବିଶ୍ୱଜିତ୍‌ଙ୍କ (କାର୍ଡ ନଂ ୧୧୧୨୬୬୪)୨.୧୨ ଏକର ଜମିର ୪.୯୪ କୁଇଣ୍ଟାଲ, କୋଦଣ୍ଡଧରଙ୍କ (କାର୍ଡ ନଂ ୧୦୯୧୨୦୬) ୪.୩୬ ଏକର ଜମିର ୪୦.୮୫ କୁଇଣ୍ଟାଲ, ସୁଧାଂଶୁଙ୍କ (କାର୍ଡ ନଂ ୧୦୯୧୮୭୫) ୪ ଏକର ଜମିର ୧୮.୨୪ କୁଇଣ୍ଟାଲ, ଗଙ୍ଗାଧରଙ୍କ (କାର୍ଡ ନଂ. ୧୦୯୨୧୯୯) ୫.୮୧ ଏକର ଜମିର ୪୬.୧୭ କୁଇଣ୍ଟାଲ ଧାନ ବିକ୍ରି କରିପାରିବେ ବୋଲି ଟାର୍ଗେଟ ଆସିଛି। ବିଗତ ବର୍ଷ ଅପେକ୍ଷା ଧାନ ବିକ୍ରି ଟାର୍ଗେଟ ପରିମାଣ କମିଥିବା ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସମିତି ସମ୍ପାଦକଙ୍କୁ ଦାୟୀ କରିଛନ୍ତି। ଏ ବାବଦରେ ସମିତି ସମ୍ପାଦକଙ୍କୁ ଜଣାଇଥିଲେ ବି କୌଣସି ଫଳ ମିଳିନି। ଫଳରେ ମୁଖ୍ୟମନ୍ତ୍ରୀ, ଜିଲାପାଳ ଏବଂ ଆନନ୍ଦପୁର ଏଆରସିଏସ୍‌ଙ୍କୁ ଅଭିଯୋଗ କରିଛନ୍ତି। ସମିତି ସମ୍ପାଦକ ଶରତ ସେଠୀ କହିଛନ୍ତି, ଯେଉଁ ଚାଷୀଙ୍କ ଧାନ ଟାର୍ଗେଟ ପରିମାଣ କମ ଆସିଛି, ସେଥିରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ବିଭିନ୍ନ କାରଣ ପାଇଁ ଚାଷୀଙ୍କ ଧାନ ଟାର୍ଗେଟ ପରିମାଣ କମ ଆସୁଛି। ତାଙ୍କ ନିଜର ବି ୩.୯୭ ଏକର ଜମି ପାଇଁ ୪ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଟାର୍ଗେଟ ଆସିଛି। ପ୍ରସଙ୍ଗକୁ ନେଇ କେଉଁଠି ଅଭିଯୋଗ ହେବ ଏବଂ ସମସ୍ୟାର ସମାଧାନ କିପରି ହେବ। ସମିତି ସମ୍ପାଦକ ଭାବେ ସେ ଜାଣି ନାହାନ୍ତି। ଏ ନେଇ କୌଣସି ସୂଚନା ତାଙ୍କ ପାଖରେ ନ ଥିବା କହିଛନ୍ତି।



## ଅନ୍ନଦାତା କାର୍ଯ୍ୟକ୍ରମ

ବୈଶିଙ୍ଗା,୨୦।୧୨(ରତନ ଦାଶ): ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ଡେଙ୍ଗଉଦା ଗ୍ରାହକ ସେବାକେନ୍ଦ୍ରରେ ବେତନଟୀ ଷ୍ଟେଟବ୍ୟାଙ୍କ ତରଫରୁ ଅନ୍ନଦାତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫୋର୍ଡର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଶାଖା ପରିଚାଳକ ଆର.ଅଶ୍ୱିନିଭଞ୍ଜନ ମୁର୍ମୁ ଅନ୍ନଦାତା କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ କୃଷକ ଓ ଜନସାଧାରଣଙ୍କୁ ବ୍ୟାଙ୍କ ସହିତ ସୁସମ୍ପର୍କ ରକ୍ଷା କରି ସରକାରଙ୍କର ବିଭିନ୍ନ ଯୋଜନା ଉପରେ ସୁବିଧା ନେବା ପାଇଁ ଅନୁରୋଧ କରିଥିଲେ। ବ୍ୟାଙ୍କରୁ ଋଣ ନେଇ ସବ୍‌ସିଡି ପାଇବା ସହିତ ନିଜର ଆର୍ଥିକ ଉନ୍ନତି କରିବା ପାଇଁ ପରାମର୍ଶ ଦେଇଥିଲେ। ଶାଖା ପରିଚାଳକ ୫ଜଣ କୃଷକଙ୍କୁ ସମ୍ମାନିତ କରିଥିଲେ। ବ୍ୟାଙ୍କ ଅଧିକାରୀ ପ୍ରଶାନ୍ତ କୁମାର ମହଲା ଉପସ୍ଥିତ ଥିଲେ। ଗ୍ରାହକ ସେବାକେନ୍ଦ୍ରର ଶାଖା ପରିଚାଳିକା ଭାରତୀ ସାହୁ ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ଇଂଲିଶ ଭାଷା କଥନ ଶିବିର

ବାରିପଦା,୨୦।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ): ବାରିପଦାସ୍ଥିତ ଶରତ ଚନ୍ଦ୍ର ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷକ ଭାଷା ତାଲିମ ଅନୁଷ୍ଠାନ ଓଡ଼ିଶା ଓ ସମଗ୍ର ଶିକ୍ଷା ମୟୂରଭଞ୍ଜ ଆନୁକୂଲ୍ୟରେ ୫ ଦିନିଆ ଇଂଲିଶ ଭାଷା କଥନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାର ୨୬ଟି ବ୍ଲକରୁ ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଶିବିରରେ ତାଲିମ ନେଇଛନ୍ତି। ରାଜ୍ୟ ଶିକ୍ଷକ ଭାଷା ତାଲିମ ଅନୁଷ୍ଠାନର ଜୟଚନ୍ଦ୍ର ବେହେରା ଶିବିରର ପର୍ଯ୍ୟବେକ୍ଷଣ ଦାୟିତ୍ୱରେ ଥିଲେ। ସାଧନ କର୍ମୀ ଭାବେ ମଗୁଲୁ ପାତ୍ର, ରଞ୍ଜନ ସାହୁ, ରବିକାନ୍ତ ମହାପାତ୍ର ଓ ତୁଳସୀ ଦାସ ପ୍ରମୁଖ ଶିକ୍ଷାର୍ଥୀମାନଙ୍କୁ ଇଂଲିଶ ଭାଷାରେ କଥୋପକଥନ ଶୈଳୀ ଉପରେ ତାଲିମ ପ୍ରଦାନ କରିଥିଲେ। ଚତୁର୍ଥ ଦିବସରେ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟର ଡ. ଅନୁପମା ରାଜ ଓ ଆଜିମ ପ୍ରେମଜୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାର୍ଥୀମାନଙ୍କର ଅନର୍ଗଳ ଇଂଲିଶ କଥୋପକଥନ ଶୁଣି ଉଭୟ ପର୍ଯ୍ୟବେକ୍ଷକ ବେଶ ପ୍ରଭାବିତ ହୋଇଥିଲେ।

# ପାଣି ପାଇଁ ରାସ୍ତାରୋକୋ କଲେ ମହିଳା

### ଗରା,ବାଲ୍‌ଟି ରଖି ବିକ୍ଷୋଭ

ବାରିପଦା,୨୦।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଅଧୀନ ପୋଡ଼ାଅସ୍ତିଆ-ଲୁଲୁଙ୍ଗ ରାସ୍ତାର ଜାମବଣିଠାରେ ପାନୀୟ ଜଳ ଯୋଗାଣ ଦାବିରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହିଳାମାନେ ଗରା ଓ ବାଲ୍‌ଟି ରଖି ରାସ୍ତାରୋକୋ କରିଥିଲେ। ଖବରପାଇ ପ୍ରଶାସନିକ ଅଧିକାରୀ ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ବାଉଁଶବିଲା ପଞ୍ଚାୟତ ଜାମବଣି ଗ୍ରାମର ୫ଟି ୱାର୍ଡରେ ପାଖାପାଖି ୪୦୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଏକ ମାସରୁ ଉର୍ଦ୍ଧ୍ୱ ହେବ ଏହି ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଜଳଯୋଗାଣ ନିମନ୍ତେ


ମହିଳାମାନେ ରାସ୍ତାରୋକୋ କରିଛନ୍ତି।

ପମ୍ପହାଉସ୍‌ର ମୋଟର ଖରାପ ଯୋଗୁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଏହା ସହିତ ସୌରଚାଳିତ ନଳକୂପରୁ ମଧ୍ୟ ପାଣି ବାହାରୁନାହିଁ। ଫଳରେ ପାନୀୟ ଜଳ, ରୋଷେଇ, ଗାଧୁଆ ଓ ନିତ୍ୟକର୍ମ ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀମାନେ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଗ୍ରାମବାସୀ ମିଳିତ ଭାବେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିବା କହିଛନ୍ତି। ଅନେକ ସମୟ ଧରି ରାସ୍ତା ଅବରୋଧ ହେବାରୁ ଯାତାୟାତରେ ବାଧା ଉପୁଜିଥିଲା। ଶତାଧିକ ଗାଡ଼ିମଟର ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଏପରିକି ଶିମିଳିପାଳ ଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନେ ଫେରୁଥିବା ସମୟରେ ଅଟକି ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନିକ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଆଗାମୀ ଦିନରେ ଏଭଳି ସମସ୍ୟା ଲାଗି ରହିଲେ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମର ପାନମଣି ସିଂ, ବାସନ୍ତୀ ସିଂ ଓ ରାଜା ସିଂ ପ୍ରମୁଖ ଚେତବାନୀ ଦେଇଛନ୍ତି ।

## ନକଲି କିନ୍ନର ଚିହ୍ନଟ ପାଇଁ ଦାବିପତ୍ର

ଉଦଳା,୨୦।୧୨(ସନ୍ତୋଷ କୁମାର ବାଛିନୀ)

କିଛି ଅସାମାଜିକ ବ୍ୟକ୍ତି ମନ୍ଦ ଉଦ୍ଦେଶ୍ୟ ରଖି କିନ୍ନରମାନଙ୍କୁ ବଦ୍‌ନାମ କରୁଛନ୍ତି। କିନ୍ନର ନ ହୋଇ କିନ୍ନର ବେଶରେ ବୁଲି ବିଭିନ୍ନ ପ୍ରକାର ଅପରାଧ ଘଟାଉଛନ୍ତି। ଯାହାକୁ ନେଇ ଅନେକ ସମୟରେ କିନ୍ନର ସମାଜ ଉପରେ ଆଙ୍ଗୁଳି ଉଠୁଛି। ଏନେଇ ଶୁକ୍ରବାର ମୟୂରଭଞ୍ଜ ଜିଲା କିନ୍ନର ମହାସଂଘର ସଦସ୍ୟମାନେ ଉଦଳା ଏବଂ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

କିନ୍ନର ମହାସଂଘ ମୟୂରଭଞ୍ଜର ସଭାପତି ମାର୍ଶା ସାହୁଙ୍କ ଅଭିଯୋଗ ଅନୁଯାୟୀ, ବାହାର ଜିଲାରୁ ଆସି ଉଦଳା ଅଞ୍ଚଳରେ କିଛି ଅସାମାଜିକ ଯୁବକଙ୍କ ସହିତ ମିଶି କିନ୍ନର ବେଶରେ ବୁଲି ଚୋରି, ରାହାଜାନୀ, ଡକାୟତି ଆଦି ଅପରାଧ ଘଟାଉଛନ୍ତି। ଯେଉଁମାନେ ଅସଲରେ କିନ୍ନର ନୁହଁନ୍ତି ଓ ସେମାନଙ୍କ ପାଖରେ କିନ୍ନର ପ୍ରମାଣପତ୍ର ନାହିଁ। ତେଣୁ ଉଦଳା ଥାନା ପୋଲିସ ପକ୍ଷରୁ ସେମାନଙ୍କୁ ତୁରନ୍ତ ଚିହ୍ନଟ କରାଯିବା ସହିତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ହୋଇ ପଡିଛି। ଅଭିଯୋଗପତ୍ର ପ୍ରଦାନ ସମୟରେ ଜିଲା କିନ୍ନର ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


କିନ୍ନର ସଂଘ ପକ୍ଷରୁ ଅଭିଯୋଗ ପତ୍ର ପ୍ରଦାନ କରାଯାଉଛି।

## ଏବିଭିପି କାର୍ଯ୍ୟକାରିଣୀର ନୂଆ ସଦସ୍ୟ



ଏବିଭିପିର ନୂଆ କର୍ମକର୍ତ୍ତାମାନେ।

ମୋରଡ଼ା,୨୦।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିତ୍ରଡ଼ା ମହାବିଦ୍ୟାଳୟରେ ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ନୂତନ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ଚିତ୍ରଡ଼ା-ବାରିପଦା ସଂଗଠନ ସମ୍ପାଦକ ସତ୍ୟପ୍ରକାଶ ମହାନ୍ତ ଏବଂ ମୟୂରଭଞ୍ଜ ବିଭାଗ ସହ ସଂଯୋଜକ ଲିଙ୍ଗରାଜ ସେଠୀଙ୍କ ଉପସ୍ଥିତିରେ ପ୍ରଥମ ଥର ପାଇଁ ଚିତ୍ରଡ଼ା କଲେଜ ଶାଖାର ନୂତନ କାର୍ଯ୍ୟକାରିଣୀ ସଦସ୍ୟ ଘୋଷଣା କରାଯାଇଛି। ସଭାପତି ଭାବେ ଗଣେଶ ବେହେରା, ଉପ ସଭାପତି ଅମିତ କୁମାର ବେହେରା, ସମ୍ପାଦକ ନନ୍ଦିନୀ ସେଠୀ, ଛାତ୍ର ପ୍ରମୁଖ ରଞ୍ଜିତା ମହାନ୍ତ, +୨ ସଂଯୋଜକ କରୁଣାକର ବେହେରା, +୩ ସଂଯୋଜକ ବନ୍ଦିତା ଦଲେଇ, ସୋସିଆଲ ମିଡିଆ କୋ ଅର୍ଡିନେଟର ଭାବେ ପୂର୍ଣ୍ଣିମା ବେହେରା ଏବଂ ଛାତ୍ରୀଛାତ୍ରମାନଙ୍କ ସେବା ପାଇଁ ଜ୍ୟୋତିପ୍ରକାଶ ବେହେରାଙ୍କୁ ଚୟନ କରାଯାଇଛି।

## ଏଟିଏମ୍ ଅଚଳ, ଉପଭୋକ୍ତା ହନ୍ତସନ୍ତ

ବୈଶିଙ୍ଗା,୨୦।୧୨(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଜାର ଅଞ୍ଚଳରେ ୩ଟି ଘରୋଇ ବ୍ୟାଙ୍କର ଏଟିଏମ୍ ରହିଛି ଏବଂ ଏସବୁ ଅହୋରାତ୍ର କାର୍ଯ୍ୟକ୍ଷମ ହୋଇପାରୁଥିବା ବେଳେ ବ୍ୟାଙ୍କ ଅଫ ଇଣ୍ଡିଆର ଏଟିଏମ୍ ବାରମ୍ବାର ଅଚଳ ହୋଇପଡ଼ିବାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ଜାଣିଶୁଣି ଅଚଳ କରିଦିଆ ଯାଉଥିବା ନେଇ ଉପଭୋକ୍ତାମାନଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ଡିଜିଟାଲ ଠକାମୀ ଆଶଙ୍କାରେ ବହୁ ଲୋକ ଘରୋଇ କମ୍ପାନୀର ଏଟିଏମ୍ ଯିବାକୁ ଭୟ କରୁଥିବା ଲକ୍ଷ୍ୟ କରାଯାଉଛି। ଏ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଏଥିରେ ସେମାନଙ୍କର କିଛି କରିବାର ନାହିଁ। ଏଟିଏମ୍ ପରିଚାଳନା ଦାୟିତ୍ୱ ଠିକା ସଂସ୍ଥାକୁ ଦିଆଯାଇଥିବା ଯୋଗୁ ଏହା ସେମାନଙ୍କ ଦାୟିତ୍ୱ ବୋଲି କହିଛନ୍ତି। ଜିଲାପାଳ ତୁରନ୍ତ ଅପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ବାହାନଡ଼ା ଟାଇଗର, ମା' ଦୁର୍ଗା ଫାଇଟର ବିଜୟୀ

### ବେତନଟୀ ପ୍ରିମିୟର ଲିଗ୍

ବେତନଟୀ,୨୦।୧୨(ଧରଣୀଧର ମହାନ୍ତି)

ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ-୧୧ର ପଞ୍ଚମ ଦିନରେ ୨ଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚଟି ବାହାନଡ଼ା ଟାଇଗର ଓ ଦାନି- ୧୧ ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ ଆରିୟନ ଫାଇଟର ଓ ମା' ଦୁର୍ଗା ଫାଇଟର ମଧ୍ୟରେ ହୋଇଥିଲା। ପ୍ରଥମ ମ୍ୟାଚରେ ଦାନି-୧୧ ଚିତ୍ରଡ଼ା ୨୦ ଓଭରରେ ୮ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଜବାବରେ ବାହାନଡ଼ା ଟାଇଗର ୧୭.୩ ଓଭରେ ୫ଟି ୱିକେଟ ହରାଇ ୧୬୦ ରନ କରି ବିଜୟୀ ହୋଇଥିଲା। ବାହାନଡା ଟାଇଗରର ଚିନ୍ମୟ ପଣ୍ଡିତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚରେ ମା' ଦୁର୍ଗା ଫାଇଟର ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୬୯ ରନ ସଂଗ୍ରହ କରିଥିଲା। ଜବାବରେ ଆରିୟନ ଫାଇଟର ୧୯.୩ ଓଭରରେ ସମସ୍ତ ୱିକେଟ ହରାଇ ୧୩୬ ରନ କରି ପରାଜିତ ହୋଇଥିଲା। ମା' ଦୁର୍ଗା ଫାଇଟରର ସାଗର ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଉଭୟ ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚଙ୍କୁ କ୍ଲବର ବରିଷ୍ଠ ଖେଳାଳି ପ୍ରଶାନ୍ତ ନାଥ ଓ ସ୍ୱାଧୀନ ଶର୍ମା ପୁରସ୍କୃତ କରିଥିଲେ। ଏହି ଖେଳକୁ ପ୍ରକାଶ ଜ୍ୟୋତି ଆଦିତ୍ୟ ଓ ସୁଧାକର ପଣ୍ଡା ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଓ ବିକାଶ ଦାସ ଅନଲାଇନ ସ୍କୋରର ଭାବେ ଗୌରବ ନାଥ ଦାୟିତ୍ୱ ତୁଲାଇ ଥିଲେ। ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଅମର ଦାସ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ଖେଳ ପରିଚାଳାନାରେ ସହଯୋଗ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯଉଛି।

# ଶୀତ ଅଧିବେଶନ ୫୭.୮୭% ସଫଳ

## ସଂସଦ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ



ପାର୍ଲାମେଣ୍ଟ ପରିସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିକ୍ଷୋଭ।




ଆମ୍ବେଡକର ପ୍ରସଙ୍ଗରେ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଡିଏମ୍‌କେର କାନିମୋଝି, ଏସ୍‌ପିର ଡିମ୍ପଲ ଯାଦବ ଓ ଜୟା ବଚ୍ଚନ ଶୁକ୍ରବାର ନୂଆଦିଲ୍ଲୀର ବିଜୟ ଚୌକରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବହୁ ବିତର୍କ ଓ ବିବାଦ ଭିତରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ନଭେମ୍ବର ୨୫ରୁ ଚାଲିଥିବା ଏହି ଅଧିବେଶନ ୫୭.୮୭% ସଫଳ ହୋଇଥିବା ସଂସଦ ସୂତ୍ରରୁ ପ୍ରକାଶ। ଏହା ମଧ୍ୟରେ ଶିଳ୍ପପତି ଗୌତମ ଆଦାନୀଙ୍କ ଲାଞ୍ଚ ମାମଲାଠୁ ନେଇ ବିଲିୟନେୟାର ଜର୍ଜ ସୋରୋସ୍‌ଙ୍କ ସହ କଂଗ୍ରେସ ନେତୃତ୍ୱଙ୍କ ସମ୍ପର୍କ, ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ 'ଅମ୍ବେଡକର ମନ୍ତବ୍ୟ' ସମ୍ପର୍କିତ ବିବାଦ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଅଶୋଭନୀୟ ଆଚରଣ ଭଳି ପ୍ରସଙ୍ଗ ମୁଣ୍ଡ ଟେକିଥିବାବେଳେ ଶାସକ-ବିରୋଧୀ ପରସ୍ପର ଉପରକୁ କାଦୁଅ ଫିଙ୍ଗି ହୋହଲ୍ଲା କରିଥିଲେ। ସେହିପରି ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକରଙ୍କ ବିପକ୍ଷରେ ବିରୋଧୀ ଦଳଗୁଡ଼ିକ ପକ୍ଷପାତ ଅଭିଯୋଗ ଆଣି ଅନାସ୍ଥା ନୋଟିସ ଦେଇଥିଲେ। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଅଚଳାବସ୍ଥା ଯୋଗୁ ଗୃହକାର୍ଯ୍ୟ ସେତେଟା ସଫଳ ହୋଇନାହିଁ। ଶେଷରେ ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

## ସଂକ୍ଷେପରେ

### ବୋଟ୍ ବୁଡ଼ି ୮ ବେଆଇନ ପ୍ରବାସୀଙ୍କ ମୃତ୍ୟୁ

ଏଥେନ୍ସ,୨୦।୧୨

ଗ୍ରୀକ୍ ଦ୍ୱୀପ ରୋଡେସ୍‌ରେ ଶୁକ୍ରବାର ସକାଳେ ଏକ ସ୍ପିଡ୍‌ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଜଣ ବେଆଇନ ପ୍ରବାସୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୮ ଜଣଙ୍କୁ ଉଦ୍ଧାର କରାଯାଇଛି। ପାଟ୍ରୋଲ୍ ଜାହାଜର ଦୃଷ୍ଟି ଏଡ଼ାଇବା ପାଇଁ ସ୍ପିଡ୍‌ବୋଟ୍‌ଟି ଅତ୍ୟନ୍ତ ବିପଜ୍ଜନକ ଭାବେ ଅଗ୍ରସର ହେଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ତଟସୁରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି। ଅନ୍ୟ କେତେଜଣ ନିଖୋଜ ଥିବା ଆଶଙ୍କା କରାଯାଉଥିବାବେଳେ ଉଦ୍ଧାର କାର୍ଯ୍ୟରେ ତଟସୁରକ୍ଷା ଜାହାଜ ଓ ହେଲିକପ୍ଟର ନିୟୋଜିତ ରହିଛି। ତୁର୍କୀ ଉପକୂଳ ନିକଟବର୍ତ୍ତୀ ଏହି ଦ୍ୱୀପକୁ ଚୋରାଚାଲାଣକାରୀମାନେ ବହୁଳ ଭାବେ ବ୍ୟବହାର କରିଥାନ୍ତି।

### ସାନ୍ ଫ୍ରାନ୍ସିସ୍କୋରେ ଜାକିର ହୁସେନ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ

ନ୍ୟୁୟର୍କ,୨୦।୧୨

ତବଲା ଉସ୍ତାଦ ଜାକିର ହୁସେନ୍‌ଙ୍କ ଶେଷକୃତ୍ୟ ଆମେରିକାର ସାନ୍ ଫ୍ରାନ୍ସିସ୍କୋରେ ଗୁରୁବାର ସମ୍ପନ୍ନ ହୋଇଯାଇଛି। ତାଙ୍କ ଶେଷକୃତ୍ୟରେ ଶ୍ରଦ୍ଧାଞ୍ଜଳି ସଦୃଶ ଖ୍ୟାତନାମା ତାଳବାଦ୍ୟ ବିଶାରଦ ଏ. ଶିବମଣି ଓ ଅନ୍ୟମାନେ ବାଦ୍ୟସଙ୍ଗୀତ ପରିବେଷଣ କରିଥିଲେ। ବିଶ୍ୱର ଅନ୍ୟତମ ଖ୍ୟାତିସମ୍ପନ୍ନ ତାଳବାଦ୍ୟ ଉସ୍ତାଦ ଜାକିରଙ୍କର ଗତ ସୋମବାର ସାନ୍ ଫ୍ରାନ୍ସିସ୍କୋର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଥିଲା। ସାନ୍ ଫ୍ରାନ୍ସିସ୍କୋର ଫେର୍ନଉଡ୍ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ଶେଷ ହୋଇଛି। ତାଙ୍କର ଅନେକ ହଜାର ପ୍ରଶଂସକ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ।

### ଆର୍ଥିକ ଅଚଳାବସ୍ଥାର ସମ୍ମୁଖୀନ ହୋଇପାରେ ଆମେରିକା

#### ଟ୍ରମ୍ପଙ୍କ ସମର୍ଥିତ ବିଲ୍ ଗୃହୀତ ହୋଇପାରିଲାନି

ୱାଶିଂଟନ,୨୦।୧୨

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥିତ ଖର୍ଚ୍ଚ ବିଲ୍ ବିରୋଧରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଭୋଟ ଦେବା ପରେ ସରକାର ଆର୍ଥିକ ଅଚଳାବସ୍ଥାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଅନେକ ରିପବ୍ଲିକାନ୍ ସଦସ୍ୟ ଟ୍ରମ୍ପଙ୍କୁ ଅବମାନନା କରି ଡେମୋକ୍ରାଟ ସଦସ୍ୟଙ୍କ ସହ ମିଶି ସଂଶୋଧିତ ପାଣ୍ଠି ବ୍ୟବସ୍ଥାକୁ ଅଗ୍ରାହ୍ୟ କରିଦେଇଛନ୍ତି। ସ୍ଥାନୀୟ ସମୟ ଶୁକ୍ରବାର ମଧ୍ୟରାତ୍ର ସୁଦ୍ଧା ଯଦି କୌଣସି ଡିଲ୍ ହୋଇ ନ ପାରେ, ତେବେ କେତେକ ସଂଘୀୟ ସେବା ଶନିବାର ଭୋରରୁ ବନ୍ଦ ହୋଇଯିବ। ସମୟସୀମା ଶେଷ ହେବା ପୂର୍ବରୁ ଅଚଳାବସ୍ଥା ଦୂର ପାଇଁ ସମାଧାନ ସୂତ୍ର ବାହାର କରିବା ନିମନ୍ତେ ଗୃହରେ ରିପବ୍ଲିକାନ୍ ପାର୍ଟିର ନେତା ପ୍ରତିଶ୍ରୁତିବଦ୍ଧ। ୧୯୮୦ର ଏକ ଆଇନ ଅନୁଯାୟୀ ବିନା ବଜେଟରେ ଆମେରିକରେ କୌଣସି ସରକାରୀ ଖର୍ଚ୍ଚ ହୋଇପାରିବ ନାହିଁ। ଅର୍ଥାତ୍ ଆମେରିକା କଂଗ୍ରେସ ଯଦି ବଜେଟକୁ ଅନୁମୋଦନ ନ କରେ ସଂଘୀୟ ସରକାରଙ୍କ ପାଇଁ ଅଣଅତ୍ୟାବଶ୍ୟକ ସେବା ପାଇଁ ପାଣ୍ଠି ମିଳିବ ନାହିଁ ଓ ଏହିସବୁ ସେବା ବନ୍ଦ ହୋଇଯିବ। ଅଧିକାଂଶ ସରକାରୀ କର୍ମଚାରୀ ମଧ୍ୟ ବେତନ ପାଇବେ ନାହିଁ।

### ଡାଲେୱାଲଙ୍କୁ ଅସ୍ଥାୟୀ ହସ୍ପିଟାଲକୁ ସ୍ଥାନାନ୍ତର ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୦।୧୨

ଚାଷୀମାନଙ୍କ ବିଭିନ୍ନ ଦାବି ନେଇ ୨୫ ଦିନ ହେଲା ପଞ୍ଜାବ-ହରିୟାଣାର ଖନୌରୀ ସୀମାରେ ଅନଶନରେ ବସିଥିବା କୃଷକ ନେତା ଜଗଜିତ୍ ସିଂ ଡାଲେୱାଲଙ୍କୁ ତୁରନ୍ତ ଏକ ଅସ୍ଥାୟୀ ହସ୍ପିଟାଲକୁ ସ୍ଥାନାନ୍ତର କରାଇବା ଲାଗି ସୁପ୍ରିମକୋର୍ଟ ଶୁକ୍ରବାର ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖନୌରୀ ସୀମା ନିକଟରେ ଏଭଳି ଏକ ଅସ୍ଥାୟୀ ହସ୍ପିଟାଲ ପ୍ରସ୍ତୁତ କରିବାକୁ ସରକାରଙ୍କୁ କୁହାଯାଇଛି। ସେଠାରେ ୭୦ ବର୍ଷୀୟ କୃଷକ ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇପାରିବ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି।

## ଏକ ଦେଶ, ଏକ ନିର୍ବାଚନ: ଜେପିସିରେ ୩୯ ସଦସ୍ୟ

ନୂଆଦିଲ୍ଲୀ,୨୦।୧୨

ଲୋକ ସଭା ଭୋଟ ସହ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ ଏକସଙ୍ଗେ କରାଇବା ପାଇଁ ଉଦ୍ଦିଷ୍ଟ ୨ଟି ବିଲ୍ ଲୋକ ସଭାରେ ମଙ୍ଗଳବାର ଆଗତ କରାଯାଇଥିଲା। ବିଲ୍ ପାରିତ କରିବା ପାଇଁ ଆବଶ୍ୟକ ସଂଖ୍ୟା ନ ଥିବାରୁ ଏହା ଅଟକିଯାଇଛି। ଶେଷରେ ଉଭୟ ବିଲ୍‌ରେ ରହିଥିବା ତ୍ରୁଟି ବିଚ୍ୟୁତିକୁ ଯାଞ୍ଚ କରି ଆବଶ୍ୟକ ସଂଶୋଧନ କରାଯିବା ସକାଶେ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ ପାଇଁ ସରକାର ରାଜି ହୋଇଛନ୍ତି। ପୂର୍ବରୁ ଏଥିରେ ୩୧ ସଦସ୍ୟଙ୍କୁ ରଖାଯିବା ପାଇଁ ନିଷ୍ପତ୍ତି ହୋଇଥିବାବେଳେ ଅଧିକ ରାଜନୈତିକ ଦଳ ଦୁଇ ଚିଠା ଆଇନର ଯାଞ୍ଚ ପ୍ରକ୍ରିୟାରେ ସାମିଲ ହେବା ପାଇଁ ଆଗ୍ରହ ପ୍ରକାଶ କରିବାରୁ ସଦସ୍ୟଙ୍କ ସଂଖ୍ୟା ୩୯କୁ ବୃଦ୍ଧି କରାଯାଇଛି। 'ୱାନ୍ ନେଶନ୍, ୱାନ୍ ଇଲେକ୍ସନ' ସମ୍ପର୍କିତ ଜେପିସିରେ ଭାଜପାର



ଭର୍ତ୍ତୃହରି ମହତାବ

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଅଧ୍ୟକ୍ଷ ରହିବା ଏକପ୍ରକାର ସ୍ଥିର ହୋଇଥିବା ଜଣାପଡ଼ିଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ପାରଶୋତ୍ତମ ରୁପାଲା, ପି.ପି. ଚୌଧରୀ, ମନୀଷ ତିୱାରୀଙ୍କ ଭଳି ପ୍ରଥମ ଥର ଏମ୍‌ପି ହୋଇଥିବା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ବାଂଶୁରୀ ସ୍ୱରାଜ ଓ ସମ୍ବିତ ପାତ୍ର ସଦସ୍ୟ ରହିପାରନ୍ତି।

୧୨୯ତମ ସମ୍ବିଧାନ ସଂଶୋଧନ ବିଧେୟକ ଏବଂ ୟୁନିୟନ୍ ଟେରିଟୋରିଜ୍ ଲ(ଆମେଣ୍ଡମେଣ୍ଟ) ବିଲ୍ ସମ୍ପର୍କିତ ଜେପିସିରେ ଲୋକ ସଭାର ୨୭ ଓ ରାଜ୍ୟ ସଭାର ୧୨ ସଦସ୍ୟ ରହିବେ। ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ଲାଗିରହିଥିବାବେଳେ ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମଙ୍ଗଳବାର ଉପରୋକ୍ତ ୨ ବିଲ୍‌କୁ ପୃଥକ୍ ଭାବେ ଲୋକ ସଭା ଓ ରାଜ୍ୟ ସଭାରେ ଆଗତ କରିଥିଲେ। ଏହା ଦେଶର ନିର୍ବାଚନୀ ପ୍ରକ୍ରିୟାରେ ସଂସ୍କାର ଆଣିବା ନିମନ୍ତେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ସରକାର ଜେପିସିରେ ପ୍ରାୟ ସବୁ ପ୍ରମୁଖ ଦଳର ସଦସ୍ୟଙ୍କୁ ସାମିଲ କରିବା ପାଇଁ ରାଜି ହୋଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ମିଳିଥିବା ସୂଚନାନୁଯାୟୀ କମିଟିରେ ୩୯ ଜଣଙ୍କ ମଧ୍ୟରୁ ଭାଜପାର ୧୬, କଂଗ୍ରେସ ୫, ଏସ୍‌ପି, ଟିଏମ୍‌ସି ଏବଂ ଡିଏମ୍‌କେରୁ ୨ ଜଣ ଲେଖାଏ ରହିବେ। ସେହିପରି ଶିବସେନା, ଟିଡିପି, ଜେଡିୟୁ, ଆର୍‌ଏଲ୍‌ଡି, ଏଲ୍‌ଜେଏସ୍‌ପି(ଆର୍‌ଭି), ଜେଏସ୍‌ପି, ଶିବସେନା-ୟୁବିଟି, ଏନ୍‌ସିପି-ଏସ୍‌ପି, ସିପିଆଇଏମ୍, ଆପ୍, ବିଜେଡି, ୱାଇଏସ୍‌ଆର୍‌ସିପିରୁ ଜଣେ ଲେଖାଏ ସଦସ୍ୟଙ୍କୁ ଏଥିରେ ସ୍ଥାନ ମିଳିବ। ସଂସଦର ପରବର୍ତ୍ତୀ ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନ ଜେପିସି ରିପୋର୍ଟ ଦାଖଲ କରିବାକୁ ପ୍ରସ୍ତାବ ରହିଛି।




ଭାଜପା ଏମ୍‌ପି ଅନୁରାଗ ଠାକୁର ଓ ଦଳର ଅନ୍ୟ ସଦସ୍ୟମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି।

## ସମ୍ଭଲ ଏମ୍‌ପିଙ୍କ ଘର ପାହାଚ ଭାଙ୍ଗିଲା ପ୍ରଶାସନ

### ବିଦ୍ୟୁତ୍ ଚୋରି ଅଭିଯୋଗରେ ୧.୯୧ କୋଟି ଟଙ୍କା ଜରିମାନା

ସମ୍ଭଲ,୨୦।୧୨

ସମ୍ଭଲର ଦୀପାସରାଇ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ଅଭିଯାନରେ ଶୁକ୍ରବାର ସ୍ଥାନୀୟ ସମାଜବାଦୀ ପାର୍ଟି ଏମ୍‌ପି ଜିଆ ଉର୍ ରେହମନଙ୍କ ଘରକୁ ଲମ୍ବିଥିବା ପାହାଚକୁ ପ୍ରଶାସନ ବୁଲ୍‌ଡୋଜରରେ ଭାଙ୍ଗିଦେଇଛି। ଏହି ଉଚ୍ଛେଦ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜିଲାର ସରକାରୀ ଡ୍ରେନ୍‌ଗୁଡ଼ିକୁ ଅବରୋଧମୁକ୍ତ କରିବା ପାଇଁ ୧୫ ଦିନ ହେଲା ଜବରଦଖଲ ଉଚ୍ଛେଦ ଅଭିଯାନ ଜାରି ରହିଛି।

ଏହା ପୂର୍ବରୁ ଶୁକ୍ରବାର ବିଦ୍ୟୁତ୍ ବିଭାଗ ଏମ୍‌ପି ରେହମନ୍‌ଙ୍କ ଘରକୁ ଯାଇଥିବା ବିଦ୍ୟୁତ୍ ସଂଯୋଗ କାଟିଦେବା ସହ ତାଙ୍କୁ ୧.୯୧ କୋଟି ଟଙ୍କା ଜରିମାନା



ଜିଆ ଉର୍ ରେହମନ

ଲଗାଇଥିଲା। ଏମ୍‌ପି ବିଦ୍ୟୁତ୍ ଚୋରି କରୁଥିବା ଅଭିଯୋଗ ହୋଇଥିଲା। ଇଲେକ୍ଟ୍ରିସିଟି ଆକ୍ଟ, ୨୦୦୩ର ଧାରା ୧୩୫ ଅନୁଯାୟୀ ଏମ୍‌ପିଙ୍କ ନାଁରେ ଗୁରୁବାର ପୋଲିସ ମାମଲା ରୁଜୁ କରିଛି। ଏହା ବ୍ୟତୀତ ଘର ଉପରେ ଚଢ଼ାଉ ବେଳେ ଅଫିସରମାନଙ୍କୁ ତାଙ୍କ ବାପା ଧମକ ଦେଇଥିବାରୁ ତାଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ନଭେମ୍ବର ୨୪ରେ ସମ୍ଭଲ ଜିଲାର ଶାହି ଜାମା ମସ୍‌ଜିଦ ପରିସରରେ କୋର୍ଟ ନିର୍ଦ୍ଦେଶରେ ସର୍ଭେ କାର୍ଯ୍ୟ ବେଳେ ସାମ୍ପ୍ରଦାୟିକ ସଂଘର୍ଷ ଘଟି ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏମ୍‌ପି ରେହମନ ସଂଘର୍ଷ ପାଇଁ ଉସୁକାଇଥିବା ଅଭିଯୋଗ ହୋଇଥିଲା। ସମ୍ଭଲ ହିଂସାକୁ ନେଇ ତାଙ୍କ ନାମରେ ଏତଲା ଦାଏର ହୋଇଥିବାବେଳେ ଗିରଫ ଉପରେ ସ୍ଥଗିତାଦେଶ ପାଇଁ ସେ ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସଂସଦରେ ଠେଲାପେଲା: ତଦନ୍ତ କରିବ କ୍ରାଇମ୍ ବ୍ରାଞ୍ଚ

ନୂଆଦିଲ୍ଲୀ,୨୦।୧୨

ଶୀତ ଅଧିବେଶନ ଶେଷ ହେବାର ଦିନକ ପୂର୍ବରୁ ଗୁରୁବାର ପାର୍ଲାମେଣ୍ଟରେ ଠେଲାପେଲା ହୋଇଥିଲା। ଏଥିରେ ଭାଜପା ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ମୁକେଶ ରାଜପୁତ୍ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆହତ ହୋଇଥିଲେ। ଏହି ପ୍ରସଙ୍ଗରେ ଶାସକ ଓ ବିରୋଧୀ ପରସ୍ପରକୁ ଦୋଷ ଦେବା ସହ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଉଭୟ ପକ୍ଷର ଏତଲା ଗ୍ରହଣ କରିବା ସହ ଏଫ୍‌ଆଇଆର୍ କରିଛି। ରାହୁଲଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୧୧୫(ସ୍ୱେଚ୍ଛାକୃତ ଭାବେ ଆଘାତ ଦେବା), ୧୧୭(ସ୍ୱେଚ୍ଛାକୃତ ଭାବେ ଗଭୀର ଆଘାତ ଦେବା), ୧୨୫ (ଅନ୍ୟମାନଙ୍କ ବ୍ୟକ୍ତିଗତ ଜୀବନକୁ ବିପଦରେ ପକାଇବା), ୧୩୧(ଆପରାଧିକ ବଳ ପ୍ରୟୋଗ), ୩୫୧(ଧମକ ଦେବା) ଏବଂ ୩(୫) (ସମାନ ଉଦ୍ଦେଶ୍ୟ) ବଳରେ ମାମଲା ରୁଜୁ କରାଯାଇଛି। ତାଙ୍କ ବିରୋଧରେ ରୁଜୁ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ କରିବ ବୋଲି ଶୁକ୍ରବାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଇଣ୍ଡିଆ ବ୍ଲକ୍‌ର ଏତଲାକୁ ଭିତ୍ତିକରି ରୁଜୁ ମାମଲାର ତଦନ୍ତ ମଧ୍ୟ ଦିଲ୍ଲୀ ପୋଲିସର ଅପରାଧ ଶାଖା କରିବ ବୋଲି ଜଣାପଡ଼ିଛି।

## ପାକିସ୍ତାନ ସହ ସମ୍ପର୍କ ବଢ଼ାଉଛି ବାଂଲାଦେଶ

କାଇରୋ,୨୦।୧୨

ବାଂଲାଦେଶର ଅନ୍ତରୀଣ ନେତା ମହମ୍ମଦ ୟୁନୁସ୍ ପାକିସ୍ତାନ ସହ ସମ୍ପର୍କ ସୁଦୃଢ଼ କରିବାକୁ ଚାହାନ୍ତି ବୋଲି କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟରୁ ଭାରତ ସହ ବାଂଲାଦେଶର ସମ୍ପର୍କ ଅଧିକ ଖରାପ ହେବା ସମ୍ଭାବନା ସୃଷ୍ଟି ହୋଇଛି। ୧୯୭୧ ଯୁଦ୍ଧ ପରେ ପୂର୍ବ ପାକିସ୍ତାନ ଅଲଗା ହୋଇ ବାଂଲାଦେଶ ସୃଷ୍ଟି ହେବା ସହ ଭାରତ ସହିତ ଘନିଷ୍ଠ ସମ୍ପର୍କ ରଖିଆସିଥିଲା। ତେବେ ଗତ ଅଗଷ୍ଟରେ ବାଂଲାଦେଶରେ ଶେଖ୍ ହାସିନା ସରକାରର ପତନ ପରେ ଢାକା ଏବଂ ନୂଆଦିଲ୍ଲୀ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଛି। ଇଜିପ୍ଟରେ ଏକ ସମ୍ମିଳନୀ ଅବସରରେ ୟୁନୁସ୍ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ଭେଟି ୧୯୭୧ ଯୁଦ୍ଧକୁ ନେଇ ରହିଥିବା ଆପତ୍ତି ଅଭିଯୋଗର ସମାଧାନ ଚାହାନ୍ତି ବୋଲି କହିଛନ୍ତି। ଆଗକୁ ଯିବାକୁ ହେଲେ ଏହି ପ୍ରସଙ୍ଗର ସମାଧାନ କରିବାକୁ ହେବ ବୋଲି ୟୁନୁସ୍ କହିଥିବା ଜଣାପଡ଼ିଛି। ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସହଯୋଗକୁ ଅଧିକ ସୁଦୃଢ଼ କରାଇବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଶରିଫ୍ କହିଛନ୍ତି।

## ଫୁରସତ୍

### ପାର୍ସଲରେ ମୃତଦେହ, ୧.୩୦ କୋଟି ଦାବି

ହାଇଦ୍ରାବାଦ

ଆନ୍ଧ୍ର ପ୍ରଦେଶର ଇଷ୍ଟ ଗୋଦାବରୀ ଜିଲା ଉଣ୍ଡି ବ୍ଲକ୍ ୟେଣ୍ଡାଗଣ୍ଡି ଗ୍ରାମର ନାଗା ତୁଳସୀଙ୍କ ନିକଟକୁ ଗୁରୁବାର ରାତିରେ ଏକ ପାର୍ସଲ ଆସିଥିଲା। ମହିଳା ଜଣକ ପାର୍ସଲକୁ ଖୋଲି ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପାର୍ସଲରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ସହିତ ଏକ ପତ୍ର ରହିଥିଲା। ଚିଠିରେ ଲେଖାଥିଲା, ୧.୩୦ କୋଟି ଟଙ୍କା ନ ଦେଲେ ତୁମ ପରିବାର ସଦସ୍ୟମାନେ ମଧ୍ୟ ଏଭଳି ଭୟଙ୍କର ପରିଣାମ ଭୋଗିବେ। ନାଗା ତୁଳସୀ ପୂର୍ବରୁ ନିଜ ଗୃହ ନିର୍ମାଣ ପାଇଁ କ୍ଷତ୍ରିୟ ସେବା ସମିତିକୁ ଆର୍ଥିକ ସହାୟତା ମାଗିଥିଲେ। ଏହି ସଂସ୍ଥା ତାଙ୍କୁ ବୈଦ୍ୟୁତିକ ଉପକରଣ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲା। ତୁଳସୀଙ୍କ ନିକଟକୁ ହ୍ୱାଟ୍ସଆପ୍‌ରେ ଆସିଥିବା ଏକ ମେସେଜ୍‌ରେ ସମିତି ତାଙ୍କ ନିକଟକୁ



ପ୍ରତୀକାତ୍ମକ ଫଟୋ

ଲାଇଟ୍, ଫ୍ୟାନ୍ ଓ ସୁଇଚ୍ ଭଳି ଉପକରଣ ପଠାଇବ ବୋଲି ଲେଖାଥିଲା। ଗୁରୁବାର ରାତିରେ ଘରେ ଏକ ପାର୍ସଲ ପହଞ୍ଚିଲା। ତୁଳସୀ ତାକୁ ଖୋଲିବା ପରେ ସେଥିରେ ବୈଦ୍ୟୁତିକ ଉପକରଣ ପରିବର୍ତ୍ତେ ଜଣେ ୪୫ ବର୍ଷୀୟ ପୁରୁଷଙ୍କ ମୃତଦେହ ଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ନେବା ସହ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୪ରୁ ୫ ଦିନ ପୂର୍ବେ ତାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

### ଶତାଧିକ ଥର ପ୍ଲାଷ୍ଟିକ୍ ସର୍ଜରି କରାଇଛନ୍ତି ବ୍ରାଜିଲ ତାରକା

ସାଓ ପାଓଲୋ

ବ୍ରାଜିଲର ଚର୍ଚ୍ଚିତ ଟିଭି ସେଲିବ୍ରିଟି ଜେସିକା ଆଲ୍‌ଭେସ୍(୪୧) ବର୍ତ୍ତମାନ ସୁଦ୍ଧା ନିଜ ଶରୀରରେ ଶତାଧିକ ଥର ପ୍ଲାଷ୍ଟିକ ସର୍ଜରି କରାଇଛନ୍ତି। ଦିସନ୍ ୱେବ୍‌ସାଇଟର ରିପୋର୍ଟ ଅନୁଯାୟୀ, ସର୍ବଦା ଅତ୍ୟଧିକ ଆକର୍ଷଣୀୟ ଏବଂ ଯୁବ ସୁଲଭ ଦେଖାଯିବା ପାଇଁ ସେ ବାରମ୍ବାର ପ୍ଲାଷ୍ଟିକ ସର୍ଜରି କରାଉଛନ୍ତି। ଅନେକ ଥର ଅସ୍ତ୍ରୋପଚାର ହେତୁ ଜେସିକା ବିଭିନ୍ନ ସଂକ୍ରମଣରେ ମଧ୍ୟ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇଯାଆନ୍ତି। ଏହାସତ୍ତ୍ୱେ ସେ ନିଜ ଶରୀରର ବିଭିନ୍ନ ଅଙ୍ଗରେ ପ୍ଲାଷ୍ଟିକ ସର୍ଜରି କରାଇବା ବନ୍ଦ କରୁନାହାନ୍ତି। ମୃତ୍ୟୁ ପର୍ଯ୍ୟନ୍ତ ସେ ନିଜ ଶରୀରରେ ଅସ୍ତ୍ରୋପଚାର ଜାରି ରଖିବେ ବୋଲି ଜେସିକା କହିଛନ୍ତି। ରିପୋର୍ଟ ଅନୁଯାୟୀ, ଲୋକମାନେ ଜେସିକାଙ୍କୁ 'ପ୍ଲାଷ୍ଟିକ୍ ସର୍ଜରି ଆଡିକ୍ଟ' ବୋଲି ମଧ୍ୟ କୁହନ୍ତି। ଜେସିକା ଗତ କିଛି ବର୍ଷ ମଧ୍ୟରେ ପ୍ଲାଷ୍ଟିକ୍ ସର୍ଜରି ପାଇଁ ୧୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ଏନେଇ ଜେସିକା କୁହନ୍ତି, ସର୍ବଦା ଆକର୍ଷଣୀୟ ଦେଖାଯିବା ପାଇଁ ସେ ପ୍ଲାଷ୍ଟିକ ସର୍ଜରି କରାଇଥାନ୍ତି। ଏପରି କରି ସେ କିଛି ଭୁଲ କରୁନାହାନ୍ତି। ସମାଜରେ ସୁନ୍ଦର ଏବଂ ଆକର୍ଷଣୀୟ ଦେଖାଯିବା ପାଇଁ ଏହା ତାଙ୍କର ନିବେଶ ବୋଲି ଜେସିକା କହିଛନ୍ତି।

ଜେସିକା ତାଙ୍କ ଶରୀରର ଅଧିକାଂଶ ଅଙ୍ଗରେ ଅସ୍ତ୍ରୋପଚାର କରିଛନ୍ତି। ଅସ୍ତ୍ରୋପଚାର ମାଧ୍ୟମରେ ତାଙ୍କର ୪ଟି ପିଞ୍ଜରା ହାଡ଼ ମଧ୍ୟ ବାହାର କରାଯାଇଛି। ଫଳରେ ଜେସିକାଙ୍କ ଛାତିଠାରୁ ଅଣ୍ଟା ପର୍ଯ୍ୟନ୍ତ ପତଳା ହୋଇଯାଇଛି। ତେବେ ଏପରି ଅସ୍ତ୍ରୋପଚାର ଦ୍ୱାରା ଜେସିକା ପ୍ରାୟତଃ ନିଜ ଶରୀରର ବିଭିନ୍ନ ପାର୍ଶ୍ୱରେ ଯନ୍ତ୍ରଣା ଅନୁଭବ କରିଥାନ୍ତି ଏବଂ ସେ ବହୁବାର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅନେକ ସମୟରେ ଶରୀରର ବିଭିନ୍ନ ଅଙ୍ଗରେ ଅସ୍ତ୍ରୋପଚାର ଯୋଗୁ ଜେସିକା ଠିକ୍ ଭାବେ ଚାଲିବାକୁ ମଧ୍ୟ ସକ୍ଷମ ହୁଅନ୍ତି ନାହିଁ। ୫ ବର୍ଷ ପୂର୍ବେ ସେ ନିଜ ସୁନ୍ଦର ଚେହେରା ପାଇଁ ଇରାନରେ ନାକର ଅସ୍ତ୍ରୋପଚାର କରାଇଥିଲେ। ତେବେ ଏହାର ମାତ୍ର ୨ ସପ୍ତାହ ପରେ ସଂକ୍ରମଣ ହୋଇ ତାଙ୍କ ନାକ ଲାଲ୍ ରଙ୍ଗର ହୋଇ ଯାଇଥିଲା। ଏହାପରେ ଜେସିକା ସେପ୍‌ସିସ୍ ରୋଗରେ ପୀଡ଼ିତ ହୋଇଯାଇଥିଲେ। ତେଣୁ ସମ୍ପ୍ରତି ଅଧିକାଂଶ ଡାକ୍ତର ତାଙ୍କ ନାକର ଅସ୍ତ୍ରୋପଚାର କରିବାକୁ ମନା କରିଦେଉଥିବା ଜେସିକା କହିଛନ୍ତି। ଯଦିଓ ଏବେ ସେ ସୁସ୍ଥ ଅଛନ୍ତି, ତଥାପି ଭବିଷ୍ୟତରେ ଆହୁରି ଅସ୍ତ୍ରୋପଚାର କରିବାକୁ ଚାହୁଁଛନ୍ତି ବୋଲି ଜେସିକା କହିଛନ୍ତି। ସେ ପୁଣି କହିଛନ୍ତି, "ବୃଦ୍ଧ ହେବାକୁ ମୁଁ ଆଦୌ ଚାହେଁନାହିଁ। ତେଣୁ ବୟସ ବଢ଼ିବା ସତ୍ତ୍ୱେ ମଧ୍ୟ ଯୁବ ସୁଲଭ ଦେଖାଯିବା ପାଇଁ ଆଗକୁ ବି ନିଜ ଶରୀରରେ ପ୍ଲାଷ୍ଟିକ ସର୍ଜରି କରିବା ଜାରି ରଖିବି।"



ଜସିକା ଆଲ୍‌ଭେସ୍

# ତହସିଲସ୍ତରୀୟ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଜରୁରୀ ବୈଠକ

## ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣକାରୀ ହେବେ ସାବାଡ

ଜଳେଶ୍ୱର, ୨୦।୧୨(ନବୀନ ସାହୁ)

ଦୁଇବର୍ଷ ପୂର୍ବେ ଲଘୁ ଖଣିଜ ପଦାର୍ଥର ନିୟନ୍ତ୍ରଣ ରାଜ୍ୟ ସରକାର ରାଜସ୍ୱ ବିଭାଗ ହାତରୁ ଆଣି ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। କିନ୍ତୁ ଲଘୁ ଖଣିଜ ପଦାର୍ଥର ବ୍ୟାପକ ଚୋରା କାରବାରକୁ ଖଣି ବିଭାଗ ରୋକିବାକୁ ଅସମର୍ଥ ହେବାରୁ ଏହା ପୁଣି ରାଜସ୍ୱ ବିଭାଗକୁ ହସ୍ତାନ୍ତର ଲାଗି ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ନିକଟରେ ରାଜ୍ୟ ସରକାର ଲଘୁ ଖଣିଜ ପଦାର୍ଥର ଚୋରାଚାଲାଣ ରୋକିବା ଲାଗି ଜିଲାସ୍ତରୀୟ ସବଡିଭିଜନ ସ୍ତରୀୟ ଓ ତହସିଲସ୍ତରୀୟ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରିଛନ୍ତି। ତହସିଲସ୍ତରୀୟ ଗଠିତ ଟିମ୍‌ରେ ତହସିଲଦାର ଅଧ୍ୟକ୍ଷ ଥିବା ବେଳେ ବନବିଭାଗ, ପୋଲିସ୍ ଓ ଖଣି ବିଭାଗ ଏଥିରେ ସଭ୍ୟ ରହିଛନ୍ତି। ଏହି ଅନୁଯାୟୀ ଗୁରୁବାର ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଏକ ବୈଠକ ଆହ୍ୱାନ କରିଥିଲେ। ଏହି ଏନ୍‌ଫୋର୍ସମେଣ୍ଟ ଟିମ୍‌ରେ ସ୍ଥାନୀୟ ଏସିଏଫଓ ଜୟଶ୍ରୀ ମୁର୍ମୁ, ରାଇବଣିଆ ଥାନା ଆଇଆଇସି ବାରେଣି ଦାସ, ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀ ଓ ଅତିରିକ୍ତ ତହସିଲଦାର ଅଭୟ କୁମାର ସ୍ୱାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଏହି ଆଲୋଚନାରେ ବାଲି, ମାଟି ଓ ମୋରମ ଚୋରାଚାଲାଣ ରୋକିବା ଲାଗି ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ବାଲେଶ୍ୱର ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଗଠିତ ଏହି ଟିମ୍ ସୁବର୍ଣ୍ଣରେଖା ବାଲି, ରାଇବଣିଆ ଅଞ୍ଚଳର ମୋରମ ଓ ମାଟି ଚାଲାଣ ଉପରେ ଅଙ୍କୁଶ ଲଗାଇଛନ୍ତି। ଜଳେଶ୍ୱର ଅଞ୍ଚଳରୁ ପ୍ରତିଦିନ ସୁବର୍ଣ୍ଣରେଖା ନଦୀଗର୍ଭରୁ ଶହ ଶହ ଟ୍ରାକ୍ଟର ବାଲି ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଛି। ବାଲି ମାଫିଆମାନେ କେତେକ ଅସାଧୁ କର୍ମଚାରୀ, ଗ୍ରାମାଞ୍ଚଳର କିଛି ଅସାମାଜିକ ଲୋକେ ତଥା କିଛି ଥାନା କର୍ମଚାରୀଙ୍କ ସହାୟତାରେ ଏପରି ଚୋରାଚାଲାଣ ହେଉଥିବାରୁ ପ୍ରତିବର୍ଷ କେବଳ ଜଳେଶ୍ୱର ତହସିଲକୁ ଲଘୁ ଖଣିଜ ଦ୍ରବ୍ୟରେ ପ୍ରାୟ ୩କୋଟି ଟଙ୍କା ରାଜସ୍ୱ ମିଳୁଥିବା ବେଳେ ଏସବୁ ଠପ୍ ହୋଇଯାଇଛି। ଦୀର୍ଘବର୍ଷ ଧରି ସୁବର୍ଣ୍ଣରେଖା ବାଲି ନିଲାମ ହୋଇ ପାରୁ ନ ଥିବାରୁ ଜନସାଧାରଣଙ୍କ ଆବଶ୍ୟକତା ଅନୁସାରେ ବାଲି ମିଳିପାରୁନାହିଁ। ପୁଣି ପଶ୍ଚିମବଙ୍ଗର ପୂର୍ବ ଓ ପଶ୍ଚିମ ମେଦିନୀପୁର ଜିଲାବାସୀଙ୍କ ନିର୍ମାଣ କାର୍ଯ୍ୟରେ ଏଠାରୁ ବାଲି ଯାଉଥିବାରୁ ଚୋରାଚାଲାଣ ବଢ଼ିଚାଲିଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗରେ ନଦୀଗର୍ଭରୁ ବାଲି ଚୋରାଚାଲାଣ ବନ୍ଦ ଥିବାରୁ ଓଡ଼ିଶା ସେମାନଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। କେତେକ ସ୍ଥାନରେ ପୋଲିସ୍ ସବୁ ଦେଖି ଚୁପ୍ ବସିଛି। ଏନ୍‌ଫୋର୍ସମେଣ୍ଟର ବୈଠକ ପରେ ଚୋରା ଚାଲାଣକାରୀଙ୍କ ମନରେ ଛନକା ପଶିଛି।

# ଅନ୍ତର୍ଜାତୀୟ ବୈଜ୍ଞାନିକଙ୍କ ମଧ୍ୟରେ ଓଡ଼ିଆ ବୈଜ୍ଞାନିକ ଡ. ସିଦ୍ଧାର୍ଥ


ନୀଳରକ୍ତ କଙ୍କଡ଼ା।



ଓଡ଼ିଆ ବୈଜ୍ଞାନିକ ଡ. ସିଦ୍ଧାର୍ଥ ପତି।

## ନୀଳରକ୍ତ କଙ୍କଡ଼ା ସଂରକ୍ଷଣ ପାଇଁ ନୂତନ ଗବେଷଣା

ବାଲେଶ୍ୱର, ୨୦।୧୨(ବାଞ୍ଛାନିଧି ଦେ)

ଏସିଆନ୍ ହର୍ସସୁ କ୍ରାବ (ନୀଳରକ୍ତ କଙ୍କଡ଼ା) ସଂରକ୍ଷଣ ସ୍ଥିତିକୁ ଆକଳନ ନିମନ୍ତେ ପ୍ରଥମ ଜେନେଟିକ୍ ବେସଲାଇନ୍ ତଥ୍ୟ ଦେବା ପାଇଁ ଅନ୍ତର୍ଜାତୀୟ ବୈଜ୍ଞାନିକଙ୍କ ଦ୍ୱାରା ନୂତନ ଗବେଷଣା ଗତ ୧୬ ତାରିଖରେ କଞ୍ଜରଭେସନ୍ ଲେଟରରେ ପ୍ରକାଶିତ ହୋଇଛି। ଏହି ଗବେଷଣା ହର୍ସସୁ କ୍ରାବ ପ୍ରମୁଖ ବାସସ୍ଥାନ ଉପରେ ଆଲୋକପାତ କରେ। ଯାହା ଗ୍ଲୋବାଲ୍ ୱାର୍ମିଂ ସମ୍ମୁଖୀନ ହେଉଥିବା ଏସିଆନ୍ ହର୍ସସୁ କ୍ରାବ ଜନସଂଖ୍ୟା ପାଇଁ କରିଡର ଏବଂ ଆଶ୍ରୟସ୍ଥଳୀ ଅଟେ। ଏହି ଗୁରୁତ୍ୱପୂର୍ଣ୍ଣ ସହଯୋଗାତ୍ମକ ଗବେଷଣାରେ ଭାରତ, ଜାପାନ, ସିଙ୍ଗାପୁର, ଇଣ୍ଡୋନେସିଆ, ମାଲେସିଆ, ଚୀନ, ଥାଇଲାଣ୍ଡ, ଅଷ୍ଟ୍ରେଲିଆର ୧୮ ଜଣ ବୈଜ୍ଞାନିକ ସାମିଲ ଅଛନ୍ତି। ଭାରତରୁ ବାଲେଶ୍ୱରର ଓଡ଼ିଆ ବୈଜ୍ଞାନିକ ଡ. ସିଦ୍ଧାର୍ଥ ପତି ଏହି ସହଯୋଗୀ ଗବେଷଣାରେ ସ୍ଥାନ ପାଇଛନ୍ତି। ହର୍ସସୁ କ୍ରାବ ହେଉଛି ଅନନ୍ୟ ଜୀବନ୍ତ ଜୀବାଶ୍ମ। ଯାହାକି ୪ଶହ ନିୟୁତ ବର୍ଷର ବିଶ୍ୱ ପରିବର୍ତ୍ତନ ମାଧ୍ୟମରେ ପ୍ରାୟ ପରିବର୍ତ୍ତନ ହୋଇନାହିଁ। ଆନ୍ଥ୍ରୋପୋଜେନିକ୍ ଚାପରେ ସେମାନେ ବିଶ୍ୱବ୍ୟାପୀ ଦ୍ରୁତ ହ୍ରାସର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱରେ ଏହା ୪ ପ୍ରକାର ପ୍ରଜାତିର ଦେଖାଯାନ୍ତି ଏବଂ ତା' ମଧ୍ୟରୁ ୩ ପ୍ରଜାତି ଏସିଆ ମହାଦେଶରେ ଦେଖାଯାଆନ୍ତି। ସେଥିରୁ ଦୁଇଟି ପ୍ରଜାତି ଆମ ଓଡ଼ିଶା ଉପକୂଳରେ ଦେଖାଯାଆନ୍ତି। ବିସ୍ତୃତ ଭୌଗୋଳିକ ଏବଂ ଜେନୋମିକ୍ ନମୁନା ସଂଗ୍ରହକୁ ବ୍ୟବହାର କରି ପରିବେଶ ଏବଂ ଜଳବାୟୁ ଡାଟାସେଟ୍ ସହିତ ଡିଏନ୍ଏକୁ ଏକତ୍ର କରି ଏହି ଗବେଷଣା ଜନସଂଖ୍ୟା ଜେନେଟିକ୍ ଗଠନ, ଜନସଂଖ୍ୟା ଇତିହାସ ଆକଳନ କରିବାରେ ସଫଳ ହୋଇଛି। ଏହି ଗବେଷଣା ହର୍ସସୁ କ୍ରାବଙ୍କ ଭବିଷ୍ୟତରେ ତିଷ୍ଠି ରହିବା ପାଇଁ ପ୍ରମୁଖ ବାସସ୍ଥାନ ସଂରକ୍ଷଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଏବଂ ଆବଶ୍ୟକ ବେସଲାଇନ୍ ତଥ୍ୟ ପ୍ରଦାନ କରେ ବୋଲି ବୈଜ୍ଞାନିକ ଟିମ୍‌ର ସଦସ୍ୟ ଡ. ସିଦ୍ଧାର୍ଥ ପତି କହିଛନ୍ତି।

## ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଶିବିର

ବସ୍ତା, ୨୦।୧୨(ହରିଶଙ୍କର ପାଢ଼ି)– ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ଶୁକ୍ରବାର ବସ୍ତା ବ୍ଲକ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ଅଞ୍ଜଳି ଦାସଙ୍କ ସଭାପତିତ୍ୱରେ ପରିଚାଳିତ ଜଳ ଜୀବନ ମିଶନ ଏବଂ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନା ଉପରେ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷକ ଜିଲା ପରିମଳ ସଂଯୋଜକ ସ୍ୱର୍ଣ୍ଣଲତା ମହାନ୍ତି ଯୋଗଦେଇ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଉତ୍ତମ ପରିମଳ ସୁବିଧା ଓ ପାଇପ୍ ଦ୍ୱାରା ପର୍ଯ୍ୟାପ୍ତ ପରିମାଣରେ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ସରକାର ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। ଏହି କମିଟିରେ ସଭାପତି, ଉପ–ସଭାପତି, ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷ ଆଦି ପଦାଧିକାରୀମାନେ ରହି ରକ୍ଷଣାବେକ୍ଷଣ ଦୈନନ୍ଦିନ ଜଳଯୋଗାଣର ସୁବ୍ୟବସ୍ଥା ସହ ସମୟାନୁସାରେ ଏହାର ଦାୟିତ୍ୱ ନେବା ନିମନ୍ତେ ଜଣେ ବ୍ୟକ୍ତିଙ୍କୁ ଗ୍ରାମ୍ୟ ଜଳ ଓ ପରିମଳ କମିଟି / ଗ୍ରାମ ପଞ୍ଚାୟତ ଦ୍ୱାରା ନିୟୋଜିତ କରାଯିବ। ପମ୍ପ ଅପରେଟର ବ୍ୟକ୍ତିଜଣଙ୍କ ଗ୍ରାମ୍ୟ ଜଳ ଓ ପରିମଳ କମିଟିର ସମ୍ପାଦକଙ୍କୁ ରିପୋର୍ଟ କରିବେ। ଗ୍ରାମ୍ୟ ଜଳ ଓ ପରିମଳ କମିଟି ଦ୍ୱାରା ସ୍ଥିରୀକୃତ ଅର୍ଥରାଶି ପମ୍ପ ଅପରେଟର ନିମନ୍ତେ ସମସ୍ତ ଉପଭୋକ୍ତା ପରିବାର ମାସିକ ଜଳକର ପ୍ରଦାନ କରିବେ। ପମ୍ପ ଅପରେଟରଙ୍କ ସମସ୍ତ କାର୍ଯ୍ୟକୁ ଗ୍ରାମ୍ୟ ଜଳ ଓ ପରିମଳ କମିଟି ତଦାରଖ କରିବ ଏବଂ ମାସିକ ବୈଠକରେ ମଧ୍ୟ ସେ ସମ୍ପର୍କରେ ଆଲୋଚନା କରାଯିବ ବୋଲି କହିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ସାମ୍ବତ୍ସରିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଖଇରା, ୨୦।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ଅର୍ଜୁନପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ସଭା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱଜିତ ମୁଦୁଲିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ମୁଖ୍ୟବକ୍ତା ଭାବେ ତହସିଲଦାର ଜିତେନ୍ଦ୍ର ମୁର୍ମୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଦାଧର ଦାସ ଓ ସରପଞ୍ଚ ମନୋରଞ୍ଜନ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ନାଚ, ଗୀତ, ପ୍ରବନ୍ଧ, ବକ୍ତୃତା, ହାଉସବୋର୍ଡ ଡେକୋରେଶନ, ଚିତ୍ରାଙ୍କନ, ଖାଦ୍ୟମେଳା, ହସ୍ତଶିଳ୍ପ ଓ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ଚାମ୍ପିୟନ ସୂର୍ଯ୍ୟନାରାୟଣ ସେଠୀ ଓ ଜ୍ୟୋତିରାଣୀ ସେଠୀ ଏବଂ ଶେଷ ବର୍ଷର ମେଧା ଛାତ୍ର ବିଘ୍ନେଶ୍ୱର ନାୟକ ଓ ପ୍ରତିଭା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସଭାରେ ଶିକ୍ଷକ ସୁଜିତ ବେହେରା ମଞ୍ଚ ଆହ୍ୱାନ, ଶିକ୍ଷୟିତ୍ରୀ କୌଶଲ୍ୟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ମୃତ୍ୟୁଞ୍ଜୟ ନାୟକ, ରମାକାନ୍ତ ଦାସ, ତାପସ ନାୟକ, ପ୍ରସନ୍ନ ସାର ଓ ଏସ୍‌କେ ଆଲାମ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ୨୬ତମ ମହାବୀର ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ

## ୟୁ ଆଣ୍ଡ ମି, ବାଲେଶ୍ୱର ସେମିରେ

ସୋର, ୨୦।୧୨(ଜନ୍ମେଜୟ ମିଶ୍ର)– ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୬ତମ ମହାବୀର ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ପିସ କ୍ରିକେଟ ଏକାଡେମୀକୁ କୋଲକାତାକୁ ହରାଇ ୟୁ ଆଣ୍ଡ ମି, ବାଲେଶ୍ୱର ପ୍ରଥମ ସେମି ଫାଇନାଲରେ ଖେଳିବାକୁ ସକ୍ଷମ ହୋଇଛି। ଏହି ଟୁର୍ନାମେଣ୍ଟ ୨୬ ଓଭର ହୋଇଥିଲା। ୟୁ ଆଣ୍ଡ ମି ବାଲେଶ୍ୱର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ୨୬ ଓଭରରେ ସମସ୍ତ ଉଇକେଟ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା। ଜବାବରେ ପିସ କ୍ରିକେଟ ଏକାଡେମୀ, କୋଲକାତା ୨୨ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ୟୁ ଆଣ୍ଡ ମି, ବାଲେଶ୍ୱରର ଅଲରାଉଣ୍ଡର ମାନସ ମହାଲିକ ୪୬ ରନ ସଂଗ୍ରହ କରିବା ସହିତ ୩ଗୋଟି ଉଇକେଟ ଦଖଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଶନିବାର ପ୍ରଥମ ସେମି ଫାଇନାଲ ମ୍ୟାଚ ୟୁ ଏଣ୍ଡ ମି ବାଲେଶ୍ୱର ସହିତ କିଶୋର କ୍ରିକେଟ ଏକାଡେମୀ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

# ରାହୁଲ ଗାନ୍ଧୀଙ୍କ ସଭ୍ୟ ପଦ ରଦ୍ଦ ଦାବି

## ଭାଜପାର ଶୋଭାଯାତ୍ରା

କାଳିପଦା, ୨୦।୧୨(ରାଜଶ୍ରୀ ପାଣିଗ୍ରାହୀ)

ସଂସଦରେ ଠେଲାପେଲା ଘଟଣାକୁ ତୃଣମୂଳସ୍ତରରେ ନିନ୍ଦା ପ୍ରତିବାଦ ତୀବ୍ର ହେବାରେ ଲାଗିଛି। ବସ୍ତା ଭାଜପା ପକ୍ଷରୁ ପଞ୍ଚୁପାଲି ଠାରେ ଗୁରୁବାର ରାତିରେ ରାହୁଲ ଗାନ୍ଧୀଙ୍କୁ ବିରୋଧୀ ଦଳ ପଦରୁ ହଟାଇ ସଭ୍ୟପଦ ରଦ୍ଦ କରିବା ପାଇଁ ପଞ୍ଚୁପାଲି ବଜାରରେ ପ୍ରତିବାଦରେ ଶୋଭାଯାତ୍ରା ଏବଂ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ବସ୍ତା ଭାଜପା ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ବାଲେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ପଣ୍ଡା, ପୁରୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଗଗନ ବିହାରୀ ସାହୁ ଓ ରାମକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀଗଡ଼ରେ ସ୍ୱାସ୍ଥ୍ୟ ଶିବିର

ଜଳେଶ୍ୱର, ୨୦।୧୨(ରବିନାରାୟଣ ପାତ୍ର): ଜଳେଶ୍ୱର ବ୍ଲକ ରାଇବଣିଆ ହାତୀଗଡଠାରେ ଶୁକ୍ରବାର ବାଲେଶ୍ୱରସ୍ଥିତ ଏସ୍‌ଟି ଜନ୍ କଲେଜ ଅଫ୍ ନର୍ସିଂ ଆଣ୍ଡ ପାରା ମେଡିକାଲ ମିଶନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେ ଅଞ୍ଚଳର ୧୨୦ରୁ ଅଧିକ ଆଦିବାସୀ ମହିଳା, ଶିଶୁଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣା ଔଷଧ ବଣ୍ଟନ କରାଯାଇଛି। ଅନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ବୀରେନ୍ଦ୍ର ରାଉତ, ନିର୍ଦ୍ଦେଶକ ପି. ରମେଶ କୁମାର, ଉପାଧ୍ୟକ୍ଷ ବରି ଜେନିଫର ପ୍ରମୁଖ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ଲାଗି ସୁସ୍ଥ ରହିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ବିରେନ୍ଦ୍ର କୁମାର ରାଉତ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ନର୍ସିଂ, ଜିଏନ୍ଏମ୍, ବି–ଫାର୍ମ, ଡି–ଫାର୍ମ, ଫିଜଓ ଥେରାପିରେ ଶିକ୍ଷା ଦିଆଯାଉଥିବା ସେମାନେ ପ୍ରକାଶ କରିଥିଲେ ।

# ଝୋଟିରେ ସଜେଇହେଲା ରାଜରାସ୍ତା

## ଉତ୍କଳୀୟ ଝୋଟି ମହୋତ୍ସବ

ବାଲେଶ୍ୱର, ୨୦।୧୨(ବାଞ୍ଛାନିଧି ଦେ)–ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବାଲେଶ୍ୱର ଜିଲା ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେ ଝୋଟି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଲାଇନ୍ ଛକଠାରୁ ଆଇଟିଆଇ ଛକ ପର୍ଯ୍ୟନ୍ତ ବାମପାର୍ଶ୍ୱ ରାଜରାସ୍ତାରେ ଯୁବତୀ ଓ ମହିଳାଙ୍କ ଦ୍ୱାରା ଝୋଟି ପ୍ରତିଯୋଗିତା ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରି ଝୋଟି ଚିତା ଉତ୍କଳର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ବୋଲି କହିଥିଲେ। ସମ୍ମାନୀୟ ଅତିଥି ଅନୁଷ୍ଠାନ ଅଧ୍ୟକ୍ଷା ତଥା ବସ୍ତା ବିଧାୟିକା ସୁବାସିନୀ ଜେନା, ଏସ୍‌ପି ରାଜପ୍ରସାଦ, ପୌରାଧ୍ୟକ୍ଷା ସବିତା ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଆ ସଂସ୍କୃତିର ଝୋଟି ପରମ୍ପରା ସବୁଠୁ ମହାନ୍ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ସଭାପତି ଅଞ୍ଜଳି ପଣ୍ଡା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ ମହୋତ୍ସବର ବିବରଣୀ ପ୍ରଦାନ କରିଥିଲେ। ପ୍ରତିଯୋଗିତାର ପ୍ରଥମ ବିଜେତାଙ୍କୁ ୩ହଜାର, ଦ୍ୱିତୀୟ ବିଜେତାଙ୍କୁ ୨ହଜାର ଓ ତୃତୀୟ ବିଜେତାଙ୍କୁ ୧ହଜାର ଟଙ୍କା ପ୍ରଦାନ ସହ ୨୦ଜଣ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ନୀଳଗିରି ନନ୍ଦିଘୋଷ ନୃତ୍ୟସଙ୍ଗୀତ କଳାମନ୍ଦିରର କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିଳ୍ପୀ କେଶୁ ଦାସ, ଉପସଭାନେତ୍ରୀ ଗିରିଜା ମିଶ୍ର ଓ ଉର୍ମିଳା ଦାସ, କୋଷାଧ୍ୟକ୍ଷା ଇଂ. ସସ୍ମିତା ମିଶ୍ର, ମିନତୀ ସେଠୀ, ଜୟଶ୍ରୀ ସାହୁ, ସରସ୍ୱତୀ ପଣ୍ଡାଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଘମିତ୍ରା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


ଏକ ଝୋଟି ଚିତା ନିକଟରେ ଅତିଥିଗଣ।

## ୨୨ରେ ମହିଳା, ପୁରୁଷ ଭଲିବଲ ଖେଳାଳି ଚୟନ

ବାରିପଦା, ୨୦।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ଭଲିବଲ ଚାମ୍ପିୟନସିପ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଆନୁକୂଲ୍ୟରେ ରାଜ୍ୟ ଭଲିବଲ୍ ଟିମ ପାଇଁ ପ୍ରତ୍ୟେକ ଜିଲାରୁ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିବା ଭଲିବଲ ସହ ସମ୍ପାଦକ ପାର୍ଥ ସାରଥୀ ସ୍ୱାଇଁ ଜଣାଇଛନ୍ତି। ମୟୂରଭଞ୍ଜ ଜିଲାର ଇଚ୍ଛୁକ ଉଭୟ ମହିଳା ଓ ପୁରୁଷ ଖେଳାଳିମାନେ ଚଳିତ ମାସ ୨୨ ତାରିଖରେ ବାରିପଦା ଷ୍ଟାଡିୟମ ଅଫିସରେ ସକାଳ ୮ଟା ସୁଦ୍ଧା ଡିଜିଟାଲ ଜନ୍ମ ପ୍ରମାଣ ପତ୍ର ସହ ନିଜନିଜର ନାମ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ଚୟନ ପ୍ରକ୍ରିୟାରେ ବହୁ ସଂଖ୍ୟାରେ ଖେଳାଳି ଯୋଗଦେବା ପାଇଁ ରାଜ୍ୟ ଭଲିବଲ ଉପସଭାପତି ମନୋରଞ୍ଜନ ଜୀଉ କହିଛନ୍ତି।

# ଆରମ୍ଭ ହେଲା ମୟୂରଭଞ୍ଜ ପୁସ୍ତକମେଳା


ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥିମାନେ।

ବାରିପଦା, ୨୦।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୧୧ତମ ଜିଲାସ୍ତରୀୟ ପୁସ୍ତକ ମେଳା ବାରିପଦାସ୍ଥିତ ଛଉ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଛାୟତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜର ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା କୈଳାଶ ଚନ୍ଦ୍ର ମହାନ୍ତି, ମୟୂରଭଞ୍ଜ ପୁସ୍ତକ ମେଳାର ସଭାପତି ପଦ୍ମନାଭ ସାହୁ ଏବଂ ସମ୍ପାଦକ ମନୋଜ ଦଳବେହେରା ମଞ୍ଚାସୀନ ଥିଲେ। ପୁସ୍ତକ ସମସ୍ତ ବୟସର ବ୍ୟକ୍ତି ବିଶେଷଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହେବା ଉଚିତ। ସମସ୍ତେ ନିଜର ବ୍ୟସ୍ତ ବହୁଳ ଦିନଚର୍ଯ୍ୟା ମଧ୍ୟରୁ ସମୟ କାଢ଼ି ପ୍ରତିଦିନ କିଛି ନା କିଛି ପୁସ୍ତକ ପଢ଼ିବା ଆବଶ୍ୟକ ବୋଲି ଅତିରିକ୍ତ ଜିଲାପାଳ ମଲ୍ଲିକ କହିଥିଲେ। ସୂଚନାଯୋଗ୍ୟ, ଏହି ପୁସ୍ତକମେଳା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଦୁର୍ଗାପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ମୋରଡ଼ା, ୨୦।୧୨(ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଦୁର୍ଗାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତାକୁ ପ୍ରଥମ ଦିବସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାନଧର୍ମା ମାର୍ଣ୍ଡି ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଜୁନିୟର ଓ ସିନିୟର ବିଭାଗର ଦୌଡ଼କୁଦ, ଲମ୍ଫଡିଆଁ, ସଟ୍ ପୁଟ ଭଳି ମୋଟ ୧୮ଟି ଖେଳ ହୋଇଥିଲା। ଖେଳ ଶିକ୍ଷକ ହେମନ୍ତ କୁମାର ଜେନା ପ୍ରତିଯୋଗିତାଗୁଡ଼ିକୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ଧଳ, ନମ୍ରତା ପ୍ରିୟଦର୍ଶିନୀ, ଭାନୁପ୍ରିୟା ସିଂ,ରୀନା ମୁର୍ମୁ, ଦେବସ୍ମିତା ମହାନ୍ତ, ଶିକ୍ଷକ ପ୍ରଶାନ୍ତ ସି, ଘନଶ୍ୟାମ ସି, ବିଜୟ ପାତ୍ର, ଦୀପକ ମହାନ୍ତ, ଶ୍ୟାମସୁନ୍ଦର ସିଂ, ସୁଶାନ୍ତ ଜେନା ପ୍ରମୁଖ ଖେଳ ଆୟୋଜନରେ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟର ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ରିଷିଆ ଡାକବଙ୍ଗଳା

ନୀଳଗିରି, ୨୦।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରିଠାରୁ ୨୦ କି.ମି. ଦୂର କୁଲଡିହା ପାଦଦେଶରେ ଥିବା ଓଡ଼ିଶା ସରକାର କ୍ଷୁଦ୍ର ଜଳସେଚନ ବିଭାଗର ରିଷିଆ ଡାକବଙ୍ଗଳା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ରକ୍ଷଣାବେକ୍ଷଣ ଅଭାବରୁ ପାଲଟିଯାଇଛି ଭୂତକୋଠି। ଏବେ ଏହା ଆଉ କୌଣସି କାମରେ ଲାଗୁନାହିଁ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ୧୯୮୪–୮୫ ମସିହାରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ଡାକବଙ୍ଗଳା ନିର୍ମିତ ହୋଇଥିଲା। ଡାକବଙ୍ଗଳାର ଚତୁଃପାର୍ଶ୍ୱରେ ଆବଦ୍ଧ ପାଚେରି ରହିଥିବା ବେଳେ ରିଷିଆ ଡ୍ୟାମର ଜଳଭଣ୍ଡାର ଓ ଡାକବଙ୍ଗଳା ଦାୟିତ୍ୱରେ ବିଭାଗ ପକ୍ଷରୁ ସେଠାରେ ଜଣେ କର୍ମଚାରୀଙ୍କୁ ମଧ୍ୟ ରଖାଯାଇଥିଲା। କିନ୍ତୁ ଦୀର୍ଘ ବର୍ଷ ହେଲା ଏହି ବଙ୍ଗଳା ଅନୁପୋଯୋଗୀ ହୋଇପଡିଛି। ବଙ୍ଗଳାର ଚାରିପାଖରେ ଅନାବନା ଗଛଲତା ଭର୍ତ୍ତି ହୋଇଯାଇଛି। ଘରଗୁଡ଼ିକର କବାଟ, ଝରକା ସବୁ ଉଇ ଲାଗି ନଷ୍ଟ ହୋଇଯାଇଛି। ଡାକବଙ୍ଗଳା ଘର ଭିତର ଛାତରୁ ପ୍ଲାଷ୍ଟର ଖସୁଥିବାରୁ ବଙ୍ଗଳାଟି ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନିମାୟୀ ନାୟକଙ୍କୁ ପଚାରିବାରୁ ଏ ବାବଦରେ ୧୫ ଲକ୍ଷ ଟଙ୍କାର ଅଟକଳର ପୁନରୁଦ୍ଧାର ପାଇଁ ଚିଠି କରିଥିଲି। ହେଲେ ଏହା କାର୍ଯ୍ୟକାରୀ ହେଲା ନାହିଁ। ତେଣୁ ରାଜନେତା, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନେଇ ସାଧାରଣରେ ମତପ୍ରକାଶ ପାଇଛି।


ରିଷିଆ ଡାକବଙ୍ଗଳା।

# ଜିଲାପାଳଙ୍କୁ ଭେଟିଲେ ଦେଓ ବିସ୍ଥାପିତ

## ବକେୟା ଅର୍ଥରାଶି ନ ପାଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି

କରଞ୍ଜିଆ, ୨୦।୧୨( କବିତା ମହାନ୍ତ)

କରଞ୍ଜିଆ ହାତୀବାରିସ୍ଥିତ ଦେଓ ଜଳସେଚନ ପ୍ରକଳ୍ପ ଲାଗି ବିସ୍ଥାପିତ ପରିବାରଗୁଡ଼ିକ ବକେୟା ଅର୍ଥରାଶି ନ ପାଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। କ୍ଷତିପୂରଣ ରାଶି ପାଇ ନ ଥିବା ଏହି ପରିବାରର ଲୋକମାନେ ମାନବାଧିକାର କର୍ମୀ ଚନ୍ଦ୍ର କୁମାର ଶ୍ୟାମଳେନ୍ଦୁ ଦାସଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କ୍ଷତିପୂରଣ ରାଶି ଲାଗି କାର୍ଯ୍ୟାଳୟ ଗଲେ ପୂର୍ବତନ ଭାରପ୍ରାପ୍ତ ସ୍ୱତନ୍ତ୍ର ଭୁ ଅର୍ଜନ ଓ ଥଇଥାନ ଅଧିକାରୀ ନଗେନ୍ଦ୍ର ମାଝି, କନିଷ୍ଠ କିରାଣୀ ସଚିନ ପଟ୍ଟନାୟକ,ବିଭାଗୀୟ ଅଧିକାରୀ ସତ୍ୟାନନ୍ଦ ସେଠୀ ଏବଂ ଆରଆଇ ଉଦ୍ଦେଶ୍ୟମୂଳକ ଭାବରେ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବା ସହିତ ଏ ବାବଦରେ ପୂର୍ବତନ ଜିଲାପାଳଙ୍କଠାରେ ମଧ୍ୟ ଲିଖିତ ଅଭିଯୋଗ କରିଥିବା ଜଣାଇଛନ୍ତି। ୨୦୦୫ରୁ ୨୦୨୨ ପର୍ଯ୍ୟନ୍ତ ସେମାନେ କ୍ଷତିପୂରଣ ରାଶି ପାଇ ପାରୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜମି ଅଧିଗ୍ରହଣ ଉପରେ ଜ୍ଞାନ ଥିବା ବିଡିଓ, ତହସିଲଦାର, ଉପଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦେଲେ ବିସ୍ଥାପିତ ପରିବାର ନ୍ୟାୟ ପାଇବେ ବୋଲି ଗ୍ରାମବାସୀ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଅନେକ ବିସ୍ଥାପିତ ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଅନୁମୋଦନ ହୋଇଥିବା କ୍ଷତିପୂରଣ ରାଶି ଏବଂ ଘରବାରି ପଟ୍ଟା ପାଇ ପାରିନାହାନ୍ତି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ମୁନା ନାଏକ, ସୀମା ନାଏକ,ଚିତ୍ତରଞ୍ଜନ ନାଏକ,ଗଜେନ୍ଦ୍ର ପିଙ୍ଗୁଆ,ସନ୍ତୋଷ ମିଶ୍ର,ସୁଦାମ ନାୟକ, ନିହାରିକା ନାୟକଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

**ସୁରକ୍ଷା ବାଡ଼ରେ ଧକ୍କା ଦେଇ ବାଇକ ଚାଳକ ମୃତ**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଅଧୀନ ୨୨୦ ନମ୍ବର ଜାତୀୟ ରାଜପଥର ମଲ୍ଲିପସି ଦାରା ସିଂ ଛକ ନିକଟରେ ଶୁକ୍ରବାର ଏକ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଘଟଗାଁ ଥାନା ମେଲଣ ଗ୍ରାମର କୃଷ୍ଣ ଚନ୍ଦ୍ରଣ(୩୮)। ସେ ତାଙ୍କର ପୁଅ ପାଖକୁ ମଲ୍ଲିପସିସ୍ଥିତ ବିବେକାନନ୍ଦ ସ୍କୁଲକୁ ଦେଖା କରିବାକୁ ଆସୁଥିଲେ। ସେ ସମୟରେ ବାଇକ୍‌ଟି ଭାରସାମ୍ୟ ହରାଇ ସୁରକ୍ଷା ବାଡ଼କୁ ଧକ୍କା ଦେଇ ମୃତ ଘଟିଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ଗାଁରେ ସ୍ୱାସ୍ଥ୍ୟ ପରାମର୍ଶ, ସେବା ଯୋଗାଇବ

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'କିଶୋରୀ ଏକ୍ସପ୍ରେସ୍'ର ଶୁଭାରମ୍ଭ



କିଶୋରୀ ଏକ୍ସପ୍ରେସ୍‌କୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଯୋଡ଼ା,୨୦।୧୨(ମାନସ ମହାନ୍ତି): କେନ୍ଦୁଝର ଜିଲ୍ଲା ଯୋଡ଼ା ଓ ବଡ଼ବିଲ ଅଞ୍ଚଳରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'କିଶୋରୀ ଏକ୍ସପ୍ରେସ୍ ପ୍ରସ୍ପର୍ସ'ର ଶୁଭାରମ୍ଭ ହୋଇଛି। ଅତ୍ୟାଧୁନିକ ଭ୍ୟାନରେ ରକ୍ତ ପରୀକ୍ଷଣ, ଔଷଧ, ସାନିଟାରି ପ୍ୟାଡ୍ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସରଞ୍ଜାମ ଉପଲବ୍ଧ ରହିଛି। ଭ୍ୟାନ ଗାଁ ଗାଁ ବୁଲି ସଚେତନ କରିବା ସହ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଯୋଗାଇବ। ମୁଖ୍ୟ ଅତିଥିଭାବେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ, ସମ୍ମାନିତ ଅତିଥିଭାବେ କାଶିଆ ମାଇନ୍ସ ୟୁନିଟ ହେଡ୍ ପ୍ରମୋଦ ପାତ୍ର, ଭଦ୍ରାସାହି ସରପଞ୍ଚ ପ୍ରମିଳା ନାୟକ, ଏମଡିସି ହେଡ୍ ଏଚ୍.ଏନ୍ ସିଂହ ପ୍ରମୁଖ ପତାକା ଦେଖାଇ ଭ୍ୟାନର ଶୁଭାରମ୍ଭ କରିଥିଲେ। ଅଭିଯାନରେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ୧୯ଟି ପଞ୍ଚାୟତ ଅଧୀନ ୧୨୦ଟି ଗ୍ରାମର ପ୍ରାୟ ୯୦୦୦ କିଶୋରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଅଙ୍ଗନୱାଡ଼ି ଓ ସ୍କୁଲରେ 'କିଶୋରୀ ଏକ୍ସପ୍ରେସ ପ୍ରସ୍ପର୍ସ' କାର୍ଯ୍ୟକ୍ରମ ଆୟୋଜିତ ହେବ। ସ୍ୱାସ୍ଥ୍ୟ ସଙ୍ଗିନୀମାନେ ସହଯୋଗ କରିବେ। କିଶୋରୀଙ୍କ ହିମୋଗ୍ଲୋବିନ ପରୀକ୍ଷଣ କରାଯାଇ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଓ ସେବା ଯୋଗାଇଦିଆଯିବ। ପରିଛନ୍ନତା ପାଇଁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପ୍ରସ୍ତୁତ ସାନିଟାରି ନାପ୍‌କିନ 'ଶୁଭାଙ୍ଗୀ' ବିତରଣ କରାଯିବ। ଆନେମିଆ ରୋଗୀଙ୍କୁ ସହାୟତା କରାଯିବ। କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ, ଜେଏସ୍‌ପିଏଲର ଅଧିକାରୀ ଓ ଜିନ୍ଦଲ ଫାଉଣ୍ଡେସନର ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିନ୍ଦଲ ଫାଉଣ୍ଡେସନର 'କିଶୋରୀ ଏକ୍ସପ୍ରେସ ପ୍ରସ୍ପର୍ସ' ଦ୍ୱାରା ଅନୁଗୋଳରେ ୫୩୨ ଗ୍ରାମର କିଶୋରୀ ଆନେମିଆମୁକ୍ତ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉଦ୍‌ଯାପିତ



ହୀରକ ଜୟନ୍ତୀ ଉଦ୍‌ଯାପନୀ ଦିବସରେ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଚମ୍ପୁଆ,୨୦।୧୨(ମହେଶ୍ୱର ଦାସ): କେନ୍ଦୁଝର ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଚମ୍ପୁଆରେ ଥିବା ମହତାବ ଉଚ୍ଚ ବିଦ୍ୟାଳୟର ୭୫ତମ ଜୟନ୍ତୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ମିଶ୍ର, ଆଲୁମିନି ସଦସ୍ୟ ରାମଚରଣ ସାହୁ, ପ୍ରିୟନାଥ ପତି, ଜଳେଶ୍ୱର ପଦାର, ତରୁଣ ସାହୁ ଓ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ଲୋକନାଥ ଗୁଇଁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଡ. ଗୋଲକବିହାରୀ ଆଚାର୍ଯ୍ୟ ଯୋଗଦେଇ ପୁରାତନ ଛାତ୍ର ତଥା ଆଲୁମିନି ହୀରକ ଜୟନ୍ତୀକୁ ସଫଳତାର ଶେଷ କରିଥିବାରୁ ସାଧୁବାଦ ଦେଇଥିଲେ। ଆଲୁମିନିର ପୁରାତନ ଛାତ୍ର ସଭାପତି ଗଙ୍ଗାଧର କର ଓ ସମ୍ପାଦକ ସୁଶାନ୍ତ ମହାନ୍ତ ପରିଚାଳନା କରିଥିବା ବେଳେ ଆଲୁମିନି ଛାତ୍ର ସମେତ ବର୍ତ୍ତମାନର ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇ ହୀରକ ଜୟନ୍ତୀକୁ ସଫଳ କରିଥିଲେ। ଏହି ପରିପ୍ରେକ୍ଷୀରେ ୧୯୮୯ ବ୍ୟାଚ୍‌ର ୩ ଛାତ୍ରଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ରାସ୍ତା ନିର୍ମାଣ ପାଇଁ ପଲ୍ଲିସଭା

ଛେଳାପଦି, ୨୦।୧୨(ନିରାକାର ପରିଡ଼ା): କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ୍ କାମିତିରା ଗ୍ରାମ ମଧୁରଗଡ଼ିଆଠାରୁ କୁସକଳା ରାସ୍ତା ନିର୍ମାଣ ନେଇ ଶୁକ୍ରବାର ପଲ୍ଲିସଭା ଅନୁଷ୍ଠିତ ହୋଇଯାଇଛି। ଏଁଆ ସରପଞ୍ଚ ମମତା ବେହେରାଙ୍କ ସଭାପତିତ୍ୱରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସରକାରୀ ଯନ୍ତ୍ରୀ କରୁଣାକର ନନ୍ଦ, କନିଷ୍ଠଯନ୍ତ୍ରୀ ଚାନ୍ଦିରୋଦ ବେହେରା, ନନ୍ଦିପଦା ଆଇଆଇସି ରବୀନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ମଧୁରଗ କୁସକଳାକୁ ରାସ୍ତା ନିର୍ମାଣ ପାଇଁ ଲୋକଙ୍କ ମତାମତ ନେଇଥିଲେ। ଶେଷରେ ଗ୍ରାମ୍ୟ ଜଙ୍ଗଲ କିସମ ପରିବର୍ତ୍ତନ କରାଯାଇ ସଂରକ୍ଷଣ ମୁକ୍ତ କରିବାକୁ ବନ ବିଭାଗକୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ଏହି ପଲ୍ଲିସଭାରେ ଉଭୟ ଗ୍ରାମର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ରାସ୍ତା ନିର୍ମାଣ ନେଇ କାମିତିରା ଓ ମଧୁରଗଡ଼ିଆ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଏପରିକି ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ଯାଇଛି। ଅଦାଲତ ବିବାଦର ସମାଧାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ତହସିଲ ପକ୍ଷରୁ ସମସ୍ତ ମାପଚୁପ ହୋଇଥିବା ବେଳେ ରାସ୍ତା ନିର୍ମାଣ ହେବାକୁ ଥିବା ଜମିରେ କୌଣସି ଗଛ ନ ଥିବାରୁ ରାସ୍ତା ନିର୍ମାଣ ହେଲେ କିଛି ଜଙ୍ଗଲ ନଷ୍ଟ ହେବାର ନାହିଁ ବୋଲି ଗ୍ରାମବାସୀ ମତ ଦେଇଥିଲେ। ରାସ୍ତା ନିର୍ମାଣ ହେଲେ ଅଞ୍ଚଳର ୮ ଗ୍ରାମର ଲୋକମାନେ ଉପକୃତ ହେବେ।

# ଖୁସିର ମୁହୂର୍ତ୍ତରେ ଚାଲିଗଲା ଜୀବନ

କେନ୍ଦୁଝର,୨୦।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ): ସାଙ୍ଗମାନଙ୍କ ସହ ବଣଭୋଜି କରିବାକୁ ଯାଇଥିଲେ। ଭୋଜିଭାତ କରି ସାଙ୍ଗଙ୍କ ସହ ଖୁସି ମନାଉଥିଲେ। ମାତ୍ର ଖୁସିର ମୁହୂର୍ତ୍ତ ଅଳ୍ପ ସମୟରେ ମିଳାଇଯାଇଥିଲା। ଏଭଳି ଦୁଃଖଦ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା କାନ୍‌ଝରି ଡ୍ୟାମ ନିକଟରେ। ଟାଉନ ଥାନା ମାଧବପୁରର ମନୋରଞ୍ଜନ ମହାକୁଡ଼ (୩୮) ୧୮ ଜଣ ସାଙ୍ଗ ସହ ବଣଭୋଜି କରିବାକୁ ସଦର ଥାନା ଗୋବିନ୍ଦପୁର ଗ୍ରାମ ନିକଟ କାନଝରି ଡ୍ୟାମକୁ ଯାଇଥିଲେ। ସାଙ୍ଗଙ୍କ ସହ ମଜା କରୁଥିବା ସମୟରେ ମନୋରଞ୍ଜନ ଅସୁସ୍ଥ ହୋଇ ପଡ଼ିଥିଲେ। ସାଙ୍ଗମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର ଠିକ୍ କାରଣ ଜଣା ପଡ଼ି ନ ଥିଲେ ହେଁ ହୃଦ୍‌ଘାତ ଯୋଗୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଜୟଦୁର୍ଗା ଫାଉଣ୍ଡେସନ ଅଧକ୍ଷ ସମ୍ବର୍ଦ୍ଧିତ

ବଉଳା,୨୦।୧୨(ଦୁର୍ଗାପ୍ରସାଦ ଆୟତ): କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ୍ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜୟଦୁର୍ଗା ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ସୁରେଶ୍ୱରୀ ସାଗରିକା ଜେନାଙ୍କୁ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ପିପିଲ ୟୁଥ୍ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୌସ, ଡ. ସୁଜାତା କର ଅତିଥିଭାବେ ଯୋଗଦେଇ ଫାଉଣ୍ଡେସନର ଅଧକ୍ଷାଙ୍କ ସମେତ ଉପ ସଭାପତି ଅବିନାଶ ତ୍ରିପାଠୀ, ଅନୁପ୍ରଜ୍ଞା ସାହୁ, ସନ୍ତୋଷ ଖୁଣ୍ଟିଆ, ସୁଶାନ୍ତ ସାମଲ ଓ ଦେବାଶିଷ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# 'ଶୃଙ୍ଖଳା, ଏକାଗ୍ରତା ସଫଳତାର ଶୀର୍ଷରେ ପହଞ୍ଚାଏ'

## ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ଭୋଗରାଇ, ୨୦।୧୨(ପ୍ରତାପ ଦାସ): ବିଦ୍ୟାର୍ଥୀମାନେ ଶୃଙ୍ଖଳା, ସଂଯମ, ଚରିତ୍ର ଗଠନ, ଗୁରୁଭକ୍ତି, ଏକାଗ୍ରତା ରହିଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ଶୁକ୍ରବାର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଧୀନ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିଜୟ କୁମାର ଏକାଡେମୀ, ସୋହରିଆ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ସମାରୋହକୁ ବିଦ୍ୟାଳୟର ପୂର୍ବତନ ସମ୍ପାଦିକା ବାସନ୍ତୀ ମାହାନ୍ତି ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ବିଜୟ କୁମାର ମାହାନ୍ତିଙ୍କ ପ୍ରତିମୂର୍ତ୍ତିକୁ ଅତିଥିମାନେ ଉନ୍ମୋଚନ କଲା ପରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ଦଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପଶ୍ଚିମବଙ୍ଗ ଅବସରପ୍ରାପ୍ତ ଶିକ୍ଷା ସଚିବ ନରେନ୍ଦ୍ର ନାଥ ଦାସ, ଏପିଲେ ଭାବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ତଥା ବିଶିଷ୍ଟ ଲେଖିକା ତରଙ୍ଗିଣୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସିଆରପିସି ବେଙ୍ଗୁଧର ଜେନା, ସାମାଜିକ କର୍ମୀ ସୁଚିତ୍ରା ମାହାନା ପ୍ରମୁଖ ବିଜୟ କୁମାର ଏକାଡେମୀ ୫୦ବର୍ଷର ଘାତ ପ୍ରତିଘାତ ଇତିହାସକୁ ରୋମନ୍ଥନ କରୁଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ସଭାପତି ରାମଚନ୍ଦ୍ର ଦାସ, ଭଗିରଥ ପାତ୍ର, ସମ୍ପାଦିକା ବାସନ୍ତୀ ମାହାନା, ଅଶୋକ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକାନ୍ତ ସେଠୀ ଧନ୍ୟବାଦ ଦେଇଥିଲେ। ସାନ୍ଧ୍ୟ ଅଧିବେଶନରେ ଜୟନ୍ତୀ କମିଟିର ଉପଦେଷ୍ଟା ସରପଞ୍ଚ ଜଗନ୍ନାଥ ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ମୁଖ୍ୟବକ୍ତା ଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, ପୂର୍ବତନ ଜିଲାପରିଷଦ ସଦସ୍ୟ ହେମନ୍ତ ବେହେରା, ସମିତି ସଦସ୍ୟା ସବିତା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଚିନ୍ତନ କଲେ ହିଁ ଉନ୍ନତି ମିଳିଥାଏ

ଔପଦା, ୨୦।୧୨(ଧରିତ୍ରୀ ପ୍ରତି)-ଔପଦା ବ୍ଲକ ଏପିଜେ ଅବଦୁଲ କଲାମ ଇଂଲିଶ ମିଡିଅମ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରତିଷ୍ଠାତା, ସଭାପତି ରବୀନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ବିଶ୍ୱଜିତ୍ ପାତ୍ର ଯୋଗ ଦେଇଥିଲେ। ଏହିଭଳି ପ୍ରକାଶ ରାଜକିଶୋର ଦାସ ଏ ବିଦ୍ୟାଳୟର ଉନ୍ନତି କିପରି ହୋଇପାରିବ, ପିଲାମାନେ କିପରି ଆଗାମୀ ଭବିଷ୍ୟତ ହୋଇ ବାହାରିବେ ସେଥିପ୍ରତି ଧ୍ୟାନ ଦେବା ଉଚିତ ବୋଲି କହିଥିଲେ। ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ବେହେରା ଯୋଗଦେଇ ଚିନ୍ତନ କଲେ ହିଁ ଉନ୍ନତି ମିଳିଥାଏ ବୋଲି ଅବଦୁଲ କାଲାମ କହିଥିବା ଜଣାଇଥିଲେ। ଆଇନଜୀବୀ ଅନନ୍ତ ପ୍ରସାଦ ପଣ୍ଡା, ଅବସର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ସମାଜସେବୀ ଅଶୋକ କୁମାର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

No. RR-

ଓଡ଼ିଶା ସରକାର

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବର ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ନିୟୋଜନ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ (https://culture.odisha.gov.in/) ର OLLC/12751 ରେ ଇ-ବିଜ୍ଞାପନ ପ୍ରକାଶନ କରାଯାଇଅଛି ।

ଇଚ୍ଛୁକ ଥିବା ସଂସ୍ଥାମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ ପରିଦର୍ଶନ କରି ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ୭ ଦିନ ମଧ୍ୟରେ ଆବେଦନ କରିବେ ।

OIPR-03029/11/0033/2425

No. RR-

ଓଡ଼ିଶା ସରକାର

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବର ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ନିୟୋଜନ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ (https://culture.odisha.gov.in/) ର OLLC/12750 ରେ ଇ-ବିଜ୍ଞାପନ ପ୍ରକାଶନ କରାଯାଇଅଛି ।

ଇଚ୍ଛୁକ ଥିବା ସଂସ୍ଥାମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ ପରିଦର୍ଶନ କରି ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ୭ ଦିନ ମଧ୍ୟରେ ଆବେଦନ କରିବେ ।

OIPR-03029/11/0033/2425

No. RR-

ଓଡ଼ିଶା ସରକାର

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**

ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜରାଣୀ ସଙ୍ଗୀତ ମହୋତ୍ସବର ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ନିୟୋଜନ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ (https://culture.odisha.gov.in/) ର OLLC/12749 ରେ ଇ-ବିଜ୍ଞାପନ ପ୍ରକାଶନ କରାଯାଇଅଛି ।

ଇଚ୍ଛୁକ ଥିବା ସଂସ୍ଥାମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ ପରିଦର୍ଶନ କରି ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ୭ ଦିନ ମଧ୍ୟରେ ଆବେଦନ କରିବେ ।

OIPR-03029/11/0033/2425

ୟୁନିଅନ ବ୍ୟାଙ୍କ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**

ଗାୟତ୍ରୀ ସେଣ୍ଟାର ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୨୨

**ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)**

[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)]

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ / ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୭୫୫୧୧/ ୧) ଶ୍ରୀ ଦୁର୍ଗା ମାଧବ ପଣ୍ଡା, ୨) ଦୁର୍ଗା ମାଧବ ପଣ୍ଡା [illegible] | ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି [illegible] | ୦୮.୦୪.୨୦୨୧ / ୧୮.୧୧.୨୦୨୧ / ୧୨.୧୨.୨୦୨୪ |
| କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୭୫୫୧୧/ ୧) ଶ୍ରୀ ଅରୁଣ ଗୌଡ଼, ୨) ଶ୍ରୀ କାଶୀ ଗୌଡ଼, ୩) ଶ୍ରୀ ସାମାଞ୍ଜ ଗୌଡ଼ [illegible] | ଶ୍ରୀ ଅରୁଣ ଗୌଡ଼, ଶ୍ରୀ କାଶୀ ଗୌଡ଼ ଏବଂ ଶ୍ରୀ ସାମାଞ୍ଜ ଗୌଡ଼ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି [illegible] | ୦୭.୧୧.୨୦୧୭ / ୨୫.୦୪.୨୦୧୮ / ୧୨.୧୨.୨୦୨୪ |
| କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୭୫୫୧୧/ ୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ୨) ବିଜୟ ଲୋଚନ ବେହେରା, ୩) ଶତ୍ରୁଘ୍ନ ବେହେରା [illegible] | ଶ୍ରୀ ଶତ୍ରୁଘ୍ନ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମି [illegible] | ୦୯.୦୫.୨୦୨୧ / ୦୨.୧୧.୨୦୨୧ / ୧୨.୧୨.୨୦୨୪ |
| କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୭୫୫୧୧/ ୧) ମେସର୍ସ ନବଜ୍ୟୋତି ପରିଧାନ, ୨) ସରୋଜିନୀ ପଣ୍ଡିତ [illegible] | ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି [illegible] | ୩୧.୦୮.୨୦୧୯ / ୧୬.୦୧.୨୦୨୦ / ୧୨.୧୨.୨୦୨୪ |
| ଭାଲିନିପୁର ଶାଖା, ଫୋନ୍: ୭୮୯୪୧୧୧୯୯୦/ ୧) ବି ଚନ୍ଦ୍ରମା, ୨) ବି ଲକ୍ଷ୍ମୀ ଆମ୍ମା, ୩) ରବି ନାରାୟଣ ସାହୁ [illegible] | ବି ଲକ୍ଷ୍ମୀ ଆମ୍ମାଙ୍କ ନାମରେ ଥିବା ଅଭିନବ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି [illegible] | ୦୭.୦୪.୨୦୨୦ / ୨୯.୦୭.୨୦୨୧ / ୧୨.୧୨.୨୦୨୪ |
| ବେଲଗୁଣ୍ଠା ଶାଖା, ଫୋନ୍: ୯୦୬୯୩୩୧୪୬୮୯/ ୧) କୈଳାସ ଚନ୍ଦ୍ର ଶତପଥୀ, ୨) ବାସନ୍ତୀ ଶତପଥୀ, ୩) ଲକ୍ଷ୍ମୀକାନ୍ତ ଶତପଥୀ [illegible] | ବାସନ୍ତୀ ଶତପଥୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ [illegible] | ୦୦.୦୪.୨୦୨୧ / ୧୪.୧୧.୨୦୨୧ / ୧୨.୧୨.୨୦୨୪ |
| ବେଲଗୁଣ୍ଠା ଶାଖା, ଫୋନ୍: ୯୦୬୯୩୩୧୪୬୮୯/ ୧) ପ୍ରମୋଦ କୁମାର ଆରୁଖ, ୨) କଙ୍କ ଚରଣ ଆରୁଖ, ୩) ସୁମନ୍ତ ବିଦୁତ୍ [illegible] | ପ୍ରମୋଦ କୁମାର ଆରୁଖଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ [illegible] | ୦୯.୦୯.୨୦୨୦ / ୧୯.୧୧.୨୦୨୧ / ୧୨.୧୨.୨୦୨୪ |
| ବେଲଗୁଣ୍ଠା ଶାଖା, ଫୋନ୍: ୯୦୬୯୩୩୧୪୬୮୯/ ୧) ରବିନ୍ଦ୍ରନାଥ ସେଠୀ, ୨) ମନୋରମା ସେଠୀ, ୩) ମନୋରମା ସେଠୀ [illegible] | ରବିନ୍ଦ୍ରନାଥ ସେଠୀଙ୍କ ନାମରେ ଥିବା ଅଭିନବ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି [illegible] | ୩୦.୦୪.୨୦୧୮ / ୨୦.୦୯.୨୦୧୮ / ୧୨.୧୨.୨୦୨୪ |
| ଦିଗପହଣ୍ଡି ଶାଖା, ଫୋନ୍: ୭୮୨୮୮୫୬୫୬୦/ ୧) ମେସର୍ସ ଅଳକ୍ଷ୍ୟ ଫୁଡ୍ ଇଣ୍ଡଷ୍ଟ୍ରି, ୨) ଶ୍ରୀ ଝିଙ୍ଗନ ସୁରେନ୍ଦ୍ର ରେଡ୍ଡି [illegible] | ଶ୍ରୀ ଝିଙ୍ଗନ ସୁରେନ୍ଦ୍ର ରେଡ୍ଡିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ [illegible] | ୧୧.୧୦.୨୦୨୨ / ୧୫.୦୪.୨୦୨୩ / ୧୨.୧୨.୨୦୨୪ |
| ଗୋସାଣିନୂଆଗାଁ ଶାଖା, ଫୋନ୍: ୮୭୮୮୭୨୧୧୦୦୭/ ୧) ମୁକ୍ତା ଦାସ, ୨) ଚନ୍ଦ୍ରକଳା ରାଉତ, ୩) କେଦାର ରାଉତ [illegible] | ମୁକ୍ତା ଦାସଙ୍କ ନାମରେ ଥିବା ଅଭିନବ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ [illegible] | ୨୮.୦୭.୨୦୨୨ / ୧୧.୧୦.୨୦୨୨ / ୧୨.୧୨.୨୦୨୪ |
| କୁକୁଡ଼ାଖଣ୍ଡି ଶାଖା, ଫୋନ୍: ୭୭୦୬୦୬୫୪୩୩/ ୧) ରବିନ୍ଦ୍ର ନାୟକ, ୨) ବିଜୟ ନାୟକ [illegible] | ୨) ରବିନ୍ଦ୍ର ନାୟକ, ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି [illegible] | ୩୦.୦୫.୨୦୨୨ / ୨୦.୦୯.୨୦୨୨ / ୧୨.୧୨.୨୦୨୪ |
| ନାଳକୋଣ୍ଡନଗର ଶାଖା, ଫୋନ୍: ୭୮୯୪୫୨୯୨୭୨/ ୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ୨) ଶ୍ରୀ ସୁଦର୍ଶନ ମହାନ୍ତି [illegible] | ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ସ୍ତରର [illegible] | ୦୨.୦୫.୨୦୨୦ / ୧୭.୧୧.୨୦୨୨ / ୧୨.୧୨.୨୦୨୪ |
| ରମ୍ଭା ଶାଖା, ଫୋନ୍: ୮୭୭୦୪୧୩୦୦୫/ ୧) ରଞ୍ଜନ କୁମାର ନାହାକ, ୨) ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା), ୩) ବିକ୍ରମ କୁମାର ନାହାକ [illegible] | ଗୁରୁବାରୀ ନାହାକ, ସ୍ୱାମୀ: ରାମ ଚନ୍ଦ୍ର ନାହାକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ [illegible] | ୩୦.୦୪.୨୦୨୨ / ୦୫.୦୯.୨୦୨୨ / ୧୨.୧୨.୨୦୨୪ |
| ଏସ୍‌ଏମ୍‌ଇସି ଦଣ୍ଡିପଦର ଶାଖା, ଫୋନ୍: ୭୭୫୦୦୩୬୬୬୮/ ୧(କ) ଶ୍ରୀ ସଞ୍ଜୟ ରାଉଳ, (ଋଣଗ୍ରହୀତା), ୧(ଖ) ଶ୍ରୀ ଧୋବା ରାଉଳ, ୨(କ) ଶ୍ରୀ ଧୋବା ରାଉଳ (ବନ୍ଧକଦାତା) [illegible] | ଶ୍ରୀ ଧୋବା ରାଉଳଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ [illegible] | ୩୦.୦୪.୨୦୨୨ / ୧୪.୧୨.୨୦୨୨ / ୧୨.୧୨.୨୦୨୪ |

ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ।

[illegible]

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୦.୧୨.୨୦୨୪

ବିଦାୟୀ ବର୍ଷରେ ଭାରତର ନ୍ୟାୟପାଳିକା ଅନେକ ଐତିହାସିକ ରାୟ ପ୍ରଦାନ ପୂର୍ବକ ନାଗରିକଙ୍କ ନ୍ୟାୟ, ସମାନତା, ମୌଳିକ ଅଧିକାରର ସୁରକ୍ଷାକୁ ସୁନିଶ୍ଚିତ କରିଛନ୍ତି। ସୁପ୍ରିମକୋର୍ଟ ସରକାରୀ ହସ୍ତକ୍ଷେପରୁ ଦେଶବାସୀଙ୍କୁ ରକ୍ଷା କରିବା ସହ ଭାରତୀୟ ସମ୍ବିଧାନର ମୂଲ୍ୟବୋଧର ଅଖଣ୍ଡତାକୁ ସଂରକ୍ଷିତ ରଖିବା ଦିଗରେ ଏହାର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି। ୨୦୨୪ରେ ସର୍ବୋଚ୍ଚ ଅଦାଲତ କେତେକ ମୁଖ୍ୟ ସାମ୍ବିଧାନିକ ସିଦ୍ଧାନ୍ତକୁ ପୁନଃ ପୁଷ୍ଟି କରିବା ସହ ଏଥିରେ ରହିଥିବା ଅଧିକାରଗୁଡ଼ିକର ଦୃଢ଼ତା ଏବଂ ଅନୁଲଂଘନୀୟତାକୁ ପ୍ରତିପାଦିତ କରାଇଛନ୍ତି। ବର୍ତ୍ତମାନ ସମୟରେ ଆକ୍ରମଣାତ୍ମକ କାର୍ଯ୍ୟନିର୍ବାହୀ ବ୍ୟକ୍ତିଗତ ତଥା ସାମୂହିକ ଅଧିକାର ଓ ସ୍ୱାଧୀନତାକୁ ଅତିକ୍ରମଣ କରୁଥିବାବେଳେ ସୁପ୍ରିମକୋର୍ଟ ବିଭିନ୍ନ ମାମଲାରେ ସମ୍ବିଧାନର ମୌଳିକ ଚିନ୍ତାଧାରାକୁ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ଏହା ଦ୍ୱାରା ଭାରତୀୟ ସମାଜ ପାଇଁ ସୁଦୂରପ୍ରସାରୀ ନିହିତାର୍ଥ ରହିଥିବା ଅନେକ ଜଟିଳ ତଥା ସମସାମୟିକ ପ୍ରସଙ୍ଗର ସମାଧାନ ହୋଇପାରିଛି। ଧର୍ମୀୟ ସ୍ୱାଧୀନତା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ ଆଦି ମାମଲାରେ ଅଦାଲତ ଧର୍ମୀୟ ସ୍ୱାୟତ୍ତତା ଏବଂ ସମସ୍ତ ନାଗରିକଙ୍କ ପାଇଁ ଗୁଣବତ୍ତା ଓ ସମାବେଶୀ ଶିକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ରାଷ୍ଟ୍ରର ଆନୁଗତ୍ୟ ମଧ୍ୟରେ ସନ୍ତୁଳନ ରକ୍ଷା କରିଛନ୍ତି। ରାଜ୍ୟ ପ୍ରଶାସନ ବୁଲ୍‌ଡୋଜର ଜଷ୍ଟିସ୍ ନାମରେ ନ୍ୟାୟପାଳିକା କ୍ଷମତା ହାତକୁ ନେଉଥିବାରୁ ସର୍ବୋଚ୍ଚ ଅଦାଲତ ଏହାକୁ ଅସାମ୍ବିଧାନିକ ଦର୍ଶାଇ ନ୍ୟାୟବହିର୍ଭୂତ କାର୍ଯ୍ୟରେ ରୋକ ଲଗାଇଛନ୍ତି।

# ବୁଲ୍‌ଡୋଜର ଅଟକାଇଲେ ସୁପ୍ରିମକୋର୍ଟ




ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଅସାମ୍ବିଧାନିକ। କୌଣସି ବ୍ୟକ୍ତିଙ୍କ ବିରୋଧରେ ଆଗତ ଅଭିଯୋଗ ଆଧାରରେ ତାଙ୍କ ଘର ଭଙ୍ଗାଯାଇପାରିବ ନାହିଁ। ଜଣେ ବ୍ୟକ୍ତି କିଛି ଭୁଲ୍ କରିଥିଲେ ତାଙ୍କ ପାଇଁ ପୂରା ପରିବାରକୁ ଦଣ୍ଡିତ କରାଯାଇପାରିବ ନାହିଁ। ଅଭିଯୋଗ ଉପରେ କାର୍ଯ୍ୟପାଳିକା କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ, ଏହା ନ୍ୟାୟପାଳିକାର କର୍ତ୍ତବ୍ୟ। ସୁପ୍ରିମକୋର୍ଟ ନଭେମ୍ବର ୧୩ରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇବା ସହ ଏହି ଐତିହାସିକ ରାୟ ଶୁଣାଇଥିଲେ। କ୍ଷମତାର ଦୁରୁପଯୋଗକୁ ବରଦାସ୍ତ କରାଯିବ ନାହିଁ। ମନଇଚ୍ଛା ବୁଲ୍‌ଡୋଜର ଲଗାଇ ଘର ଭାଙ୍ଗିଥିଲେ ସମ୍ପୃକ୍ତ ଅଧିକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଥିଲେ।

ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଆପରାଧିକ ମାମଲାର ଅଭିଯୁକ୍ତମାନଙ୍କ ଘର ବୁଲ୍‌ଡୋଜର ଲଗାଇ ଭାଙ୍ଗି ଦିଆଯାଉଥିବାରୁ ଏହା ବିରୋଧରେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଥିଲା। ଜଷ୍ଟିସ୍ ବି. ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ୯୫ ପୃଷ୍ଠା ସମ୍ବଳିତ ରାୟ ଦେଇଥିଲେ। ଜଣେ ନାଗରିକ କୌଣସି ଆପରାଧିକ ମାମଲାରେ ଅଭିଯୁକ୍ତ, ଏପରି କି ଦୋଷୀ ହୋଇଥିଲେ ମଧ୍ୟ ତାଙ୍କ ଘର ଭାଙ୍ଗିବା ସମ୍ପୂର୍ଣ୍ଣ ରୂପେ ଅସାମ୍ବିଧାନିକ। ଯଦି କାର୍ଯ୍ୟପାଳିକା ଏକତରଫା ଭାବେ ଜଣେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ତାଙ୍କ ଘରେ ବୁଲ୍‌ଡୋଜର ଲଗାଏ, ତେବେ ତାହା ଆଇନ ଶାସନର ସିଦ୍ଧାନ୍ତ ପରିପନ୍ଥୀ। ତେଣୁ କାରଣ ଦର୍ଶାଅ ନୋଟିସ ନ ଦେଇ କୌଣସି ପ୍ରକାର ଉଚ୍ଛେଦ କାର୍ଯ୍ୟ କରାଯାଇପାରିବ ନାହିଁ। ସ୍ଥାନୀୟ ପୌରପାଳିକା ଆଇନ ଅନୁସାରେ ଯଦି ଉଚ୍ଛେଦ କରାଯାଏ, ତେବେ ଧାର୍ଯ୍ୟ ଦିବସର ୧୫ ଦିନ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଜାରି କରାଯିବ। କାର୍ଯ୍ୟପାଳିକା ଏଭଳି ଦାୟିତ୍ୱ ତୁଲାଇବାବେଳେ ନ୍ୟାୟପାଳିକାର ସ୍ଥାନ ନେଇପାରିବ ନାହିଁ। ଯଦି କାର୍ଯ୍ୟପାଳିକା ବିଚାରପତିଙ୍କ ଭୂମିକା ନେଇ ନାଗରିକଙ୍କ ଘର ଭାଙ୍ଗିବା ଭଳି କାର୍ଯ୍ୟାନୁଷ୍ଠାନ ନିଏ ତାହା କ୍ଷମତା ବିକେନ୍ଦ୍ରୀକରଣ ସିଦ୍ଧାନ୍ତ ବିରୋଧୀ ବୋଲି ଖଣ୍ଡପୀଠ କହିଥିଲେ।

## ନାଗରିକତ୍ୱ ଆଇନ ଧାରା ୬ଏ'ର ବୈଧତା କାଏମ




ଆସାମକୁ ୧୯୬୬ ଜାନୁଆରୀ ୧ରୁ ୧୯୭୧ ମାର୍ଚ୍ଚ ୨୫ ମଧ୍ୟରେ ଆସିଥିବା ବାହାର ଦେଶର ଲୋକଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ନାଗରିକତ୍ୱ ଆଇନର ଧାରା ୬ଏ'ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ଅକ୍ଟୋବର ୧୭ରେ କାଏମ ରଖିଥିଲେ। ଆସାମ ବୁଝାମଣା ବେଆଇନ ଭାବେ ଆସି ରହିଯାଇଥିବା ଲୋକଙ୍କ ସମସ୍ୟାର ରାଜନୈତିକ ସମାଧାନ ଥିଲା ବୋଲି ସାମ୍ବିଧାନିକ ପୀଠ କହିଥିଲେ। ଆସାମ ବୁଝାମଣା ଅଧୀନରେ ଆସୁଥିବା ଲୋକଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ସିଟିଜେନ୍‌ଶିପ୍ ଆକ୍ଟରେ ଧାରା ୬ଏ'ସାମିଲ ହୋଇଥିଲା। ସାମ୍ବିଧାନିକ ପୀଠର ବିଚାରପତିମାନେ ନାଗରିକତ୍ୱ ଆଇନର ଧାରା ୬ଏର ବୈଧତାକୁ ସମର୍ଥନ କରିଥିଲେ।

## ଜେଲକୁ ଫେରିଲେ ବିଲ୍‌କିସ୍‌ଙ୍କ ବଳାତ୍କାରୀ



୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ୧୧ ଅପରାଧୀଙ୍କୁ ଜେଲ୍‌କୁ ଫେରିବାକୁ ହେବ ବୋଲି ସୁପ୍ରିମକୋର୍ଟ ଜାନୁଆରୀ ୮ରେ ରାୟ ଦେଇଥିଲେ। ଜେଲରେ ଉତ୍ତମ ଆଚରଣ ପ୍ରଦର୍ଶନ କରିଥିବା ଦର୍ଶାଇ ଗୁଜରାଟ ସରକାର ଅପରାଧୀମାନଙ୍କୁ ଦଣ୍ଡ ଅବଧି ଶେଷ ହେବା ପୂର୍ବରୁ ମୁକ୍ତ କରିଦେଇଥିଲେ। ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ଅଦାଲତ ଖାରଜ କରିଦେବା ସହ ଅପରାଧୀମାନେ ୨ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ୨୦୨୨ରେ ଅପରାଧୀମାନଙ୍କୁ ମୁକ୍ତ କରିବା କ୍ଷମତା ଗୁଜରାଟ ସରକାରଙ୍କର ନ ଥିଲା ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଓ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ରାୟରେ କହିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଅପରାଧୀମାନେ ପୁନର୍ବାର ଜେଲକୁ ଫେରିଥିଲେ।

## ଇଲେକ୍ଟୋରାଲ ବଣ୍ଡ୍ ରଦ୍ଦ ହେଲା

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ଲାଗି ପ୍ରଚଳିତ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ସୁପ୍ରିମକୋର୍ଟ ଫେବୃଆରୀ ୧୫ରେ ରଦ୍ଦ କରିଦେଇଥିଲେ। ଲୋକ ସଭା ନିର୍ବାଚନ ପୂର୍ବରୁ ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ରାୟ ସରକାରଙ୍କ ପାଇଁ ବଡ଼ ଝଟ୍‌କା ହୋଇଥିଲା। ଚାନ୍ଦା ସଂଗ୍ରହରେ ଇଲେକ୍ଟୋରାଲ ବଣ୍ଡ୍‌ର ପ୍ରଚଳନ ଅସାମ୍ବିଧାନିକ ବୋଲି ଅଦାଲତ କହିବା ସହ ଏହା ମାଧ୍ୟମରେ ଚାନ୍ଦା ଦେଇଥିବା ବ୍ୟକ୍ତି ଓ ଗ୍ରହଣ କରିଥିବା ଦଳଙ୍କ ନାଁ ଓ ଚାନ୍ଦା ପରିମାଣ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ର ଏହି ଯୋଜନା ମତବ୍ୟକ୍ତ କରିବାର ସ୍ୱାଧୀନ ଅଧିକାର ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ କରୁଛି ବୋଲି




ସାମ୍ବିଧାନିକ ପୀଠ କହିଥିଲେ। ରାଜନୈତିକ ଏସ୍‌ବିଆଇକୁ ମାର୍ଚ୍ଚ ୬ ସୁଦ୍ଧା ସବିଶେଷ ବିବରଣୀ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

## ଶିଶୁଙ୍କ ଉପରେ ଅଶ୍ଳୀଳ ଚିତ୍ର ଦେଖିବା ପୋକ୍‌ସୋ ଆଇନରେ ଅପରାଧ

ଛୋଟ ପିଲାମାନଙ୍କ ଉପରେ ନିର୍ମିତ ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା ଓ ସେଗୁଡ଼ିକୁ ପାଖରେ ରଖିବା ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍‌ସୋ) ଆଇନରେ ଅପରାଧ ବୋଲି ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୨ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ମାଡ୍ରାସ୍ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଥିଲେ। ଇଲେକ୍ଟ୍ରୋନିକ୍ ଉପକରଣରେ ଶିଶୁ ପର୍ଣ୍ଣୋଗ୍ରାଫିକୁ ଡାଉନ୍‌ଲୋଡ୍ କରିବା କିମ୍ବା ଦେଖିବା ପୋକ୍ସୋ ଏବଂ ସୂଚନା ପ୍ରଯୁକ୍ତି ଆଇନରେ ଅପରାଧ ନୁହେଁ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟ ରାୟ ପ୍ରଦାନରେ ତ୍ରୁଟି କରିଥିବାରୁ ଏହାକୁ ଖାରଜ କରାଗଲା ବୋଲି ଖଣ୍ଡପୀଠ ଉଲ୍ଲେଖ କରିଥିଲେ।

## ୟୁପି ମଦ୍ରାସା ଆଇନର ସାମ୍ବିଧାନିକ ବୈଧତା କାଏମ

ମୁସଲମାନ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆଇନ, ୨୦୦୪ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ନଭେମ୍ବର ୫ରେ କାଏମ୍ ରଖିଥିଲେ। ଆଲ୍ଲାହାବାଦ ହାଇକୋର୍ଟ ପୂର୍ବ ରାୟରେ ଉକ୍ତ ଆଇନକୁ ଅସାମ୍ବିଧାନିକ ଦର୍ଶାଇଥିଲେ। ତେବେ ଧର୍ମନିରପେକ୍ଷତା ଆଧାରରେ ଏକ ଆଇନକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଥିଲେ। ଫଳରେ ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୬,୦୦୦ରୁ ଊର୍ଦ୍ଧ୍ୱ ମଦ୍ରାସାରେ ପଢୁଥିବା ୧୭ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହୋଇଥିଲେ।



## ଏମ୍‌ପି, ବିଧାୟକଙ୍କୁ ମକଦ୍ଦମାରୁ ମୁକ୍ତି ମିଳିବ ନାହିଁ

### ଭୋଟ ପାଇଁ ଲାଞ୍ଚ ମମଲା

ପାର୍ଲାମେଣ୍ଟ ବା ବିଧାନସଭାରେ ଭୋଟ ଦେବା ପାଇଁ ଲାଞ୍ଚ ନେଉଥିବା ଏମ୍‌ପି ଏବଂ ବିଧାୟକମାନେ ମକଦ୍ଦମାରୁ ମୁକ୍ତ ନୁହନ୍ତି ବୋଲି ସୁପ୍ରିମକୋର୍ଟ ମାର୍ଚ୍ଚ ୪ରେ ଏକ ଐତିହାସିକ ରାୟ ଶୁଣାଇଥିଲେ। ସେମାନେ ମକଦ୍ଦମାରୁ ମୁକ୍ତି ପାଇବା ପାଇଁ ଦାବି କରିପାରିବେ ନାହିଁ ବୋଲି ୭ ଜଣିଆ ସାମ୍ବିଧାନିକ ପୀଠ କହିଥିଲେ। ୧୯୯୮ର ଜେଏମ୍‌ଏମ୍ ଲାଞ୍ଚ ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ବୃହତ୍ତର ସାମ୍ବିଧାନିକ ପୀଠ ଖାରଜ କରିଦେଇଥିଲେ। ଲାଞ୍ଚ ନେବା ଏକ ସ୍ୱତନ୍ତ୍ର ଅପରାଧ। ଗୃହରେ ନିର୍ଭୟରେ ବିତର୍କ ପାଇଁ ସମ୍ବିଧାନ ଏମ୍‌ପିଙ୍କୁ ଦେଇଥିବା ଅବ୍ୟାହତି ମକଦ୍ଦମାରୁ ସେମାନଙ୍କୁ ସୁରକ୍ଷା ଦେଇପାରିବ ନାହିଁ। ୧୯୯୩ରେ ପି.ଭି. ନରସିଂହ ରାଓ ସରକାରଙ୍କୁ ଅନାସ୍ଥାରୁ ବଞ୍ଚାଇବା ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ୫ ଜଣ ଏମ୍‌ପି ଲାଞ୍ଚ ନେଇ ସରକାରଙ୍କ ସପକ୍ଷରେ ଭୋଟ ଦେଇଥିଲେ। ୧୯୯୮ରେ ୫ ଜଣିଆ ପୀଠ ଗଏମ୍‌ପିମାନଙ୍କୁ ମକଦ୍ଦମାରୁ ଅବ୍ୟାହତି ଦେଇଥିଲେ।

## ରାଷ୍ଟ୍ର ନିଷ୍ପତ୍ତିକୁ ସମାଲୋଚନା କରିବା ଅଧିକାର ନାଗରିକଙ୍କର ରହିଛି

ରାଷ୍ଟ୍ରର ନିଷ୍ପତ୍ତିକୁ ସମାଲୋଚନା କରିବା ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି। ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ସମାଲୋଚନା କରି ହ୍ୱାଟ୍ସଆପ୍‌ରେ ମେସେଜ୍ ପୋଷ୍ଟ କରିଥିବା ପ୍ରଫେସର ଜାଭେଦ ମହମ୍ମଦ ହାଜମଙ୍କ ବିରୋଧରେ ମାମଲାକୁ ସୁପ୍ରିମକୋର୍ଟ ମାର୍ଚ୍ଚ ୭ରେ ଖାରଜ କରିଦେବା ଅବସରରେ ଏହା କହିଥିଲେ। ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ଜାଭେଦ 'ଅଗଷ୍ଟ ୫ ଜମ୍ମୁ-କଶ୍ମୀର ପାଇଁ କଳାଦିବସ' ବୋଲି ଲେଖିବା ସହ ଅଗଷ୍ଟ ୧୪ ପାକିସ୍ତାନ ସ୍ୱାଧୀନତା ଦିବସ ପାଇଁ ଶୁଭେଚ୍ଛା ଜଣାଇଥିଲେ। ମହାରାଷ୍ଟ୍ର ପୋଲିସ ତାଙ୍କ ବିରୋଧରେ ଧାରା ୧୫୩ଏ (ସାମ୍ପ୍ରଦାୟିକ ସଦ୍‌ଭାବନା ନଷ୍ଟ କରିବା)ରେ ମାମଲା ରୁଜୁ କରିଥିଲା। ପାକିସ୍ତାନର ସ୍ୱାଧୀନତା ଦିବସରେ ସେଠାର ନାଗରିକଙ୍କୁ କୌଣସି ଭାରତୀୟ ଶୁଭେଚ୍ଛା ଜଣାଇବାରେ କିଛି ଭୁଲ୍ ନାହିଁ ବୋଲି ଅଦାଲତ କହିଥିଲେ। ସମ୍ବିଧାନର ଅନୁଚ୍ଛେଦ ୯(୧)(ଏ)ରେ ବାକ୍ ସ୍ୱାଧୀନତାର ଅଧିକାର ସମସ୍ତଙ୍କୁ ଦିଆଯାଇଛି। ଏହି ଗ୍ୟାରେଣ୍ଟି ବଳରେ ସରକାରଙ୍କ ନିଷ୍ପତ୍ତିକୁ ସମାଲୋଚନା କରିବା ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଥିବା ଖଣ୍ଡପୀଠ କହିଥିଲେ।

## ଧର୍ମାନୁଷ୍ଠାନରେ ସର୍ଭେ ବନ୍ଦ ନିର୍ଦ୍ଦେଶ

ଭାରତରେ ଉପାସନା ସ୍ଥଳଗୁଡ଼ିକର ଧର୍ମୀୟ ଚରିତ୍ରକୁ ବଜାୟ ରଖିବା ପାଇଁ ୧୯୯୧ରେ ଉପାସନା ସ୍ଥଳ (ସ୍ୱତନ୍ତ୍ର ନିୟମ) ଆଇନ ପ୍ରଣୟନ କରାଯାଇଥିଲା। ୧୯୪୭ ଅଗଷ୍ଟ ୧୫ ପୂର୍ବରୁ ନିର୍ମିତ ଧର୍ମାନୁଷ୍ଠାନଗୁଡ଼ିକରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଏଥିରେ ବ୍ୟବସ୍ଥା ରହିଛି। କିନ୍ତୁ ଦେଶର ଅନେକ ସ୍ଥାନରେ ମନ୍ଦିରଗୁଡ଼ିକୁ ଭାଙ୍ଗି ମସ୍‌ଜିଦ ନିର୍ମାଣ କରାଯାଇଥିବା ହିନ୍ଦୁ ପକ୍ଷ ଦାବି କରିବା ସହ ସର୍ଭେ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବାରେ ଲାଗିଛନ୍ତି। ନଭେମ୍ବର ୨୪ରେ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଉତ୍ତର ପ୍ରଦେଶର ସମ୍ଭଲସ୍ଥିତ ଶାହି ଇମାମ୍ ମସ୍‌ଜିଦରେ ସର୍ଭେ ବେଳେ ସାମ୍ପ୍ରଦାୟିକ ହିଂସାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। କୋର୍ଟ ଭାରତର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ), ଦରଘା କମିଟି ଏବଂ ଭାରତ ସରକାରଙ୍କ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟକୁ ନୋଟିସ କରି ମସ୍‌ଜିଦ ଓ ଦରଘାଗୁଡ଼ିକରେ ସର୍ବେକ୍ଷଣ କାର୍ଯ୍ୟ ବନ୍ଦ କରିବାକୁ ଡିସେମ୍ବର ୧୨ରେ ନିର୍ଦ୍ଦେଶ ଦେଇଥିଲେ।



## ଏସ୍‌ସି, ଏସ୍‌ଟିଙ୍କ ମଧ୍ୟରେ ଉପବର୍ଗୀକରଣ କରିପାରିବେ ରାଜ୍ୟ

ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ଜନଜାତିଙ୍କ ମଧ୍ୟରେ ଅଧିକ ପଛୁଆ ସମୁଦାୟର ଲୋକଙ୍କୁ ନେଇ ଉପବର୍ଗୀକରଣ କରାଯାଇପାରିବ। ସେମାନଙ୍କୁ ପୃଥକ୍ ଭାବେ ସଂରକ୍ଷଣ ସୁବିଧା ଅନୁମତି ଦିଆଯାଇପାରିବ। ସୁପ୍ରିମକୋର୍ଟ ଅଗଷ୍ଟ ୧ରେ ଏହି ଐତିହାସିକ ରାୟ ଦେଇଥିଲେ। ତତ୍କାଳୀନ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୭ ଜଣିଆ ସାମ୍ବିଧାନିକ ପୀଠର ୬ ବିଚାରପତି ଉପରୋକ୍ତ ରାୟ ଦେଇଥିବାବେଳେ ଜଷ୍ଟିସ୍ ବେଲା ତ୍ରିବେଦୀ ଭିନ୍ନ ମତ ରଖିଥିଲେ। ରାଜ୍ୟଗୁଡ଼ିକ ଏସ୍‌ସି/ଏସ୍‌ଟିଙ୍କ ମଧ୍ୟରେ ଉପଜାତିଗୁଡ଼ିକର ବର୍ଗୀକରଣ କରିପାରିବେ। ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅଧିକ ପଛୁଆ ଥିବା ଲୋକେ ଏହା ଦ୍ୱାରା ସଂରକ୍ଷଣ ସୁବିଧା ପାଇପାରିବେ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ମନୋଜ ମିଶ୍ରା, ବି.ଆର୍. ଗଭାଇ, ବିକ୍ରମ ନାଥ, ପଙ୍କଜ ମିତ୍ତଲ, ସତୀଶ ଚନ୍ଦ୍ର ଶର୍ମା ରାୟ ଦେଇଥିଲେ। ଏଥିସହ ୨୦୦୪ରେ ଇଭି ଚିନ୍ନାଇଆହ ବନାମ ଆନ୍ଧ୍ରପ୍ରଦେଶ ମାମଲାରେ ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ଦେଇଥିବା ରାୟକୁ ୬ ବିଚାରପତି ଖାରଜ କରିଦେଇଥିଲେ।

# ରାସ୍ତାପାର୍ଶ୍ୱକୁ ଖସିଲା ବସ୍, ୧୦ ଆହତ



ବାଲୁଗାଁ,୨୦।୧୨(ସଂଗ୍ରାମ ପାଇକରାୟ)

୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅନ୍ତର୍ଗତ ନୂଆଗଡ଼ ଛକ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ବିଲକୁ ଖସିପଡ଼ିଛି। ଫଳରେ ବସ୍‌ରେ ଥିବା ୩୦ ଯାତ୍ରୀଙ୍କ ମଧ୍ୟରୁ ୧୦ ଜଣ ଆହତ ହୋଇଛନ୍ତି। ସୂଚନା ମୁତାବକ, ବୃନ୍ଦାବନ ନାମକ ଏକ ଘରୋଇ ବସ୍ (ନଂ. ଓଡି ୦୨ ବିକେ ୫୧୨୭) ଶୁକ୍ରବାର ବ୍ରହ୍ମପୁରରୁ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଦିନତମାମ ବର୍ଷା ଯୋଗୁ ଅସାବଧାନତାବଶତଃ ବସ୍‌ଟି ହଠାତ ଭାରସାମ୍ୟ ହରାଇ ନୂଆଗଡ଼ ଛକର ଅନତି ଦୂରରେ ରାସ୍ତା ପାର୍ଶ୍ୱ ବିଲ ଭିତରକୁ ଖସିପଡ଼ିଥିଲା। ଘଟଣା ସମ୍ପର୍କରେ ଖବର ପାଇ ନାଭାଲ ଫାଣ୍ଡି ପୋଲିସ ଓ ଅଗ୍ନିଶମବାହିନୀ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ସେମାନଙ୍କ ମଧ୍ୟରୁ ଆହତ ୧୦ ଜଣଙ୍କୁ ଚିକିତ୍ସା ନିମନ୍ତେ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷେ ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ନେଇ ପୋଲିସ ତଦନ୍ତ ଜାରି ରଖିଛି।

# ଝାଡ଼ଖଣ୍ଡ ଛାଡ଼ି ପଶ୍ଚିମବଙ୍ଗରେ ଜିନ୍ନତ

ବାରିପଦା,୨୦।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଛାଡ଼ି ଝାଡ଼ଖଣ୍ଡ ପଳାଇଥିବା ମହାବଳ ବାଘୁଣୀ ଜିନ୍ନତ ଶୁକ୍ରବାର ପଶ୍ଚିମବଙ୍ଗରେ ପ୍ରବେଶ କରିଛି। ଝାଡ଼ଖଣ୍ଡ ରାଜ୍ୟ ଚାଇଁବସା ଜଙ୍ଗଲ ଦେଇ ପଶ୍ଚିମବଙ୍ଗର ଝାଡ଼ଗ୍ରାମ ବନଖଣ୍ଡର ବେଲପାହାଡ଼ି ରେଞ୍ଜ ଜଙ୍ଗଲରେ ସେ ରହିଥିବା ସୂଚନା ମିଳିଛି। ଗୋଟିଏ ଦିନରେ ସେ ପାଖାପାଖି ୨୮ କି.ମି. ଚାଲିଥିବା ଜଣାପଡ଼ିଛି। ଜିନ୍ନତର ପ୍ରବେଶ ପରେ ଉକ୍ତ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ଗତ ୮ ତାରିଖରୁ ବାଙ୍ଗିରିପୋଷି ଦେଇ ଝାଡ଼ଖଣ୍ଡର ଚାକୁଲିଆ ଅଞ୍ଚଳର ବିଭିନ୍ନ ଅଞ୍ଚଳରେ ବୁଲିବା ସହ ୧୯ ତାରିଖରେ ଚିରଚିରା, ଚିକିଲିଗଡ଼, ଗିଦ୍ଧିନି, ପରିହାଟୀ, ଦୁବରାଜପୁର ଓ ସିଲଦା ଦେଇ ପଶ୍ଚିମବଙ୍ଗରେ ପ୍ରବେଶ କରିଛି।



ମହାବଳ ବାଘୁଣୀ ଜିନ୍ନତ

ସୂଚନାଯୋଗ୍ୟ, ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ଜାତୀୟ ବ୍ୟାଘ୍ର ଅଭୟାରଣ୍ୟରୁ ନଭେମ୍ବର ୧୪ରେ ଶିମିଳିପାଳ ଅଭୟାରଣ୍ୟକୁ ଆସିଥିବା ଜିନ୍ନତ ଗତ ୮ ତାରିଖରେ ଝାଡ଼ଖଣ୍ଡ ପଳାଇଥିଲା। ବେକରେ ଲାଗିଥିବା ରେଡିଓକଲାର ମାଧ୍ୟମରେ ତା'ର ଗତିବିଧି ଉପରେ ବନ ବିଭାଗ ନଜର ରଖିଥିଲା। ୧୩ ଦିନ ଧରି ଝାଡ଼ଖଣ୍ଡର ଚିଆବାନ୍ଧି ଜଙ୍ଗଲରେ ରହିବା ପରେ ଶୁକ୍ରବାର ପଶ୍ଚିମବଙ୍ଗ ରାଜ୍ୟ ଜଙ୍ଗଲ ସୀମାରେ ସେ ବୁଲୁଥିବା ନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ପଶ୍ଚିମବଙ୍ଗ ବନଖଣ୍ଡ ଅଧିକାରୀଙ୍କୁ ଜିନ୍ନତର ଅବସ୍ଥିତି ସମ୍ପର୍କରେ ଜଣାଇ ଦିଆଯାଇଛି। ତେବେ ଚିଆବାନ୍ଧି ଜଙ୍ଗଲରେ ଖାଦ୍ୟାଭାବ ଓ ଝାଡ଼ଖଣ୍ଡୀ ହାତୀ ଭୟରେ ଜିନ୍ନତ ପଶ୍ଚମବଙ୍ଗ ପଳାଇଛି ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ତେବେ ପଶ୍ଚିମବଙ୍ଗରୁ ଜିନ୍ନତ ଫେରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହି ରାଜ୍ୟରେ ବାଘର ବାସସ୍ଥାନ ଓ ଖାଦ୍ୟପେୟରେ ଅଭାବ ନ ଥିବାରୁ ପୁନର୍ବାର ସେ ଶିମିଳିପାଳ ଫେରିବା ନେଇ ସନ୍ଦେହ ଉପୁଜିଛି।




ଦୁର୍ଘଟଣାଗ୍ରସ୍ତ ବସ୍ ଓ କାର୍।

# ସ୍କୁଲ ବସ୍-କାର୍ ଧକ୍କା, ବର୍ତ୍ତିଗଲେ ୨୦ ଛାତ୍ରୀଛାତ୍ର

ରାଉରକେଲା,୨୦।୧୨
(ସଙ୍ଗୀତା ଜେନା)

ରାଉରକେଲା ରିଂ ରୋଡ୍ ନିକଟରେ ଶୁକ୍ରବାର ସକାଳେ ଏକ ଘରୋଇ ଇଂଲିଶ ମାଧ୍ୟମ ସ୍କୁଲର ବସ୍ ଓ କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ବସ୍‌ରେ ଥିବା ୨୦ ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତିଯାଇଥିବା ବେଳେ କାର୍ ଚାଳକ ମଧ୍ୟ ସୁରକ୍ଷିତ ଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ସେକ୍ଟର-୩ ଥାନା ପୋଲିସ ପହଞ୍ଚି ଉଭୟ ଯାନକୁ ଜବତ କରିଛି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ, ରାଉରକେଲା ସେକ୍ଟର-୧୪ରେ ଥିବା ଉକ୍ତ ସ୍କୁଲର ବସ୍ ଯାଉଥିବାବେଳେ ପାର୍ଶ୍ୱରେ ଯାଉଥିବା ଏକ କାର୍ (ନଂ.ଓଡ଼ି୧୪ଏସ୍/୩୩୬୯)କୁ ବଞ୍ଚାଇବା ଲାଗି ଡିଭାଇଡର ଉପରେ ମାଡ଼ିଯାଇଥିଲା। ଫଳରେ କାର୍ ଓ ବସ୍ କ୍ଷତିଗ୍ରସ୍ତ ହୋଇଥିଲା।

# ଭଦ୍ରକ ରେଳଷ୍ଟେଶନ ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ ସରିଲା

ଭୁବନେଶ୍ୱର,୨୦।୧୨
(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଅଧୀନ ଭଦ୍ରକ ରେଳ ଷ୍ଟେଶନରେ ୟାର୍ଡ ପୁନଃ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି। କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଟ୍ରେନ ପରିଚାଳନାକୁ ଶୃଙ୍ଖଳିତ କରିବା ଲକ୍ଷ୍ୟରେ ଏହି ପୁନଃନିର୍ମାଣ କରାଯାଇଥିବାବେଳେ ନିର୍ଦ୍ଧାରିତ ସମୟ ଭିତରେ ହିଁ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇଛି। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହି ପ୍ରକଳ୍ପ କାର୍ଯ୍ୟ ସମୟରେ କୌଣସି ଅତିରିକ୍ତ ଟ୍ରେନ ବାତିଲ ହୋଇ ନ ଥିଲା। ସାଧାରଣ ସ୍ଥିରୀକୃତ କାର୍ଯ୍ୟସୂଚୀ ଅନୁଯାୟୀ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଭଦ୍ରକ ରେଳ ଷ୍ଟେଶନର ପୁନଃନିର୍ମାଣରେ ବିଭିନ୍ନ ପ୍ଲାଟ୍‌ଫର୍ମ ଅପ୍‌ଗ୍ରେଡ୍, ବର୍ଦ୍ଧିତ ଟ୍ରେନ ଚଳାଚଳ ପାଇଁ ଅତିରିକ୍ତ ଲାଇନ୍ ଏବଂ ଭଦ୍ରକ ଓ ରାଣୀତାଲ ରେଳ ଷ୍ଟେଶନ ମଧ୍ୟରେ ତୃତୀୟ ଲାଇନର କାର୍ଯ୍ୟକ୍ଷମ ସମେତ ବିଭିନ୍ନ ପ୍ରମୁଖ ଉନ୍ନତୀକରଣ କାର୍ଯ୍ୟ ସଂଯୋଗ କରାଯାଇଥିଲା। ବର୍ଦ୍ଧିତ ଟ୍ରାଫିକ ପରିଚାଳନା, ଟ୍ରେନ ବିଳମ୍ବକୁ ହ୍ରାସ କରିବା ଏବଂ ସାମଗ୍ରିକ ଷ୍ଟେଶନ କାର୍ଯ୍ୟକାରିତାକୁ ଉନ୍ନତ କରିବା ପାଇଁ ଏହି ଉନ୍ନତିଗୁଡିକ ପରିକଳ୍ପନା କରାଯାଇଛି। ଅଧିକ ଟ୍ରେନ ରହିବା ସହ ଷ୍ଟେଶନରେ ଯାତ୍ରୀ ପ୍ରବାହକୁ ସହଜ କରିବା ପାଇଁ ଏକ ନୂତନ ପ୍ଲାଟଫର୍ମ ସଂଯୋଗ କରାଯାଇଥିବା ସୂଚନା ଦିଆଯାଇଛି।


## OFFICE OF THE CHIEF EXECUTIVE, RPRC,BHUBANESWAR

(e-mail Id : rprcbbsr@gmail.com), Tel - (0674)-2557925

No.MM-353

NOTICE INVITING TENDER THROUGH e-PROCUREMENT

Bid Identification No. RPRC/15/2024-25

Notice No. : 2057/RPRC Date : 18.12.2024

| | | | |
|---|---|---|---|
| 1 | Name of the project in brief | : | Extension of Gabion Wall |
| 2 | Estimated cost | : | Rs. 36,79,227.00 (excluding GST) |
| 3 | Period of completion | : | 2 (two) Calendar months |
| 4 | Class of Contractor | : | "C" & "B" only |
| 5 | Availability of bid document | : | 19.12.2024 / 10.00 A.M. to 02.01.25 / 10.00 A.M. in website www.rprcbbsr.in / e-portal https://rprc.ewizard.in |
| 6 | Opening of (Technical Bid) | : | 02.01.2025 / 11.00 A.M. |

New Bidders to register on the portal https://rprc.ewizard.in and send a mail to eprochelpdesk.101@gmail.com with details. For queries on registration & online tender submission contact to : Mr. Shivendra Kumar, Mobile - **9355030613** and Jitesh Kumar, Mobile - **9355030604**, e-mail : eprochelpdesk.101@gmail.com

Sd./- Chief Executive
RPRC, Bhubaneswar

OIPR-08004/11/0012/2425



## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WATER SUPPLY & SANITATION, BHUBANESWAR

No.4214/ Dated 17.12.2024

REQUEST FOR PROPOSAL (RFP)
BID No. 01/2024-25

**No.O-913:** Executive Engineer, RWS&S Division, Bhubaneswar on behalf of the Governor of Odisha invites request for proposal (RFP) in sealed covers for Engagement of 2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard through manpower service provider on outsourcing basis under the jurisdiction of RWS&S Division, Bhubaneswar from registered and established private manpower service provider under EPF & ESI Act.

| | | |
|---|---|---|
| 1 | Nature of Assignment | **Request for Proposal (RFP) For Hiring of Agency FOR Engagement of 2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard through manpower service provider on outsourcing basis under the Jurisdiction of RWS&S Division, Bhubaneswar** |
| 2 | No. of Item | 01 (One) |
| 3 | Period of Contract | 12 (Fifteen) Months |
| 4 | Availability of RFP | 20.12.2024 to 30.12.2024 upto 3 PM |
| 5 | Last date & time for submission of RFP | 30.12.2024 upto 3 PM |
| 6 | Last date & time for seeking clarification | 27.12.2024 upto 5.00 PM |
| 7 | Mode of submission of RFP | Offline |
| 8 | Date & time of opening of RFP | Dt.31.12.2025 at 11.30 A.M. in Office of the Superintending Engineer, RWS&S Division, Bhubaneswar |

Further details can be seen from the website https://www.tendersorissa.gov.in

Sd./- Executive Engineer
RWS&S Division, Bhubaneswar

OIPR-25011/11/0005/2425



## NOTICE INVITING BID (TENDER)

No.734/DSGAH, Bhubaneswar Dt.18.12.2024

**TENDER FOR SUPPLY OF PLASTIC CONTAINER, PET BOTTLES & CORRUGATED BOX TO GOVERNMENT AYURVEDIC HOSPITAL PHARMACY, BHUBANESWAR, GOVERNMENT AYURVEDIC PHARMACY, BOLANGIR AND GOPABANDHU AYURVEDA MAHAVIDYALAYA PHARMACY, PURI, ODISHA.**

**No.E-604** : Sealed tenders are invited from reputed manufacturers/ authorized dealers for the supply of Plastic Containers, PET Bottles and corrugated boxes (cartoon) to the Government Ayurvedic Hospital Pharmacy, Bhubaneswar, the Government Ayurvedic Pharmacy, Bolangir and the Gopabandhu Ayurveda Mahavidyalaya Pharmacy, Puri, for the packaging of Ayurvedic Medicines for the financial year 2024-25.

| | | |
|---|---|---|
| 1 | Value of Tender | Rs. 35,00,000/- (Thirty-Five Lakhs) Only |
| 2 | Cost of Tender Book | Rs. 1,050.00 (One Thousand and Fifty rupees only including GST) |
| 3 | Availability of tender book | In the office of the Deputy Superintendent, GAH, BBSR only in shape of D.D./ Bankers Cheque in favour of the Deputy Superintendent, Government Ayurvedic Hospital, Old Town, Bhubaneswar |
| 4 | Mode of payment of cost of Tender Book | In the shape of a Demand Draft / Bankers Cheque in favor of the Deputy Superintendent of Government Ayurvedic Hospital, Bhubaneswar, Odisha, payable at Bhubaneswar. |
| 5 | Date of commencement of sale of Tender Book | Dt: 20.12.2024 at 11.00 A.M. to 09.01.2025 at 4.00 P.M. |
| 6 | Last date & time for submission of tender | Dt: 09.01.2025 at 4.00 P.M. |
| 7 | Date & time of Pre-bid meeting | Dt. 30.12.2024 at 11.30 A.M Place: Office of the Deputy Superintendent, Government Ayurvedic Hospital, Bhubaneswar, Odisha |
| 8 | Mode of submission of tender | This will be received through a sealed tender box kept in the office chamber of the Deputy Superintendent, GAH, BBSR, Odisha. |
| 9 | Mode of submission of sealed samples | To be received by the Deputy Superintendent, GAH, BBSR, Odisha, and in his absence A.M.O., I/c-Pharmacy, Govt. Ayurvedic Hospital, Bhubaneswar will receive the samples at the time of submission of tender paper within the scheduled date and time. |
| 10 | Date, Time & Place for opening of tenders | Technical bids will be opened on 10.01.2025 at 11.30 A.M. at Government Ayurvedic Hospital Pharmacy, Bhubaneswar. The Financial Bids of the technically qualified bidders will be opened in the same date. |

The tender inviting authority reserves the right to reject any or all the tenders without assigning any reason thereof. For details, please log on to www.ayushodisha.nic.in

Sd./- Deputy Superintendent
Govt. Ayurvedic Hospital, Bhubaneswar, Odisha

OIPR-10053/11/0004/2425



## OFFICE OF THE DHENKANAL MUNICIPAL COUNCIL, DHENKANAL

No.C-1296: E-Procurement Notice

Tender Call Notice No.5783/DKLMPLTY/Date 18.12.2024

1. Name of the Work : Individual Civil Construction Work published the website.
2. No. of Works put to tender : 26 Nos. individual works
3. Estimated Cost : Rs.3.20 Lakhs to 16.95 Lakhs
4. Period of Completion : 90 days
5. Date and time of availability : From 11.00 hours of Dt.19.12.2024 to 17.30 of Dt.27.12.2024 of bid document in the portal

   Last date/Time for receipt of bids : 17.30 hours of Dt.27.12.2024
6. Date and time of opening of bid : 11.00 hours of Dt.30.12.2024
7. Name and Address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-procurement portal https://tenderodisha.gov.in.

Sd./- Executive Officer
Dhenkanal Municipality

OIPR-13146/11/0018/2425



## Government of Odisha
## Directorate of Town Planning, Housing & Urban Development Department

No.C-1292

Power House Square, Unit-V, Keshari Nagar, Bhubaneswar,
Dist. : Khurda, Odisha, PIN - 751001

**Notice Inviting RFP**

RFP No. : 02/DTP-HUDD / Bhubaneswar, Date : 18.12.2024

| | | | |
|---|---|---|---|
| 1 | Name of the Work | : | Consultancy Services for Sub-Scheme on 'Formulation of GIS based CDP/Master Plan for Class-II Seven towns with Population of 50,000 - 99,999 under AMRUT 2.0 under Three Packages in Odisha State |
| 2 | Cost of Bid Documents | : | Rs. 10,000/- (Rupees ten thousand) only |
| 3 | Earnest Money Deposit (EMD) | : | Rs. 5,00,000/- (Rupees five lakh) only |
| 4 | Period of Completion | : | 385 days |
| 5 | date & Time of availability of bid documents in the portal | : | From 10.00 Hrs. of 20.12.2024 to 17.00 Hrs. of 20.01.2025 |
| 6 | Last Date / Time for Receipt of Bids in the Portal | : | 17.00 Hrs. of 20.01.2025 |
| 7 | Name & address of the Officer Inviting Bid | : | Shri Sushanta Kumar Mishra, OAS (SAG). Director, Town Planning & Addl. Secretary to Govt. Housing & Urban Development Deptt. Govt. of Odisha. e-mail : dtpodisha@gmail.com |

1. Subsequent corrigendum, if required shall appear in the e-procurement website only.
2. Other details can be seen in the bidding documents, which is available in website **www.tendersodisha.gov.in.**

Sd./- Director,
Directorate of Town Planning,
Housing & Urban Development Deptt.
Govt. of Odisha

OIPR-13038/11/0001/2425



## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR

E-mail : seec.bbsr2010@gmail.com

Bid Identification No.S.E.E.C (R&B) 12/2024-25

No. 3917/Date : 19.12.2024

**No.B-782** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in : https://tendersorissa.gov.in. The details of bid documents will be available in the above website from dt.21.12.2024 at 05.00 P.M. to dt. 04.01.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 05.01.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR

OIPR-34006/11/0016/2425



See Career Appointment on every Wednesday & Saturday



## ODISHA CONSTRUCTION CORPORATION LTD.

(A Govt. of Odisha Undertaking)
CENTRAL WORKSHOP, RASULGARH, BHUBANESWAR-751010 (ODISHA)
Tel-0674:2580107, Email:smppmcws@gmail.com, (GSTIN- 21AAACO2571K2ZM)

**Tender Call Notice No.OCC/CWS/PROC/FAB-08/48/2024-25, dtd. 18.12.2024**

**No.CAD-1941:** Type of Work: Labour charges for sand blasting and application of one coat primer of finished fabricated items of Kanupur Irrigation Project. Total No. of Work: 01 (One). Period of Supply: 01 (One) Month.

| Procurement Officer | Tender Call Notice No. | Cost of Tender document (including GST) | Sale of Tender document | Submission of tender document (Off-line mode) |
|---|---|---|---|---|
| Senior Manager (Mech.), OCC Ltd. Central Workshop, Rasulgarh, Bhubaneswar | OCC/ CWS/ PROC/ FAB-08/ 48/ 2024-25 dtd.18.12.2024 | Rs.4720/- (Non-Refundable) | 19.12.2024 10.00 AM to 27.12.2024, 1.00 PM | 19.12.2024 10.00 AM to 27.12.2024, 3.00 PM |

Date of Opening of the Tender : 27.12.2024 at 4.00 PM
Further details can be seen from the website (www.odishaconstruction.com)
Amendment/ Corrigendum/ Cancellation, if any shall be posted on-line only (OCCL website).

OIPR-34163/11/0036/2425 Sd./- Senior Manager (Mech.)-I, OCC Ltd., Bhubaneswar



## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At/Po-Ambapua, Near Income Tax Office, Berhampur-760011, Ganjam, Odisha)
No.O-916: (E-Mail: serwbpr2004@yahoo.com, Tel. No.-0680-2404287)
No.e-tender//4107//RWC//BAM//Dated 18.12.2024

**2nd Corrigendum to Bid Identification No.Online Tender/13-2024-25/BPR**

1) The partial modification of Road works under **PERIODICAL MAINTENANCE** vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | **06.01.2025 to 20.01.2025 upto 5.30 PM** instead of 20.12.2024 to 03.01.2025 upto 5.30 P.M. |
| 2 | Last Date & Time of seeking tender clarification | :: | **18.01.2025 at 5.30 PM** instead of 01.01.2025 at 5.30 PM |
| 3 | Date of opening of Technical Bid | :: | **21.01.2025 at 11.00 AM** instead of 04.01.2025 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

**All other contents will remain unchanged.**

OIPR-25071/11/0024/2425 Sd./- Chief Construction Engineer, R.W.Circle, Berhampur



## RMC
## (Regulated Market Committee), Kendrapara

KENDRAPARA - 754211, At/PO - Jamadhar, Kendrapara,
PHONE NO : 06729-2290398,
E MAIL : rmckendrapara@gmail.com

Notice No. : 24/RMC/2024 Dated : 18.12.2024

**Tender Cancellation Notice (RFP)**

Request for Proposal (RFP)for selection of Agency for Supply, Installation & Commissioning of CCTV Surveillance System for different PACS & PPC of Kendrapara District under RMC, Kendrapara vide Notice No. 9 dated 26.11.2024 stands cancelled due to wrong technical specifications .

Fresh tender shall be invited on 18.12.2024 which will be uploaded in www.kendrapara.odisha.gov.in and also publish in local newspaper.

Sd./-
Collector & DM-cum-Chairman,
RMC, Kendrapara



## Government of Odisha
## Higher Education Department

No.N-150

**Timeline for SPOT-II Admission into U.G., P.G., 2 years B.Ed./ M.Ed., 3 years LL.B. & 3 years Integrated B.Ed.-M.Ed. Courses in the Higher Education Institutions participating under SAMS for the Academic Session : 2024-25**

- This is to inform all concerned that admission to the remaining vacant seats in U.G., P.G., 2 years B.Ed. /M.Ed., 3 years LL.B. & 3 years Integrated B.Ed.-M.Ed. courses at the Higher Education Institutions participating under SAMS will be conducted through a SPOT-II admission process.
- The eligibility for the aforementioned courses are mentioned in the Common Prospectus available on the SAMS portal.
- In this SPOT-II admission process for admission into P.G. & 2 years B.Ed. /M.Ed. Courses, applicants must have appeared in the CPET-2024 & Teacher Education Entrance Examination respectively and must have obtained a rank.
- In the SPOT-II admission process, both admitted and non-admitted students are eligible to participate for all the aforementioned courses.
- If an applicant has taken admission in any of the HEIs in earlier Phase(s)/Round and got selected in this SPOT-II admission round, s/he has to obtain the CLC physically from the last admitted HEI within 7th Jan, 2025.
- The selection of the applicants will be done purely on merit basis. There will be no reservation and weightage for this SPOT-II admission round. However, for 2 years B.Ed. /M.Ed. Courses, stream of the applicants should be followed strictly as they have appeared in the entrance examination.
- In this SPOT-II admission round, for all the aforementioned Courses, applicants can apply for up to three (3) options (HEI + Subject). In this round, applicants are allowed to apply for the subjects with no current vacancies, anticipating that seats might become available if an admitted student opts for CLC within the final admission date. However, selection will be done as per the seats available.
- Applicants participating in this SPOT-II admission round must physically report to their chosen HEIs with the required documents by 02.00 PM of 27.12.2024. Those who fail to report within the given timeframe will not be allowed to participate. In the applicant's absence, parents or guardians with due authorization may also report on their behalf with the necessary documents.
- As per the timeline, the rank-wise merit list of the applicants will be made available in the HEI's e-Space.
- Further, the HEIs will prepare the merit list among the reported applicants and publish the same on their Notice Board on the last day i.e. 27.12.2024. The selected applicants will be informed by the HEIs to validate their documents and pay the full admission fees directly at the respective HEI in online mode.
- The HEIs are requested to fill up the remaining vacant seats by calling the reported applicants rank wise till the last date of admission updation.
- After completion of this SPOT-II admission process, if seats remain available for the 2 year P.G. courses only, the Universities may fill the vacant seats by conducting a separate entrance examination at their level for the NON-CPET applicants.
- The timeline for all the aforementioned courses are as mentioned below.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 19-Dec-2024 (02:00 P.M.) |
| 2 | Last date of applying the online CAF through SAMS portal | 22-Dec-2024 (11:45 P.M.) |
| 3 | Publication of Waiting Rank wise list of applicants in HEI's e-Space as well as in the Student's Login | 26-Dec-2024 (04:00 P.M.) |
| 4 | Reporting of the waitlisted applicants physically at the HEIs along with the relevant documents for participating in the SPOT-II admission round | 27-Dec-2024 (10:00 A.M.) to 02:00 P.M. |
| 5 | HEIs will prepare and publish the merit list among those reported applicants on their notice board and communicate to the selected applicants for validation of documents | 27-Dec-2024 (04:00 P.M.) |
| 6 | Verification of documents, collection of total Admission fees directly at the level of HEIs & Admission updation of the selected applicant's data in the e-space by the respective HEIs | 27-Dec-2024 (04:00 P.M.) to 30-Dec-2024 (11:45 P.M.) (Except Holiday) |

**For more details the applicants can contact the SAMS Section of their nearest Universities/Colleges coming under SAMS**

N.B: Applicants who have already applied in the earlier Phase(s) should login to the SAMS Portal using their existing username and password and fill up a new Common Application Form (CAF) with the required information to get the CAF Fees exemption. **However, the new applicants will be required to pay the CAF fees as mentioned in the Common Prospectus.**

Sd./-
Deputy Director
PTC Section

OIPR-11001/11/0036/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ହରାଇଲେ ୧୮ ଲକ୍ଷ କୋଟିରୁ ଅଧିକ

**ମୁମ୍ବାଇ,୨୦।୧୨**



- ୫ଦିନରେ ସେନ୍‌ସେକ୍ସ ୪୧୦୦ ପଏଣ୍ଟ ହ୍ରାସ
- ୧୨୦୦ ପଏଣ୍ଟ କମିଲା ନିଫ୍ଟି

ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ଏବଂ ୟୁଏସ୍ ଫେଡେରାଲର ସୁଧହାର ହ୍ରାସର ପ୍ରଭାବ ସିଧାସଳଖ ଭାରତୀୟ ଷ୍ଟକ୍ ମାର୍କେଟ କାରବାରରେ ଦେଖିବାକୁ ମିଳୁଛି। ଏପରିକି ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ସହ ଆମେରିକାର ମୁଦ୍ରାସ୍ଫୀତ ହାର କମିବା ଯୋଗୁ ଭାରତୀୟ ପୁଞ୍ଜିବଜାରରେ ବଡ ଧରଣରେ କ୍ଷତି ପହଞ୍ଚିଛି।

ଚଳିତସପ୍ତାହର ଶେଷ ୫ଟି କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ୧୮ ଲକ୍ଷ କୋଟିରୁ ଅଧିକ (୧୮,୪୩,୧୨୧,୨୩ କୋଟି) ଟଙ୍କାର ନିବେଶ ହରାଇଛନ୍ତି। ଫଳରେ ପୁଞ୍ଜିବଜାରର ବଜାର ପୁଞ୍ଜି ଶୁକ୍ରବାରର କାରବାର ଶେଷ ସୁଦ୍ଧା ୪,୪୦,୯୯,୨୧୭.୩୨ କୋଟି (୫.୧୮ ଟ୍ରିଲିୟନ ଡଲାର) ରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ସୋମବାରରୁ ଶୁକ୍ରବାର କାର୍ଯ୍ୟଦିବସ ମଧ୍ୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାରରେ ମଧ୍ୟ କ୍ରମାଗତ ଭାବେ ପରିବର୍ତ୍ତନ ହେଉଛି। ଏପରିକି ଏହି ୫ଟି କାର୍ଯ୍ୟ ଦିବସ ମଧ୍ୟରେ ବିଏସ୍‌ଇ ସେନ୍‌ସେକ୍ସ ପ୍ରାୟ ୪୧୦୦ ପଏଣ୍ଟ ( ୪୦୯୧ ପଏଣ୍ଟ) ହ୍ରାସ ଘଟିଥିଲାବେଳେ ଏହି ସମୟ ମଧ୍ୟରେ ନିଫ୍ଟିର କାରବାରରେ ପ୍ରାୟ ୧୨୦୦ ପଏଣ୍ଟ କମିଛି।

ସେହିଭଳି ଚଳିତ ସପ୍ତାହର ଶୁକ୍ରବାର କାର୍ଯ୍ୟଦିବସ ଶେଷ ସୁଦ୍ଧା ୩୦ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର କାରବାର ୧.୪୯% ହ୍ରାସ ଘଟି ୭୮,୦୪୧.୫୯ ଅଙ୍କରେ ରହିଥିଲାବେଳେ ନିଫ୍ଟିର କାରବାର ୧.୫୨% ଘଟି ୨୩,୫୮୭.୫୦ଅଙ୍କରେ ରହିଛି।

ସେହିପରି ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ଏବଂ ସ୍ମଲକ୍ୟାପ କାରବାରରେ ମଧ୍ୟ ପ୍ରାୟ ୨% ଲେଖାଏ ପରିବର୍ତ୍ତନ ହୋଇଛି। ଏପରିକି ନିଫ୍ଟି ମିଡ୍‌କ୍ୟାପ୍‌ର କାରବାର ୨.୮୨% ପଏଣ୍ଟ ହ୍ରାସ ଘଟି ୫୬,୯୦୬.୭୫ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ୍‌ର କାରବାର ୨.୭୫% ହ୍ରାସ ଘଟି ୮୯୨୫.୮୫ ଅଙ୍କରେ ପହଞ୍ଚିଛି। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୧.୫୮% ହ୍ରାସ ଘଟି ୫୦,୭୫୯.୨୦ ଅଙ୍କରେ ରହିଛି। ଏପରିକି ସେକ୍ଟରାଲ କ୍ଷେତ୍ରରେ ମଧ୍ୟ ଉଭୟ ବିଏସ୍‌ଇ ସେନ୍‌ସେକ୍ସ ଓ ନିଫ୍ଟିର ନିବେଶକମାନେ ବଡ ଧରଣର କ୍ଷତି ସହିଛନ୍ତି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୧୭୬ (୧୧୭୬.୪୬) ପଏଣ୍ଟ କମି ୭୮,୦୪୨(୭୮,୦୪୧,୫୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୬୪(୩୬୪.୨୦) ପଏଣ୍ଟ ହ୍ରାସ ଘଟି ୨୩,୫୮୭ (୨୩,୫୮୭.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ରିଅଲ୍‌ମି ୧୪ଏକ୍ସ ୫ଜିର ଅନାବରଣ

**ନୂଆଦିଲ୍ଲୀ,୨୦।୧୨**

ରିଅଲ୍‌ମିର ବହୁପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ରିଅଲ୍‌ମି ୧୪ଏକ୍ସ ୫ଜି'ର ଅନାବରଣ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ଏପରିକି ଏହି ମଡେଲ ବଜାର ଉପଲବ୍ଧ ସହି ବ୍ରାଣ୍ଡର ସ୍ମାର୍ଟଫୋନ ପୋର୍ଟଫୋଲିଓରେ ଏହା ଏକ ଅତ୍ୟାଧୁନିକ ଯୋଗ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ସେହିଭଳି ରିଅଲ୍‌ମି ୧୪ଏକ୍ସ ୫ଜିରେ ଅନେକ ପ୍ରକାର ଅତ୍ୟାଧୁନିକ ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ ଥିଲାବେଳେ ସେଗ୍‌ମେଣ୍ଟର ପ୍ରଥମ ଆଇପି୬୯ ଡଷ୍ଟ ଓ ୱାଟର ରେଜିଷ୍ଟାନ୍ସ, ମିଲିଟାରି ଗ୍ରେଡ୍ ସକ୍ ରେଜିଷ୍ଟାନ୍ସ ସହିତ ଏକ ବୃହତ୍ ୬୦୦୦ ଏମ୍‌ଏଏଚ୍ ବ୍ୟାଟେରି ଓ ୪୫ ୱାଟ୍ ଚାର୍ଜିଂ ଏବଂ ସୋନିକୱେଭ ୱାଟର ଇଜେକ୍ସନ ଓ ରେନ୍‌ୱାଟର ସ୍ମାର୍ଟ ଟଚ୍ ଭଳି ଅଭିନବ ଫିଚରଗୁଡିକ ସାମିଲ ରହିଛି। ସେହିଭଳି ରିଅଲ୍‌ମି ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଗୁଣବତ୍ତା ପ୍ରଦାନ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ରିଅଲ୍‌ମି ୧୪ଏକ୍ସ ୫ଜିର ଶୁଭାରମ୍ଭ ସହିତ ଏହି ବ୍ରାଣ୍ଡ ମିଡ୍-ରେ ସ୍ମାର୍ଟଫୋନ ସେଗ୍‌ମେଣ୍ଟର ସୀମାକୁ ଆଗକୁ ବଢାଇବା ବଜାୟ ରଖିଛି। ମିଡିଆଟେକ୍ ଡାଇମେନ୍‌ସିଟି ୬୩୦୦ ୫ଜି ଚିପ୍‌ସେଟ୍ ଦ୍ୱାରା ପରିଚାଳିତ ଏହି ସ୍ମାର୍ଟଫୋନ ଏକ ସୁଗମ ଉପଭୋକ୍ତା ଅନୁଭୂତି ସୁନିଶ୍ଚିତ କରୁଛି।

# ବିଆଇଏସ୍‌ର ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୦।୧୨(ଅନୁରାଧା ମହାରଣା)**

ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ(ବିଆଇଏସ୍)ର ୨ଦିନିଆ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ମାନକ ମାଧ୍ୟମରେ ବିଜ୍ଞାନ ଶିକ୍ଷା' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦୈନନ୍ଦିନ ଜୀବନରେ ବିଜ୍ଞାନଭିତ୍ତିକ ଚିନ୍ତାଧାରାକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଆଇଏସ୍‌ର ଭୁବନେଶ୍ୱର ଶାଖା ନିର୍ଦ୍ଦେଶକ ଏ.କେ. ପୁରୋହିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ବିଆଇଏସ୍‌ର ଯୁଗ୍ମ ନିର୍ଦ୍ଦେଶକ ଦୀପକ ପାତ୍ର, ରଜନୀ ପନ୍ଦ୍ରେ, ସଞ୍ଜୀବ କୁମାର ନାଏକ, ସ୍ୱପନିଲ୍ ପ୍ରତାପ, ହିରିରାମ୍ ପନ୍‌ସାରୀ ପ୍ରମୁଖ ଉପସ୍ଥିତ ଥିଲେ। ଦୈନନ୍ଦିନ ଜୀବନରେ ମାନକର ଗୁରୁତ୍ୱ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ବିଆଇଏସ୍‌ର ଯୁଗ୍ମ ନିର୍ଦ୍ଦେଶକ ଦୀପକ ପାତ୍ର ବିଆଇଏସ୍‌ର କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଇଲେକ୍ଟ୍ରିକ୍ ପ୍ରେସରକୁକର ଉପରେ ମେଥୋଡୋଲୋଜି ଓ ଡେମୋନଷ୍ଟ୍ରେଶନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ୪୦ ଜଣ ଶିକ୍ଷକ ୭ଟି ଗ୍ରୁପ୍‌କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


# Classified Everyday

0674-2580101, 9692975378




## SALE

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2310

**Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987.** D-76220

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914. D-76223

50 ହଜାରରୁ 5 ଲକ୍ଷ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ପ୍ଲଟ୍, upto 1cr. Plots, Flats, 8917622925.
D-2287


**ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି SC/ Gen. ପ୍ଲଟ୍ କିଣନ୍ତୁ। 9658562429.**
D-76224

Scheduled Caste conversion boundary plot sale, Argul Station near IIT, 4000 sqft., 14,00,000/-. General 5000 sqft. plot, 30,00,000/-. Close to 40ft. pitchuroad- 9040074834.
D-76225

**Official space & shops (BMC & RERA approved) for sale in a prime location of BBSR. For details please contact: 7605932509.**
D-2319

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9040307584, 9437040045.**
D-2333

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-2334




Newly open health benefits spa by expert therapist. Contact: 8280961126.
D-76180

## AFFIDAVIT

By virtue of an affidavit sworn before Executive Magistrate, Bhubaneswar on dated 19.12.2024. I Shiba Prasad Jena, have changed my name from 'Siba Prasad Jena' to 'Shiba Prasad Jena'. Henceforth, I shall be known as 'Shiba Prasad Jena' for all purposes.
D-2330

I, Bishnupriya Sabat, W/o Brundaban Sabat, resident of Ram Mandir Sahi, Boipariguda, P.O./ P.S.- Boipariguda, Dist.- Koraput, PIN- 764043 declare by this affidavit No.2086, dtd.12.12.2024 that now onwards I shall be known as BISHNU PRIYA SABAT for all future purposes. D-2335

ମୁଁ ବାସନ୍ତୀ ବାରିକ, ସ୍ୱାମୀ ସୁରେନ୍ଦ୍ର ବାରିକ, ପିତା- ସ୍ୱର୍ଗତ ନବଘନ ବାରିକ, ଗ୍ରାମ- ପଟିଆମାଳ, ପୋଷ୍ଟ- ପଟିଆ, ପୋ.- ରଣପୁର, ଜିଲ୍ଲା- ନୟାଗଡ଼, ଓଡ଼ିଶା, ପିନ୍- ୭୫୨୦୨୩ ଘୋଷଣା କରୁଛି ଯେ ମୁଁ ଏହି ଆଫିଡେଭିଟ୍ ନଂ.-୨୨୭୪, ତାରିଖ ୨୬।୧୧।୨୦୨୪ ଦ୍ୱାରା ବର୍ତ୍ତମାନଠାରୁ ମଞ୍ଜୁବାଳା ବାରିକ ନାମରେ ନାମିତ ହେବି। ଧ-୭୩୫୬୭

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, BBSR dated 18.12.2024, I, Smt. Muni Munda, W/o Late Parshuram Munda, Address: At- Giridharipur, P.O.- Sunaposhi, Via- Champua, Dist.- Keonjhar, Odisha, declare that I have changed my son's name from Motilal Munda @ Manoj Kumar Soy to Motilal Munda. Henceforth, he shall be known as Motilal Munda for all purposes.
Muni Munda D-2337

## LOST

ମୁଁ ପ୍ରଭାତ ରଞ୍ଜନ ବେଉରିଆ, ଜାଗମରାସ୍ଥିତ ଗୋଟିଏ propertyକୁ ରେନୁବାଲା ରାଉତ & others ଠାରୁ କିଣିଅଛି। କିଣିବା ସମୟରେ ସେମାନେ ଦଲିଲ ନଂ.- 7121, Dt.7.10.1980 ମୋତେ ଦେଇଥିଲେ। କିନ୍ତୁ ମୁଁ Unit-4 ଦେଇ ଯାଉଥିବା ସମୟରେ କେଉଁ ଜାଗାରେ ହଜାଇଦେଇଛି। ମୁଁ ଏହାକୁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇନାହିଁ। ମୁଁ ଏଥିପାଇଁ Police Stationରେ F.I.R. ଦେଇଛି ଏବଂ Affidavit କରିଛି। ବର୍ତ୍ତମାନ ମୁଁ ଏହି propertyକୁ ବନ୍ଧକ ହିସାବରେ ଦେଇ ଗୃହଋଣ ନେବାକୁ ଯାଉଛି। ଯଦି କୌଣସି ସହୃଦୟ ବ୍ୟକ୍ତିଙ୍କୁ ମିଳେ, SBI RACPCରେ ଦେବାକୁ ଅନୁରୋଧ।
ଧ-୨୩୩୬

## LEGAL NOTICE

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ସ୍ୱର୍ଗତ ରାମଚନ୍ଦ୍ର ନାୟକ, ପି.- ସୁକଦେବ ନାୟକ, ସରଧାପାଲି, ଥାନା- ଧମା, ଜିଲ୍ଲା- ସମ୍ବଲପୁରଙ୍କ ନାମରେ ଥିବା ଜମି ଉତ୍ତରାଧିକାରୀ ସୂତ୍ରରେ ସୁମନ୍ତ ନାୟକ ଓ ପରିବାରର ସଦସ୍ୟଙ୍କ ନାମରେ ନାମିତ କରିବା ପାଇଁ ତହସିଲଦାର, ମନେଶ୍ୱରଙ୍କଠାରେ ଦାଖଲ ଖାରଜ ମକଦ୍ଦମା ନମ୍ବର ୧୧୧୮/୨୦୨୪ରେ ଆବେଦନ କରିଛନ୍ତି। ଯଦି କାହାର ଅଭିଯୋଗ ଥାଏ, ସୂଚନା ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ତହସିଲଦାରଙ୍କଠାରେ ଅଭିଯୋଗ ଜଣାଇବେ। ୧୫ ଦିନ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।
ସୁମନ୍ତ ନାୟକ
ଧ-୨୩୪୦

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

**Notice to show cause.**
**IN THE COURT OF THE S.D.J.M., ANANDAPUR**
**C.M.C. No.47/2023**

1. Smt. Bharati Chakra @ Jena, aged about 32 years, D/o Sri Amulya Kumar Chakra, Wife of Sri Prasanna Kumar Jena, of Vill./P.O.- Khalpal, P.S.- Ghasipura, Dist.- Keonjhar, At present residing in Aunt's house, C/o Smitarani Pahi, Vill./P.O./P.S. Anandapur, Dist.- Keonjhar.
2. Pratyansh Kumar Jena, aged about 2 years, Son of Sri Prasanna Kumar Jena, of Vill./P.O.- Khalpal, P.S.- Ghasipura, Dist.- Keonjhar. Being minor represented through, his minor guardian Smt. Bharati Chakra @ Jena, C/o Smitarani Pahi of Vill./P.O./P.S. Anandapur, Dist.- Keonjhar

... ... Aggrieved Persons.
Versus
Prasanna Kumar Jena and 14 others ... ... Respondents.
To
1. Smt. Sulochana@ Kamalini Jena, Wife of Sri Kumarabara Jena, of Vill./P.O.- Khalpal, P.S.- Ghasipura, Dist.- Keonjhar.
2. Sri Pratap Kumar Routray, Son of Bijaya Kumar Routray.
3. Smt. Babitanjali Routray, Wife of Sri Pratap Kumar Routray.
4. Priyanka Routray, Daughter of Sri Pratap Kumar Routray, Sl. No.2 to 4 of Vill./P.O.- Korabandi, P.S.- Korei, Dist.- Jajpur.
5. Smt. Baijayanti Swain, Daughter of Sri Bibhuti Bhusan Swain, of ATM Chhak, Niladri Vihar, Sector-1, P.O.-Talasri Vihar, P.S.- Chandrasekharpur, Dist.- Khurdha, at present residing with, Sri Prasanna Kumar Jena of Vill./P.O.- Khalpal, P.S.- Ghasipura, Dist.- Keonjhar.

Take notice that the above named Aggrieved Persons have filed CMC No. 47/2023 claiming reliefs U/S, 18,19, 20 and 22 of the D.V. Act against you and as you are avoiding receiving notice issued from this court, hence you are hereby directed to appear on the date fixed i.e. on dt.30.01.2025 at 10.30 A.M. positively either in person or through pleader to answer the claim and in default of your appearance in the above mentioned date and time the case will be heard and determined in your absence as per law.
Given under my hand and the seal of this Court December 17th 2024.
**Sd./- S.D.J.M. Anandapur**
D-2329


# ଓରେରାର ନୂତନ ୱେବ୍‌ସାଇଟ୍ ଉନ୍ମୋଚିତ



**ଭୁବନେଶ୍ୱର,୨୦।୧୨ (ଅଭୟ ଦାଶ)**

ଓଡ଼ିଶା ରିଅଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି (ଓରେରା)ର ନୂତନ ୱେବ୍‌ସାଇଟ୍ https://rera.odisha.gov.in ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଓରେରା ସଂସ୍କରଣ ୨.୦ର ଆନୁଷ୍ଠାନିକ ଶୁଭାରମ୍ଭ ମଧ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ ଓରେରା ଅଧ୍ୟକ୍ଷ ସିଦ୍ଧାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓରେରା (ସଦସ୍ୟ) ପ୍ରଦୀପ କୁମାର ବିଶ୍ୱାଳ ଏବଂ ଗୋପାଳ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତି ଥିଲେ। ଏହି ଅବସରରେ ଦାସ କହିଥିଲେ, ବ୍ୟବସ୍ଥାରେ ସ୍ୱଚ୍ଛତା, ଦକ୍ଷତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବାରେ ରେରା ପାଇଁ ଏହା ଏକ ଐତିହାସିକ ଦିନ ହୋଇଥିଲାବେଳେ ରେକର୍ଡ ସମୟ ମଧ୍ୟରେ ଏହି ନୂତନ ୱେବ୍‌ସାଇଟକୁ ସଫଳତାର ସହ କାର୍ଯ୍ୟକାରୀ କରିଥିବାରୁ ସେ ସମସ୍ତ ଅଧିକାରୀ ଏବଂ ଦଳର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏପରିକି ଏହା ବ୍ୟବହାରକାରୀ ଅନୁକୂଳ ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ସହାୟକ ହେବ ବୋଲି ଦାସ ଆଶା କରିଛନ୍ତି। ସେହିଭଳି ଓରେରା ସଚିବ ଶ୍ରାବଣୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅର୍ଥ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଦୀପକ କୁମାର ବେଶରା ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଇଫ୍ ଷ୍ଟାଇଲର ସେଲ୍ ଅଫ୍ ଦି ସିଜନ


**ନୂଆଦିଲ୍ଲୀ,୨୦।୧୨**

ଲାଇଫ୍ ଷ୍ଟାଇଲର ବହୁ ପ୍ରତୀକ୍ଷିତ ବିକ୍ରୟ ଅଫର 'ସେଲ୍ ଅଫ୍ ଦି ସିଜନ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ସ୍ୱତନ୍ତ୍ର ବିକ୍ରୟ ଅଫର ଉପରେ ଆକର୍ଷଣୀୟ ରିହାତି ଦିଆଯାଉଛି। ଫ୍ୟାଶନ ବ୍ରାଣ୍ଡ ସାମଗ୍ରୀ ଉପରେ ବର୍ତ୍ତମାନ ୫୦%ର ରିହାତି ଉପଲବ୍ଧ ହେଉଛି।

ସେହିଭଳି ଲାଇଫ୍ ଷ୍ଟାଇଲର ସ୍ୱତନ୍ତ୍ର ବିକ୍ରୟ ଗ୍ରାହକଙ୍କୁ ବୋଲ୍‌ଡ ଫ୍ୟାଶନ ପସନ୍ଦ କରିବାକୁ ଓ ଅନନ୍ୟ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରେରଣା ଦେଇଥାଏ। ଏପରିକି ଏହାକୁ ଜୀବନ୍ତ କରିବା ଲାଗି ଜୀବନଶୈଳୀ ଅଭିଯାନ ଆରମ୍ଭ କରିଛି, ଯାହା ଟିଭି, ଡିଜିଟାଲ ଓ ପ୍ରିଣ୍ଟ ମିଡିଆର ବିସ୍ତାର ଜରିଆରେ ପ୍ରସାରିତ ହେଉଛି। ଏହା ଫ୍ୟାଶନ ୱାଲ୍‌ଡ ଷ୍ଟାଇଲ-ଶପିଂ ୟାର୍କ-ଏକ ଫ୍ୟାଶନ ଫରୱାର୍ଡ ଟ୍ୱିଷ୍ଟ ସହିତ ପୁନଃ ଚିତ୍ରଣ କରିଥାଏ ଏବଂ ଗ୍ରାହକଙ୍କୁ ସେମାନଙ୍କ ଉପଯୋଗୀ ସାମଗ୍ରୀ କିଣିବାକୁ ପ୍ରେରିତ କରିଥାଏ। ଏହି ବିକ୍ରୟ ଫ୍ୟାଶନ ଉତ୍ସାହୀମାନଙ୍କୁ ସେମାନଙ୍କୁ ସବୁଠାରୁ ଷ୍ଟାଇଲିଶ ଓ ବିଭିନ୍ନ ପ୍ରକାର ସଂଗ୍ରହରୁ କଲେକ୍ସନ ହୋଇଥିବା ସାମଗ୍ରୀ ସହିତ ସତେଜ କରିବାର ଅନୁଭବ ପ୍ରଦାନ କରିଥାଏ। ଯାହା ପାର୍ଟିଠାରୁ କାଜୁଆଲ ଓ ଫ୍ୟୁଜନ ଲୁକ୍ ପର୍ଯ୍ୟନ୍ତ ପ୍ରତ୍ୟେକ ଉତ୍ସବକୁ ଆକର୍ଷିତ କରିବ। ଏହି ମାସରେ ପାର୍ଟି କଲେକ୍ସନ ଉତ୍ସବର ଚମତ୍କାର ଲାଗି ବୋଲ୍‌ଡ, ଷ୍ଟାଇଲିଶ ଓ ବିଶେଷ ବିକଳ୍ପ ସହିତ ଉପଲବ୍ଧ। ଗ୍ଲାମ ଏଡିଟ ଚମକଦାର, ଜେଟ୍ ବ୍ଲାକ୍, ଚାମ୍ପେନ ଏବଂ ବରଗଡ଼ର ସୁସଜ୍ଜିତ ବସ୍ତ୍ର ସହିତ ଉଜ୍ଜ୍ୱଳ, ଚମତ୍କାର ପୋଷାକ, ଟପ୍ ଓ ଟିକ୍ ମନୋକ୍ରୋମ ଶୈଳୀ ପ୍ରଦାନ କରିଥାଏ। ପୁରୁଷମାନଙ୍କ ଲାଗି ଜ୍ୟାକେଟ, ଟିସ, ଟ୍ରେଣ୍ଡି ଡେନିମ, କାର୍ଗୋ, ପାର୍ଟି ବ୍ଲେଜର ଏବଂ ପ୍ରିଣ୍ଟ ସାର୍ଟ ପରିଧାନ ରହିଛି।


# ମନେ ପଡ଼ନ୍ତି

## ଏକାଦଶାହ



ସ୍ୱ.ନବକିଶୋର ନାଥ
ଧରାବତରଣ: ୦୪-୧୧-୧୯୪୭
ସ୍ୱର୍ଗାରୋହଣ: ୧୧-୧୨-୨୦୨୪
କୁଆଗଡ଼ିଆ, ସିମୁଳିଆ, ବାଲେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୩୩୧

## ଦଶମ ଶ୍ରାଦ୍ଧବାର୍ଷିକୀ



ସ୍ୱ.ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ- ୧୬।୦୩।୧୯୩୪
ତିରୋଧାନ- ୧୨।୧୨।୨୦୧୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରଣାମ ଜଣାଉଛୁ।
ଶୋକସନ୍ତପ୍ତ-
ବନ୍ଧୁ ଓ ପରିବାରବର୍ଗ
ଧ-୨୩୩୨


# ଟାୟାର ୨+ ବଜାରରେ ବ୍ରାଣ୍ଡର ଉପସ୍ଥିତି ବୃଦ୍ଧି

**ନୂଆଦିଲ୍ଲୀ,୨୦।୧୨**

ଭାରତର ଟାୟାର ୨+ ବଜାରରେ ୱାଓ ସ୍କିନ ସାଇନ୍ସର ଉପସ୍ଥିତି ବୃଦ୍ଧି ପାଇଛି। ଏପରିକି ମିଶୋ ସହ ରଣନୀତିକ ଭାଗିଦାରୀ ମାଧ୍ୟମରେ ଏହି ବୃଦ୍ଧି ପରିଲକ୍ଷିତ ହୋଇଛି। ମିଶୋ ସହ ୱାଓ ସ୍କିନ ସାଇନ୍ସର ସହଭାଗିତା ଏହି ଉଦୀୟମାନ ବଜାର ଗୁଡ଼ିକରେ ବ୍ରାଣ୍ଡର ବିଶ୍ୱସ୍ତତା ପ୍ରଦର୍ଶନ କରି ଟାୟାର ୨+ ଅଞ୍ଚଳରୁ ୧ମିଲିୟନ ନୂଆ ଗ୍ରାହକ ସୃଷ୍ଟି କରିଛି। ପରବର୍ତ୍ତି ୧୨ ମାସରେ ୱାଓ ସ୍କିନ ସାଇନ୍ସ ମିଶୋରେ ବାର୍ଷିକ ପୁନରାବୃତି ରାଜସ୍ୱ ୫ ଗୁଣା ବୃଦ୍ଧି ଲକ୍ଷ୍ୟ ରଖିଛି। ଏହି ସହଭାଗିତା ମାଧ୍ୟମରେ ୱାଓ ସ୍କିନ ସାଇନ୍ସ ଟାୟାର ୨+ ବଜାରରୁ ଅର୍ଡ଼ର ଗୁଡ଼ିକରେ ୧୦ଗୁଣା ଅଭିବୃଦ୍ଧି ହାସଲ କରିଛି, ସୁଗନ୍ଧ, ଫେସୱାସ, ସନସ୍କ୍ରିନ, ସାମ୍ପୋ, ହେୟାର ଅଏଲ, ଆଲୋଏଭେରା ଜେଲ ଓ ସ୍ୱାସ୍ଥ୍ୟକର ପନୀୟ ଉପରେ ଅଧିକ ଚାହିଦା ରହିଥିବା ଜଣାପଡିଛି। ଗୁଣବତା ଓ ପ୍ରଭାବଶାଳୀ ବ୍ରାଣ୍ଡର ପ୍ରତିବଦ୍ଧତା ଛୋଟ ସହର ଗୁଡ଼ିକରେ ଗ୍ରାହକମାନଙ୍କ ସହ ପୁନଃ ସୃଷ୍ଟି ହୋଇଛି। ୱାଓ ସ୍କିନ ସାଇନ୍ସର ସହ ପ୍ରତିଷ୍ଠାତା ମନୀଷ ଚୌଧୁରୀ କହିଛନ୍ତି, ମିଶୋ ସହିତ ଆମର ସହଭାଗିତା ବହୁ ପରିବର୍ତ୍ତନ ଆଣିଛି, ଯାହା ଦ୍ୱାରା ଆମକୁ ନୂଆ ଅଭିବୃଦ୍ଧିର ସୁଯୋଗ ମିଳିଛି।

# ସହପାଠୀଙ୍କୁ ଛୁରି ଭୁସିଦେଲେ ଛାତ୍ର

ପଟ୍ଟାମୁଣ୍ଡାଇ, ୨୦।୧୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତେଲଙ୍ଗାବସନ୍ତ ପଞ୍ଚାୟତର ଏକ ସ୍କୁଲରେ ଶୁକ୍ରବାର ଦୁଇ ଛାତ୍ରଙ୍କ ମଧ୍ୟରେ ବଚସାରୁ ଅପ୍ରୀତିକର ଘଟଣା ଘଟିଛି। ଅପରାହ୍ନ ସାଢ଼େ ୧ଟାରେ ଅଷ୍ଟମ ଶ୍ରେଣୀରେ ପଢ଼ୁଥିବା ଜଣେ ଛାତ୍ର ତାଙ୍କର ସହପାଠୀଙ୍କୁ ଛୁରି ଭୁସି ଦେଇଛନ୍ତି। ଫଳରେ ଆହତ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଛି। ବିଦ୍ୟାଳୟ ପକ୍ଷରୁ ଏ ନେଇ ପଟ୍ଟାମୁଣ୍ଡାଇ ବିଇଓ ହରିହର ଦଳାଇଙ୍କୁ ଅବଗତ କରାଯାଇଛି। ସ୍କୁଲର ଜଣେ ଶିକ୍ଷକଙ୍କ କହିବାନୁଯାୟୀ, ଶ୍ରେଣୀ ଗୃହରେ ୨ ଛାତ୍ର ବସିଥିବାବେଳେ ଜଣେ ଅନ୍ୟଜଣଙ୍କର ଚୁଟିକୁ ଝିଙ୍କି ଦେଇଥିଲେ। ମଧ୍ୟାହ୍ନଭୋଜନ ପରେ ଖେଳୁଥିବାବେଳେ ପୁଣି ଉକ୍ତ ଛାତ୍ରଙ୍କ ଚୁଟି ସହପାଠୀ ଜଣକ ଝିଙ୍କି ଦେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଚୁଟି ଟଣାଯାଇଥିବା ଛାତ୍ର ଜଣକ ଘରକୁ ଯାଇ ଏକ ଛୁରି ଆଣି ଅନ୍ୟ ସହପାଠୀଙ୍କ ପିଠିକୁ ଭୁସି ଦେଇଥିଲେ। ପରେ ସେ ଘରକୁ ପଳାଇଥିଲେ। ଆକ୍ରମଣର ଶିକାର ହୋଇଥିବା ଛାତ୍ରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିକ୍ଷକ ଉଦ୍ଧାର କରି ଚିକିତ୍ସାଳୟକୁ ନେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛୁରି ମାଡ଼ କରିଥିବା ଛାତ୍ରଙ୍କୁ ହେପାଜତକୁ ନେଇଛି। ଏ ସମ୍ପର୍କରେ ଆଇଆଇସି ପଦ୍ମାଳୟା ପ୍ରଧାନଙ୍କୁ ପଚାରିବାରେ ଆକ୍ରମଣକାରୀ ଛାତ୍ରଙ୍କ ବିଷୟରେ କିଛି କହିବାକୁ ମନା କରି ଦେଇଛନ୍ତି।

# ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି, ୨୦।୧୨ (ଅଶେଷ ନାଥ ମିଶ୍ର)



ଅଭିଯୁକ୍ତ ଶିବାନନ୍ଦ

ବିବାହର ପ୍ରତିଶ୍ରୁତି ଦେଇ ଯାଜପୁର ଜିଲାର ଜଣେ ଅନୁସୂଚିତ ଜାତିର ଜଣେ ଯୁବତୀଙ୍କୁ ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ମହୁଡ଼ା ନିକଟ ଏ.ରଘୁନାଥପୁର ଗ୍ରାମର ଶିବାନନ୍ଦ ସାହୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଏତଲାକୁ ଭିତ୍ତିକରି ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ନଂ.୪୯୭/୨୪ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଛନ୍ତି। ବ୍ରହ୍ମପୁର ଏସପି ଏସ୍. ବିବେକ. ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ ତଦନ୍ତଭାର ଗ୍ରହଣ କରିବା ସହ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଛନ୍ତି। ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜିଲା ଦୌରା ଜଜ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତା ଜଣକ ଚେନ୍ନାଇର ଏକ ସିଲେଇ କମ୍ପାନୀରେ କାମ କରୁଥିବା ବେଳେ ଗତ ପ୍ରାୟ ୭ ମାସ ପୂର୍ବେ ଶିବାନନ୍ଦଙ୍କ ସହ ତାଙ୍କ ସମ୍ପର୍କ ହୋଇଥିଲା। ସେ ତାଙ୍କୁ କୋର୍ଟରେ ରେଜିଷ୍ଟ୍ରି ବିବାହ କରିବାର ପ୍ରତିଶ୍ରୁତି ଦେଇ ଗତ ଜୁଲାଇ ୨ରେ ଭୁବନେଶ୍ୱର ଆଣି ବରମୁଣ୍ଡା ଅଞ୍ଚଳରେ ଏକ ଭଡ଼ା ଘରେ ରଖି ତାଙ୍କ ଇଚ୍ଛା ବିରୋଧରେ ବଳାତ୍କାର କରିଥିଲେ। ପରେ ବିବାହ କରିବା ପାଇଁ ପୀଡ଼ିତା ଜଣକ ବାଧ କରିବାରୁ ଶିବାନନ୍ଦ ତାଙ୍କୁ ଗାଁକୁ ଆଣି ଏକ ଘରେ ରଖି ଜବରଦସ୍ତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଶିବାନନ୍ଦଙ୍କ ବାପା ସନାତନ ସାହୁ ଉକ୍ତ ଘରେ ପହଞ୍ଚି ପୀଡ଼ିତାଙ୍କୁ ଜାତିଆଣ ମନ୍ତବ୍ୟ ଦେବାସହ ମାଡ଼ ମାରିଥିଲେ। ପରେ ତାଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଫଳରେ ଶିବାନନ୍ଦ ପୀଡ଼ିତାଙ୍କୁ ପୁଣି ଚେନ୍ନାଇରେ ଛାଡ଼ି ଫେରାର ହୋଇଯାଇଥିଲେ। ତାଙ୍କୁ ମୋବାଇଲ ଫୋନରେ ହତ୍ୟା କରିବା ପାଇଁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ପୀଡ଼ିତା ଚେନ୍ନାଇରୁ ବହୁ କଷ୍ଟରେ ଫେରି ଗୁରୁବାର ଥାନାରେ ଏତଲା ଦେବା ପରେ ତଦନ୍ତକାରୀ ଅଧିକାରୀ ଚିକିଟି ଏସଡିପିଓ ଶିବାନନ୍ଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ୨ ଟେକ୍ସଟାଇଲ ଇନ୍ସପେକ୍ଟର

ବୌଦ୍ଧ, ୨୦।୧୨ (ଅଜିତ କୁମାର ବାରିକ)

## ପୈତୃକ ବାସଭବନ, ଭଡ଼ା ଘରେ ଚାଲିଛି ଚଢ଼ାଉ





କୃଷ୍ଣଚନ୍ଦ୍ର ସାହୁ ଓ ଆଦିତ୍ୟ କୁମାର ଦାସ

୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଶୁକ୍ରବାର ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି ବୌଦ୍ଧ ଜିଲାର ୨ ଟେକ୍ସଟାଇଲ ଇନ୍ସପେକ୍ଟର। ସେମାନେ ହେଲେ କୃଷ୍ଣଚନ୍ଦ୍ର ସାହୁ ଓ ଆଦିତ୍ୟ କୁମାର ଦାସ। ଭିଜିଲାନ୍ସ କର୍ମଚାରୀ ଉଭୟ ଅଧିକାରୀଙ୍କଠାରୁ ଟଙ୍କା ଜବତ କରିଛନ୍ତି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ କେସ୍ ନଂ. ୨୧।୨୪ରେ ମାମଲା ରୁଜୁ କରି ଉଭୟ ଅଧିକାରୀଙ୍କୁ ଗିରଫ କରିଛି। ଏଥିସହ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ଡିଏସ୍‌ପି ସୁରେଶ କହଁର ସୂଚନା ଦେଇଛନ୍ତି। କୃଷ୍ଣଚନ୍ଦ୍ରଙ୍କ ପୈତୃକ ବାସଭବନ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ରତ୍ନମଣିପୁରରେ ଚଢ଼ାଉ ଚାଲିଥିବାବେଳେ ଆଦିତ୍ୟଙ୍କ ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଲନା ଗ୍ରାମରେ ଚଢ଼ାଉ ଚାଲିଛି। ଏଥିସହ ଉଭୟଙ୍କ ବୌଦ୍ଧ ସହରର ଭଡ଼ା ଘରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଖବର ଲେଖାହେବା ସୁଦ୍ଧା ଉଭୟଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତି ନେଇ ଭିଜିଲାନ୍ସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଚଢ଼ାଉରେ ବୌଦ୍ଧ, ଫୁଲବାଣୀ ଓ ବ୍ରହ୍ମପୁରର ଭିଜିଲାନ୍ସ ଟିମ୍ ସାମିଲ ହୋଇଛନ୍ତି। ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବୌଦ୍ଧ ବାଉଁଶୁଣୀ ବୈଦ୍ୟନାଥପୁର ଗଜାନନ ତନ୍ତୁ ସମବାୟ ସମିତର ସମ୍ପାଦକ ପଞ୍ଚାନନ ମେହେରଙ୍କଠାରୁ ବୁଣାକାରମାନଙ୍କ ଆର୍ଥିକ ସହାୟତା (ଶାଢ଼ି ବୁଣିବା ପାଇଁ) ଫାଇଲ ପ୍ରୋସେସ୍ ଓ ବୌଦ୍ଧ କେନ୍ଦ୍ରୀୟ ସମବାୟକୁ ବିଲ୍ ପାସ୍ ପାଇଁ ପ୍ରଥମେ ୫୦ ହଜାର ଟଙ୍କା ମଗାଯାଇଥିଲା। ଏନେଇ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତବାକ ଟେକ୍ସଟାଇଲ କାର୍ଯ୍ୟାଳୟଠାରେ ୨ ଅଧିକାରୀ ପଞ୍ଚାନନଙ୍କଠାରୁ ୫ ହଜାର ଟଙ୍କା ଲେଖାଏ ଲାଞ୍ଚ ନେଉଥିବା ବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ସେମାନଙ୍କୁ କାବୁ କରିଥିଲା।

# ବିସ୍ଫୋରଣ ମାମଲା: ସବ୍ୟସାଚୀ ଦୋଷମୁକ୍ତ

ଗୁଣପୁର, ୨୦।୧୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଏଡିଜେ ଶେଖ ମହମ୍ମଦ କ୍ୱାଇସ ଶୁକ୍ରବାର ମୁନିଗୁଡ଼ା ଥାନା ଡାଙ୍ଗସୋରଡ଼ା ଫାଣ୍ଡି ଓ ବିଏସ୍‌ଏନ୍‌ଏଲ ଟାୱାର ବିସ୍ଫୋରଣ ମାମଲାର ବିଚାର କରି ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ତାଙ୍କୁ ଦୋଷମୁକ୍ତ କରିଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ୨୦୦୮ ଡିସେମ୍ବର ୧୧ରେ ରେ ମୁନିଗୁଡ଼ା ଥାନା ଡାଙ୍ଗସୋରଡ଼ା ଫାଣ୍ଡି ଓ ବିଏସ୍‌ଏନ୍‌ଏଲ୍ ଟାୱାରକୁ ସବ୍ୟସାଚୀଙ୍କ ସମେତ ୩୦୦ ମାଓବାଦୀ ସମର୍ଥକ ବିସ୍ଫୋରଣରେ ଉଡ଼ାଇ ଦେଇଥିବା ନେଇ ମାମଲା ରହିଥିଲା। ଏହି ମାମଲାର ବିଚାର ଗୁଣପୁର ଏଡିଜେଙ୍କ କୋର୍ଟରେ ଚାଲୁ ରହିଥିଲା। ସରକାରଙ୍କ ପକ୍ଷରୁ ଉମା ଚରଣ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ନାବାଳିକା ଗଣବଳାତ୍କାର: ୩ ଅଭିଯୁକ୍ତ କୋର୍ଟ ଚାଲାଣ

ରାଉରକେଲା, ୨୦।୧୨ (ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅଧୀନ ଉଦିତନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ଶୁକ୍ରବାର ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନଙ୍କୁ ଟିଆଇ ପରେଡ୍ କରାଯିବାକୁ ଥିବାରୁ ସେମାନଙ୍କ ପରିଚୟକୁ ସାର୍ବଜନୀନ କରାଯାଇନାହିଁ। ଏ ନେଇ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ କହିବା ଅନୁସାରେ, ଗତ ୧୭ ତାରିଖରେ ଉକ୍ତ ନାବାଳିକା ଘରୁ ପଳାଇଯାଇଥିଲେ। ନାବାଳିକା ଜଣକ ବୁଲୁଥିବା ଦେଖି ଜଣେ ଅଭିଯୁକ୍ତ ତାଙ୍କୁ ପ୍ରଲୋଭନ ଦେଖାଇ ବିଶ୍ରା ନେଇ ଯାଇଥିଲେ। ସେଠାରେ ଅଭିଯୁକ୍ତ, ଘର ମାଲିକ ଓ ତାଙ୍କର ଜଣେ ସାଙ୍ଗ ନାବାଳିକାଙ୍କୁ ୨ଦିନ ଧରି ବଳାତ୍କାର କରିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କୁ ଆଣି ଗୁରୁବାର ଭୋର୍ ସମୟରେ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଛାଡ଼ି ପଳାଇଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ଘରେ ସୂଚନା ଦେଇଥିଲା। ତେବେ ମାମଲା ହେବାର ୨ ଘଣ୍ଟା ମଧ୍ୟରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର ପୀଡ଼ିତା ଓ ଅଭିଯୁକ୍ତମାନଙ୍କର ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତମାନଙ୍କୁ ସୁନ୍ଦରଗଡ଼ ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିବା ଡିଏସ୍‌ପି ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ମାମଲାରେ ବିଶ୍ରା ଅଞ୍ଚଳର ଜଣେ ବ୍ୟବସାୟୀ ସାମିଲ ଥିବା ଚର୍ଚ୍ଚା ହେଉଛି।

# କାର୍ କାଚ ଭାଙ୍ଗି ଲକ୍ଷେ ଟଙ୍କା ଲୁଟ

- ଅନୁଗୋଳ ସହରରେ ମାତିଲେଣି ଲୁଟେରା
- ଟାଉନ ଥାନାଠାରୁ ୧୦୦ ମିଟର ଦୂରରେ କଲେ ଲୁଟ୍
- ପୋଲିସ ପାଇଁ ବଢ଼ିଲା ଚ୍ୟାଲେଞ୍ଜ

ଅନୁଗୋଳ, ୨୦।୧୨ (ଜ୍ୟୋତିରଞ୍ଜନ ସାହୁ)



କାର୍ କାଚ ଭଙ୍ଗାଯାଇ ଟଙ୍କା ଲୁଟ୍ କରାଯାଇଛି।

ଅନୁଗୋଳ ଟାଉନ ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ହୋଇଛି ଲୁଟ୍। ଜିଲା କାର୍ଯ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ତଥା ଜନ ଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏକ କାର୍ କାଚ ଭାଙ୍ଗି ଲକ୍ଷେ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜୁଜୁବୁ ଗାଁର ସତ୍ୟବ୍ରତ ପ୍ରଧାନ ଏକ ଜାଗା କିଣିବା ପାଇଁ କାଗଜପତ୍ର କରିବା ଉଦ୍ଦେଶ୍ୟରେ ଭାଇଙ୍କ ସହ ରେଜେଷ୍ଟି ଅଫିସକୁ ଆସିଥିଲେ। କାର୍ଯ୍ୟାଳୟ ବାହାରେ ସେ କାର୍ (ନଂ. ଓଡି ୦୨ସିପି-୪୫୮୯) ରଖି ଭିତରକୁ ଯାଇଥିଲେ। କାମ ସାରି ଗାଡ଼ି ପାଖକୁ ଆସିବା ପରେ ବାମ ପାର୍ଶ୍ୱ ଝରକା କାଚ ଭଙ୍ଗାଯାଇ ଟଙ୍କା ବ୍ୟାଗ ଲୁଟି ନିଆଯାଇଥିବା ଜାଣିବାକୁ ପାଇଥିଲେ। ଜାତୀୟ ରାଜପଥରୁ ବଜାର ରାସ୍ତାକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାରେ ଜିଲା କାର୍ଯ୍ୟାଳୟ ଥିବା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଫିସ ରହିଛି। ଏପରି କି ଉକ୍ତ ରାସ୍ତାରେ ପୋଲିସ, ସରକାରୀ ଅଧିକାରୀମାନେ ମଧ୍ୟ ଚଳପ୍ରଚଳ କରିଥାନ୍ତି। ତଥାପି ଲୁଟେରାମାନେ ଏପରି ସ୍ଥାନରୁ ଗାଡ଼ି କାଚ ଭାଙ୍ଗି ଲୁଟ୍ କରିବା ସହରର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦିନକୁ ଦିନ ଅନୁଗୋଳ ସହରରେ ଲୁଟେରାଙ୍କ କାର୍ଯ୍ୟକଳାପ ବଢ଼ିବାରେ ଲାଗିଥିବାରୁ ଜନସାଧାରଣ ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗ ହେଉଛି।

# ଶିମିଳିପାଳର ଏଆଇ କ୍ୟାମେରାରେ ଧରାପଡ଼ିଲେ ୬ ଶିକାରୀ

ବାରିପଦା, ୨୦।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ୫ ବନ୍ଧୁକ ଜବତ

ଶିମିଳିପାଳ ଅଭୟାରଣ୍ୟର ବନ୍ୟଜନ୍ତୁଙ୍କୁ ଶିକାରୀଙ୍କ କବଳରୁ ସୁରକ୍ଷା ଦେବା ନିମନ୍ତେ ଖଞ୍ଜାଯାଇଥିବା ଏଆଇ କ୍ୟାମେରା ସଫଳତାର ସହ କାର୍ଯ୍ୟ କରିବାରେ ଲାଗିଛି। ଏହି କ୍ୟାମେରା ସହାୟତାରେ ପୁଣି ୬ ଜଣ ଶିକାରୀ ଧରାପଡ଼ିଛନ୍ତି। ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତ୍ତା ନେଟ୍‌ୱର୍କ (ଏସ୍‌ଡବ୍ଲ୍ୟୁଆଇଏନ୍) ପରି ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ଶିକାରୀଙ୍କୁ ଧରିବାରେ ବନ ବିଭାଗର ପ୍ରୟାସ ସଫଳ ହୋଇଛି। ଧରାପଡ଼ିଥିବା ଶିକାରୀମାନେ ଉଦଳା ଥାନା ଅଧୀନ ବାଣିଆଦରା ଗ୍ରାମର ବୋଲି ବନ ବିଭାଗ ସୂଚନା ଦେଇଛି।

ସେମାନଙ୍କଠାରୁ ଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ୫ଟି ବନ୍ଧୁକ, ବାରୁଦ, ଲୁହାଗୁଣ୍ଡ ଓ ମାରଣାସ୍ତ୍ର ଜବତ ହୋଇଛି। ଶିକାରୀମାନେ ମାରଣାସ୍ତ୍ର ଧରି ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା, ଯାହାକୁ ଆଧାର କରି ଯାଞ୍ଚ କରାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଏସିଏଫ୍‌ଙ୍କ ନେତୃତ୍ୱରେ ବନ କର୍ମଚାରୀମାନଙ୍କ ଏକ ଟିମ୍ ଉକ୍ତ ଶିକାରୀମାନଙ୍କୁ ଚିହ୍ନଟ ପୂର୍ବକ ସେମାନଙ୍କ ଘରେ ଚଢ଼ାଉ ପରେ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଶିକାରୀମାନଙ୍କୁ ବାରିପଦା ସିଜେଏମ୍ କୋର୍ଟଚାଲାଣ କରାଯାଇଛି। ଅଧିକ ତଦନ୍ତ ପାଇଁ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ବନ ବିଭାଗ ୨ ଦିନିଆ ରିମାଣ୍ଡରେ ଆଣିଛି। ତଦନ୍ତରେ ବାଧା ଆଶଙ୍କା ଥିବାରୁ ଗିରଫ ଶିକାରୀମାନଙ୍କ ନାମ ବନ ବିଭାଗ ଗୋପନ ରଖିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଗାଁ ବଳଦ ବିକାଏ ନାହିଁ**
**ଯଦି ବିକାଏ କଉଡ଼ି ନାହିଁ।**

ବଳଦ ନିଜ ଗ୍ରାମରେ ବିକାଯାଇ ପାରି ନ ଥାଏ ବା ବିକିବାରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। କାରଣ ବଳଦର ଗୁଣ ଓ ଅଗୁଣ ବିଷୟରେ ସେଠାକାର ଅଞ୍ଚଳବାସୀ ବେଶ୍ ଭଲଭାବେ ଅବଗତ ଥିବାରୁ ତାକୁ କିଣିବା ଲାଗି କେହି ଇଚ୍ଛା ପ୍ରକାଶ କରି ନ ଥାନ୍ତି। ଯଦି ବାଧ୍ୟବାଧକତାରେ ବା ପରିସ୍ଥିତିରେ ପଡ଼ି ବଳଦକୁ ନିଜ ଅଞ୍ଚଳରେ ବିକାଯାଏ ତେବେ ତା'ର ମୂଲ୍ୟ ସେତେ ଅଧିକ ମିଳି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଗୁଣ ଚିହ୍ନେ ଗୁଣିଆ**
**ସୁନା ଚିହ୍ନେ ବଣିଆ।**

ଗୁଣୀ ବ୍ୟକ୍ତି ଗୁଣର ମହତ୍ତ୍ୱକୁ ଠିକ ଚିହ୍ନିଥାନ୍ତି। ଯାହା ପାଖରେ ଗୁଣ ଥାଏ ସେହିବ୍ୟକ୍ତି ଶ୍ରେଷ୍ଠ ବୋଲିଥାନ୍ତି। ଆଦର ସମ୍ମାନ ପାଇବା ସହ ପ୍ରଶଂସା ସାଉଣ୍ଟିଥାନ୍ତି। ସେହିପରି ସୁନା ଗହଣା କାରବାର କରୁଥିବା ବଣିଆ ସୁନାରେ କେତେ ପରିମାଣର ଖାଦ ମିଶିଛି କି ନାହିଁ ବା ସୁନା ଅସଲି ନା ନକଲି ତାହା ନିର୍ଭୁଲଭାବେ ଜାଣିପାରିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସ୍ତ୍ରୀଙ୍କୁ ହତ୍ୟା: ସ୍ୱାମୀଙ୍କୁ ୭ ବର୍ଷ କାରାଦଣ୍ଡ

ବାଲେଶ୍ୱର, ୨୦।୧୨ (ବାଞ୍ଛାନିଧି ଦେ)

ସ୍ତ୍ରୀ ହତ୍ୟା ମାମଲାର ଶୁଣାଣି କରି ଶୁକ୍ରବାର ବାଲେଶ୍ୱର ଓପିଆଇଡି କୋର୍ଟ ବିଚାରପତି ବିଶ୍ୱଜିତ୍ ଦାସ ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୯ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ରେମୁଣା ଥାନା ଅଧୀନ ପୁରୁଷୋତ୍ତମପୁର ଅଞ୍ଚଳ ବଙ୍ଗାଳିସାହିର ରୂପକ ସେଠୀ ୨୦୧୭ରେ ବସ୍ତା ଥାନା ଅଧୀନ କୋଇଲିସାହି ଗ୍ରାମର ଚନ୍ଦ୍ରକେତୁ ଦାସଙ୍କ କନ୍ୟା ସବିତାଙ୍କୁ ବୈଦୀକ ରୀତିରେ ବିବାହ କରିଥିଲେ। ବରପକ୍ଷ ଦାବି ମୁତାବକ ସୁନାଗହଣା, ଆସବାବପତ୍ର ସହ ନଗଦ ୧ଲକ୍ଷ ଟଙ୍କା ଯୌତୁକ ଦିଆଯାଇଥିଲା। ଅବଶିଷ୍ଟ ୫୦ହଜାର ଟଙ୍କା ଦୁଇବର୍ଷ ମଧ୍ୟରେ ଦେବେ ବୋଲି କନ୍ୟାଙ୍କ ବାପା ପ୍ରତିଶ୍ରୁତି ଦେଇଥିଲେ। ୨୦୧୮ରେ ରୂପକ ଓ ସବିତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଏହାପରେ ରୂପକ ବକେୟା ଥିବା ୫୦ହଜାର ଟଙ୍କା ବାପଘରୁ ଆଣିବାକୁ ସ୍ତ୍ରୀକୁ କହିଥିଲେ। ଯୌତୁକ ଟଙ୍କା ଦେବା ପାଇଁ ସବିତାଙ୍କ ବାପା ଅକ୍ଷମତା ପ୍ରକାଶ କରିବାରୁ ସବିତାଙ୍କ ଉପରେ ଆରମ୍ଭ ହୋଇଥିଲା ନିର୍ଯାତନା। ବିଭିନ୍ନ ସମୟରେ ସବିତାଙ୍କୁ ସ୍ୱାମୀ ରୂପକ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ୨୦୨୩ ନଭେମ୍ବର ୧୧ରେ ସବିତାଙ୍କୁ ସ୍ୱାମୀ ରୂପକ ହତ୍ୟା କରିଥିବା ନେଇ ରେମୁଣା ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା (ନଂ. ୨୦୮/୨୦୨୩) ରୁଜୁ କରି ରୂପକଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୦ଜଣ ସାକ୍ଷୀ ଏବଂ ୧୮ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ୨ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ, ୪ ଗିରଫ



ଭୁବନେଶ୍ୱର, ୨୦।୧୨ (ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ବିବାଦକୁ ନେଇ ୨ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଘଟଣାରେ ଇନ୍‌ଫୋସିଟି ପୋଲିସ ୪ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁରର ପୁନିଆ ପ୍ରସୁନ ମହାନ୍ତି ଓ ଶକ୍ତି ସ୍ୱରପ ମହାନ୍ତି, ଖଣ୍ଡଗିରିର ରାୟନ ଜାକର ଖାନ୍ ଏବଂ ଅନ୍ୟଜଣେ ହେଲେ ଆନ୍ଧ୍ର ପ୍ରଦେଶର ବରୁଣ ରାଓ। ସେମାନଙ୍କଠାରୁ ୪ଟି ଖଣ୍ଡା ଜବତ ହୋଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆହତ ସୌରଭ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୌରଭ ଜଣେ ବନ୍ଧୁଙ୍କ ସହ ଏକ କାରରେ କିଟ୍‌ସ୍ଥିତ ଖାଓଗଳି ଅତିକ୍ରମ କରୁଥିବାବେଳେ ହଠାତ ଏକ କୁକୁର ତାଙ୍କ କାର ସମ୍ମୁଖକୁ ଚାଲି ଆସି ଧକ୍କା ହୋଇଥିଲା। ପରେ ସେ କୁକୁରର ଅବସ୍ଥା ଜାଣିବା ଲାଗି କାରକୁ ରାସ୍ତା ପାର୍ଶ୍ୱରେ ପାର୍କିଂ କରି ସେଥିରୁ ଓହ୍ଲାଇବା କ୍ଷଣି ଅଭିଯୁକ୍ତମାନେ ପୂର୍ବ ବିବାଦକୁ ନେଇ ସୌରଭ ଓ ତାଙ୍କ ବନ୍ଧୁଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।

# ସୀମାନ୍ତରେ ଆଇଇଡି ବିସ୍ଫୋରଣରେ ୨ ଯବାନ ଆହତ



ଆହତ ଯବାନଙ୍କ ଚିକିତ୍ସା ଚାଲିଛି।

ମାଲକାନଗିରି, ୨୦।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲାର କୋହକାମେଟା ଥାନା ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବୋମା ବିସ୍ଫୋରଣରେ ୨ ଯବାନ ଗୁରୁତର ଆହତ ହୋଇଛନ୍ତି। କୋହକାମେଟା ଥାନା ଅନ୍ତର୍ଗତ କାଚପାଲ ଗ୍ରାମ ନିକଟରେ ଡିଆର୍‌ଜି ଏବଂ ବିଏସ୍‌ଏଫ୍ ଯବାନମାନେ ମାଓବାଦୀ ଦମନ ନିମନ୍ତେ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ମାଓବାଦୀମାନେ ଖଞ୍ଜିଥିବା ଏକ ଆଇଇଡି ବୋମା ବିସ୍ଫୋରଣ ଘଟିବାରୁ ଡିଆର୍‌ଜିର ଜଣେ ଯବାନ ଏବଂ ବିଏସ୍‌ଏଫ୍‌ର ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ଆହତ ଯବାନ ହେଲେ ଜନକ ପଟେଲ ଏବଂ ଘସିରାମ ମଞ୍ଜୀ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉଭୟ ଯବାନଙ୍କୁ ନାରାୟଣପୁର ଜିଲା ଡାକ୍ତରଖାନାକୁ ନିଆଯାଇ ସେଠାରେ ଚିକିତ୍ସା ଜାରି ରହିଥିବା ବେଳେ ସେମାନଙ୍କ ଅବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି। ଅପରପକ୍ଷରେ ଘଟଣାସ୍ଥଳରେ ଯବାନଙ୍କ ଦ୍ୱାରା ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ସରକାରୀ ଅର୍ଥ ଆତ୍ମସାତ୍ ମାମଲା: ୧୭ ବର୍ଷ ପରେ ପଞ୍ଚାୟତ ସମ୍ପାଦକ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର, ୨୦।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଡ. ଅରୁଣ କୁମାର ସାହୁ ଶୁକ୍ରବାର ସରକାରୀ ଅର୍ଥ ଆତ୍ମସାତ୍ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାର ୧୭ ବର୍ଷ ପରେ ସେ ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଗ୍ରାମପଞ୍ଚାୟତର ତତ୍କାଳୀନ ସମ୍ପାଦକ ବିଜୟ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ୪୫ ହଜାର ଟଙ୍କା ଜରିମାନା କରିଥିବା ରାୟରେ କହିଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଉକ୍ତ ପଞ୍ଚାୟତର ତତ୍କାଳୀନ ଗ୍ରାମସେବକ କୈଳାସ ଚନ୍ଦ୍ର ସାହୁଙ୍କ ୨୦୨୩ ଡିସେମ୍ବର ୪ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଣୁ ତାଙ୍କୁ ଏହି ମାମଲାରୁ ବାଦ୍ ଦିଆଯାଇଥିଲା।

ମାମଲାର ବିବରଣୀରୁ ପ୍ରକାଶ, ବିଜୟ ଉକ୍ତ ବ୍ଲକ ଅନ୍ତର୍ଗତ ଟିଙ୍ଗୁଡ଼ିଖୋଲ ପଞ୍ଚାୟତର ସମ୍ପାଦକ ଥିବାବେଳେ ତାଙ୍କୁ ଚନ୍ଦନପୁର ପଞ୍ଚାୟତର ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ସେଠାରେ ୧୯୯୮ ମେ ୭ରୁ ୨୦୦୬ ମେ ୨୦ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ସେହିପରି ଚନ୍ଦନପୁର ପଞ୍ଚାୟତର ଗ୍ରାମସେବକ ତଥା ପିଇଓ ଭାବେ କୈଳାସ ଚନ୍ଦ୍ର ସାହୁ ଥିଲେ। ପଞ୍ଚାୟତକୁ ୧୧ତମ ଅର୍ଥ କମିଶନରେ ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ ଚାଉଳ ଓ ସିମେଣ୍ଟ ଆସିଥିଲା। ଉଭୟେ ମିଶି ପଞ୍ଚାୟତକୁ ହିତାଧିକାରୀଙ୍କ ପାଇଁ ଆସିଥିବା ଏହି ଚାଉଳ ଓ ସିମେଣ୍ଟ ହେରଫେର କରିଥିବା ନେଇ ବ୍ରହ୍ମପୁର ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ୨୦୦୭ ଅକ୍ଟୋବର ୧୬ରେ ତତ୍କାଳୀନ ଭିଜିଲାନ୍ସ ଡିଏସ୍‌ପି ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ପ୍ରାୟ ୧୯୮ କୁଇଣ୍ଟାଲ ଚାଉଳ ଓ ୬୪ ବ୍ୟାଗ ସିମେଣ୍ଟ ହେରଫେର ହୋଇଥିବା ଜଣାପଡିଥିଲା, ଯାହା କି ୨ଲକ୍ଷ ୬୭ ହଜାର ୬୯୨ ଟଙ୍କା ୩୮ପଇସା ହୋଇଥିବା ମୂଲ୍ୟାୟନ ବେଳେ ଜଣାପଡିଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ୨୦୦୭ ଡିସେମ୍ବର ୨୭ରେ ୨୯/୦୭ରେ ଏକ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର ଅରୁଣ ନାୟକ ଉପରୋକ୍ତ ଦୁଇ ଅଧିକାରୀଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ବିଜୟ କୋର୍ଟରେ ହାଜର ହୋଇଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ପ୍ରୋ କବାଡି ଲିଗ୍: ପ୍ଲେ ଅଫ୍‌ରେ ପିଙ୍କ୍ ପାନ୍ଥର୍ସ

**ପୁଣେ,୨୦।୧୨:** ପ୍ରୋ କବାଡି ଲିଗ୍‌ର ଚଳିତ ସଂସ୍କରଣରେ ପଞ୍ଚମ ଦଳ ଭାବରେ ପ୍ଲେ ଅଫ୍‌ରେ ପ୍ରବେଶ କରିଛି ଜୟପୁର ପିଙ୍କ ପାନ୍ଥର୍ସ। ଶୁକ୍ରବାର ବେଙ୍ଗଲ ୱାରିୟର୍ସଙ୍କୁ ୩୧-୨୮ରେ ପରାସ୍ତ କରିବା ସହିତ ୨୧ ମ୍ୟାଚ୍‌ରୁ ୬୯ ପଏଣ୍ଟ ଅର୍ଜନ କରିଛି ପିଙ୍କ ପାନ୍ଥର୍ସ। ଶୁକ୍ରବାର ଉଭୟ ଦଳ ରେଡ୍‌ରେ ସମାନ ୧୫ ପଏଣ୍ଟ ଲେଖାଏ ହାସଲ କରିଥିଲା। ତେବେ ଟ୍ୟାକେଲରେ ୩ ପଏଣ୍ଟ ଅଧିକ ଅର୍ଜନ କରି ଜୟପୁର ବିଜୟୀ ହୋଇଥିଲା।

ଜୟପୁର ପକ୍ଷରୁ ଅର୍ଜୁନ ଦେଶୱାଲ ଚମତ୍କାର ପ୍ରଦର୍ଶନ କରିବା ସହିତ ଏକାକୀ ୯ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଭିଜିତ ମଲିକ ୭ ଓ ରେଜା ମୀରବାଘେରି ୫ ପଏଣ୍ଟ ସ୍କୋର କରିଥିଲେ। ସେହିପରି ବେଙ୍ଗଲ ୱାରିୟର୍ସ ପକ୍ଷରୁ ପ୍ରଣୟ ବିନୟ ରାଣେ ୮ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅର୍ଜୁନ ରାଠୀ ୭ ଓ ବୈଭବ ଗର୍ଜେ ୪ ପଏଣ୍ଟ ସ୍କୋର କରିଥିଲେ। ଏହି ବିଜୟ ସହ ୟୁ ମୁମ୍ବାକୁ ହଟାଇ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛି ପାନ୍ଥର୍ସ। ଅନ୍ୟ ପକ୍ଷରେ ବେଙ୍ଗଲ ୱାରିୟର୍ସ ୨୧ ମ୍ୟାଚ୍‌ରୁ ୪୧ ପଏଣ୍ଟ ସହିତ ନବମ ସ୍ଥାନରେ ରହି ଆଗୁଆ ବିଦାୟ ନେଇ ସାରିଛି।



ପୁଣେରେ ଚାଲିଥିବା ପ୍ରୋ କବାଡ଼ି ଲିଗ୍‌ରେ ଶୁକ୍ରବାର ଜୟପୁର ପିଙ୍କ୍ ପାନ୍ଥର୍ସ ଓ ବେଙ୍ଗଲ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଆଇଓସି ସଭାପତି ପାଇଁ ପ୍ରଚାର ଆରମ୍ଭ



■ ସେବାଷ୍ଟିଆନ୍, କ୍ରିଷ୍ଟି ସବୁଠୁ ଆଗରେ
■ ୨୦୨୫ରେ ଶେଷହେବ ବାକ୍‌ଙ୍କ କାର୍ଯ୍ୟକାଳ

**ଜେନେଭା,୨୦।୧୨(ପି.ଟି.)**

ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲ୍ (ଆଇଓସି) ସଭାପତି ଭାବରେ ଥୋମାସ୍ ବାକ୍‌ଙ୍କ କାର୍ଯ୍ୟକାଳ ଶେଷହେବାକୁ ଯାଉଛି। ୨୦୨୫ରେ ବାକ୍‌ଙ୍କ କାର୍ଯ୍ୟକାଳ ସରୁଥିବା ବେଳେ ଆଗାମୀ ସଭାପତି ଦୌଡରେ ୭ ଜଣ ବ୍ୟକ୍ତିଙ୍କ ନାମ ରହିଛି। ମିଡିଲ ଇଷ୍ଟର ରାଜକୁମାର ଫୈସଲ ଅଲ ହୁସେନ, ଲର୍ଡ ସେବାଷ୍ଟିଆନ୍ କୋ, କ୍ରିଷ୍ଟି କଭେଣ୍ଟ୍ରି, ଜୋହାନ୍ ଏଲିଆସ, ଡେଭିଡ୍ ଲାପାର୍ଟେଣ୍ଟ, ଜୁଆନ୍ ଆଣ୍ଟୋନିଓ ସାମାରାଞ୍ଚ ଓ ମୋରିନାରି ୱାଟାନାବେ ଏହି ଦୌଡରେ ସାମିଲ ଥିବା ବେଳେ ଶୁକ୍ରବାରଠାରୁ ପ୍ରଚାର ଆରମ୍ଭ କରିଛନ୍ତି। ତେବେ ସେବାଷ୍ଟିଆନ୍ କୋ ଓ କ୍ରିଷ୍ଟି କଭେଣ୍ଟ୍ରିଙ୍କ ନାମ ସବୁଠାରୁ ଆଗରେ ରହିଛି। ସୋସିଆଲ ମିଡିଆ ଓ ଡିଜିଟାଲ ମିଡିଆରେ ପ୍ରଚାର ଜୋର ଧରିଛି। ଯୁବଶକ୍ତିଙ୍କ ସହ ସମ୍ବନ୍ଧ, ପରିବେଶ ସୁରକ୍ଷା ସମସ୍ତ ପ୍ରତିଯୋଗୀଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ ରହିଛି। ମାର୍ଚ୍ଚ ୧୮-୨୧ ମଧ୍ୟରେ ଆଇଓସିର ୧୦୦ ଜଣ ସଦସ୍ୟଙ୍କ ଭୋଟ ଆଧାରରେ ସଭାପତି ନିର୍ବାଚନ କରାଯିବ।

ଆଇଓସିର ୧୩୦ ବର୍ଷର ଇତିହାସରେ ସମୁଦାୟ ୯ ଜଣ ସଭାପତି ରହିଛନ୍ତି। ଏହା ମଧ୍ୟରେ ୮ ଜଣ ୟୁରୋପୀୟ ଓ ଜଣେ ଆମେରିକୀୟ ବ୍ୟକ୍ତି ରହିଛନ୍ତି। ବିଶ୍ୱର ଅନ୍ୟ କୌଣସି ସ୍ଥାନରୁ ଏହି ଦୌଡରେ କୌଣସି ବ୍ୟକ୍ତି ନ ଥିବା ବେଳେ ଜଣେ ବି ମହିଳା ଏଯାଏ ସଭାପତି ହୋଇ ନାହାନ୍ତି। ତେଣୁ ଜିମ୍ବାୱେର କ୍ରିଷ୍ଟିଙ୍କୁ ଅନ୍ୟତମ ଫେଭରିଟ୍ ବିବେଚନା କରାଯାଉଛି। ସେହିପରି ସେବାଷ୍ଟିଆନ୍ କୋ ସନ୍ତରଣରେ ଦୁଇଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ବର୍ତ୍ତମାନ ୱାର୍ଲ୍ଡ ଆଥ୍‌ଲେଟିକ୍ସର ସଭାପତି ରହିଛନ୍ତି। ଜୋର୍ଡାନର ରାଜକୁମାର ଫୈସଲ ଅଲ ହୁସେନ ଆଇଓସି ବୋର୍ଡର ସଦସ୍ୟ ରହିଥିବା ବେଳେ ଜୁଆନ୍ ଆଣ୍ଟୋନିଓ ସାମରାଞ୍ଚଙ୍କ ପିତା ୨୧ ବର୍ଷ ଧରି ଆଇଓସିର ସଭାପତି ରହିଥିଲେ। ଡେଭିଡ୍ ଲାପାର୍ଟେଣ୍ଟ ବିଶ୍ୱ ସାଇକ୍ଲିଂ ସଂଘର ସଭାପତି ରହିଥିବା ବେଳେ ମୋରିନାରି ୱାଟାନାବେ ବିଶ୍ୱ ଜିମ୍ନାଷ୍ଟିକ୍ସ ସଂଘର ସଭାପତି ରହିଛନ୍ତି। ଅନ୍ୟପକ୍ଷରେ ଜୋହାନ୍ ଏଲିଆସ ବର୍ତ୍ତମାନ ଅନ୍ତର୍ଜାତୀୟ ସ୍କି ଓ ସ୍ନୋ ବୋର୍ଡ ଫେଡେରେଶନର ସଭାପତି ରହିଛନ୍ତି।

**୧୯ ବର୍ଷରୁ କମ୍ ମହିଳା ଏସିଆ କପ୍**

# ଶ୍ରୀଲଙ୍କାକୁ ହରାଇ ଫାଇନାଲରେ ଭାରତ

**ସିଙ୍ଗାପୁର, ୨୦।୧୨ (ପି.ଟି.):** ଆୟୁଷୀ ଶୁକ୍ଲାଙ୍କ ଘାତକ ବୋଲିଂ ବଳରେ ଶ୍ରୀଲଙ୍କାକୁ ୪ ଉଇକେଟରେ ପରାସ୍ତ କରି ୧୯ ବର୍ଷରୁ କମ୍ ମହିଳା ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି ଭାରତ। ଶ୍ରୀଲଙ୍କା ୯ ଉଇକେଟ ହରାଇ ୯୮ ରନ କରିଥିଲା। ଜବାବରେ ଭାରତ ୧୭ ଓଭରରେ ୬ ଉଇକେଟ ହରାଇ ୧୦୨ ରନ୍ କରି ମ୍ୟାଚ୍ ଜିତି ନେଇଥିଲା।

ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୦ ରନ୍‌ରେ ୪ ଉଇକେଟ ହରାଇଥିବା ବେଳେ ସୁମୁଦୁ ନିଶାନଶାଲା(୨୧) ଓ ଅଧିନାୟିକା ମାନୁଦି ନାନାୟକାରା(୩୩)ରନ୍ ସ୍କୋର କରିଥିଲେ। ଭାରତ ପକ୍ଷରୁ ଆୟୁଷୀ ଶୁକ୍ଲା ୪ ଉଇକେଟ ନେଇଥିଲେ। ଜବାବରେ ଭାରତ ପକ୍ଷରୁ ଗୋଙ୍ଗାଡି ତ୍ରିଶା ସର୍ବାଧିକ ୩୨ ରନ୍ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜି. କମଳିନୀ ୨୮ ଓ ମିଥିଳା ବିନୋଦ ଅପରାଜିତ ୧୭ ରନ୍ ସ୍କୋର କରିଥିଲେ। ଆୟୁଷୀ ଶୁକ୍ଲାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:** ଶ୍ରୀଲଙ୍କା ୨୦ ଓଭରରେ ୯୮/୯(ସୁମୁଦୁ ନିଶାନଶାଲା-୨୧,ମାନୁଦି ନାନାୟକାରା-୩୩, ଆୟୁଷୀ ଶୁକ୍ଲା-୪/୧୦, ପାରୁଣିକା ସିସୋଦିଆ-୨/୨୭, ଶବନମ ଶକିଲ-୧/୮)। ଭାରତ ୧୭ ଓଭରରେ ୧୦୨/୬(ଗୋଙ୍ଗାଡି ତ୍ରିଶା-୩୨, ଜି. କମଳିନୀ-୨୮, ମିଥିଳା ବିନୋଦ-୧୭*, ଚାମୋଡି ପ୍ରବୋଦା-୩/୧୬, ଶାସିନୀ ଗିମହାରୀ-୨/୧୮)।

# କିଟ୍ ପୁରୁଷ ରଗ୍‌ବୀ ଦଳକୁ ରୌପ୍ୟ ପଦକ



ରୌପ୍ୟ ପଦକ ସହ କିଟ୍ ବିଶ୍ୱବିଦ୍ୟାଳୟ ପୁରୁଷ ରଗ୍‌ବୀ ଦଳ।

**ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଆନୁକୂଲ୍ୟରେ ପଞ୍ଜାବର ମୋହାଲିସ୍ଥିତ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିୟନଶିପ୍ ଶୁକ୍ରବାର ଶେଷ ହୋଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ପୁରୁଷ ଦଳ ପ୍ରଭାବୀ ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଛି। ୫ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ କିଟ୍ ଦଳ ଲିଗ୍ ମ୍ୟାଚଗୁଡ଼ିକରେ ରାଜା ମହେନ୍ଦ୍ର ପ୍ରତାପ ସିଂ ବିଶ୍ୱବିଦ୍ୟାଳୟକୁ ୬୪-୦, କରମବୀର ବାଉରାଓ ପାଟିଲ ବିଶ୍ୱବିଦ୍ୟାଳୟକୁ ୨୪-୦ରେ ହରାଇବା ପରେ କ୍ୱାର୍ଟର ଫାଇନାଲରେ କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟକୁ ୨୬-୦ରେ ପରାସ୍ତ କରିଥିଲା। ସେମିଫାଇନାଲରେ ମଧ୍ୟ ଦଳ ଚମତ୍କାର ଖେଳି ୟୁନିଭର୍ସିଟି ଅଫ୍ ମୁମ୍ବାଇକୁ ୨୬-୫ରେ ହରାଇ ଫାଇନାଲରେ ପହଞ୍ଚିଥିଲା। ଫାଇନାଲରେ ଆୟୋଜକ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟକୁ କଡ଼ା ଟକ୍କର ଦେଇଥିଲେ ହେଁ ୭-୧୦ରେ ପରାଜିତ ହୋଇଥିଲା। ରୌପ୍ୟ ପଦକ ହାସଲ ସହ କିଟ୍ ଦଳ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରୌପ୍ୟ ବିଜୟୀ ଦଳକୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

# ଆକର୍ଷଣ କେନ୍ଦ୍ରରେ ସାରା ଅଲୀ ଖାଁ, କିଙ୍ଗ୍

**ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)**

ଦୀର୍ଘ ୭ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରୁଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ)ର ଉଦ୍‌ଘାଟନୀ ସମାରୋହ ସମ୍ପୂର୍ଣ୍ଣ ଗ୍ରାଣ୍ଡ ଷ୍ଟାଇଲ୍‌ରେ ଅନୁଷ୍ଠିତ ହେବ। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚଳିତ ମାସ ୨୮ରେ ପ୍ରଥମ ମ୍ୟାଚ ପୂର୍ବରୁ ହେବାକୁଥିବା ଉଦ୍‌ଘାଟନୀ ସମାରୋହରେ 'ହକି କା ଜଶନ' ବିଷୟବସ୍ତୁକୁ ନେଇ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ। ଏଥିରେ କ୍ରୀଡ଼ା, ମନୋରଞ୍ଜନ ଏବଂ ଟେକ୍ନୋଲୋଜିର ଚମକ ପ୍ରତିଫଳିତ ହେବ। ହକି ଇଣ୍ଡିଆ ପକ୍ଷରୁ ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବଲିଉଡ୍ ସେନ୍‌ସେଶନ ସାରା ଅଲୀ ଖାଁ ଏବଂ ପ୍ରସିଦ୍ଧ ମ୍ୟୁଜିକ୍ ଆର୍ଟିଷ୍ଟ କିଙ୍ଗ୍ ଆକର୍ଷଣର କେନ୍ଦ୍ରରେ ରହିବେ। ଏ ଦୁହିଁଙ୍କ ସହ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଶୈମକ ଡାବର ଡ୍ୟାନ୍ସ ଟ୍ରୁପର କାର୍ଯ୍ୟକ୍ରମ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିବ। ଏହା ବ୍ୟତୀତ ଷ୍ଟାଡିୟମରେ ୩ ଡି'ର ରୋମାଞ୍ଚ ମଧ୍ୟ ହକିପ୍ରେମୀମାନେ ଉପଭୋଗ କରିବେ।

ଦର୍ଶକଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରିବା ପାଇଁ ବ୍ୟବସ୍ଥା ହୋଇଛି। ଉଦ୍‌ଘାଟନୀ ସମାରୋହ ଓ ରାଉରକେଲାରେ ହେବାକୁଥିବା ମ୍ୟାଚଗୁଡ଼ିକର ଟିକେଟ ଫ୍ରି କରାଯାଇଛି। ଅର୍ଥାତ୍ ଦର୍ଶକମାନେ ମାଗଣାରେ ଏ ସବୁକୁ ଉପଭୋଗ କରିପାରିବେ। ''ରାଉରକେଲା ଏପରି ଏକ ସହର ଯେଉଁଠାରେ ହକି ପ୍ରତି ଲୋକଙ୍କର ଅତ୍ୟଧିକ ଭଲପାଇବା ରହିଛି। ତେଣୁ



ସାରା ଅଲୀ ଖାଁ



କିଙ୍ଗ୍

■ ଗ୍ରାଣ୍ଡ୍ ଷ୍ଟାଇଲ୍‌ରେ ହେବ ଏଚ୍‌ଆଇଏଲ୍ ଉଦ୍‌ଘାଟନୀ
■ ଦର୍ଶକଙ୍କ ପାଇଁ ମାଗଣା ଟିକେଟ

ଆମେ ସେଠାରେ ଲିଗ୍‌ର ଆରମ୍ଭକୁ ସମ୍ପୂର୍ଣ୍ଣ ଗ୍ରାଣ୍ଡ ଷ୍ଟାଇଲ୍‌ରେ କରିବାକୁ ନିଷ୍ପତ୍ତି ନେଇଛୁ'' ବୋଲି ହକି ଇଣ୍ଡିଆ ଲିଗ୍‌ର ଅଧ୍ୟକ୍ଷ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଏଚ୍‌ଆଇଏଲ୍ ପରିଚାଳନା କମିଟିର ଅନ୍ୟତମ ପ୍ରମୁଖ ସଦସ୍ୟ ଭୋଳାନାଥ ସିଂ ମଧ୍ୟ ସମାନ ମତ ଦେଇଛନ୍ତି। ''ଏଥର ଉଦ୍‌ଘାଟନୀ ସମାରୋହରେ ଏଭଳି କିଛି ହେବାକୁ ଯାଉଛି, ଯାହାକି ପୂର୍ବରୁ କେବେ ହୋଇ ନ ଥିଲା। ଆମେ ପ୍ରକୃତରେ ହକିର ମହୋତ୍ସବ ମନାଇବାକୁ ଚାହୁଁଛୁ। ଦର୍ଶକଙ୍କୁ ଅଧିକରୁ ଅଧିକ ଆକୃଷ୍ଟ କରିବାଲାଗି ମନୋରଞ୍ଜନକୁ ସାମିଲ କରାଯାଇଛି। ସାରା ଅଲୀ ଖାଁ ଓ କିଙ୍ଗ୍‌ଙ୍କ ଉପସ୍ଥିତିରେ ଉଦ୍‌ଘାଟନୀ ସମାରୋହ ଅବିସ୍ମରଣୀୟ ହେବାନେଇ ଆଶା ରହିଛି'' ବୋଲି ସେ କହିଛନ୍ତି। ଏଚ୍‌ଆଇଏଲ୍ ଉଦ୍‌ଘାଟନୀ ସମାରୋହ ୨୦୨୪-୨୫ ଡିଡି ସ୍ପୋର୍ଟ୍ସରେ ସିଧା ପ୍ରସାରଣ ହେବ। ମ୍ୟାଚଗୁଡ଼ିକ ସୋନି ନେଟୱର୍କରେ ମଧ୍ୟ ପ୍ରସାରିତ ହେବ।

# ସେମିଫାଇନାଲରେ କଟକ ରାଧାରମଣ କ୍ଲବ

**ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ**

**ଢେଙ୍କାନାଳ,୨୦।୧୨**
**(ରତନ ନାୟାର)**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଜିଲା ପ୍ରଶାସନର ସହାୟତାରେ ସ୍ଥାନୀୟ ଷ୍ଟାଡିୟମଠାରେ ଆୟୋଜିତ ହେଉଥିବା ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତାର ଶୁକ୍ରବାର ମ୍ୟାଚରେ ରାଧାରମଣ କ୍ଲବ କଟକ ଟାଇବ୍ରେକର ଜରିଆରେ ୪-୨ ଗୋଲରେ ସୁରଜ ଫୁଟ୍‌ବଲ କ୍ଲବ ଫୁଲବାଣୀକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ରାଧାରମଣ କ୍ଲବ ପକ୍ଷରୁ ବିଷ୍ଣୁ ସାମଲ ୩ଟି ଗୋଲ, ଫୁଲବାଣୀ ପକ୍ଷରୁ ସୁନୀଲ ସୋରେନ, କାର୍ତ୍ତିକ ଭୋଳ ଓ ଚନ୍ଦନ ନାୟକ ଗୋଟିଏ ଲେଖାଏ ଗୋଲ କରିଥିଲେ। ମ୍ୟାଚ ୩-୩ରେ ଅମିମାଂସିତ ରହିବାରୁ ଟାଇବ୍ରେକରରେ ରାଧାରମଣ କ୍ଲବ କଟକ ୪-୨ ଗୋଲରେ ବିଜୟୀ ହୋଇଥିଲା। ରାଧାରମଣ କ୍ଲବର ବିଷ୍ଣୁ ସାମଲ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଓଡ଼ିଶା ରାଜ୍ୟ ପୋଲିସ ଦଳର ପୂର୍ବତନ ଫୁଟ୍‌ବଲ ଖେଳାଳି ଗଙ୍ଗାଧର ରାଉତଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ରାଜୁ ମହାନ୍ତି, ଶଶିକାନ୍ତ ଦାଶିଆ, ଦେବରାଜ ସ୍ୱାଇଁ ଓ ବୋନସନ ବରାଳ ଖେଳ ପରିଚାଳନା କରିଥିବା ବେଳେ ମାୟାଧର ସାହୁ ମ୍ୟାଚ ରେଫରି ଥିଲେ। ମୁଖ୍ୟ ଅତିଥି ଭାବେ ସୁରଜ ଫୁଟ୍‌ବଲ କ୍ଲବ ଫୁଲବାଣୀର ପରିଚାଳକ ସୁରଜ ବେହେରା, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରତାପ କୁମାର ମହାନ୍ତି ଓ ସୁଶାନ୍ତ କୁମାର ଜେନା ଓ ବିଶିଷ୍ଟ କ୍ରୀଡ଼ାବିତ୍ ପ୍ରଦ୍ୟୁମ୍ନ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ସୁନୀଲ ପଣ୍ଡା, ସରୋଜ କୁମାର ପାଢ଼ୀ, ମନୋଜ ଦାସ, ରାଜେନ୍ଦ୍ର ପାଣି ପ୍ରମୁଖ ସହଯୋଗ କରିଥିଲେ। ଶନିବାର କେଏସ୍‌ଇବି କେରଳ ଓ ସମଲେଶ୍ୱରୀ ସ୍ପୋର୍ଟିଂ ସମ୍ବଲପୁର ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯିବ।



କଟକର ରାଧାରମଣ କ୍ଲବ ଓ ଫୁଲବାଣୀର ସୁରଜ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।



ଜାତୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

# ଲଳିତ ମୋଦିଙ୍କୁ ୧ ଲକ୍ଷ ଫାଇନ

**ମୁମ୍ବାଇ, ୨୦।୧୨ (ପି.ଟି.)**

ପୂର୍ବତନ କ୍ରିକେଟ ପ୍ରଶାସକ ଲଳିତ ମୋଦିଙ୍କ ଉପରେ ଶୁକ୍ରବାର ୧ ଲକ୍ଷ ଟଙ୍କାର ଫାଇନ ଲଗାଇଛନ୍ତି ବମ୍ବେ ହାଇକୋର୍ଟ। ବୈଦେଶିକ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ(ଫେମା) ଆକ୍ଟରେ ହେରଫେର କାରଣରୁ ଇଡି ପକ୍ଷରୁ ତାଙ୍କୁ ୧୦.୬୫ କୋଟି ଟଙ୍କାର ଫାଇନ ପୈଠ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିସିସିଆଇ ଏହି ଅର୍ଥ ପୈଠ କରୁ ବୋଲି ଲଳିତ ବମ୍ବେ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ଜଷ୍ଟିସ ଏମ. ଏସ୍. ସୋନାକ ଓ ଜିତେନ୍ଦ୍ର ସେନ୍‌ଙ୍କ ଖଣ୍ଡପୀଠ ଏହି ପିଟିସନକୁ ଖାରଜ କରିବା ସହିତ ମୋଦିଙ୍କ ଉପରେ ୧ ଲକ୍ଷ ଟଙ୍କାର ଫାଇନ ଲଗାଇଥିଲେ।

# ଜାତୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର,୨୦।୧୨(ସରୋଜ ଜେନା)**

ଚେନ୍ନାଇର ଦିଣ୍ଡିଗୁଲରେ ଅନୁଷ୍ଠିତ ହେବାକୁ ଥିବା ୪୬ତମ ଜାତୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ୨୩ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ଦଳରେ ସଲ୍‌ମା ମୁର୍ମୁ, ଜୁଲଫା ମଲିକ୍, ଶାମୁକା ପ୍ରଧାନ, ଜ୍ୟୋତି ମାଝି, ସୋନାଲିକା ବରାଳ, ସାଇନା ସରଗମ, ମୋନାଲିସା ବେହେରା, ପ୍ରଭାସିନୀ ଦାସ, ନିବେଦିତା ପାଣି, ସୁଜ୍ଞାନୀ ଆଚାର୍ଯ୍ୟ, ଇତିଶ୍ରୀ ପାତ୍ର, ନିବେଦିତା ନାୟକ, ସାବିତ୍ରୀ ମାଝୀ, ପିଙ୍କିନା ବେହେରା, ଗୀତାଞ୍ଜଳି ବେହେରା, ଦୀପ୍ତିମୟୀ ଦାସ, ଲିଜା ଦାସ ସାମିଲ ଅଛନ୍ତି। ସନ୍ତୋଷ ବେହେରା ଏହି ଦଳର କୋଚ୍ ରହିଥିବା ବେଳେ ନୀହାରିକା ପଣ୍ଡା ମ୍ୟାନେଜର ରହିଛନ୍ତି। ଭଣ୍ଡାରୀପୋଖରୀରେ ଅନୁଷ୍ଠିତ ରାଜ୍ୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ପ୍ରଦର୍ଶନ ଆଧାରରେ ଏହି ଦଳ ଚୟନ କରାଯାଇଛି। ଏହି ଦଳକୁ ରାଜ୍ୟ ସମ୍ପାଦକ ବୀରେନ୍ ବେହେରା, ସଭାପତି ଗୋପୀନାଥ ସାହୁ, ବରିଷ୍ଠ ଉପସଭାପତି ପ୍ରେମାନନ୍ଦ ବିହାରୀ, କୋଷାଧ୍ୟକ୍ଷ ଉପେନ୍ଦ୍ର ଦାସ, ସହସମ୍ପାଦକ ଯଶୋବନ୍ତ ପରମଗୁରୁ ଓ ରେଫରି ବୋର୍ଡ ଅଧ୍ୟକ୍ଷ ଅର୍ଣ୍ଣବ କୁମାର ସିହ୍ନା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ସଧବା ସନ୍ତକ

## ଗଳ୍ପ

### ମଧୁମିତା ମିଶ୍ର

ଆଜିକାଲି ଟିକେ ସମୟ ମିଳୁନି କାହା ସହ ଦି'ପଦ ମନ ଖୋଲି କଥା ହେବାକୁ। ମଣିଷ ସତରେ କେତେ ବ୍ୟସ୍ତ ବିବ୍ରତ ହୋଇପଡୁଛି! ଜୀବନ-ଯୁଦ୍ଧରେ ଲଢ଼େଇ କରୁକରୁ କ୍ଳାନ୍ତ...ଶ୍ରାନ୍ତ...! ହେଲେ ଗତବର୍ଷର ଫନି ବାତ୍ୟା କିନ୍ତୁ ଅନେକ ବିଧ୍ୱଂସକାରୀ ବିନାଶ ସହ କିଛିଟା ଭାଇଚାରାର ବୀଜ ବପନ କରିବାରେ ସକ୍ଷମ ହୋଇଥିଲା। କେବେ ଦେଖାଯାଉ ନ ଥିବା କିଛି ନୂଆ ମୁହଁ କେମିତି ହଠାତ୍ ଆପଣାର ଲାଗି ଆସିଥିଲେ; ଯେମିତିକି ଆମ ଘର ପାଖରେ ରହୁଥିବା ମିଶ୍ର ଭାଉଜ।

ମିଶ୍ର ଭାଇନା ଓ ଭାଉଜ ମୁମ୍ବାଇରେ ରୁହନ୍ତି। ଭୁବନେଶ୍ୱରରେ ଘର ଥିଲେ ମଧ୍ୟ ସେଇ ଘରକୁ ସେମାନେ ଭଡ଼ା ଦେଇନାହାନ୍ତି। ଖୋର୍ଦ୍ଧା ପାଖରେ ତାଙ୍କ ବାପଘର ଓ ଶାଶୁଘର। ତେଣୁ ଛୁଟିରେ ସେମାନେ ଏଠାକୁ ଆସନ୍ତି ଓ କିଛିଦିନ ରହି ପୁଣି କର୍ମସ୍ଥଳକୁ ଫେରିଯାଆନ୍ତି। ଅଦିନ ମେଘ ପରି ସେମାନଙ୍କ ଆବିର୍ଭାବ ହେତୁ ସେମାନଙ୍କ ସହ ଏତେ ଗପସପ ହୁଏନି। କିନ୍ତୁ ତାଙ୍କ ପରିବାର ଉପରେ ପଡ଼ିଥିବା ଚଡ଼କ ଯୋଗୁଁ ଆମ କଲୋନୀରେ ସମସ୍ତେ ଅତିଶୟ ବିଚଳିତ ହୋଇପଡ଼ିଥିଲୁ।

ମିଶ୍ର ଭାଇନାଙ୍କ ଅକାଳ ବିୟୋଗ! ଦୁଇ ଦୁଇଟି ଝିଅ ଆଉ ଭାଉଜଙ୍କୁ ଛାଡ଼ି ସେ ଅଦିନରେ ଆରପାରିକୁ ଚାଲି ଯାଇଥିଲେ। କିନ୍ତୁ କାହା ସାହାଯ୍ୟ ଓ ସହଯୋଗ ନେବାକୁ ମନା କରିଦେଇ ଭାଉଜ ସେମିତି ମୁମ୍ବାଇରେ ଏକଲା ନିଜ ସନ୍ତାନଙ୍କୁ ମଣିଷ କରିବାରେ ଲାଗି ପଡ଼ିଥିଲେ। ଭାଉଜ ଯେତେବେଳେ ଭୁବନେଶ୍ୱର ଆସନ୍ତି; ଥରେ ଅଧେ ତାଙ୍କ ସହ ଦେଖାହୁଏ। ଏଥର ଖରାଛୁଟିରେ ସେମାନେ ଭୁବନେଶ୍ୱର ଆସିଲା ବେଳେ 'ଫନି'ର ବିପ୍ଳାତ।

ପାଣିର ସମସ୍ୟା ଓ ବିଜୁଳି ଅଭାବ ସେହି ସମୟରେ ସମସ୍ତଙ୍କୁ ଘର ବାହାରକୁ ଆସିବା ପାଇଁ ଏକରକମ ବାଧ୍ୟ କରିଥିଲା। ମିଶ୍ର ଭାଉଜ ମଧ୍ୟ ସେହି କାରଣରୁ ଟିକେ ଅଧିକ ସମୟ ଆମ ସହ ବିତାଇଲେ। ହେଲେ ଏକ ବ୍ୟତିକ୍ରମ କେଜାଣି କାହିଁକି ମୋ' ମନକୁ ଘାଣ୍ଟି ପକାଉଥିଲା। ଭାଉଜଙ୍କ ମଥାରେ ସିନ୍ଦୂର ଓ ହାତରେ ଶଙ୍ଖା ଶୋଭା ପାଉଥିଲା। ମିଶ୍ର ଭାଇନାଙ୍କ ବିୟୋଗ ପରେ ମଧ୍ୟ ଏସବୁ! ଅବଶ୍ୟ ଆଜିକାଲି କିଛି କହି ହେଉନି। ସେ ଯେ ନୂତନ ଜୀବନସାଥୀ ପାଇ ନ ଥିବେ ତା' ନୁହେଁ। ତଥାପି କାହିଁକି କେଜାଣି ଏ ବିଷୟ ନେଇ ଭାଉଜଙ୍କୁ ପ୍ରଶ୍ନ କରିବାକୁ ମନଟା ଆଉଟୁପାଉଟୁ ହେଉଥାଏ।

ଆଉ ସେଦିନ...

ବିଜୁଳି ବିଭାଗର ପଦାଧିକାରୀ ଆସି ଆମ ଟ୍ରାନ୍ସଫର୍ମରରେ ଛିଡ଼ିଯାଇଥିବା ତାର ସବୁ ସଂଯୋଗ କରୁଥା'ନ୍ତି ଓ ସ୍ଥଳ ବିଶେଷରେ ଅର୍ଥ ମଧ୍ୟ ସଂଗ୍ରହ କରିବାରେ ଲାଗିଥାଆନ୍ତି। କଲୋନିର ଟ୍ରାନ୍ସଫର୍ମର କିନ୍ତୁ ତଳୁ ଭାଙ୍ଗି ଉପୁଡ଼ି ଯାଇଥିବାରୁ ନୂଆ କରି ବସେଇବା ପାଇଁ ସେମାନେ ମୋଟା ଅଙ୍କ ମାଗିଥାଆନ୍ତି। ଘର ପିଛା ଭାଗ କରି ଯେତେବେଳେ ଆମେ ଦେୟ ଅର୍ଥ ବିଷୟ ଭାଉଜଙ୍କୁ ଜଣାଇଲୁ ସେ ସଙ୍ଗେ ସଙ୍ଗେ କାହାକୁ ଫୋନ୍ ଲଗେଇଲେ ଓ ସେଥିପାଇଁ ସମ୍ମତି ଦେଲେ। ମୋ' ପାଟିରୁ ଯନ୍ତ୍ରବତ୍ ବାହାରିଗଲା 'ଭାଉଜ! କାହା ସହିତ କଥା ହେଲେ ଆପଣ?' ନିଜ ଅଭଦ୍ରାମି ବୁଝିପାରି ସଙ୍ଗେ ସଙ୍ଗେ ଅବଶ୍ୟ କ୍ଷମା ମାଗିନେଲି। ଭାଉଜ ମଧ୍ୟ ହସିଦେଲେ।

କିନ୍ତୁ ସମସ୍ତେ ଯିବା ପରେ ମୋତେ ସେ ତାଙ୍କ ପାଖରେ ରହିବାକୁ କହି ଆରମ୍ଭ କଲେ- "ମୁଁ ଜାଣେ ତୁମେ ମୋ' ସଧବା ବେଶ ବିଷୟରେ ଜାଣିବାକୁ ଚାହଁ।"

ଲାଜରେ ମୋ' ମୁହଁ ଲାଲ ହୋଇଗଲା ଆଉ ମୁଁ କହି ଉଠିଲି- "ନା ନା... ଭାଉଜ... ମୁଁ..." ଅଧା କଥାରୁ ମୋତେ ଅଟକାଇ ଭାଉଜ କହିଲେ, ମୋତେ ମଧ୍ୟ ଖୁସି ଲାଗିବ କାହାକୁ ଏ ଅକୁହା କଥା ଜଣେଇ ଦେଇ। ନିଜ ଛାତି ତଳର ବୋଝ ଟିକେ ହାଲୁକା ତ ଲାଗିବ! ତୁମ ଭାଇନା ମୋତେ ଏକା କରି ଚାଲିଯିବା ପରେ ମୁଁ ସତରେ ଏ ଦୁନିଆକୁ ଚିହ୍ନିଲି। ଏକାକିନୀ ବିଧବା ବୋଲି ଜାଣି କେବଳ ଗୋଟେ ମାସ ଭିତରେ ଲୋକଙ୍କ ଚାହାଣି, ଚାଲିଚଳଣିରେ ସତରେ ଏକ ଅଦ୍ଭୁତ ପରିବର୍ତ୍ତନ ଆସି ଯାଇଥିଲା। ମୁଁ ନିଜେ ମଧ୍ୟ ବୁଝି ପାରିଲିନି, ଆଉ ବୁଝିଲା ପରେ ବିଶ୍ୱାସ କରିପାରିଲିନି ଏ ସବୁର କାରଣ କ'ଣ!

ଦୁଇ ଦୁଇଟା ଝିଅଙ୍କ ସୁରକ୍ଷା ଆଉ ମୋ' ନିଜର ଆତ୍ମରକ୍ଷା। ସିନ୍ଦୂର ବିନା ଖୋଲା ମଥା ଆଉ ଚୁଡ଼ିଶୂନ୍ୟ ମୁକୁଳା ହାତ ନେଇ ସତରେ ମୁଁ ଦୁର୍ବଳ ହୋଇ ପଡ଼ିଥିଲି। କୌଣସି ଉପାୟ ଦେଖାଯାଉ ନ ଥିଲା। କାହାରି ସାହାଯ୍ୟ କି କରୁଣା ମୁଁ ଚାହୁଁ ନ ଥିଲି। ଆଉ ଦୁନିଆର କୁଦୃଷ୍ଟିରୁ ବଞ୍ଚିବା ପାଇଁ ବହୁତ ଚିନ୍ତା କରିବା ପରେ ମୁଁ ପୁଣି ଥରେ ଶଙ୍ଖା ସିନ୍ଦୂର ପିନ୍ଧି ଦିନେ ବାହାରକୁ ବାହାରି ପଡ଼ିଲି।

ଆଉ ସେତେବେଳେ ଦେଖିଲି ଲୋକଙ୍କ ନଜରରେ ଏକ ଅଦ୍ଭୁତ ପରିବର୍ତ୍ତନ!

ପ୍ରଥମଟି ଥିଲା ଏକ ଲୋଲୁପ ପୈଶାଚିକ ପ୍ରବୃତ୍ତିର... କିନ୍ତୁ ଦ୍ୱିତୀୟଟି ଥିଲା ସ୍ୱତଃ ଦୂରତା ରଖିବାର।

ଆଉ ତା' ପରଠୁ ମୁଁ ଫୋନ୍‌ରେ ମଧ୍ୟ ମୋ' ଦିବଂଗତ ସ୍ୱାମୀଙ୍କ ସହ କଥା ହେବା ପରି ଅଭିନୟ କରିବା ଆରମ୍ଭ କଲି। ଯେମିତିକି ସେ ପ୍ରତି ମୁହୂର୍ତ୍ତରେ ମୋ' ସହିତ ଅଛନ୍ତି! ତୁମେ ବିଶ୍ୱାସ କରିପାରିବନି, ଏହି ନିଷ୍ପତ୍ତି ନେବା ପରେ ମୋତେ ମଧ୍ୟ ଲାଗୁଛି ମୁଁ ସମ୍ପୂର୍ଣ୍ଣ ସୁରକ୍ଷିତ, ଆଉ ମୋ' ଝିଅମାନେ ମଧ୍ୟ।

ଏତିକି ଗୋଟିଏ ନିଃଶ୍ୱାସରେ କହିଦେଇ ଭାଉଜ ବୋଧେ ନିଜ ଲୁହ ଲୁଚାଇବାକୁ ଘର ଭିତରକୁ ଚାଲିଗଲେ, ହେଲେ ମୋ' ଲୁହ! ମୁଁ କ'ଣ ଆଉ ଲୁଚେଇ ପାରିଲି।

ମୋ: ୯୪୩୮୪୭୦୮୯୭



## କାମ ସରିନାହିଁ

**ମିନିଗଳ୍ପ: ପ୍ରଦ୍ୟୁମ୍ନ ପଟ୍ଟନାୟକ**



ଶରତଙ୍କ ବୟସ ସତୁରି ପାଖାପାଖି। ପୈତୃକ ଘର ଭୁବନେଶ୍ୱର। ପୁଅ ଝିଅ ଦୁଇଜଣ। ଝିଅର ବାହାଘର ସରିଛି। ପୁଅ ବାହାଘର ପାଇଁ ଝିଅ ଖୋଜା ଚାଲିଛି। ଚାଲିଛି କ'ଣ ଝିଅଟିଏ ପସନ୍ଦ ମୁତାବକ ମିଳୁନାହିଁ କହିଲେ ଚଳେ। ଏମିତିରେ ଆଜିକାଲି ପୁଅ ପାଇଁ ଝିଅ କିମ୍ବା ଝିଅ ପାଇଁ ପୁଅ ଖୋଜିବା ମା'ବାପାଙ୍କ ପକ୍ଷେ କାଠିକର ପାଠ।

ଶରତଙ୍କର ଝିଅ କ୍ୱାଇଁ ରହନ୍ତି ବେଙ୍ଗାଲୁରୁରେ। କ୍ୱାଇଁ ଇଞ୍ଜିନିୟର। ବିଦେଶୀ କମ୍ପାନୀରେ ଚାକିରି। ମଝିରେ ମଝିରେ ଝିଅଜ୍ୱାଇଁ ଆସି ବୁଲିଯାଆନ୍ତି। କିଛିଦିନ ବାପଘରେ ତ କିଛିଦିନ ଶାଶୁଘରେ ରହି ଝିଅ ଫେରିଯାଏ କ୍ୱାଇଁ ସାଙ୍ଗରେ। ଝିଅ ବାପା ମା'ଙ୍କର ଗେହ୍ଲୀ। ତାଙ୍କୁ ଛାଡ଼ି ରହିପାରେନି ବେଶୀଦିନ। ବିଶେଷକରି ମା' କଥା ମନେପଡ଼ିଲେ ଭାଇ ତୁନାକୁ କହେ ମା'କୁ ନେଇ ବେଙ୍ଗାଲୁରୁରେ ପହଞ୍ଚିବାକୁ। ସେଠି ଭାଇଭଉଣୀ, ମା'ଝିଅଙ୍କର ଦେଖାସାକ୍ଷାତ ହୋଇଯାଏ। କିନ୍ତୁ କେବେ ସାରା ପରିବାର ଏକାଠି କୁଆଡ଼େ ଯାଇପାରନ୍ତି ନାହିଁ। କେହି ନା କେହି ଘରେ ରହିବା ଦରକାର। ଡ୍ରଇଂରୁମ୍‌ରେ ଥିବା କାଚର ଆକ୍ୱାରିୟମ୍‌ରେ ରଙ୍ଗିନ୍ ମାଛ, ଘର ବାହାର ପୋର୍ଟିକୋରେ ଝୁଲୁଥିବା ପଞ୍ଜୁରିରେ ତିନିଚାରୋଟି ସଉକିନ୍ ପକ୍ଷୀ ସହ ଘର ବାହାରେ ଶୋଉଥିବା କୁକୁର କାଳୁ ଗୁହପାଳିତ। ତାଙ୍କ ପାଇଁ ନିୟମିତ ଖାଦ୍ୟପାନୀୟର ବ୍ୟବସ୍ଥା ହେବା ଦରକାର।

ଏସବୁ ବ୍ୟତୀତ ଘରେ ତାଲା ପକାଇ ସାରା ପରିବାର କୁଆଡ଼େ ଯିବାର ପ୍ରଶ୍ନ ଉଠୁନାହିଁ। ଗୋଟିଏ ରାତି କେହି ନ ରହିଲେ ଚୋର ଠାଉରିଆମାନେ କଳକଳା ବୁଲାଇଦେବେ। ଏମିତିରେ ଘରେ ଲୋକ ଥାଉ ଥାଉ ଚୋଟା ଚପଲ ଚୋରି କରି ନେଉଛନ୍ତି। କେହି ନ ଥିବା ଜାଣିଲେ ତାଲା ଭାଙ୍ଗି, ଝରକା ତାଡ଼ି ଘରେ ପଶିପଡିବେ। ଯାହା ପାଇବେ ନେଇ ପଳାଇବେ। ସତୁରର କିନ୍ତୁ ଘର ଜଗିବା ପାଳିପଡୁଥାଏ ବିଚାରା ଶରତଙ୍କ। ତେଣୁ କୁଆଡ଼େ ଯିବା ପ୍ରସଙ୍ଗ ପଡ଼ିଲେ ମନ ଥାଉ କି ନ ଥାଉ ସେ ଆଗରୁ କହିଦିଅନ୍ତି- ମୋର ଯିବାର ନାହିଁ। ବାହାନା କରନ୍ତି, ବାହାର ଖାଇବା ତାଙ୍କ ଦେହରେ ଯିବନାହିଁ। ସେ ଏ ବୟସରେ ବେଶୀ ବୁଲାଚଲା କରିପାରିବେ ନାହିଁ। ତେଣୁ ଘର ଜଗି ବସିବା ଶ୍ରେୟସ୍କର ହେବ।


ଏଥର ମା'ପୁଅ ବେଙ୍ଗାଲୁରୁ ଯିବାକୁ ବାହାରିଲେ। ସେପଟୁ ଝିଅ ବାରବାର ଫୋନ୍ କରୁଥିବାରୁ ଯାଇ ତା' ପାଖରେ ଦଶ ପନ୍ଦର ଦିନ ରହି ଫେରିଲେ। ଏଣେ ଶରତ ଘରଟିରେ ଏକୁଟିଆ ରହି ହାତରେ ରୋଷେଇ କରି ଖାଇ ହାଲିଆ ହୋଇଗଲେ। ବାପାଙ୍କୁ ଘରେ ଏକୁଟିଆ ଛାଡ଼ି ଯାଇଥିବାରୁ ବେଙ୍ଗାଲୁରୁରୁ ଫେରିଲା ବେଳେ ତୁନା ଶରତଙ୍କ ପାଇଁ ଶାର୍ଟଟିଏ କିଣି ଆଣିଥିଲା। ଘରେ ପହଞ୍ଚି ତାଙ୍କୁ ଦେଇ କହିଲା, ବାପା ଦେଖନ୍ତୁ ତୁମକୁ ଏ ଶାର୍ଟଟା କେମିତି ମାନୁଛି?

ଶାର୍ଟକୁ ଦେଖୁଦେଖୁ ଶରତ କହିଲେ, "ଏ ନୂଆ ଶାର୍ଟଟା ମୋ' ପାଇଁ କାହିଁକି ଆଣିଥିଲୁ! ମୋର ପରା ଯିବା ସମୟ ହେଲାଣି।" ଏକଥା ଶୁଣୁ ଶୁଣୁ ତୁନା କହିଲା- "କ'ଣ କହିଲ! ଯିବା ସମୟ ହେଲାଣି! ତୁମର କିଛି କାମ ତ ସରିନାହିଁ। ଭାଇଭାଗ, ଘରତୋଳା, ପୁଅ ବାହାଘର ଆଦି କେତେ କାମ ବାକି ପଡ଼ିଛି? ସେସବୁ ନ ସାରି କୁଆଡ଼େ ବାହାରିଛ?"

ମୋ: ୯୯୩୮୨୮୦୮୯୬

## ପୁସ୍ତକ ପରିଚୟ

### ସ୍ମୃତିର ଈଶ୍ୱର



**କବି:** ଦିଲୀପ ନାୟକ
**ପ୍ରକାଶକ:** ବର୍ଷା ପବ୍ଲିକେଶନ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

ମୋଟ ୬୭ଟି କବିତାର ସମାହାର ହେଉଛି ଆଲୋଚ୍ୟ କବିତାଗ୍ରନ୍ଥ 'ସ୍ମୃତିର ଈଶ୍ୱର'। ବୃତ୍ତି ଇଂଲିଶ ଭାଷା-ସାହିତ୍ୟରେ ଅଧ୍ୟାପନା, ପ୍ରବୃତ୍ତି କିନ୍ତୁ କବିତାରେ। ଏହା କବିଙ୍କର ତୃତୀୟ କବିତାଗ୍ରନ୍ଥ। ପୂର୍ବରୁ 'ଆହତ ନାଦ' (୧୯୮୩) ଓ 'ଦର୍ପଣର ପାଣି' (୧୯୯୧) ପ୍ରକାଶିତ। ଗ୍ରନ୍ଥ ପ୍ରକାଶନର ବ୍ୟବଧାନକୁ ଲକ୍ଷ୍ୟ କଲେ କବି ରହିରହି କବିତା ଲେଖନ୍ତି ବା ଲେଖାବାରେ ନିରନ୍ତରତା ସତ୍ତ୍ୱେ ରହିରହି ପ୍ରକାଶିତ କବିତାଗୁଡ଼ିକୁ ଗ୍ରନ୍ଥାୟିତ କରନ୍ତି। ବହିର ପ୍ରଥମ କବିତା 'ଖୋଜିବାର କ୍ଷୟ' ଓ ଶେଷ କବିତା 'ପାହାଡ଼ି ଷ୍ଟେସନ୍‌ର ଖରା'। ଏଥିରୁ ଉଦ୍ଧୃତି ନେବା: ୧. "ନିର୍ଜନ ଜହ୍ନ ଆଲୁଅରେ/ କାହାର ଶବ ଶବ୍ଦେ/ କାହାର ଅବରୁଦ୍ଧ ଲୁହ/ ବାଷ୍ପ ହୋଇ ମିଶେ ଏ ମେଘରେ।" ୨. "ପ୍ରାଣ ଏକ ଋତୁ/ ଖରାରେ ଫୁଟିଉଠେ ମୋହିତ ଆହ୍ଲାଦେ,/ ସୁନ୍ଦର ପୁଷ୍ପବୀ।" ଧାଡ଼ିଗୁଡ଼ିକରେ ଅନୁଭବର ନିକାଞ୍ଚନ ସୌନ୍ଦର୍ଯ୍ୟ ପାଠକର ମନରେ ଆମ୍ବାଧାଏ ସଂଚରିଯାଏ ଓ ଏଇ ସଂଚରିବା ହିଁ ହେଉଛି କମ୍ କଥା କହୁଥିବା କବିତାର ସାମର୍ଥ୍ୟ। ଜୀବନ ଓ ଜଗତର ଅନୁଭବ ଚେତନାରେ ପରିପକ୍ୱ ହେବାପରେ ସେଇ ପରିପକ୍ୱତା ଭିତରୁ ଯେଉଁ ଉଚ୍ଚାରଣ ରୂପନିଏ, ତା'କୁ କବି ଲେଖିଥାଆନ୍ତି ଅତି ସଂକ୍ଷେପରେ। କବିତାର ଚରିତ୍ର ରୋମାଣ୍ଟିକ୍, ଅଥଚ ଫର୍ଦରେ ବୁଢ଼ି ରହେ ଗଭୀର ଦର୍ଶନ। "ବେଳଯାଏ ଗଡ଼ିଗଡ଼ି/ ପୋଖରୀରେ ସୂର୍ଯ୍ୟାସ୍ତର ଅନ୍ତର୍ଦାହ ଜଳେ/ ପବନରେ କର୍ପୂ ଥରିଉଠେ।" (ବହୁଦିନ ପରେ, ପୃ:୨୬) ଆଲୋଚ୍ୟ କାବ୍ୟଗ୍ରନ୍ଥଟି ପାଠକଙ୍କୁ ନୂଆନୂଆ ସମ୍ଭାବନାରେ ଉଦ୍‌ଦୀପିତ କରି ରଖିବ ବୋଲି ଆଶା।

### ବୋଝ ଓ ଅନ୍ୟାନ୍ୟ ଗଳ୍ପ




**ଲେଖକ:** ରଶ୍ମି ସାମଲ
**ପ୍ରକାଶକ:** ଶାନ୍ତିସେନା ପବ୍ଲିକେଶନ୍, ଜଗତସିଂହପୁର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୫୦/-

ମୋଟ ୩୧ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ। ଗପଗୁଡ଼ିକ ଅବୟବରେ ଛୋଟଛୋଟ। ପଢ଼ିଲେ ମନେହୁଏ ଯେପରି ସେସବୁ ଅଧାକୁହା। ଆଉ ବାକି ଅଧାକ ପାଠକ ତା' ଭାବନା ମୁତାବକ ଗଢ଼ିନେବେ- ଏଇ ପ୍ରତ୍ୟାଶା ସମ୍ଭବତଃ ଲେଖିକାଙ୍କ ଗଳ୍ପଗୁଡ଼ିକ ରଖିଥା'ନ୍ତି ସାଇତି ସଜାଡ଼ି। ଯେମିତି ଗଳ୍ପ 'ବୋକି ଝିଅଟା'। ସିଲା ଓ ଜୀବନଭାଇ ମଝିରେ ଖାଲି ଖାଁ ଖାଁ ସ୍ମୃତି, ଯାହା କବଳରୁ ସିଲାର ମୁକ୍ତି ନାହିଁ। ଗପଟି ପଢ଼ିସାରିବା ପରେ ମନ ଘୁରିଯାରି ହୁଏ, ଆଉ କିଛି କୁହାଯାଇଥା'ନ୍ତା କି! ବହିରେ ଥିବା ଅନେକ ଗଳ୍ପ ପାଠକଙ୍କ ଫାନ୍ଦରେ ପକାଇ ଆଭ୍ଞାମାଭ୍ଞା କରନ୍ତି, ନାନା ଭାବେ ନୂଆ କରି, ପ୍ରକାରେ ପ୍ରକାରେ ଗଢ଼ିହୁଅନ୍ତି ପାଠକର କଳ୍ପନାରେ। ଗୋଟେ ଭଲ ଗଳ୍ପ ଠିକ୍ ଏଇଠା ହିଁ କରେ। ହାତ ଧରିନିଏ ଓ ଗପଗୁଚ୍ଛ ଅଧାବାଟରେ ଛାଡ଼ିଦେଇ ଅନ୍ତର୍ଦ୍ଧାନ ହୋଇଯାଏ। 'ମୁଖବନ୍ଧ'ରେ ଲେଖିକା ଲେଖିଛନ୍ତି: "ମୋର ପ୍ରତ୍ୟେକ ଗଳ୍ପର ଚରିତ୍ର ଆମ ଚାରିପାଖରେ ଘୂରି ବୁଲୁଥିବା ବ୍ୟକ୍ତିବିଶେଷ। ମୁଁ ଗଳ୍ପରେ କାହାରିକୁ ଆଘାତ ଦେବାକୁ ଚେଷ୍ଟା କରିନାହିଁ। କାହାର ବ୍ୟକ୍ତିଗତ ଜୀବନ କାହାଣୀକୁ ଲେଖିବାକୁ ଚେଷ୍ଟା କରିନାହିଁ। ଯଦିବା କେଉଁଠି ଟିକେ କାହାର ଜୀବନ କାହାଣୀ ସହ ମେଳ ଖାଇଯାଉଥାଏ, ତେବେ ଏହାକୁ କେବଳ ଗଳ୍ପ ରୂପେ ବିବେଚନା କରିବାକୁ ଅନୁରୋଧ।" ଏପରି ଲେଖିବା ପଛର ସତ୍ୟଟି ହେଲା, ଯେତେ ସତର୍କତାର ସହ ଲେଖିଲେ ବି ଅସଲ ଗଳ୍ପ କାହାରି ନା କାହାରି ଜୀବନ କାହାଣୀ ହୋଇ ଉଠିବାର ସମ୍ଭାବନା ରଖିଥାଏ। ଆଶା କରିବା, ଆଲୋଚ୍ୟ ଗ୍ରନ୍ଥଟି ପାଠିକାପାଠକଙ୍କ ଆଶାନୁରୂପ ହେବ ଓ ସେମାନଙ୍କ ଭାଗୀଦାରି କରି ବାଟ ଚାଲିବ।

## କାଳକାଳକୁ

### "ସ୍ୱର୍ଗରେ ଦାସତ୍ୱ ଅପେକ୍ଷା ନର୍କରେ ରାଜତ୍ୱ ଭଲ।"

**- ଜନ୍ ମିଲ୍‌ଟନ୍**



ଜନ୍ ମିଲ୍‌ଟନ୍‌ଙ୍କ ଜନ୍ମ ୯ ଡିସେମ୍ବର ୧୬୦୮ରେ ଓ ପରଲୋକ ୮ ନଭେମ୍ବର ୧୬୭୪ରେ ଲଣ୍ଡନରେ। ଲାଟିନ୍, ଗ୍ରୀକ୍, ହିବ୍ରୁ, ଫରାସୀ, ସ୍ପାନିଶ୍ ଓ ଇଟାଲିଆନ୍ ଭାଷାରେ ସେ ବ୍ୟୁତ୍ପନ୍ନ ଥିଲେ ଏବଂ ପ୍ରାଚୀନ ଇଂଲିଶ୍ ଓ ଡଚ୍ ଭାଷାରେ ତାଙ୍କର ଗଭୀର ପରିଚିତି ଥିଲା। ତାଙ୍କ ରଚିତ 'ପାରାଡାଇଜ୍ ଲଷ୍ଟ' (୧୬୬୭) ଓ 'ପାରାଡାଇଜ୍ ରିଗେନ୍‌ଡ' (୧୬୭୧) ବିଶ୍ୱ ସାହିତ୍ୟରେ ଧ୍ରୁପଦ ମର୍ଯ୍ୟାଦାର ଅଧିକାରୀ ହୋଇଥିଲା। ୪୩ ବର୍ଷ ବୟସରେ ସେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇଥିଲେ ବି ଅନ୍ତର୍ଲୋକନ ଦ୍ୱାରା ଅସାଧାରଣ କବିତ୍ୱର ଅଧିକାରୀ ହୋଇପାରିଥିଲେ। ସେ କହୁଥିଲେ- "ସ୍ଥାନ ଓ କାଳ ମନକୁ ବଦଳାଇପାରେ ନାହିଁ, ବରଂ ମନ ସ୍ୱର୍ଗକୁ ନର୍କ କରେ ଓ ନର୍କକୁ ସ୍ୱର୍ଗ କରେ।"

## ନୂଆ ମୁହୂର୍ତ୍ତ ପାଇଁ

**ପ୍ରତିଭା ପରିଡ଼ା**

ଜୟଯାତ୍ରା ନୁହେଁ,
ନୂଆ ଶୋଭାଯାତ୍ରାର ଝଲକରେ
ମୁଁ ନିଜେ ଉଜ୍ଜ୍ୱଳି ଉଠୁଛି କି ନା' ଜାଣିନି,
ମୋ' ଚାରିପାଖର ପୃଥିବୀ
ତୁମକୁ ଆମନ୍ତ୍ରି ଯିବାବେଳେ
ପଥପ୍ରାନ୍ତରେ ମୁଁ ସ୍ଥିର ପାଲଟିଯାଉଛି...

ହୁଏତ ମୁଁ ନୂଆ ସାହାନାଇର ସୁର
ଶୁଣିପାରୁନି
ଅବା ନିଜକୁ ରଙ୍ଗେଇବା ଲାଗି
ଯାହାସବୁ ବିଥାଇଛି,
ସେସବୁକୁ ମଜଭରି ସାଇତି ପାରିନି...
ମୋ' ମଥାରେ
ଇତିହାସ ବଦଳେଇବାର ଭାର ରଖି
ନିଜେ ମୁଁ ଇତିହାସ ପାଲଟିଯାଉଛି...

ସବୁଠକ ଅଭିମାନକୁ ବିଛେଇ ଦେବା ଲାଗି
ହୃଦୟ କାହିଁ?...
ସବୁଠକ ନିରୋକା ସ୍ୱପ୍ନକୁ
ସାଉଁଳି ରଖିବା ଲାଗି,
ଆୟୁଷ କାହିଁ?

ଏହି ମୁହୂର୍ତ୍ତରେ ମୁଁ
ଆଉ ପାଲଟିଯାଉଛି...
ପ୍ରତି ମୁହୂର୍ତ୍ତକୁ ଶୋଷିନେବା ଲାଗି

## କବିତା

ଦୃଷ୍ଟାର୍ଥ ହୋଇପଡୁଛି..
ସବୁଠକ ମଧୁର ବିଷାଦର ଚିତ୍ରକୁ
ଫେଷ୍ଟିବେବା ଲାଗି
ବିକଳ ହୋଇପଡୁଛି।
ନୂଆ ଚିତ୍ରକରଟିଏ ମୁଁ ଆଙ୍କୁଅଛି,
ଆସନ୍ତା ମୁହୂର୍ତ୍ତର ବର୍ଣ୍ଣଭୋର ବିଭାବ
ସାଇତିଛି ତୁମ ପାଇଁ
ପ୍ରତ୍ୟୟ ଅଦ୍ଭୁତ ନିଶ୍ୱାସ,
ସତ୍ୟର ପୁଲକ ପୁଣି ମହିମ୍ନ ଉଲ୍ଲାସ।

ମୋ: ୮୯୧୭୦୦୩୪୯୨

## ବ୍ୟଙ୍ଗ କବିତା

### ଆମ ଗାଁ ସରପଞ୍ଚ

**କାହ୍ନୁ ଚରଣ ମୁଦୁଲି**

କଟାସ ପ୍ରଧାନ ଆମ ପଞ୍ଚାୟତ
ମାନନୀୟ ସରପଞ୍ଚ
ଦେଶ ସେବା ପାଇଁ ଶପଥ ନେଇଛି
ସବୁଠୁ ମାଗେ ଲାଞ୍ଚ। (୧)

ରାସ୍ତା କାମରେ, ମନ୍ଦିର କାମରେ
ସବୁଠି ପୂରାଏ ପେଞ୍ଚ

ସଭାରେ ଭାଷଣ ସତେ ଗୋପବନ୍ଧୁ
ବିଧବାକୁ ମାଗେ ଲାଞ୍ଚ। (୨)

ଅଙ୍ଗନୱାଡ଼ି ଦିଦିଙ୍କୁ ମାଗୁଛି
ଦେବାକୁ ଛତୁଆ ଅଣ୍ଡା
ଧମକ ଦେଉଛି ଅବଜ୍ଞା କଲେ
ତାକୁ କରିଦେବ ଲଣ୍ଡା। (୩)

ଗାଁ ବିଦ୍ୟାଳୟ ମଧ୍ୟାହ୍ନଭୋଜନ
ମାଗୁଛି ଚାଉଳ ଡାଲି
ଦେବାରେ ଟିକିଏ ଉଣା ହୋଇଗଲେ
ଅଭିଯୋଗ କରେ ଖାଲି। (୪)

ଥିଲାବାଲାଙ୍କୁ ତ ପ୍ରଧାନ ଆବାସ
ଧନୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା
ବିକଳାଙ୍ଗଙ୍କୁ ସେ ପଇସା ମାଗୁଛି
ଶୁଣିଥାଅ ତା'ର କଥା। (୫)

କଂକ୍ରିଟ୍ ରାସ୍ତା ଏମିତି କରିଛି
ଦି'ମାସରେ ଗଲା ଫାଟି
ମେଟାଲ ଟିସୁ ଗଲାଣି ଉଠି
ଦିଶୁଛି ଖାଲି ମାଟି। (୬)

ଭାବୁଛୁ ଏଥର ସଭାଟେ ଡକାଇ
ତାକୁ ପୁରସ୍କାର ଦେବୁ
ହରିବୋଲ, ହୁଳହୁଳି, କରତାଳି
ଜୋତା ମାଳ ପିନ୍ଧାଇବୁ। (୭)

ମୋ: ୯୭୭୭୦୦୭୦୧୨

## ଗୀତି-କବିତା

### ଶୀତରାତି

**ସୁହଂସ ଭୋଇ**

ଗାଆଁ ଗଛ କ୍ଷେତ ଶୋଇଗଲା ପରେ
ଘୂରି ଘୂରି ବୁଲେ ଶୀତ
ରାତିର ପ୍ରହରେ ଝରକା ଫାଙ୍କରେ
ପଶି ଆସେ ଅନାହୂତ।

ଯେତେ ବଢୁଥିଲେ ରାତିର ଆୟୁଷ
ସେତେ ଲାଗେ ନିଶବଦ
ଅନ୍ଧାର ଭିତରେ ସେ ବୀର ଦର୍ପରେ
ଧୀରେ ଧୀରେ ଥାପେ ପାଦ
ନିର୍ଜନ ବେଳାରେ କେହି ନାହିଁ ତାକୁ
କରିବାକୁ ପ୍ରତିହତ।

ଶିଶିରି ଓଠର ନିଖୁଣ ଶରୀର
ବାଜିଲେ ତାହାର ହାତ
ଦେହ ଖୋଳେ ଖଣ୍ଡେ ରେଶମୀ ଚାଦର
ମନ ଖୋଜେ ଗୋଟେ ମିତ
ଭାବନା ଆକାଶେ ମାଳି ହୋଇଯାଏ
କେତେଯେ ରଙ୍ଗିନ୍ ଚିତ୍ର।

ସପନ ଭାଙ୍ଗଇ ଉଦାସ ଲାଗଇ
ଯେବେ ରାତି ହୁଏ ଶେଷ
ଶୀତର କୋଳରେ ଭରିଛି ବିଳାସ
ନିଦର ନିର୍ଦ୍ଧୟ ବାସ
କହିଛି ତ ପୁଣି କାଲିକି ଆସିବ
ମିଛ ହେଉ ଅବା ସତ।

ମୋ: ୯୪୩୭୬୨୨୪୫୫

## ସଂପର୍କ

**ଲଘୁଗଳ୍ପ: ଗାୟତ୍ରୀ ସିଂହ**

ଡିସେମ୍ବର ମାସ ଶୀତ ସକାଳ। ସାରା ପ୍ରକୃତି କୁହୁଡ଼ିର ଚାଦର ଘୋଡ଼େଇ ହୋଇ ରହିଛି। ପ୍ରବଳ ଥଣ୍ଡା ସହିତ ଘନକୁହୁଡ଼ିରେ ଆବୃତ ରାସ୍ତାଗୁଡ଼ିକ ଶୂନ୍‌ଶାନ୍ ଲାଗୁଛି। କାଁ ଭାଁ ଲୋକ ଯିବାଆସିବା କରୁଛନ୍ତି ରାସ୍ତାର ଉଭୟ ପାର୍ଶ୍ୱରେ ମା' କୋଳରେ ଜାକିଜୁକି ହୋଇ କୁଁ କୁଁ ହେଉଛନ୍ତି କୁକୁର ଛୁଆଗୁଡ଼ିକ। ଆଗ ଛକ ରାସ୍ତାରେ ଦାନା ଖାଇବା ପାଇଁ ପାରାଙ୍କ ଗୁମୁରୁ ଗୁମୁରୁ ସ୍ୱର। ପାଖ ଜଙ୍ଗଲା ଦୋକାନ ପାଖରେ ପଡ଼ିଥିବା ଅଇଁଠା ପତ୍ର ଗଦାରେ କାଉ କୁକୁରଙ୍କ ଭିଡ଼ ଜମିଛି। ଟ୍ୟାକ୍ସି ଷ୍ଟାଣ୍ଡ ଓ ଅଟୋ ଷ୍ଟାଣ୍ଡ ଖାଲି ଖାଲି ଲାଗୁଛି। ଗୋଟେ ଦୁଇଟି ଦୂରଗାମୀ ବସ୍ ପାହାନ୍ତା ପହରୁ ଚାଲିଯିବା ପରେ ପାଖେଇଥିବା ବସ୍ ଠିଆ ହୋଇଛି। ବସ୍ କେତେବେଳେ ଛାଡ଼ିବ ବୋଲି ଜଣେ ଦୁଇଜଣ ପାସେଞ୍ଜର ପଚାରି ପଚାରି ଗଲେଣି। କାରଣ ତା ପିଇବା ଭିତରେ ବସ୍ କାଳେ ଛାଡ଼ିଦେବ।

ପ୍ରତୀକ ସେଇ ବାଟ ଦେଇ ଯାଉଥିବା ବେଳେ ଜଣେ ଯାତ୍ରୀ ଏ ବସ୍ କେତେବେଳେ ଛାଡ଼ିବ ବୋଲି ପଚାରିବାରେ ପ୍ରତୀକ ପ୍ରକୃତିସ୍ଥ ହୋଇ ଥରେ ସେ ଲୋକଙ୍କୁ ଏବଂ ଥରେ ବସ୍‌କୁ ଅନାଇ ସେ ଚା'ବାଲାକୁ ପଚାରି କହିଦେଇ ଆଗକୁ ପାଦ ବଢ଼ାଇଥିଲେ। ସବୁଦିନ ପ୍ରତୀକ ଭୋର ପାଞ୍ଚଟାରୁ ୱାକ୍‌ରେ ବାହାରିପଡ଼ନ୍ତି। ମୁଖ୍ୟ ରାସ୍ତା ଦେଇ ଗଳି ସାହି ହୋଇ ଘରକୁ ଫେରନ୍ତି। ସେ ଖରା ବର୍ଷା ଶୀତ ଯେଉଁ ଋତୁ ହେଉନା କାହିଁକି, ୱାକ୍ ସମୟରେ ସେ ବହୁତ ଲୋକଙ୍କୁ ଭେଟନ୍ତି। କେତେ ଅସହାୟ ଲୋକଙ୍କର ସେ ସହାୟ ହୁଅନ୍ତି। ଅନେକ ଅସଜଡ଼ା ପରିବାରକୁ ସେ ସଜାଡ଼ି ଦେଇଥାଆନ୍ତି। ତାଙ୍କର ସ୍ନେହପୂର୍ଣ୍ଣ କଥା, ସମ୍ବେଦନଶୀଳ ବ୍ୟବହାର, ସହୟୋଗମୂଳକ ବାର୍ତ୍ତାଳାପରେ ଯେମିତି ଯାଦୁ ରହିଛି। ଯେ କେହି ବି ସହଜରେ ବଶ ହୋଇଯିବ ଆଉ ତାଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଆସିଯିବ।

ସେ ଜଣେ ସମାଜସେବୀ। ନିଜର ଗୋଟିଏ ସଙ୍ଗଠନ ରହିଛି। ସେଥିରେ ସେ ସାଂସ୍କୃତିକ, ସାମାଜିକ ଚେତନାଧର୍ମୀ କାର୍ଯ୍ୟକ୍ରମ କରି ଲୋକଙ୍କୁ ସଚେତନତାର ବାର୍ତ୍ତା ଦିଅନ୍ତି। ସମଗ୍ର ସଂସାରକୁ ନିଜର ପରିବାର ମନେକରୁଥିବା ମଣିଷ ନିଜ ପାଇଁ ପରିବାର ଗଢ଼ି ନାହାନ୍ତି। କୁହୁଡ଼ି ଭିତରେ ସ୍ପଷ୍ଟ ଦେଖାଯାଉନଥିଲେ ବି ପାଖରେ ଥିବା ଗଛମୂଳରୁ କାହାରି ସ୍ୱର ସ୍ପଷ୍ଟ ଭାବେ ଶୁଣାଯାଉଥିଲା। ସେ ସେଇ ଆଡ଼କୁ ଆଗେଇଲେ। ଦୁଇଜଣ ବୃଦ୍ଧାବୃଦ୍ଧ ବସି କଥା ହେଉଛନ୍ତି। ବୃଦ୍ଧା ଜଣଙ୍କର ଆଖିରୁ ଲୁହ ଝରି ଆସୁଛି। ବୃଦ୍ଧ ଜଣଙ୍କ ତାଙ୍କୁ ବୁଝାଇବାର ପ୍ରୟାସ କରୁଛନ୍ତି। ପାଖକୁ ଯାଇ ପ୍ରତୀକ ତାଙ୍କ ସମସ୍ୟା ବୁଝିଲେ।

ବୃଦ୍ଧାଙ୍କ ବୋହୂ ଆସି ସେଠାରେ ପହଞ୍ଚିଲେ, ସେ ଶାଶୁଶ୍ୱଶୁରଙ୍କୁ ଘରକୁ ନେବା ପାଇଁ ଆସିଥିଲେ। ତାଙ୍କର କହିବା କଥା ଥିଲା ମା' ଟିକେ ଟିକେ କଥାରେ ରାଗିଯାଉଛନ୍ତି। କାଲି ଶାଶୁରାତିରେ ପଦେପଦେ କଥାରେ ଘରୁ ଚାଲି ଆସିଲେ। ପ୍ରତୀକ ବୋହୂକୁ ବୁଝାଇଲେ, ଧରେ ଶାଶୁ ନ ହୋଇ ତୁମ ମାଆ ହୋଇଥିଲେ ତାଙ୍କୁ ଶୀତ ରାତିରେ ଏମିତି ବାହାରେ ଛାଡ଼ି ନିଶ୍ଚିନ୍ତରେ ଶୋଇ ପାରିଥା'ନ୍ତ କି? ଶାଶୁଙ୍କୁ ନିଜର ମାଆ ରୂପରେ ଦେଖିବା ଆରମ୍ଭ କରନ୍ତୁ, ସବୁ ସମାଧାନ ହୋଇଯିବ। ରାଗ, କଳିତକରା ସବୁ ଉଭେଇ ଯିବ। ସେମାନେ ଅନ୍ତୁ କେବଳରେ ପହଞ୍ଚଲେଣି, ତାଙ୍କ ସହିତ ଆମକୁ ଖାପଖୁଆଇ ଚଳିବାକୁ ପଡ଼ିବ।



ଶାଶୁ-ବୋହୂ କଳି ହେବାରୁ ବୃଦ୍ଧା ଜଣଙ୍କ ରାଗି କାଲି ରାତିରୁ ଘରୁ ବାହାରି ଆସିଛନ୍ତି। କିଛି ସମୟ ଅପେକ୍ଷା କରିବା ପରେ ସ୍ତ୍ରୀ ନ ଫେରିବାରୁ ବୃଦ୍ଧ ସ୍ୱାମୀ ବାଧ୍ୟ ହୋଇ ଶୀତ ରାତିରେ ଅନ୍ଧାରି ଖୋଜି ଖୋଜି ସ୍ତ୍ରୀ ପାଖରେ ପହଞ୍ଚିଛନ୍ତି।

ପ୍ରତୀକ ବୃଦ୍ଧାଙ୍କୁ ବହୁତ ବୁଝାଇଲେ। ଏଇ ବୟସରେ ଛୋଟ ଛୋଟ କଥାରେ ଅଭିମାନ ସ୍ୱାଭିମାନ ରହିବ। ଯଦି ସେ ବୋହୂ ନହୋଇ ଆପଣଙ୍କ ଝିଅ ହୋଇଥାନ୍ତା, କ'ଣ ଏମିତି ଘରରେ ଆସି ଝିଅ ନାଁରେ କହିଥା'ନ୍ତେ। ତାକୁ ବୋହୂ ନ ଭାବି ଝିଅ ବୋଲି ଥରେ ଚିନ୍ତା କରି ଦେଖନ୍ତୁ! ଏହି ସମୟରେ ପଡ଼ିବା ସେମାନେ ତାଙ୍କ ପ୍ରକୃତି ଛାଡ଼ି ପାରିବେନି କି ତାଙ୍କର ଚିନ୍ତାଧାରାରେ ଅଙ୍କୁଶ ଲଗାଇ ପାରିବେନି। ଆମକୁ ତାଙ୍କ ମାନସିକତାକୁ ବୁଝିବାକୁ ପଡ଼ିବ।

ଶାଶୁବୋହୂ ଉଭୟଙ୍କ ଆଖିରେ ଲୁହ। ସତେ ଯେମିତି ସେମାନେ ବୁଝିପାରିଛନ୍ତି ଶାଶୁଶ୍ୱଶୁର ବୁଝାଇ ଥିବା ବୋହୂଟି ଶାଶୁଶ୍ୱଶୁରଙ୍କ ବୁଝାଇ ଘରକୁ ନେବାବେଳକୁ ଆକାଶରେ ସିନ୍ଦୂରା ଫାଟି ସୂର୍ଯ୍ୟକିରଣରେ କୁହୁଡ଼ି ଅପସରି ଯାଇଛି। ସୁନେଲି କିରଣରେ ଆଖିର ଲୁହ ଟୋପା ଆଉ ଲୁହ ହୋଇ ରହିନାହିଁ, ମୁକ୍ତାବିନ୍ଦୁ ହୋଇଯାଇଛି।

ମୋ: ୭୦୦୬୫୬୭୪୫୫

ଧରିତ୍ରୀ DHARITRI
ଧରିତ୍ରୀ 51 Years

# ୟୁଥ୍ ଏସିଆନ ରେକର୍ଡ ସହ ଜ୍ୟୋତ୍ସ୍ନାଙ୍କୁ ସ୍ୱର୍ଣ୍ଣ

- ପ୍ରୀତିସ୍ମିତାଙ୍କୁ ରୌପ୍ୟ
- କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

**ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)**

ଦୋହାରେ ଚାଲିଥିବା ଏସିଆନ ୟୁଥ୍ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଚମକପ୍ରଦ ପ୍ରଦର୍ଶନ କରିଛନ୍ତି ଓଡ଼ିଶାର ଜ୍ୟୋତ୍ସ୍ନା ଶବର। ଶୁକ୍ରବାର ୪୦ କେଜି ୟୁଥ୍ ବାଳିକା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ସେ ସ୍ନାଚ୍‌ରେ ୬୦, କ୍ଲିନ୍ ଆଣ୍ଡ ଜର୍କରେ ୭୫ ଏହିପରି ମୋଟ ୧୩୫ କେଜି ଉତ୍ତୋଳନ କରି ୟୁଥ୍ ଏସିଆନ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୪୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଅନ୍ୟତମ ଓଡ଼ିଶା ଭାରୋତ୍ତୋଳନ ପ୍ରତିଭା ପ୍ରୀତିସ୍ମିତା ଭୋଇ ୪୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ମୋଟ ୧୪୫ (ସ୍ନାଚ୍‌ରେ ୬୦, କ୍ଲିନ୍ ଆଣ୍ଡ ଜର୍କରେ ୮୫)କେଜି ଭାର ଉଠାଇ ଓଭରଅଲ୍ ୫ମ ସ୍ଥାନରେ ରହିଥିଲେ। ତେବେ କ୍ଲିନ୍ ଆଣ୍ଡ ଜର୍କରେ ୮୫ କେଜି ଉତ୍ତୋଳନ କରିଥିବାରୁ ବ୍ୟକ୍ତିଗତ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଚଳିତ ବର୍ଷ ଜ୍ୟୋତ୍ସ୍ନାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଜାନୁଆରୀରେ ଚେନ୍ନାଇରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ବାଳିକା ଭାରୋତ୍ତୋଳନରେ ସେ ଜାତୀୟ ୟୁଥ୍ ରେକର୍ଡ ସୃଷ୍ଟି କରିଥିଲେ। ୪୦ କେଜି ବର୍ଗରେ ସେ ମୋଟ ୧୩୦ (ସ୍ନାଚ୍-୬୦, କ୍ଲିନ୍ ଆଣ୍ଡ ଜର୍କ-୭୦) କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଲିମାରେ ଅନୁଷ୍ଠିତ ବିଶ୍ୱ ଯୁବ ଭାରୋତ୍ତୋଳନରେ ମଧ୍ୟ ପଦକ ପାଇବା ସହ ରାଜ୍ୟକୁ ଗର୍ବିତ କରିଥିଲେ। ୟୁଥ୍ ଏସିଆନ ରେକର୍ଡର ଅଧିକାରୀ ହୋଇଥିବାରୁ ଜ୍ୟୋତ୍ସ୍ନାଙ୍କୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅଭିନନ୍ଦନ ଜଣାଇଛନ୍ତି।



ପଦକ ପ୍ରଦର୍ଶନ କରୁଛନ୍ତି ଜ୍ୟୋତ୍ସ୍ନା ଶବର ଓ ପ୍ରୀତିସ୍ମିତା ଭୋଇ।

## ଅନ୍ତିମ ୨ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳରେ କୋନଷ୍ଟାସ

**ମେଲବୋର୍ନ,୨୦।୧୨(ପି.ଟି.):** ବର୍ଡର-ଗାଭାସ୍କର ଟ୍ରଫିର ଅନ୍ତିମ ଦୁଇ ଟେଷ୍ଟ ମ୍ୟାଚ୍ ପାଇଁ ଟିନ୍ ଏଜ୍ ସେନସେସନ ସାମ କୋନଷ୍ଟାସଙ୍କୁ ଅଷ୍ଟ୍ରେଲିଆ ଦଳକୁ ଡାକରା ମିଳିଛି। ଓପନର ନାଥାନ ମ୍ୟାକସୁଇନିଙ୍କୁ ବାଦ୍ ଦିଆଯାଇ ତାଙ୍କ ସ୍ଥାନରେ କୋନଷ୍ଟାସଙ୍କୁ ସାମିଲ କରାଯାଇଛି। ୧୯ ବର୍ଷୀୟ କୋନଷ୍ଟାସ ୭୦ ବର୍ଷରେ ଅଷ୍ଟ୍ରେଲିଆର ସର୍ବକନିଷ୍ଠ ବ୍ୟାଟର ଭାବରେ ପଦାର୍ପଣ କରିବାକୁ ଯାଉଛନ୍ତି। ସେହିପରି ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବରେ ବକ୍ସିଂ ଡେ ଟେଷ୍ଟ ଖେଳିବାକୁ ଯାଉଛନ୍ତି। ବର୍ତ୍ତମାନର ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କୁମିନ୍ସ ୧୮ ବର୍ଷ ୧୯୩ ଦିନରେ ୨୦୧୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବକ୍ସିଂ ଡେ ଟେଷ୍ଟ ଖେଳିଥିଲେ।

୨୫ ବର୍ଷୀୟ ମ୍ୟାକ୍‌ସୁଇନି ପର୍ଥରେ ପଦାର୍ପଣ କରିଥିଲେ। ୩ ଟେଷ୍ଟର ୬ ଇନିଂସରେ ସେ ଯଥାକ୍ରମେ ୧୦, ୦, ୩୯, ୧୦, ୯ ଓ ୪ ରନ୍ ସ୍କୋର କରିଥିଲେ। ଏହି ୬ ଇନିଂସ ମଧ୍ୟରେ ବୁମ୍‌ରା ତାଙ୍କୁ ୪ ଥର ଆଉଟ କରିଥିଲେ। ନିକଟରେ କୋନଷ୍ଟାସ ସେଫଲ୍ଡ ସିଲ୍ଡରେ ନ୍ୟୁ ସାଉଥ ୱେଲ୍ସ ପାଇଁ ଦୁଇଟି ଶତକ ହାସଲ କରିଥିଲେ। ଏହା ବ୍ୟତୀତ ଭାରତ ଏ ବିପକ୍ଷ ଅଭ୍ୟାସ ମ୍ୟାଚରେ ୭୩ ଓ ପ୍ରଧାନମନ୍ତ୍ରୀ ଏକାଦଶ ପକ୍ଷରୁ ଖେଳି ୧୦୭ ରନ୍ ସ୍କୋର କରିଥିଲେ।

## ମୁକ୍ତେଶ୍ୱର-କଳିଙ୍ଗ ୟୁଥ୍ ଫାଇନାଲ


ରାମଚନ୍ଦ୍ର ମୁର୍ମୁଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ର ଫାଇନାଲ ମୁକ୍ତେଶ୍ୱର ଏଫ୍‌ସି ଓ କଳିଙ୍ଗ ୟୁଥ୍ ସ୍ପୋର୍ଟିଂ ମଧ୍ୟରେ ରବିବାର ଅନୁଷ୍ଠିତ ହେବ। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ମୁକ୍ତେଶ୍ୱର ୩-୦ ଗୋଲରେ ସିଲିକନ୍ ଏଫ୍‌ସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମୁକ୍ତେଶ୍ୱର ପକ୍ଷରୁ ରାମଚନ୍ଦ୍ର ମୁର୍ମୁ ୧୪ ଓ ୨୨ ମିନିଟରେ ୨ଟି ଏବଂ ଜୟରାମ କ୍ରିସାନୀ ୬୧ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ ଦାସ ଅତିଥିଭାବେ ଯୋଗଦେଇ ରାମଚନ୍ଦ୍ର ମୁର୍ମୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଲୋକ ଦେହୁରି, ଏମ୍.ଏସ୍. ବେଗ୍, ସାଫିକୁଲ ଖାଁ ଓ ସୁଜିତ କୁମାର ପାତ୍ରୋ ମ୍ୟାଚ ପରିଚାଳନା କରିଥିଲେ।

# ମାଳଦ୍ୱୀପ ବିପକ୍ଷରେ ୨ ମ୍ୟାଚ ଖେଳିବ ଭାରତ

**ଫିଫା ଫ୍ରେଣ୍ଡଲୀ ମହିଳା ଫୁଟବଲ**

**ନୂଆଦିଲ୍ଲୀ, ୨୦।୧୨(ପି.ଟି.)**

ମାଳଦ୍ୱୀପ ବିପକ୍ଷରେ ଭାରତୀୟ ମହିଳା ଫୁଟବଲ ଦଳ ୨ଟି ଅନ୍ତର୍ଜାତୀୟ ଫିଫା ଫ୍ରେଣ୍ଡଲୀ ମ୍ୟାଚ ଖେଳିବ। ଏହି ମ୍ୟାଚ ୨ଟି ଯଥାକ୍ରମେ ଡିସେମ୍ବର ୩୦ ଓ ଜାନୁଆରୀ ୨ରେ ବେଙ୍ଗାଲୁରୁସ୍ଥିତ ପାଦୁକୋନେ-ଦ୍ରାବିଡ ସେଣ୍ଟର ଫର୍ ଏକ୍ସିଲେନ୍ସିରେ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ପ୍ରକାଶ କରାଯାଇଛି। ଗତ ୧୩ ତାରିଖରେ ପ୍ରକାଶିତ ଫିଫା ର୍‍ୟାଙ୍କିଙ୍ଗ୍ ଅନୁସାରେ ଭାରତ ୬୯ ଓ ମାଳଦ୍ୱୀପ ୧୬୩ତମ ସ୍ଥାନରେ ରହିଛି। ବ୍ଲୁ ଟାଇଗ୍ରେସ ଶେଷଥରପାଇଁ ଗତ ଅକ୍ଟୋବରରେ ସାଫ୍ ମହିଳା ଚାମ୍ପିୟନଶିପ୍‌ରେ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ସେଥିରେ ନେପାଳଠାରୁ ସେମିଫାଇନାଲରେ ହାରି ଯାଇଥିଲେ।

# 'ମେଲ୍‌ବୋର୍ନରେ ମୁଁ ତୁମ ସହ ଥିବି'

**ଚେନ୍ନାଇ,୨୦।୧୨(ପି.ଟି.)**

ମେଲବୋର୍ନରେ ମୁଁ ମଧ୍ୟ ତୁମ ସହିତ ବ୍ୟାଟିଂ ପାଇଁ ଓହ୍ଲାଇବି ବୋଲି ବିରାଟ କୋହଲିଙ୍କ ପୋଷ୍ଟରେ ଲେଖିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ବ୍ରିସବେନ୍‌ରେ ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍ ଶେଷ ହେବା ପରେ ଅଚାନକ ସମସ୍ତଙ୍କୁ ଚକିତ କରି ଅବସର ଘୋଷଣା କରିଥିଲେ ଅଶ୍ୱିନ। ଏହାର କିଛି ସମୟ ପୂର୍ବରୁ ସେ ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ସହିତ କିଛି ଆଲୋଚନା କରୁଥିବାର ଦେଖିବାକୁ ମିଳିଥିଲା। ଆଲୋଚନା ପରେ ଉଭୟ ଖେଳାଳି ଭାବବିହ୍ୱଳ ହୋଇପଡିଥିଲେ। ଅଶ୍ୱିନଙ୍କ ଅବସର ପରେ ବିରାଟ କୋହଲି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରିଥିଲେ। 'ତୁମ ସହ ୧୪ ବର୍ଷ ସାଥୀ ହୋଇ ଖେଳିଛି। ଆଜି ଯେତେବେଳେ ତୁମ ଅବସର ନିଷ୍ପତ୍ତି ସମ୍ପର୍କରେ ଶୁଣିଲି ଏହା ମୋତେ ଭାବବିହ୍ୱଳ କରି ଦେଇଥିଲା। ଏତେ ବର୍ଷ ସାଥୀ ହୋଇ ଖେଳିବାର ସ୍ମୃତିଗୁଡିକ ମୋ ସାମ୍ନାକୁ ଆସି ଯାଇଥିଲା ବୋଲି କୋହଲି ଏକ୍ସରେ ପୋଷ୍ଟ କରିଥିଲେ। ଏହା ସହ ସେ ଲେଖିଥିଲେ ଭାରତୀୟ ଦଳକୁ ମ୍ୟାଚ୍ ଜିତାଇବାରେ ତୁମ ଦକ୍ଷତା ଅଦ୍ୱିତୀୟ। ତୁମେ ସର୍ବଦା ଭାରତୀୟ କ୍ରିକେଟର କିମ୍ବଦନ୍ତୀ ଭାବରେ ରହିବ।'

ଶୁକ୍ରବାର ଏହି ପୋଷ୍ଟକୁ ଶେୟାର କରିବା ସହିତ ଅଶ୍ୱିନ ଲେଖିଛନ୍ତି, 'ଧନ୍ୟବାଦ ବନ୍ଧୁ, ମୁଁ ତୁମକୁ ଯେମିତି କହିଥିଲି ଏମ୍‌ସିଜିରେ ମୁଁ ତୁମ ସହିତ ସେମିତି ବ୍ୟାଟିଂ ପାଇଁ ଓହ୍ଲାଇବି'। ଅଶ୍ୱିନ କେଉଁ ବ୍ୟାଟିଂ କଥା କହୁଛନ୍ତି ତାହା ସ୍ପଷ୍ଟ ହୋଇନାହିଁ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ